

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ


The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.131, Sunday, 30 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୧, ରବିବାର, ୩୦ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.131, Sunday, 30 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୧, ରବିବାର, ୩୦ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





The Amruta Dunia
RNI No. ODIODI / 2014 / 56157 www.amrutadunia.org

Selfie ଦୁନିଆ
ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୪୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

Vol.13, Issue.131, Sunday, 30 August 2026, Puri, Pages - 24, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୧, ରବିବାର, ୩୦ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

# ମୁଣ୍ଡନେଲା ସ୍କ୍ରବ ଟାଇଫସ୍

## ୫ ଅସୁସ୍ଥ; ଗାଁରୁ ରକ୍ତ ନମୁନା ସଂଗ୍ରହ କଲା ସ୍ୱାସ୍ଥ୍ୟ ବିଭାଗ ଟିମ୍

ପାଲଲହଡ଼ା(ଅମୃତ ମିଡ଼ିଆ)

ପାଲଲହଡ଼ା ବ୍ଲକ୍ ପବିତ୍ରପୁର ପଞ୍ଚାୟତ ଅନ୍ତର୍ଗତ ସାନବାଗଦରି ଗ୍ରାମରେ ସ୍କ୍ରବ୍ ଟାଇଫସ୍‌କୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ରୋଗରେ ଗ୍ରାମର ଜଣେ ୨୯ ବର୍ଷୀୟ ଯୁବକ ସୁମନ୍ତ ସେଠୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୫ ଜଣ ଜ୍ୱରରେ ପୀଡ଼ିତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨ ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କ ଚିକିତ୍ସା ଚାଲିଛି। ସୂଚନା ଅନୁଯାୟୀ, ସୁମନ୍ତଙ୍କୁ ଗତ ୨୦ ତାରିଖରେ ସ୍କ୍ରବ୍ ଟାଇଫସ୍ କାମୁଡ଼ିବା ପରେ ଜ୍ୱର ହୋଇଥିଲା। ସେ ପାଲଲହଡ଼ା ମେଡିକାଲରେ ଚିକିତ୍ସିତ ହୋଇ ଔଷଧ ନେଇ ଘରକୁ ଫେରିଥିଲେ। ତେବେ ଜ୍ୱର ନକମିବାରୁ ତାଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନଆସିବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।ଏହି ଘଟଣା ପରେ ଗ୍ରାମରେ ଆଉ ୫ ଜଣ ଜ୍ୱରରେ ପୀଡ଼ିତ ଥିବା ଜଣାପଡ଼ିଛି। ତେବେ ସେମାନଙ୍କ ମଧ୍ୟରୁ ୨ ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା କୁହାଯାଇଛି। ଘଟଣା ସମ୍ପର୍କରେ ଅନୁଗୋଳ ସିଡିଏମ୍ଓ କହିଛନ୍ତି ଯେ, ଏନେଇ ଭୟଭୀତ କିମ୍ବା ଆତଙ୍କିତ ହେବାର କୌଣସି କାରଣ ନାହିଁ। ଠିକ୍ ସମୟରେ ଚିକିତ୍ସା ନେଲେ ସ୍କ୍ରବ୍ ଟାଇଫସ୍ ଭଲ ହୋଇପାରିବ। ଗ୍ରାମକୁ ନିୟମିତ ସ୍ୱାସ୍ଥ୍ୟ ଟିମ୍ ପଠାଯାଉଛି। ଏହାସହ ଗ୍ରାମବାସୀଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି ଏବଂ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଉଛି। ମୃତ ଯୁବକଙ୍କର ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ଅଧିକ ଯାଞ୍ଚ ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏପଟେ ସ୍ୱାସ୍ଥ୍ୟ ବିଭାଗର ନିୟମିତ ନଜରଦାରି ଓ ଚିକିତ୍ସା ବ୍ୟବସ୍ଥା ଯୋଗୁଁ ଗ୍ରାମବାସୀଙ୍କୁ ଆତଙ୍କିତ ନହେବାକୁ ପରାମର୍ଶ ଦିଆଯାଇଛି।

## ପୋଲିସ ଅଧିକାରୀଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ଲୋକଙ୍କ ପ୍ରତି ନମ୍ର ଓ ସମ୍ବେଦନଶୀଳ ହୁଅ

- ପୋଲିସ ବିଭାଗକୁ ୧୦ ମାର୍ଗଦର୍ଶନ ଦେଲେ ସିଏମ
- ୨୦୨୯ ସୁଦ୍ଧା ସମ୍ପୂର୍ଣ୍ଣ 'ନିଶାମୁକ୍ତ ଓଡ଼ିଶା'ଲକ୍ଷ୍ୟ
- ଅସାମାଜିକଙ୍କ ବିରୋଧରେ ହେଉ ଜିରୋ ଟଲରେନ୍ସ
- 'ସ୍ମାର୍ଟ ପୋଲିସିଂ' ପାଇଁ ବ୍ଲୁ ପ୍ରିଣ୍ଟ ଉପସ୍ଥାପିତ
- ତଦନ୍ତ ପ୍ରକ୍ରିୟାରେ ଟେକ୍ନୋଲୋଜିକୁ ଗୁରୁତ୍ୱ
- ନିଶା କାରବାରର ମୂଳ ସିଣ୍ଡିକେଟକୁ ଧ୍ୱଂସ କର



ଭୁବନେଶ୍ୱର (ବ୍ୟୁରୋ)

ରାଜ୍ୟ ପୋଲିସ ଭବନଠାରେ ଆୟୋଜିତ ରାଜ୍ୟ ସ୍ତରୀୟ ଡିଜିପି ଏବଂ ଆଇଜିପି ସମ୍ମିଳନୀ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ସୁରକ୍ଷା ଏବଂ ଭବିଷ୍ୟତର ପୋଲିସିଂ ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିଛନ୍ତି। ପୋଲିସ ସଂସ୍କାର ପାଇଁ ପ୍ରତ୍ୟେକ ପ୍ରସ୍ତାବ ଓ ଗୁରୁତ୍ୱପୂର୍ଣ୍ଣ ଦିଗକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ନେବା ସହିତ ଏଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ସରକାର ସମସ୍ତ ସାଧନ, ଅନୁଦାନ ଓ ପ୍ରଶାସନିକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବିଭାଗ ପକ୍ଷରୁ ଉପସ୍ଥାପିତ ପ୍ରତ୍ୟେକ ପ୍ରସ୍ତାବ ଓ ଦିଗକୁ ଗୁରୁତ୍ୱର ସହ ନେବା ସହିତ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଓ ସମ୍ମିଳନୀ ମାଧ୍ୟମରେ ଆରକ୍ଷୀ ଅଧୀକ୍ଷକ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ସେମାନଙ୍କ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୧୦ଟି ମୁଖ୍ୟ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ଏଗୁଡିକ ହେଲା- ଜିରୋ ଟଲରେନ୍ସ ନୀତି, ଦଣ୍ଡବିଧାନ ହାର ବୃଦ୍ଧି, ନିଶାମୁକ୍ତ ଓଡ଼ିଶା, ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍, ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ, ଥାନା ଆଧୁନିକୀକରଣ , ପୋଲିସର ଜନସାଧାରଣଙ୍କ ପ୍ରତି ନମ୍ର, ସମ୍ବେଦନଶୀଳ ଓ ଭରସାଯୋଗ୍ୟ ବ୍ୟବହାର, 'ଦାଦା ବଟି' ଓ ଚାନ୍ଦା ଆଦାୟ ଉପରେ ରୋକ୍, ଦୁର୍ନୀତିମୁକ୍ତ ଓ ସମର୍ପିତ ପୋଲିସିଂ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ସାଧାରଣ ନାଗରିକଙ୍କ ପ୍ରତି ପୋଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ମହିଳାଙ୍କ ପ୍ରତି ହେଉଥିବା ହିଂସା ଏବଂ ସଂଗଠିତ ଅପରାଧ ବିରୋଧରେ ସରକାର 'ଜିରୋ ଟଲରେନ୍ସ' ନୀତି ଆପଣାଇଛନ୍ତି। ଘଉଜଇ ର ତଥ୍ୟ ଅନୁଯାୟୀ ପୂର୍ବରୁ ଥିବା କମ୍ ଦଣ୍ଡବିଧାନ ହାରରେ ଏବେ ଉଲ୍ଲେଖନୀୟ ସୁଧାର ଆସି ୪୦ ପ୍ରତିଶତରୁ ଅଧିକ ହୋଇଛି, ଯାହାକୁ ଅତି କମରେ ୭୫ ପ୍ରତିଶତକୁ ନେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ତଦନ୍ତ ପ୍ରକ୍ରିୟାକୁ ଅଧିକ ବୃତ୍ତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବାକୁ ମୁଖ୍ୟମନ୍ତ୍ରୀ ■ ପୃଷ୍ଠା-୧୫

# ସୁଭଦ୍ରା ଟଙ୍କା ପାଇଁ ସ୍ତ୍ରୀକୁ ମାରିଦେଲା ସ୍ୱାମୀ

ଢେଙ୍କାନାଳ(ଅମୃତ ମିଡ଼ିଆ)

ରାକ୍ଷୀ ପୂର୍ଣ୍ଣିମା ଅବସରରେ ଗତକାଲି ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ପଡ଼ିଥିଲା 'ସୁଭଦ୍ରା' ଟଙ୍କା। ଅନ୍ୟ ହିତାଧିକାରୀଙ୍କ ଭଳି ସୁଭଦ୍ରା ଟଙ୍କା ପାଇ ଖୁସି ଥିଲେ ଢେଙ୍କାନାଳ ସଦର ଥାନା ଇନ୍ଦିପୁର ଜୁଆଙ୍ଗ ସାହିର ଗିରିଶ ପ୍ରଧାନଙ୍କ ପତ୍ନୀ। ଆବଶ୍ୟକତା ଅନୁସାରେ ସୁଭଦ୍ରା ଟଙ୍କାକୁ କେଉଁଠି ବିନିଯୋଗ କରିବେ, ତାହା ବି ଭାବି ସାରିଥିଲେ। ହେଲେ ଗତକାଲି ବିଳମ୍ବିତ ରାତିରେ ସେହି ଟଙ୍କା ପାଇଁ ଚାଲିଗଲା ତାଙ୍କ ଜୀବନ। ଗିରିଶ ପ୍ରଧାନ ଜଣେ ମଦ୍ୟପ। ଗତକାଲି ସୁଭଦ୍ରା ଟଙ୍କା ଆସିବା ପରେ ସେ ରାତିରେ ତାଙ୍କ ପତ୍ନୀଙ୍କୁ ଟଙ୍କା ମାଗିଥିଲେ। କିନ୍ତୁ ମଦ ପିଇ ପଇସା ଉଡ଼ାଇ ଦେଉଥିବାରୁ ତାଙ୍କୁ ଟଙ୍କାଟିଏ ବି ଦେବେନି ବୋଲି କହିଥିଲେ ତାଙ୍କ ପତ୍ନୀ। ସେଥିପାଇଁ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଆଉ ସେହି ସମୟରେ ଉତକ୍ଷିପ୍ତ ଗିରିଶ ବାଡ଼ି ଓ ଶାବଳରେ ତାଙ୍କ ପତ୍ନୀଙ୍କୁ ପିଟି ପିଟି ମାରି ଦେଇଥିଲେ ବୋଲି ଅଭିଯୋଗ ହୋଇଯାଇଛି। ପତ୍ନୀଙ୍କୁ ହତ୍ୟା କରି ଘର ପଛ ପଟେ ଥିବା ଲାଟିନ୍ ଟାଙ୍କିରେ ମୃତଦେହକୁ ପୋତି ଦେଇଥିଲେ ଗିରିଶ।

## ନେପାଳ ଜଳପ୍ରଳୟ ମୃତ୍ୟୁସଂଖ୍ୟା ୬୦୦ ପାର

# ମୃତଦେହ ଚିହ୍ନଟ ପ୍ରକ୍ରିୟା ବଢ଼ାଉଛି ଚିନ୍ତା

- ଶବଗୃହରେ ସ୍ଥାନ ଅଭାବରୁ ମହାମାରୀ ଆଶଙ୍କା
- ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଉଦ୍ଧାର



କାଠମାଣ୍ଡୁ

ତ୍ରିଶୂଳୀ,ମର୍ସ୍ୟାଙ୍ଗଦୀ ଓ ନାରାୟଣୀ ଆଦି ନଦୀ ଗୁଡ଼ିକରେ ଆସିଥିବା ଭୟଙ୍କର ବନ୍ୟା , ସ୍ଥିତିକୁ ଦୋହଲାଇ ଦେଇଛି । ନେପାଳରେ ମୃତ୍ୟୁ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରବଳ ପାଣିର ସ୍ରୋତରେ ଭାସି ଯାଇ ବହୁ କିଲୋମିଟର ଦୂରରେ ପହଞ୍ଚି ଥିବା ମୃତଦେହ ଗୁଡ଼ିକୁ ଉଦ୍ଧାର କରାଯିବା ପରେ,ଏବେ ପ୍ରଶାସନ ଆଗରେ ଏକ ନୂଆ ଓ ବଡ଼ ସଙ୍କଟ ଦେଖା ଦେଇଛି । ତାହା ହେଉଛି -ମୃତଦେହ ଗୁଡ଼ିକର ଚିହ୍ନଟ, ସେଗୁଡ଼ିକର ସୁରକ୍ଷିତ ରକ୍ଷଣାବେକ୍ଷଣ ଏବଂ ଅନ୍ତିମ ସଂସ୍କାର। ଚିତଓ୍ୱନ ଜିଲ୍ଲାର ଭରତପୁର ସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ରୋଡ୍ ନିକଟରେ ଏକ ଅସ୍ଥାୟୀ ବଡି-ମ୍ୟାନେଜମେଣ୍ଟ ସେଣ୍ଟର ତିଆରି କରାଯାଇଛି। ଏଠାରେ ଶୁକ୍ରବାର ସକାଳୁ ହିଁ ନିଖୋଜ ଲୋକଙ୍କ ପରିବାର ବର୍ଗ ଫଟୋ ଓ ମୋବାଇଲ୍ ଫୋନରେ ଫଟୋ ଧରି ନିଜର ପ୍ରିୟଜନଙ୍କୁ ଖୋଜିବା ପାଇଁ ବୁଲୁଛନ୍ତି। ଦାଙ୍ଗ ସ୍ଥିତ ତୁଳସୀପୁରରୁ ନିଜର ନିଖୋଜ ପୁଅକୁ ଖୋଜିବାକୁ ଆସି ଥିବା ଦାମୋଦର ଅଧିକାରୀ କହିଛନ୍ତି ଯେ,ଅଧିକାରୀଙ୍କ ପାଖରେ ଶହ ଶହ ମୃତଦେହ ପହଞ୍ଚିଛି, କିନ୍ତୁ ସେଗୁଡ଼ିକର ଫଟୋ ଡିଜିଟାଲ୍ ସ୍କ୍ରିନରେ ଦେଖାଇବା ପ୍ରକ୍ରିୟା ଖୁବ୍ ଧୀମା ରହିଛି। କେବଳ ଚିତଓ୍ୱନରୁ ହିଁ ୨୩୩ଟି ମୃତଦେହ ଉଦ୍ଧାର କରାଯାଇ ଥିଲା, କିନ୍ତୁ ଶୁକ୍ରବାର ଅପରାହ୍ନ ସୁଦ୍ଧା କେବଳ ୮୨ଟି ଶବର ରେକର୍ଡ ଓ ଫଟୋ ପରିବାର ଲୋକଙ୍କୁ ଦେଖାଇବା ପାଇଁ ପ୍ରସ୍ତୁତ କରାଯାଇ ପାରିଥିଲା। ମୃତଦେହ ଗୁଡ଼ିକର ସଂଖ୍ୟା ଏତେ ଅଧିକ ଯେ,ହସ୍ପିଟାଲ ଗୁଡ଼ିକର କୋଲ୍ଡ ଷ୍ଟୋରେଜ୍ ସମ୍ପୂର୍ଣ୍ଣ ପୂରି ଯାଇଛି। କମ୍ୟୁନିଟି ହଲ୍,ପୁଲିସ ପରିସର ଏବଂ ଅସ୍ଥାୟୀ ଭବନଗୁଡ଼ିକୁ ଶବଗୃହରେ ପରିଣତ କରାଯାଇଛି, କିନ୍ତୁ ଉପଯୁକ୍ତ ରେଫ୍ରିଜରେସନର ଅଭାବ ଏବଂ ପ୍ରଚଣ୍ଡ ଖରା ହେତୁ ମୃତଦେହ ଗୁଡ଼ିକ ଦ୍ରୁତ ଗତିରେ ପଚିବାରେ ଲାଗିଛି। ଚିତଓ୍ୱନର ମୁଖ୍ୟ ଜିଲ୍ଲା ଅଧିକାରୀ ଗଣେଶ ଅର୍ଯ୍ୟାଲଙ୍କ କହିବାନୁସାରେ ,ଡ୍ରାଇ ଆଇସ୍ ଏବଂ ଏୟାର କଣ୍ଡିସନର ଲଗାଇ ତାପମାତ୍ରା ନିୟନ୍ତ୍ରଣ କରିବାକୁ ଚେଷ୍ଟା କରାଯାଉଛି, କିନ୍ତୁ ଏହାର ଯୋଗାଣ ଖୁବ୍ କମ୍ ପଡୁଛି। ଭରତପୁର ସେଣ୍ଟରରେ ମୁତୟନ ଥିବା ସ୍ୱେଚ୍ଛାସେବୀମାନଙ୍କ କହିବାନୁସାରେ,ଦୁର୍ଗନ୍ଧ ହେତୁ ଆଖପାଖରେ ଛିଡ଼ା ହେବା ମୁସ୍କିଲ୍ ହୋଇ ପଡ଼ିଛି। ଯଦି ୪୮ ଘଣ୍ଟା ମଧ୍ୟରେ ପରିସ୍ଥିତି ନସୁଧୁରେ, ତେବେ ମହାମାରୀ କିମ୍ବା ଗୁରୁତର ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହୋଇପାରେ। ପଥର ଓ ଆବର୍ଜନା ସହ ଧକ୍କା ହୋଇ ଆସି ଥିବାରୁ ଅନେକ ମୃତଦେହ ଗୁଡ଼ିକ ସେମାନଙ୍କ ଚେହେରାରୁ ଚିହ୍ନଟ କରାଯିବା ■ ପୃଷ୍ଠା-୧୫

## ରାଜ୍ୟ ସରକାରଙ୍କ ବଡ଼ ଘୋଷଣା

# ଦନ୍ତ ଚିକିତ୍ସକଙ୍କୁ ମାସିକ ୨୦,୦୦୦ ପ୍ରୋତ୍ସାହନ

ଭୁବନେଶ୍ୱର(ବ୍ୟୁରୋ)




ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଓଡ଼ିଶା ମେଡିକାଲ ସର୍ଭିସେସ୍ (ଡେଣ୍ଟାଲ) କ୍ୟାଡରରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କ ପାଇଁ ଏକ ବଡ଼ ପ୍ରୋତ୍ସାହନ ଘୋଷଣା କରାଯାଇଛି। ସରକାରଙ୍କ ନୂତନ ନିଷ୍ପତ୍ତି ଅନୁଯାୟୀ, ଏନଏମସି ଦ୍ୱାରା ସ୍ୱୀକୃତ ମେଡିକାଲ କଲେଜରୁ ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତା ହାସଲ କରିଥିବା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ଦନ୍ତ ଚିକିତ୍ସକମାନଙ୍କୁ ପ୍ରତିମାସ ୨୦,୦୦୦ ଟଙ୍କା ପ୍ରୋତ୍ସାହନ ପ୍ରଦାନ କରାଯିବ। ସରକାରଙ୍କ ପକ୍ଷରୁ ଜାରି ନୋଟିଫିକେସନ୍‌ରେ କୁହାଯାଇଛି ଯେ, ଏହି ପ୍ରୋତ୍ସାହନ ନୋଟିଫିକେସନ୍ ଜାରି ହେବା ତାରିଖ, ଅର୍ଥାତ୍ ୨୯ ଅଗଷ୍ଟ ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଏହି ଅବସରରେ କହିଛନ୍ତି ଯେ , "ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ସରକାର ପୋଷ୍ଟ-ଗ୍ରାଜୁଏସନ୍ ଯୋଗ୍ୟତାପ୍ରାପ୍ତ ଦନ୍ତ ଚିକିତ୍ସକମାନଙ୍କୁ ସରକାରୀ ସେବାରେ ଉତ୍ସାହିତ କରିବା ସହ ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିଶେଷଜ୍ଞ ଦନ୍ତ ଚିକିତ୍ସା ସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଶ୍ଚିତ ରୂପେ ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବ। ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ସମ୍ମତି ମିଳିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ନୋଟିଫିକେସନ୍ ଜାରି କରାଯାଇଛି।

## ସେ କହିଲେ...



ଯାଜପୁରବାସୀ ଗତ ୨ମାସ ହେଲା ବନ୍ୟା ସହ ଲଢ଼େଇ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ସରକାର ୨୫୦ ଗ୍ରାମ ଚୁଡ଼ା ରିଲିଫ୍‌ରେ ଖସିଯିବାକୁ ଚେଷ୍ଟା କରୁଥିଲେ। ହେଲେ ପିସିସି ସଭାପତି ଭକ୍ତଚରଣ ଦାସ ନିଜେ ବନ୍ୟାଞ୍ଚଳ ବୁଲିଥିଲେ ଓ ଦଳ ପକ୍ଷରୁ ରିଲିଫ୍ ଦିଆଯାଇଥିଲା। ପିସିସି ସଭାପତିଙ୍କ ଗସ୍ତ ପରେ ମୁଖ୍ୟମନ୍ତ୍ରୀ ବାଧ୍ୟ ହୋଇ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ହଜାର କୋଟିର ସହାୟତା ଘୋଷଣା କରିଥିଲେ। କ୍ଷୟକ୍ଷତିର ଅକଳନ ନ କରି ମୁଖ୍ୟମନ୍ତ୍ରୀ କିଭଳି ସହାୟତା ଘୋଷଣା କଲେ ତାହା ଆଶ୍ଚର୍ଯ୍ୟର ବିଷୟ ।

**ଅଶୋକ ଦାସ**
**କଂଗ୍ରେସ ବିଧାୟକ**

## ଆମଦାନି ନେତା ବିଜେପିକୁ ଅଡୁଆ

# ନୂଆ- ପୁରୁଣାଙ୍କ ମଧ୍ୟରେ ଚାଲିଛି କ୍ଷମତା ଯୁଦ୍ଧ

**ଶାସକ ଦଳକୁ ଅଡୁଆ ଅନ୍ୟ ଦଳରୁ ଆସିଥିବା ଏକାଧିକ ନେତା। ନୂଆ-ପୁରୁଣା ନେତାଙ୍କ ମଧ୍ୟରେ ରାଜନୈତିକ ପତିଆରା ଓ କ୍ଷମତା ହାସଲର ଲଢ଼େଇ ଚାଲିଛି। ଏହା ଦଳକୁ ଓ କର୍ମୀଙ୍କୁ ଦ୍ୱନ୍ଦ୍ୱ ଭିତରକୁ ଠେଲି ଦେଇଛି। ଦୁଇ ଦିନ ହେଲା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ଅସନ୍ତୋଷ ପରୋକ୍ଷରେ ସେଇ ଦିଗକୁ ଇଙ୍ଗିତ କରଥିଲା। କେବଳ ସୁନ୍ଦରଗଡ଼ ନୁହେଁ, ଗଞ୍ଜାମ ଜିଲ୍ଲାରେ ମନ୍ତ୍ରୀ ଓ ସାଂସଦଙ୍କ କଳି ବି ତେଜିବାରେ ଲାଗିଛି। ଖୋଦ ଭୁବନେଶ୍ୱରରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ମତାନ୍ତର ବି ଦେଖାଦେଇଛି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବାବେଳେ ଦଳ ଏବେ ଅଡୁଆରେ ପଡ଼ିଛି। କେମିତି ନିର୍ବାଚନ ବୈତରଣୀ ପାର୍ ହେବ ଓ ଗଡ଼ ଜିତିବ, ତାକୁ ନେଇ ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି।**





- ସୁନ୍ଦରଗଡ଼, ଗଞ୍ଜାମ, ଭଦ୍ରକରେ ବଢୁଛି ବିବାଦ
- ଭୁବନେଶ୍ୱରରେ ସାଂସଦ- ବିଧାୟକଙ୍କ ମତାନ୍ତର
- ନିଗମ ପଦ ଲାଗି ଲବି ଓ ପତିଆରା ଜୋରଦାର
- ୩ ବର୍ଷହେଲା ବିଭିନ୍ନ ବୋର୍ଡ ଓ ନିଗମରେ ନିଯୁକ୍ତି ନାହିଁ

ଭୁବନେଶ୍ୱର (ବ୍ୟୁରୋ)

ଆଗକୁ ଆସୁଛି ପଞ୍ଚାୟତ ଓ ପୌର ଭୋଟ। ସବୁ ରାଜନୈତିକ ଦଳ ସଙ୍ଗଠନ ସଜାଡ଼ିବାରେ ବ୍ୟସ୍ତ। ହଲେ ଆମଦାନି ନେତାମାନଙ୍କୁ ନେଇ ଏବେ ବିଜେପି ଅଡୁଆରେ ପଡ଼ିଯାଇଛି। ବିଜେପି ଯାହା କହୁନା କାହିଁକି ଦଳ ଭିତରେ ଯେ ଅସନ୍ତୋଷ କୁହୁଳୁଛି, ତାହା ଜଳ ଜଳ ହୋଇ ଦିଶୁଛି। ଏଇ କିଛି ଦିନର ଘଟଣାକ୍ରମ ସ୍ପଷ୍ଟ କରୁଛି, ଦଳ ଭିତରେ ସବୁ ଠିକ୍‌ଠାକ ଚାଲିନି। କ୍ଷମତା ପାଇଁ ଦଳକୁ ଆସିଥିବା ନେତାଙ୍କ ପଦପଦବୀ ପାଇଁ ଲବି ଓ ପତିଆରା ବୃଦ୍ଧି ଉଦ୍ୟମ ଦଳକୁ ଅଶ୍ୱସ୍ତିକର ପରିସ୍ଥିତି ଭିତରକୁ ଠେଲି ନେଇଛି। ସେପଟେ ୧୭ ବିଭାଗର ୩୨ଟି ବୋର୍ଡ ଓ ନିଗମ ପଦବୀ ପୂରଣ ହୋଇପାରୁନି।

ଶାସକ ଦଳକୁ ଅଡୁଆ ଅନ୍ୟ ଦଳରୁ ଆସିଥିବା ନେତା। ନୂଆ-ପୁରୁଣା ନେତାଙ୍କ ରାଜନୈତିକ ପତିଆରା ଓ କ୍ଷମତା ହାସଲର ଲଢ଼େଇ, ଦଳକୁ ଓ କର୍ମୀଙ୍କୁ ଦ୍ୱନ୍ଦ୍ୱ ଭିତରକୁ ଠେଲି ଦେଉଛି। ଦୁଇ ଦିନ ହେଲା ସୁନ୍ଦରଗଡ଼ ସାଂସଦଙ୍କ ଅସନ୍ତୋଷ ପରୋକ୍ଷରେ ସେ ଦିଗକୁ ଇଙ୍ଗିତ କରୁଛି। କେବଳ ସୁନ୍ଦରଗଡ଼ ନୁହେଁ, ଗଞ୍ଜାମ ଜିଲ୍ଲାରେ ମନ୍ତ୍ରୀ ଓ ସାଂସଦଙ୍କ କଳି, ଖୋଦ ଭୁବନେଶ୍ୱରରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ମତାନ୍ତର, କିଛି ଦିନ ପୂର୍ବରୁ ଭଦ୍ରକ ଜିଲ୍ଲାରେ ବିଜେଡିର ପୂର୍ବତନ ବିଧାୟକ ଓ ସାଂସଦ ବିଜେପିରେ ମିଶିବା ପରେ ଜିଲ୍ଲାର ଛାମୁଆ ନେତାଙ୍କ ଖୋଲା ଅସନ୍ତୋଷ ଦେଖିବାକୁ ମିଳିଥିଲା। ବାଲେଶ୍ୱର ଓ ନିମାପଡ଼ାରେ ବି ଛକାପଞ୍ଝା ଲାଗିରହିଛି। ସିଧାସଳଖ ନହେଲେ ବି କେଉଁଠି ପରୋକ୍ଷରେ, ପୁଣି କେଉଁଠି କର୍ମୀଙ୍କ ଜରିଆରେ ଦଳୀୟ ଅସନ୍ତୋଷ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। କିନ୍ତୁ ଦଳୀୟ ବିଧାୟକ କହୁଛନ୍ତି ସବୁ ଠିକ୍ ଅଛି, ସମସ୍ତଙ୍କୁ ସାଙ୍ଗରେ ନେଇ ଦଳ ଆଗକୁ ଚାଲିବ।

ବିଜେପି ସରକାରକୁ ଆସିବା ପରେ କ୍ଷମତା ଲୋଭରେ ବିଜେଡି ଓ କଂଗ୍ରେସରୁ ଅନେକ ନେତା ଶାସନ ମୁହାଁ ହୋଇଥିଲେ। ଦଳ ମଧ୍ୟ ସେମାନଙ୍କୁ କିଛି ଆଗପଛ ନବିଚାରି କୋଳେଇ ନେଇଥିଲା। ସଂଗଠନ ବଢ଼ିଲା, ଦୁର୍ବଳ ଅଞ୍ଚଳରେ ସ୍ଥିତି ସୁଦୃଢ଼ ବି ହେଲା, କିନ୍ତୁ ଦଳରେ ଅନେକ ଚେହେରା ଏବେ ଅଡୁଆ ବଢ଼ାଇଛି। ଏପଟେ ସରକାରକୁ ଦୁଇ ପୂରି ତିନି ଚାଲିଥିଲେ ମଧ୍ୟ ବିଭିନ୍ନ ବୋର୍ଡ ଓ ନିଗମରେ ନିଯୁକ୍ତି ହୋଇପାରୁନି। ନୂଆରେ ଦଳକୁ ଆସିଥିବା ନେତା ଓ ଦଳ ପାଇଁ ବର୍ଷବର୍ଷ ଧରି ଖଟିଥିବା ନେତା ପଦପଦବୀ ପାଇଁ ଲବି ଜୋର ଚଳାଇଛନ୍ତି। ଏଭଳି ସନ୍ଧିକ୍ଷଣରେ ଦଳ କାହାକୁ କାଟି କାହାକୁ ଖୁସି କରିବ ନିଷ୍ପତ୍ତି ନେଇପାରୁନି।

# ନେପାଳ ଜଳପ୍ରଳୟରୁ ଶିଖୁ ଭାରତ



**ନେପାଳରେ ଘଟିଯାଇଛି ପ୍ରକୃତିର ତାଣ୍ଡବଲୀଳା। ଶହ ଶହ ଲୋକ ପ୍ରାଣ ହରାଇଥିବା ବେଳେ ଅନେକ ଏବେ ବି ନିଖୋଜ ଅଛନ୍ତି। ଘରଦ୍ୱାର, ଦୋକାନବଜାର, ରାସ୍ତାଘାଟ ନିମିଷକେ ସବୁ ଛାରଖାର ହୋଇଯାଇଛି। ହେଲେ ଏଭଳି ଆକସ୍ମିକ ବନ୍ୟାକୁ ନେଇ ଉଠିଛି ଅନେକ ପ୍ରଶ୍ନ। କେବଳ ବଡ଼ ହିମବାହ ଭାଙ୍ଗିବା ଏବଂ ତାହା ସହ ଭୂସ୍ଖଳନ ହେବା ଯୋଗୁଁ ଏହି ଭୟଙ୍କର ଜଳପ୍ରଳୟ ସୃଷ୍ଟି ହୋଇଥିଲା ନା ଆଉକିଛି, ତାହା ବିଚାର କରିବାର ସମୟ ଆସିଛି। ଉପର ଭାଗରେ ରହୁଛି ଚୀନର ତିବ୍ବତ ଅଞ୍ଚଳ। ତଳେ ନେପାଳ, ବାଂଲାଦେଶ ଓ ଭାରତୀୟ ଭୂଖଣ୍ଡ। ବନ୍ୟାହେଲେ ନେପାଳ ସହ ଭାରତର ଅନେକ ଅଞ୍ଚଳରେ ତାଣ୍ଡବଲୀଳା ସୃଷ୍ଟିହେବା କିଛି ଅସମ୍ଭବ ନୁହେଁ। ତିବ୍ବତରେ ଚୀନ ଏବେ ବିଭିନ୍ନ ବିକାଶମୂଳକ କାମ କରୁଛି। ବିଭିନ୍ନ ବ୍ରିଜ, ଡ୍ୟାମ୍ ଆଦି ନିର୍ମାଣ କରୁଛି। ଏଥିପାଇଁ ଅନେକ ପାହଡ଼ ଓ ଜଙ୍ଗଲ କଟାଯାଉଛି। ପରିବେଶ ସନ୍ତୁଳନକୁ ନଷ୍ଟ କରାଯାଉଛି। ଏଭଳି ଘଟଣା ସବୁ ପ୍ରାକୃତିକ ବିପର୍ଯ୍ୟୟକୁ ଡାକିଆଣିବା ସ୍ୱାଭାବିକ। ତେଣୁ ଅନେକ କ୍ଷେତ୍ରରେ ଆମେ ସଚେତନ ନହେଲେ ଚୀନର ଜଳବୋମା ନିମିଷକେ ସବୁ ଛାରଖାର କରିଦେବାର ଭୟ ରହିଛି। ନିମ୍ନ ଅବବାହିକାରେ ରହୁଥିବା ଅଞ୍ଚଳଗୁଡ଼ିକ ଏହା ଦ୍ୱାରା ବିଶେଷ ଭାବରେ କ୍ଷତି ସହିବା ସ୍ୱାଭାବିକ କଥା। କେବଳ ନେପାଳ ଯେ, ଏଭଳି ପରିସ୍ଥିତିର ସାମ୍ନାକରିଛି କହି ଚୁପ୍ ହୋଇ ରହିବା ଠିକ୍ ହେବନି, ଭାରତ ଯେ ଏହାର ସମ୍ମୁଖୀନ ନହେବ, ତାହା କୁହାଯାଇ ନପାରେ। ଏଭଳି ସ୍ଥିତି ଉପୁଜିଲେ ବିହାର, ୟୁପି ସମେତ ଭାରତର ଅନେକ ରାଜ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ସେଥିଲାଗି ପ୍ରସ୍ତୁତି ଓ ସମୀକ୍ଷା କରାଯିବା ଜରୁରୀ।**

ସୁଶାନ୍ତ କୁମାର ଦାସ

ନେପାଳରେ ଭୋଟେ କୋଶୀ ନଦୀରେ ଆସିଥିବା ଭୟଙ୍କର ଫ୍ଲାସ୍ ଫ୍ଲଡ୍‌ରେ ଛାରଖାର ହୋଇଯାଇଛି ରସୁୱା ସମେତ ନୁୱାକୋଟ ଓ ଧାଡିଙ୍ଗ ଜିଲ୍ଲା। ରାସୁୱା ଜିଲ୍ଲାର ଭୋଟେକୋଶି ନଦୀରେ ବୁଧବାର ସକାଳେ ଆସିଥିବା ଭୟଙ୍କର ଜଳପ୍ରଳୟରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ବିପର୍ଯ୍ୟୟରେ ଶହ ଶହ ଲୋକ ପ୍ରାଣ ହରାଇଥିବା ବେଳେ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ପ୍ରାଥମିକ ଭାବେ ନେପାଳ-ଚୀନ୍ ସୀମା ନିକଟରେ ରେକର୍ଡ ହୋଇଥିବା ୪.୪ ତୀବ୍ରତାର ଭୂମିକମ୍ପକୁ ବନ୍ୟାର କାରଣ ବୋଲି ଆଶଙ୍କା କରାଯାଉଥିଲା। ତେବେ ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣର ବିଶ୍ଳେଷଣ ପରେ ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆସିଛି। ଏକ ବଡ଼ ହିମବାହ ଭାଙ୍ଗିବା ଏବଂ ତାହା ସହ ଭୂସ୍ଖଳନ ହେବା ଯୋଗୁଁ ଏହି ଭୟଙ୍କର ଜଳପ୍ରଳୟ ସୃଷ୍ଟି ହୋଇଥିଲା। ହିମବାହର ବିଶାଳ ବରଫ ଓ ପଥର ଖଣ୍ଡ ନଦୀ ଭିତରକୁ ଖସିପଡ଼ିବାରୁ ହଠାତ୍ ପାଣିର ପ୍ରବାହ ବଢ଼ିଯାଇଥିଲା। ପ୍ରାଥମିକ ସାଟେଲାଇଟ୍ ଚିତ୍ର ବିଶ୍ଳେଷଣରୁ ନେପାଳ-ଚୀନ୍ ସୀମାରେ ରସୁୱାଗଢ଼ିଠାରୁ ପ୍ରାୟ ୨୦ କିଲୋମିଟର ଉତ୍ତର-ପୂର୍ବରେ ଏକ ବଡ଼ ବରଫ ଖଣ୍ଡର ଭୂସ୍ଖଳନ ହୋଇଥିବା ଜଣାପଡ଼ିଛି। ବରଫ ଓ ପଥରର ବିଶାଳ ଭଗ୍ନାବଶେଷ ଲେଣ୍ଡେ ନଦୀରେ ପଡ଼ିବାରୁ ନଦୀର ପାଣି ଉଛୁଳିଥିଲା । ପରେ ଭୋଟେକୋଶି ନଦୀର ଶାଖା ଦେଇ ବହୁ ପରିମାଣର ପାଣି, ବରଫ, ପଥର ଓ ଭଗ୍ନାବଶେଷ ତଳକୁ ମାଡ଼ି ଆସିଥିଲା।

## ନେପାଳରେ ଫ୍ଲାସ୍ ଫ୍ଲଡ୍‌ର କାରଣ

ଦୀର୍ଘ ସମୟ ଧରି ବରଫ ଭଳି ଜମାଟ ରହିଥିବା ମାଟି ଓ ପଥର ହଠାତ୍ ତରଳିଲେ ବହୁ ପରିମାଣର ପାଣି, ମାଟି ଓ ପଥର ନଦୀକୁ ପ୍ରବେଶ କରିପାରେ। ଏହା ହଠାତ୍ ବନ୍ୟାର ରୂପ ନେଇପାରେ। ସେହିପରି ପର୍ବତ ଅଞ୍ଚଳରେ ବରଫ ତରଳିବାରୁ ସୃଷ୍ଟି ହେଉଥିବା ହିମବାହ ହ୍ରଦ ଅସ୍ଥିର ହୋଇପାରେ। କୌଣସି ପ୍ରାକୃତିକ କାରଣରୁ ଏହା ଫାଟିଗଲେ ହଠାତ୍ ବିପୁଳ ଜଳପ୍ରବାହ ତଳକୁ ଆସିପାରେ। ଅତ୍ୟଧିକ ତାପମାତ୍ରା କିମ୍ବା ଅନ୍ୟ ପାଣିପାଗଜନିତ କାରଣରୁ ପାହାଡ଼ର ବରଫ ଦ୍ରୁତ ତରଳିଲେ ନଦୀରେ ହଠାତ୍ ଜଳସ୍ତର ବଢ଼ିପାରେ। ପାହାଡ଼ ଧସି ନଦୀପଥ ବନ୍ଦ ହୋଇଗଲେ ସେଠାରେ ପାଣି ଜମି ଏକ ପ୍ରାକୃତିକ ବନ୍ଧ ଭଳି ସୃଷ୍ଟି ହୋଇପାରେ । ପରେ ଏହି ବନ୍ଧ ଭାଙ୍ଗିଲେ ହଠାତ୍ ବନ୍ୟା ଆସିପାରେ। ଅନୁରୂପଭାବେ ଉପର ମୁଣ୍ଡରେ ଅତ୍ୟଧିକ ବର୍ଷା କିମ୍ବା ମେଘଫଟା ବର୍ଷା ହେଲେ ନଦୀର ଜଳସ୍ତର ଖୁବ୍ କମ୍ ସମୟରେ ବଢ଼ିପାରେ। ଏହା ମଧ୍ୟ ଫ୍ଲାସ୍ ବନ୍ୟାର ଏକ ବଡ଼ କାରଣ ହୋଇପାରେ।

## ନେପାଳରେ ବନ୍ୟାର ଇତିହାସ

ନେପାଳରେ ଅତୀତରେ ମଧ୍ୟ ଅନେକ ବଡ଼ ବନ୍ୟା ଆସିଛି। ୧୯୯୩ରେ ବାଗମତୀ ନଦୀରେ ବଡ଼ ବନ୍ୟା ଆସିଥିବା ବେଳେ ୨୦୦୮ରେ କୋଶୀ ନଦୀରେ ଭୟଙ୍କର ବନ୍ୟା ହୋଇଥିଲା। ୨୦୧୪ରେ ସୁନକୋଶୀ ନଦୀରେ ବଡ଼ ବନ୍ୟା ଆସିଥିଲା। ୨୦୧୭ରେ ପ୍ରବଳ ମୌସୁମୀ ବର୍ଷାରୁ ବ୍ୟାପକ ବନ୍ୟା ହୋଇଥିଲା। ୨୦୧୯ରେ ତିନୋଟି ବଡ଼ ବନ୍ୟା ନେପାଳକୁ ପ୍ରଭାବିତ କରିଥିବା ବେଳେ ୨୦୨୧ରେ ମେଲାମଚୀ ନଦୀରେ ଭୟଙ୍କର ବନ୍ୟା ଦେଖିବାକୁ ମିଳିଥିଲା। ବିଭିନ୍ନ ବନ୍ୟାରେ ନେପାଳ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥାଏ। ଅନେକ ଧନଜୀବନ ବି କ୍ଷତି ଘଟିଥାଏ।



## କାଳ ସାଜିଛି ଚୀନର ଜଳବିଦ୍ୟୁତ ପ୍ରକଳ୍ପ

ଚୀନ୍ ଦ୍ୱାରା ତିବ୍ବତର ମେଡୋଗ କାଉଣ୍ଟିରେ ୟାର୍ଲୁଙ୍ଗ ସାଙ୍ଗପୋ ନଦୀ (ଭାରତରେ ବ୍ରହ୍ମପୁତ୍ର ନାମରେ ପରିଚିତ) ଉପରେ ଏକ ବିଶାଳ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରାଯାଉଛି, ଯାହା ଭାରତ ପାଇଁ ପ୍ରମୁଖ ରଣନୈତିକ ଏବଂ ପରିବେଶଗତ ଚିନ୍ତା ବଢ଼ାଇ ଦେଇଛି। ତିବ୍ବତର ପ୍ରମୁଖ ବନ୍ଧ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ମେଡୋଗ (ମୋଟୁଓ) ସୁପର ଡ୍ୟାମ୍ ଅରୁଣାଚଳ ପ୍ରଦେଶର ଭାରତୀୟ ସୀମାଠାରୁ ମାତ୍ର କିଛି କିଲୋମିଟର ଦୂରରେ ୟାର୍ଲୁଙ୍ଗ ସାଙ୍ଗପୋର ଗ୍ରେଟ୍ ବେଣ୍ଡ ନିକଟରେ ଏକ ପ୍ରସ୍ତାବିତ ୬୦,୦୦୦ ମେଗାୱାଟର ମେଗା ପ୍ରକଳ୍ପ। ୨୦୨୫ ମସିହା ମଧ୍ୟଭାଗରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଏହା ଚୀନର ଥ୍ରୀ ଗର୍ଜେସ୍ ଡ୍ୟାମ୍ ତୁଳନାରେ ତିନିଗୁଣ ଅଧିକ ଶକ୍ତି ଉତ୍ପାଦନ କରିବା ପାଇଁ ଡିଜାଇନ୍ କରାଯାଇଛି। ୨୦୧୫ ମସିହାରେ ସମ୍ପୂର୍ଣ୍ଣ ହୋଇଥିବା ଜାଙ୍ଗମୁ ଡ୍ୟାମ୍ ହେଉଛି ୟାର୍ଲୁଙ୍ଗ ସାଙ୍ଗପୋର ଉପର-ମଧ୍ୟ ଅଞ୍ଚଳରେ ଚୀନ୍ ଦ୍ୱାରା ନିର୍ମିତ ପ୍ରଥମ ପ୍ରମୁଖ ରନ୍-ଅଫ୍-ଦି-ରିଭର ଜଳବିଦ୍ୟୁତ୍ ପ୍ରକଳ୍ପ। ସେହିଭଳି ନଦୀର ଶକ୍ତିକୁ ଉପଯୋଗ କରିବା ପାଇଁ ଚୀନର ବ୍ୟାପକ ପ୍ରଚେଷ୍ଟାର ଏକ ଅଂଶ ଭାବରେ ଜିଏକ୍ସୁ ଏବଂ ଜିଆଚା ଡ୍ୟାମ୍ ଉପର ମୁଣ୍ଡରେ ନିର୍ମିତ ଅତିରିକ୍ତ କ୍ଷୁଦ୍ର କାସ୍କେଡ୍ ପ୍ରକଳ୍ପଗୁଡ଼ିକ ରହିଛି। ଏହିସବୁ ଡ୍ୟାମ୍ ଓ ଚୀନ ପ୍ରକଳ୍ପ ଭାରତ ପାଇଁ ଚିନ୍ତାର କାରଣ ସାଜିପାରେ।

## ଭାରତ ପାଇଁ ସୁରକ୍ଷାଗତ ଚିନ୍ତା

ଜଳକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି ଚୀନ। ଭାରତଠାରୁ ସମ୍ମୁଖ ଯୁଦ୍ଧରେ ପଛକୁ ଘୁଞ୍ଚିଯିବା ପରେ ଏବେ ଜଳବୋମାକୁ ଆଶ୍ରା କରିଛି ଚୀନ। ପ୍ରକଳ୍ପଗୁଡ଼ିକ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଅବସ୍ଥିତ ହୋଇଥିବାରୁ ଭାରତର ଉତ୍ତର-ପୂର୍ବାଞ୍ଚଳକୁ ଜଳ ପ୍ରବାହକୁ ସୀମିତ କରିବା କିମ୍ବା ନିୟନ୍ତ୍ରଣ କରିବା ପାଇଁ ବେଜିଂ ପାଖରେ ପ୍ରଭାବ ରହିଛି ବୋଲି ନିମ୍ନପ୍ରବାହ ଅଞ୍ଚଳର ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ହଠାତ୍ ଜଳ ନିଷ୍କାସନ କିମ୍ବା କୃତ୍ରିମ ଜଳ ସଞ୍ଚୟ ଅରୁଣାଚଳ ପ୍ରଦେଶ ଏବଂ ଆସାମରେ ହଠାତ୍ ବନ୍ୟା କିମ୍ବା ପ୍ରବଳ ମରୁଡ଼ି ସୃଷ୍ଟି କରିପାରେ। ଭୂକମ୍ପଗତ ସମ୍ବେଦନଶୀଳତା ବି କାରଣ ସାଜିଛି। ବନ୍ଧ ସ୍ଥଳଟି ଏକ ଦୁର୍ବଳ, ଅତ୍ୟନ୍ତ ସକ୍ରିୟ ଟେକ୍ଟୋନିକ୍ ଏବଂ ଭୂକମ୍ପ ପ୍ରବଣ ଅଞ୍ଚଳରେ ଅବସ୍ଥିତ, ଯାହା ଭୂକମ୍ପ, ଭୂସ୍ଖଳନ ଏବଂ ଗ୍ଲେସିୟର୍ ତରଳିବା ଆଶଙ୍କାକୁ ବଢ଼ାଇଥାଏ ଏବଂ ଏକ ବିପର୍ଯ୍ୟୟଜନକ ଗଠନଗତ ବିଫଳତାର ଭୟକୁ ଦୃଢ଼ କରେ। ଭାରତୀୟ ସୀମା ନିକଟରେ ଚୀନର ମେଗା-ଡ୍ୟାମ୍ ନିର୍ମାଣକୁ ନେଇ ସୃଷ୍ଟି ହୋଇଥିବା ରଣନୈତିକ ଉତ୍ତେଜନା ଏବଂ ଭୂ-ରାଜନୈତିକ ପ୍ରଭାବର ଏକ ସମୀକ୍ଷା କରାଯିବା ଉଚିତ। ଚୀନ ଏଥିଲାଗି ତିବ୍ବତ ଅଞ୍ଚଳକୁ ଏହାର ରଣକ୍ଷେତ୍ର ଭାବେ ତିଆରି କରୁଛି। ଏଥିଲାଗି ଭାରତ ସତର୍କତାର ସହ ମୁକାବିଲା ରଣନୀତି ଗ୍ରହଣ କରିବା ଏକାନ୍ତ ବାଞ୍ଛନୀୟ। ତିବ୍ବତର ମେଡୋଗ୍‌ରେ ଅବସ୍ଥିତ ୟାର୍ଲୁଙ୍ଗ ସାଙ୍ଗପୋ ନଦୀ ଉପରେ ଚୀନର ଏକ ବିଶାଳ ଜଳବିଦ୍ୟୁତ୍ ବନ୍ଧ ପ୍ରକଳ୍ପ, ଭାରତ ଏବଂ ବାଂଲାଦେଶ ପରି ନିମ୍ନପ୍ରବାହ ଅଞ୍ଚଳର ଦେଶଗୁଡ଼ିକ ପାଇଁ ଗଭୀର କୌଶଳଗତ ଉତ୍ତେଜନା ଏବଂ ଜଳ ସୁରକ୍ଷା ନେଇ ଗମ୍ଭୀର ଚିନ୍ତା ସୃଷ୍ଟି କରୁଛି। ଏହି ପ୍ରକଳ୍ପ ପାଇଁ ୧୬୭ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ ହେଉଛି। ଏହି ବନ୍ଧଟି ଅରୁଣାଚଳ ପ୍ରଦେଶ ନିକଟସ୍ଥ ପ୍ରକୃତ ନିୟନ୍ତ୍ରଣରେଖା ଠାରୁ ମାତ୍ର କିଛି କିଲୋମିଟର ଦୂରରେ ଅବସ୍ଥିତ।

## କୌଶଳଗତ ଏବଂ ସୁରକ୍ଷାଗତ ଚିନ୍ତା

ଚୀନ୍ ଏବଂ ଭାରତ ମଧ୍ୟରେ କୌଣସି ଆନୁଷ୍ଠାନିକ ଜଳ-ବଣ୍ଟନ ଚୁକ୍ତି ନାହିଁ। ଆଦାନ ପ୍ରଦାନ ଚୁକ୍ତିଗୁଡ଼ିକ ଅତି ଦୁର୍ବଳ ଏବଂ ରାଜନୈତିକ ବିବାଦ ସମୟରେ ପ୍ରାୟତଃ ସ୍ଥଗିତ ରହିଥାଏ। ଉପରମୁଣ୍ଡର ଜଳ ପ୍ରବାହ ଉପରେ ଏକପାଖିଆ ନିୟନ୍ତ୍ରଣ ରହିବା ଯୋଗୁଁ ବେଜିଂ ପାଖରେ ନିମ୍ନପ୍ରବାହର ଅର୍ଥନୀତିଗୁଡ଼ିକ ଉପରେ ବଡ଼ ଧରଣର ରାଜନୈତିକ ପ୍ରଭାବ ରହିଥାଏ। ହିମାଳୟ ଏକ ଅସ୍ଥିର ଟେକ୍ଟୋନିକ୍ ଅଞ୍ଚଳରେ ଅବସ୍ଥିତ। ବଡ଼ ଜଳଭଣ୍ଡାର ଏବଂ ଭାରୀ କଂକ୍ରିଟ୍ ଗଠନଗୁଡ଼ିକ ଭୂକମ୍ପ ଏବଂ ବୃହତ ଭୂସ୍ଖଳନର ଆଶଙ୍କାକୁ ବଢ଼ାଇ ଦେଇଥାଏ। ପୁଷ୍ଟିକର ପଟୁମାଟି ଅଟକି ରହିବା ଫଳରେ ଆସାମ ଏବଂ ବାଂଲାଦେଶର ନିମ୍ନପ୍ରବାହ ଅଞ୍ଚଳର କୃଷିଜମି ପ୍ରାକୃତିକ ସାରରୁ ବଞ୍ଚିତ ହେଉଛି। ଅନିୟନ୍ତ୍ରିତ ଜଳ ନିଷ୍କାସନ ଗ୍ରାମାଞ୍ଚଳଗୁଡ଼ିକୁ ଭୟଙ୍କର ବନ୍ୟା ବିପଦରେ ପକାଉଛି। ନୂଆଦିଲ୍ଲୀ ଏକ ଜଳବୈଜ୍ଞାନିକ ବଫର୍ ଭାବରେ କାମ କରିବା ପାଇଁ ଉପର ସିଆଙ୍ଗ୍ ବହୁମୁଖୀ ପ୍ରକଳ୍ପ ପରି ନିଜର ଏକ ବିଶାଳ ପ୍ରତି-ବନ୍ଧ ନିର୍ମାଣ ଯୋଜନା କରୁଛି। ଭାରତର ଏହି ପ୍ରତିଶୋଧମୂଳକ ବନ୍ଧ ଯୋଜନାଗୁଡ଼ିକୁ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ଦୃଢ଼ ବିରୋଧ କରୁଛନ୍ତି, କାରଣ ସେମାନେ ସ୍ଥାନଚ୍ୟୁତ ଏବଂ ସ୍ଥାନୀୟ ପରିବେଶ ନଷ୍ଟ ହେବାର ଆଶଙ୍କା କରୁଛନ୍ତି। ଏଭଳି ସ୍ଥିତିରେ ଭାରତ ସେଭଳି କିଛି ଦୃଢ଼ ପଦକ୍ଷେପ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛି। କିନ୍ତୁ ଏବେ ସମୟ ଆସିଛି, ଚୀନ ପଟୁ ହେବାକୁ ଥିବା ଜଳପ୍ରଳୟକୁ ରୋକିବା ଲାଗି ଭାରତ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ଏବେଠାରୁ ସେଠାରେ ଡ୍ୟାମ କିମ୍ବା ବଡ଼ ପ୍ରକଳ୍ପ କରାନଗଲେ ଭବିଷ୍ୟତରେ ନେପାଳ ଭଳି ପରିସ୍ଥିତି ଯେ ନହେବ, ସେ କଥା କିଏ କହିବ।

## ଭାରତକୁ ଘାରିଛି ହିମସ୍ଖଳନ ଚିନ୍ତା

ଦେଶର ଗ୍ଲେସିୟର ହ୍ରଦକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି। ଏଥିରୁ ହିମାଳୟ ଅଞ୍ଚଳର ୫ଟି ହ୍ରଦ ବିପର୍ଯ୍ୟୟ ଅନୁସାରେ ବଡ଼ ବିପଦର କାରଣ ହେବାକୁ ଯାଉଛି। ଏଗୁଡ଼ିକୁ ଅତି ସମ୍ବେଦନଶୀଳ ଶ୍ରେଣୀରେ ରଖାଯାଇଛି। ଦେଶର ସମ୍ବେଦନଶୀଳ ହ୍ରଦର ତାଲିକାରେ ଉତ୍ତରାଖଣ୍ଡର ୧୩ଟି ହ୍ରଦ ଅନ୍ତର୍ଭୁକ୍ତ। ଜାତୀୟ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣ ୨୦୨୪ ମସିହାରେ ସାରା ଦେଶର ପ୍ରାୟ ୨୦୦ଟି ଗ୍ଲେସିୟର ବା ବରଫାବୃତ ହ୍ରଦର ଏକ ତାଲିକା ଜାରି ହୋଇଥିଲା। ଏଗୁଡ଼ିକ ସେହି ହ୍ରଦ, ଯାହାକୁ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ଶ୍ରେଣୀରେ ରଖାଯାଇଛି। ଅତି ସମ୍ବେଦନଶୀଳ ଶ୍ରେଣୀରେ ଅନ୍ତର୍ଭୁକ୍ତ ପାଞ୍ଚଟି ହ୍ରଦ ଉତ୍ତରାଖଣ୍ଡରେ ରହିଛି। ଏଥିମଧ୍ୟରୁ ଚାରୋଟି ହ୍ରଦ ନେପାଳ ସୀମାକୁ ଲାଗି ରହିଥିବା ପିଥୋରାଗଡ଼ ଜିଲ୍ଲାରେ ରହି ଥିବା ବେଳେ ଗୋଟିଏ 'ବସୁଧାରା ଗ୍ଲେସିୟର୍ ହ୍ରଦ' ଚମୋଲି ଜିଲ୍ଲାରେ ଅବସ୍ଥିତ। ବିଶେଷଜ୍ଞଙ୍କ ଅନୁସାରେ, ପାଣିପାଗର ପରିବର୍ତ୍ତିତ ଧାରା ଯୋଗୁଁ ସାରା ଦେଶରେ ଗ୍ଲେସିୟର୍ ହ୍ରଦଗୁଡ଼ିକ ବିପର୍ଯ୍ୟୟ ଦୃଷ୍ଟିରୁ ଅତି ସମ୍ବେଦନଶୀଳ ହେବାରେ ଲାଗିଛି। ଭୂସ୍ଖଳନ କିମ୍ବା ହିମସ୍ଖଳନ ଯୋଗୁଁ ଏହି ହ୍ରଦଗୁଡ଼ିକ ଫାଟି ଯିବାର ବିପଦ ବଢ଼ିଯାଏ, ଯାହା ଭୟଙ୍କର ବନ୍ୟା ରୂପରେ ସାମ୍ନାକୁ ଆସିଥାଏ। କେନ୍ଦ୍ର ସରକାର ଏହାକୁ ଗମ୍ଭୀରତାର ସହ ନେଇ ଗ୍ଲେସିୟର୍ ହ୍ରଦଗୁଡ଼ିକ ଉପରେ ବିଶେଷ ନଜର ରଖିବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହାଫଳରେ ଭବିଷ୍ୟତରେ କଡ଼ା ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯାଇ ପାରିବ।









# ପଶ୍ଚିମ ଓଡ଼ିଶା



### ଭବାନୀପାଟଣା ପୂର୍ତ୍ତବିଭାଗ କାର୍ଯ୍ୟପ୍ରଣାଳୀକୁ ନେଇ ବଡ଼ ପ୍ରଶ୍ନ

## ଠିକାଦାର ଓ ସାଧାରଣ ଲୋକଙ୍କ ପାଇଁ ନିୟମ ଅଲଗା ଅଲଗା

### ବର୍ଷାରେ ନିର୍ମାଣ କାମର ତଦାରଖ ନା ଠିକାଦାରଙ୍କ ସ୍ୱାର୍ଥରକ୍ଷା

### ପୂର୍ତ୍ତବିଭାଗ ସାଜିଛି ଠିକାଦାରଙ୍କ ଲେଉଟିଆ କିଆରି



**କଳାହାଣ୍ଡି(ଅମୃତ ମିଡିଆ):** ସରକାରୀ ନିର୍ମାଣ କାମର ଗୁଣବତ୍ତା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବା ଦାୟିତ୍ୱ ପୂର୍ତ୍ତ ବିଭାଗର। ହେଲେ ଭବାନୀପାଟଣା ପୂର୍ତ୍ତ ବିଭାଗର କାର୍ଯ୍ୟପ୍ରଣାଳୀକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ବିଶେଷକରି ବିଭାଗୀୟ ଅଧିକାରୀଙ୍କୁ ଭେଟିବା ଓ ନିଜ ସମସ୍ୟା ଜଣାଇବା କ୍ଷେତ୍ରରେ ଠିକାଦାର ଏବଂ ସାଧାରଣ ଲୋକଙ୍କ ପାଇଁ ସମାନ ବ୍ୟବସ୍ଥା ରହୁଛି କି ନାହିଁ, ତାହା ନେଇ ଚର୍ଚ୍ଚା ଜୋର ଧରିଛି। ପୂର୍ତ୍ତ ବିଭାଗରେ ଠିକାଦାର ଓ ଯନ୍ତ୍ରୀଙ୍କ ସମ୍ପର୍କ, ନିର୍ମାଣ କାମର ଗୁଣବତ୍ତା ଏବଂ ବିଭାଗୀୟ ତଦାରଖକୁ ନେଇ ପୂର୍ବରୁ ମଧ୍ୟ ଅନେକ ସମୟରେ ପ୍ରଶ୍ନ ଉଠିଛି। ଏପରିକି ପୂର୍ବରୁ ବିଭାଗ ସହ ସମ୍ପୃକ୍ତ ଜଣେ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଥିବା ଘଟଣା ମଧ୍ୟ ଚର୍ଚ୍ଚାରେ ରହିଥିଲା। ତେବେ ପୂର୍ବ ଘଟଣାକୁ ଆଧାର କରି ବର୍ତ୍ତମାନର କୌଣସି ଅଧିକାରୀ କିମ୍ବା ଠିକାଦାରଙ୍କ ବିରୋଧରେ ଅଭିଯୋଗକୁ ସତ୍ୟ ବୋଲି ଧରିନେବା ଠିକ୍ ନୁହେଁ। ଏହାର ସତ୍ୟତା ସ୍ୱାଧୀନ ଯାଞ୍ଚର ବିଷୟ।

ବର୍ତ୍ତମାନ ବର୍ଷା ଋତୁ ଚାଲିଥିବାରୁ ବିଭିନ୍ନ ସ୍ଥାନରେ ସରକାରୀ ନିର୍ମାଣ କାମ ଚାଲୁଥିବା ଦେଖାଯାଉଛି। ବର୍ଷା ସମୟରେ ରାସ୍ତା, ଡ୍ରେନ୍ ଓ ଅନ୍ୟାନ୍ୟ ନିର୍ମାଣ କାମ ହେଉଥିଲେ କାମର ଗୁଣବତ୍ତା ଉପରେ ନଜର ରଖିବା ଆହୁରି ଜରୁରୀ। ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁଯାୟୀ କାମ ହେଉଛି କି ନାହିଁ, ଆବଶ୍ୟକ ପରୀକ୍ଷା କରାଯାଉଛି କି ନାହିଁ ଏବଂ ଯନ୍ତ୍ରୀମାନେ ନିୟମିତ କାର୍ଯ୍ୟସ୍ଥଳ ପରିଦର୍ଶନ କରୁଛନ୍ତି କି ନାହିଁ—ଏହା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। କାମର ମାନ ଯାଞ୍ଚ ବିନା ବିଲ୍ ପାସ୍ ହେଉଛି କି ନାହିଁ, ମାପ ବହିରେ କ'ଣ ଲେଖାଯାଉଛି, ଗୁଣବତ୍ତା ପରୀକ୍ଷାର ରିପୋର୍ଟ ରହୁଛି କି ନାହିଁ—ଏସବୁ ଦସ୍ତାବିଜ ସାମ୍ନାକୁ ଆସିଲେ ପ୍ରକୃତ ଚିତ୍ର ସ୍ପଷ୍ଟ ହେବ।

ବିଭିନ୍ନ ମହଲରେ ଏବେ ଆଉ ଏକ ପ୍ରଶ୍ନ ଉଠୁଛି — ବର୍ଷାରେ ନିର୍ମାଣ କାମର ତଦାରଖ ପ୍ରଥମ ପ୍ରାଥମିକତା ନା ଠିକାଦାରଙ୍କ ସ୍ୱାର୍ଥ?

ଏହି ଅଭିଯୋଗର ସତ୍ୟତା ଯାଞ୍ଚ ହେବା ଆବଶ୍ୟକ। କାରଣ ସରକାରୀ ଅର୍ଥରେ ହେଉଥିବା ପ୍ରତ୍ୟେକ ନିର୍ମାଣ କାମରେ ଲୋକଙ୍କ ଟଙ୍କା ଖର୍ଚ୍ଚ ହେଉଛି। ତେଣୁ କାମର ମାନ, ଖର୍ଚ୍ଚ ଓ ବିଭାଗୀୟ ତଦାରଖ ସମ୍ପର୍କିତ ତଥ୍ୟ ସ୍ୱଚ୍ଛ ରହିବା ଆବଶ୍ୟକ।

ଏନେଇ ପୂର୍ତ୍ତ ବିଭାଗର ଗତ କିଛି ବର୍ଷର ନିର୍ମାଣ କାମର ତଥ୍ୟ, ଯନ୍ତ୍ରୀଙ୍କ କାର୍ଯ୍ୟସ୍ଥଳ ପରିଦର୍ଶନ ରେକର୍ଡ, ମାପ ବହି, ଗୁଣବତ୍ତା ପରୀକ୍ଷା ରିପୋର୍ଟ, ବିଲ୍ ପାସ୍ ରେକର୍ଡ ଓ ଠିକାଦାରଙ୍କ ସହ ବିଭାଗୀୟ ଯୋଗାଯୋଗର ରେକର୍ଡ ଯାଞ୍ଚ କରାଗଲେ ଅନେକ ପ୍ରଶ୍ନର ଉତ୍ତର ମିଳିପାରିବ।

ସାଧାରଣ ଲୋକଙ୍କ ପ୍ରଶ୍ନ ହେଉଛି— ସରକାରୀ କାର୍ଯ୍ୟାଳୟ ସମସ୍ତଙ୍କ ପାଇଁ ସମାନ କି? ଯଦି ଠିକାଦାରଙ୍କୁ ଅଧିକ ସୁବିଧା ମିଳୁଥିବା ଅଭିଯୋଗ ରହିଛି, ତେବେ ତାହାର ପ୍ରମାଣ କ'ଣ? ଏବଂ ବିଭାଗ ଏହି ଅଭିଯୋଗ ଉପରେ କେବେ ତଦନ୍ତ କରିଛି କି?

ଏସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ପୂର୍ତ୍ତ ବିଭାଗ ଦେବା ଆବଶ୍ୟକ। ଅଭିଯୋଗର ସତ୍ୟତା ତଦନ୍ତରେ ସ୍ପଷ୍ଟ ହେବ; ମାତ୍ର ଅଭିଯୋଗ ଆଧାରରେ କାହାକୁ ଦୋଷୀ କୁହାଯାଇପାରିବ ନାହିଁ।

## ଭବାନୀପାଟଣାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ



**କଳାହାଣ୍ଡି(ଅମୃତ ମିଡିଆ):** ରକ୍ଷାବନ୍ଧନ ଅବସରରେ ଓଡ଼ିଶା ସରକାରଙ୍କ ଉଦ୍ୟମରେ ଜିଲ୍ଲା ସ୍ତରୀୟ ସୁଭଦ୍ରା ଯୋଜନାର ପ୍ରଦାନ ସମାରୋହ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଟାଉନ୍ ହଲ୍ ଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶ୍ରୀ ପ୍ରଦୀପ ବଳ ସାମନ୍ତ ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ ଓ ବୟନ ଏବଂ ହସ୍ତଶିଳ୍ପ ବିଭାଗର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଧର୍ମଗଡ଼ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୁଧୀର ରଞ୍ଜନ ପଟ୍ଟାଯୋଷୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ସଚିନ ପୱାର ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉପଜିଲ୍ଲାପାଳ, ଭବାନୀପାଟଣା ଶ୍ରୀ ପ୍ରଭାତ ପରିଡ଼ା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ଜିଲ୍ଲା ସଂସ୍କୃତିକ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସାଇଲେନ୍ଦୁ ଶେଖର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ତଥା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ ଅଧିକାରୀ ଦିନେଶ କୁମାର କହଁର, ଉପ ନିର୍ଦ୍ଦେଶକ ପ୍ଲାନିଂ ଶ୍ରୀକାନ୍ତ ଦଳେଇ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଚନ୍ଦନ କୁମାର ଭୋଇ ଓ ସମସ୍ତ ବ୍ଲକର ଶିଶୁ ସୁରକ୍ଷା ଅଧିକାରୀ ତଥା ସୁଭଦ୍ରା ଯୋଜନା ହିତାଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, ସୁଭଦ୍ରା ଯୋଜନା ଓଡ଼ିଶାର ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ, ସ୍ୱାବଲମ୍ବୀ ଓ ସମ୍ମାନଜନକ ଜୀବନଯାପନ ପାଇଁ ସୁଯୋଗ ପ୍ରଦାନ କରୁଥିବା ଏକ ଐତିହାସିକ ପଦକ୍ଷେପ। ଏହି ଆର୍ଥିକ ସହାୟତାକୁ ମହିଳାମାନେ ପରିବାରର ଆବଶ୍ୟକତା ପୂରଣ, ପିଲାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଛୋଟ ବ୍ୟବସାୟ ଆଦିରେ ବ୍ୟବହାର କରି ପରିବାରର ଆର୍ଥିକ ଉନ୍ନତିରେ ଭାଗୀଦାର ହେଉଛନ୍ତି। କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ଉଦ୍ଦେଶ୍ୟ, କାର୍ଯ୍ୟକଳାପ ଏବଂ ଏହାର ସଫଳ କାହାଣୀ ସମ୍ପର୍କରେ ଉପସ୍ଥିତ ଲାଭାନ୍ୱିତା ଓ ଅତିଥିମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ କଳାହାଣ୍ଡି ଜିଲ୍ଲାରେ ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜିଲ୍ଲାସ୍ତରୀୟ ଆଲୋଚନା ଏହାପରେ ନୟାଗଡ଼ ଜିଲ୍ଲାରେ ଆୟୋଜିତ ରାଜ୍ୟସ୍ତରୀୟ ସୁଭଦ୍ରା କାର୍ଯ୍ୟକ୍ରମର ଲାଇଭ୍ ପ୍ରସାରଣ ଭବାନୀପାଟଣା ଟାଉନ୍ ହଲ୍‌ଠାରେ ଉପସ୍ଥିତ ସମସ୍ତେ ଦେଖିଥିଲେ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସୁଭଦ୍ରା ଯୋଜନା ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାର ୪,୦୮,୫୭୧ ଜଣ ଲାଭାନ୍ୱିତାଙ୍କୁ ପ୍ରତିଜଣ ୫,୦୦୦ ଲେଖାଏଁ ଅନୁଦାନ ପ୍ରଦାନ କରାଯାଇଛି। ଏହି ବାବଦରେ ଦୁଇ ସହ ଛାଡ଼ି କୋଟି ଅଠେଇଶି ଲକ୍ଷ୍ୟ ପଞ୍ଚାବନ ହଜାର ଟଙ୍କା କଳାହାଣ୍ଡି ଜିଲ୍ଲାର ହିତାଧିକାରୀ ମାନଙ୍କୁ ଡିବିଟି ମାଧ୍ୟମରେ ଏହି କିସ୍ତି ପ୍ରଦାନ କରଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ମୁଜିବୁନ ନିଶା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

### ମେଡିକାଲରୁ ବିଚାରାଧୀନ କଏଦୀ ଚମ୍ପଟ ଘଟଣା

## ଜଣେ ଜେଲ୍ କର୍ମଚାରୀ ସସପେଣ୍ଡ୍



**ସୁନ୍ଦରଗଡ଼(ଅମୃତ ମିଡିଆ):** ସୁନ୍ଦରଗଡ ମେଡିକାଲରୁ ବିଚାରାଧୀନ କଏଦୀ ଚମ୍ପଟ ଘଟଣା । ୫ ଦିନ ପରେ ବି ଫେରାର ବିଚାରଧୀନ କଏଦୀଙ୍କ ମିଳୁନି ପତ୍ତା । କୁଆଡେ ଗଲା ଫେରାର କଏଦୀ ଟେକଚାନ୍ଦ ବେହେରା , ତାର ଟେର ପାଉନି ପୁଲିସ । ଏହାରି ଭିତରେ ବଡ ସୁରାକ୍ ସାମ୍ନାକୁ ଆସିଛି । ୨୫ ତାରିଖ ରାତିରେ ମେଡିକାଲରୁ କଏଦୀ ଫେରାର ହୋଇଥିଲା । ଆଉ ସେହି ଦିନ ରାତିରେ ନିଜ ଘରେ ପହଞ୍ଚି ସ୍ତ୍ରୀକୁ ଧରି ଫେରାର ହୋଇଯାଇଥିଲା । ଏହା ପୂର୍ବରୁ ସ୍ତ୍ରୀ ସହ ଫୋନ ଯୋଗେ କଥା ହୋଇଥିଲା ଫେରାର ସ୍ୱାମୀ । କେହି ଜଣେ ତାଙ୍କୁ ଫେରାର ସ୍ୱାମୀଙ୍କ ସମ୍ପର୍କରେ ପଚାରୁଥିବା ବେଳେ ଭିଡିଓ କରିଛନ୍ତି । ସେପଟେ ଫେରାର କଏଦୀ ଟେକଚାନ୍ଦ ବେହେରାକୁ ଧରିବାକୁ ପୁଲିସର ୪ଟି ଟିମ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ତେବେ ଗତ ୨୫ ତାରିଖରେ ଚିକିତ୍ସା ପାଇଁ ଆସିଥିବା ବେଳେ ଶୌଚ ଯିବା ବାହାନା କରି ଚମ୍ପଟ ମାରିଥିଲା କଏଦୀ । କଏଦୀ ଜଣକ ସୁନ୍ଦରଗଡ ସଦର ଥାନା ରୁପାବାହାଲ ଗାଁ ର ଟେକଚାନ୍ଦ ବେହେରା । ସେ ହତ୍ୟା ଅଭିଯୋଗରେ ଗତ ଏପ୍ରିଲ ମାସରୁ ଜେଲରେ ଥିଲା । ବିରାରାଧିନ କଏଦୀ ଫେରାର ଘଟଣାରେ କଏଦୀକୁ ଜଗିଥିବା ଜଣେ ଜେଲ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି ।

ତେବେ ଏହା ନୂଆ ଖବର ନୁହେଁ ବିଭିନ୍ନ ଜେଲରୁ କଏଦୀ ଚମ୍ପଟ ଘଟଣା ଜେଲ୍ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଦୁର୍ଦ୍ଦାନ୍ତ ଅପରାଧୀଙ୍କଠାରୁ ଆରମ୍ଭ କରି ଛୋଟ ଅପରାଧୀ ଫେରାର ହୋଇଯାଉଛନ୍ତି। । ଯାହା ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି । ଏନେଇ ପୁଲିସର ଆଗାମୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ।

## ସ୍କୁଲରେ ଶିକ୍ଷକ ଗାଏବ, ଖାତାରେ ଉପସ୍ଥିତି

- ମଧ୍ୟାହ୍ନ ଭୋଜନରେବି ଅନିୟମିତତା ଅଭିଯୋଗ
- ଶିକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ସାଂଘାତିକ ପ୍ରଶ୍ନ



**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ଯେଉଁଠି ଶିକ୍ଷକଙ୍କ ହାତରେ ଗଢ଼ିବା କଥା ଦେଶର ଭବିଷ୍ୟତ, ସେହି ଶିକ୍ଷକ ଯଦି ଶ୍ରେଣୀଗୃହ ଛାଡ଼ି ଗାଏବ ହୋଇଯାଆନ୍ତି, ତେବେ ନିରୀହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କାହା ଭରସାରେ ? ସରକାରୀ ଶିକ୍ଷା ବ୍ୟବସ୍ଥାର ଏଭଳି ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ସିନ୍ଧବାହାଲି ପ୍ରାଥମିକ ବିଦ୍ୟାଳୟରେ। ସୂଚନା ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଡମ୍ବରୁ ନାଗ ଦୁଇଦିନ ଛୁଟିରେ ଥିବାବେଳେ ଶିକ୍ଷକ ମହେଶ୍ୱର ମାଝୀଙ୍କ ଉପରେ ବିଦ୍ୟାଳୟର ଦାୟିତ୍ୱ ରହିଥିଲା। ହେଲେ ଅଭିଯୋଗ ହେଉଛି, ଦାୟିତ୍ୱ ନେଇ ବିଦ୍ୟାଳୟରେ ରହି ପିଲାଙ୍କୁ ପାଠ ପଢ଼ାଇବା ବଦଳରେ ସେ ବିଦ୍ୟାଳୟ ବାହାରେ ବୁଲୁଥିଲେ। ପଚରାଯିବା ପରେ ସେ ସେଠାରୁ ଚାଲିଯାଇଥିବା ଜଣାପଡ଼ିଛି। ସବୁଠାରୁ ଗୁରୁତର ପ୍ରଶ୍ନ ଉଠୁଛି ଆଟେଣ୍ଡାନ୍ସ ଖାତାକୁ ନେଇ । ବିଦ୍ୟାଳୟରେ ଶିକ୍ଷକଙ୍କ ଉପସ୍ଥିତି ନଥିବା ଅଭିଯୋଗ ଥିବାବେଳେ ଆଟେଣ୍ଡାନ୍ସ ଖାତାରେ ତାଙ୍କ ଉପସ୍ଥିତି ଦସ୍ତଖତ ଥିବା ଦେଖାଯାଇଛି। ତେବେ ଏହା କେବଳ ଦାୟିତ୍ୱହୀନତା, ନା ଉପସ୍ଥିତି ଖାତାକୁ ନେଇ ଆଉ କୌଣସି ଗୁରୁତର ଅନିୟମ ? ଏହାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ଏପଟେ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନକୁ ନେଇ ମଧ୍ୟ ଅନିୟମର ଅଭିଯୋଗ ଉଠିଛି। ନିର୍ଦ୍ଧାରିତ ମେନୁ ଅନୁଯାୟୀ ଭାତ, ତରକାରୀ ଓ ସୋୟାବିନ ପରିବେଷଣ କରାଯିବା କଥା ଥିବାବେଳେ ତାହା ବଦଳରେ ଭାତ-ଡାଲି ଦେଇ କାମ ସାରିଦିଆଯାଇଥିବା ଅଭିଯୋଗ ହୋଇଛି । ଏଠି ପ୍ରଶ୍ନ କେବଳ ଗୋଟିଏ ଶିକ୍ଷକଙ୍କ ଉପସ୍ଥିତିକୁ ନେଇ ନୁହେଁ। ପ୍ରଶ୍ନ ହେଉଛି ସରକାର ଯେଉଁ ଟଙ୍କା ଖର୍ଚ୍ଚ କରି ଶିକ୍ଷାର ମାନ ବଢ଼ାଇବାକୁ ଚାହୁଁଛନ୍ତି, ତାହାର ତଦାରଖ କେଉଁଠି ? ଶିକ୍ଷକ ସ୍କୁଲରେ ନାହାନ୍ତି, କିନ୍ତୁ ଖାତାରେ ଉପସ୍ଥିତ; ନିର୍ଦ୍ଧାରିତ ମେନୁ ଅନୁଯାୟୀ ଖାଦ୍ୟ ଦିଆଯାଉନାହିଁ, ତଥାପି ସବୁକିଛି ଠିକ୍‌ଠାକ୍? ଚାଲିଥିବା ଦାବି ତେବେ ଏହା କେମିତି ଶିକ୍ଷା ବ୍ୟବସ୍ଥା? ଆହୁରି ଗୁରୁତ୍ୱପୂର୍ଣ୍ଣ କଥା, ବିଇଓ ଅଭିନବ ମିଶ୍ରଙ୍କ କହିବା ଅନୁଯାୟୀ, ପୂର୍ବରୁ ମଧ୍ୟ ଶିକ୍ଷକ ମହେଶ୍ୱର ମାଝୀଙ୍କ ଗୋଟିଏ ମାସର ଦରମା ବନ୍ଦ କରାଯାଇଥିଲା। ତଥାପି ଯଦି ପୁଣି ସମାନ ପ୍ରକାର ଅଭିଯୋଗ ସାମ୍ନାକୁ ଆସୁଛି, ତେବେ ପୂର୍ବ ଦଣ୍ଡାତ୍ମକ ପଦକ୍ଷେପର ପ୍ରଭାବ ନେଇ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ। ବିଇଓ ଅଭିନବ ମିଶ୍ର ଘଟଣାର ତଦନ୍ତ କରାଯାଇ ଦୋଷ ପ୍ରମାଣିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। କିନ୍ତୁ ପ୍ରଶ୍ନ ହେଉଛି କେବଳ ତଦନ୍ତର ପ୍ରତିଶ୍ରୁତିରେ କ'ଣ ପିଲାଙ୍କ ଭବିଷ୍ୟତ ସୁରକ୍ଷିତ ହେବ ? ବାରମ୍ବାର ଅନିୟମ ଅଭିଯୋଗ ପରେ ଯଦି କେବଳ ଦରମା ବନ୍ଦ କିମ୍ବା ଚେତାବନୀରେ ମାମଲା ସୀମିତ ରହିଯାଏ, ତେବେ ଦାୟିତ୍ୱହୀନତାକୁ ପରୋକ୍ଷରେ ପ୍ରୋତ୍ସାହନ ମିଳିବ ନାହିଁ କି ? ସ୍କୁଲରେ ଶିକ୍ଷକ ନାହାନ୍ତି, କିନ୍ତୁ ଖାତାରେ ଉପସ୍ଥିତି; ନିର୍ଦ୍ଧାରିତ ଖାଦ୍ୟ ନାହିଁ, କିନ୍ତୁ ଦାୟିତ୍ୱ ସମ୍ପନ୍ନ ଏଭଳି କାଗଜକଲମର ଶିକ୍ଷା ବ୍ୟବସ୍ଥାରେ ପିଲାଙ୍କ ଭବିଷ୍ୟତ କେମିତି ଗଢ଼ିବ ? ଏହି ଘଟଣା ଶିକ୍ଷା ବିଭାଗର ତଦାରଖ ବ୍ୟବସ୍ଥା ଉପରେ ମଧ୍ୟ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି। ତେଣୁ କେବଳ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନୁହେଁ, ବିଦ୍ୟାଳୟରେ ଉପସ୍ଥିତି, ପାଠପଢ଼ା ଓ ମଧ୍ୟାହ୍ନ ଭୋଜନରେ ହେଉଥିବା ଅଭିଯୋଗର ଗଭୀର ତଦନ୍ତ ସହ ଦାୟିତ୍ୱରେ ଅବହେଳା କରୁଥିବା ପ୍ରତ୍ୟେକ ସ୍ତରର ଅଧିକାରୀଙ୍କ ଜବାବଦେହି ନିର୍ଦ୍ଧାରଣ କରିବା ସମୟର ଦାବି।

## 'ଲୁହ ଓ କୋହ'କବିତା ସଙ୍କଳନ ଲୋକାର୍ପିତ

**ନୂଆପଡା(ଅମୃତ ମିଡିଆ):** ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଐତିହାସିକ ରାମଗଡ ମାଟି ଗଣ୍ଡାବାହାଲି ଗ୍ରାମର ଯୁବକବି ଡିସମ୍ବର ମେହେରଙ୍କ ପ୍ରଥମ କବିତା ସଂକଳନ'ଲୁହ ଓ କୋହ' ଗଙ୍ଗାଧର ସାରସ୍ୱତ ସମିତି ସିନାପାଲି ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଗଙ୍ଗାଧର ମେହେର ଜୟନ୍ତୀ ସଭାରେ ଲୋକାର୍ପିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ, ମୁଖ୍ୟ ବକ୍ତା ପଦ୍ମଶ୍ରୀ ମହେନ୍ଦ୍ର କୁମାର ମିଶ୍ର ,ସଭା ମୁଖ୍ୟ ବୈଶମ୍ପାୟନ ମେହେର ତଥା ଗଙ୍ଗାଧର ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର ଉପସ୍ଥିତ ରହିଥିଲେ ବେଳେ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମକୁ ବରିଷ୍ଠ ସାହିତ୍ୟିକ ଲଳିତ କୁମାର ସୁନାରୀ ପରିଚାଳନା କରିଥିଲେ। ଏହି କବିତା ସଂକଳନରେ ଅନେକ ହୃଦୟସ୍ପର୍ଶୀ କବିତା ରହିଥିବା ସହ ଅନେକ କବିତା ସମାଜ ଉପରେ ଆଧାରିତ ଅଟେ ଯାହା ପଢିଲେ ପାଠକ ଆଖିରୁ ନିଶ୍ଚୟ ଲୁହ ଝରିପଡିବ ଏବଂ ଶିକ୍ଷଣୀୟ ତଥ୍ୟ ମିଳିବ । ସାହିତ୍ୟ ପିପାସୁ ଓ ପାଠକ ମହଲରୁ ଅନେକ ଶୁଭେଚ୍ଛା ବାର୍ତ୍ତା ଆସୁଥିବା ସହ ଏହି ପୁସ୍ତକ ଅଧିକ ଲୋକପ୍ରିୟ ହେଇପାରିବ ବୋଲି ସାହିତ୍ୟପ୍ରେମୀଙ୍କ ମୁଖରେ ଚର୍ଚ୍ଚା ହେଉଛି ।



## ଗଙ୍ଗାଧରୀୟ ଚେତନାରେ ଉଦ୍‌ବୁଦ୍ଧ ଏବେ ବି କବି ବଞ୍ଚିଛନ୍ତି

### ଓଡିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ସାରସ୍ୱତ ସମିତିର ରାଜ୍ୟସ୍ତରୀୟ ସ୍ୱଭାବକବି ଜୟନ୍ତୀ




**ସିନାପାଲି(ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲା ସିନାପାଲି ଠାରେ ଓଡିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ସାରସ୍ୱତ ସମିତିର ମିଳିତ ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭବ୍ୟ ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବରେ ଜିଲ୍ଲାପାଳ ତଥା ପ୍ରଥିତଯଶା କବି ମଧୁସୂଦନ ଦାଶ, ମୁଖ୍ୟବକ୍ତା ବିଶିଷ୍ଟ ଗବେଷକ ପଦ୍ମଶ୍ରୀ ଡ଼ଃ ମହେନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିବା ବେଳେ ସମିତିର ସଭାପତି ଯୁବ ସ୍ତମ୍ଭକାର ବୈଷ୍ଣବ ମେହେର ଓ ସଂପାଦକ ତରୁଣ କୁମାର ମେହେର ମଂଚାସିନ ଥିଲେ। ଏ ଅବସରରେ ନିଜ ସୃଷ୍ଟିର ଅନୁରୂପ ଜୀବନ ବଞ୍ଚୁଥିବା କବି ଗଙ୍ଗାଧର ସଂପ୍ରତି ସମାଜ ପାଇଁ ଆଲୋକବର୍ତ୍ତିକା ହୋଇଥିବା ବେଳେ ସିନାପାଲିର ସାଧାରଣ ଲୋକେ ଗଙ୍ଗାଧରୀୟ ଚେତନାରେ ଉଦବୁଦ୍ଧ ହେବା କବିଙ୍କୁ ଏଠାରେ ଜୀବନ୍ତ କରିଛି ବୋଲି ମଞ୍ଚାସୀନ ବକ୍ତାଗଣ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଶିବପ୍ରସାଦ ମେହେର ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ। ଏହା ପରେ କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଚୂଡ଼ାମଣି ମେହେରଙ୍କ ନିର୍ଦ୍ଦେଶନାରେ କବିଙ୍କ ରଚିତ ଗୀତକୁ ସିନାପାଲି ପିଏମଶ୍ରୀ ହାଇସ୍କୁଲ ଛାତ୍ରୀମାନେ ସଙ୍ଗୀତରେ ପରିବେଷଣ କରିଥିଲେ। ସମିତିର ସଭାପତି ବୈଷ୍ଣବ ମେହେରଙ୍କ ବାର୍ଷିକ ବିବରଣୀ ପଠନ ପରେ ଅତିଥିମାନେ ମୁଖପତ୍ର 'ଅମଡଗଙ୍ଗା' ଓ ଇ-ପତ୍ରିକା 'ସ୍ୱର୍ଣ୍ଣୋଦୟ'କୁ ଉନ୍ମୋଚନ କରିଥିଲେ। ଏଥିସହ ସଞ୍ଜିବନୀସୁଧା ରଥଙ୍କ 'ମାନସିକ ଯୁଦ୍ଧ', ଭଗତରାମ ଶବରଙ୍କ 'ରହସ୍ୟଭରା ଜନ୍ମବୃତାନ୍ତ', ଡିସମ୍ବର ମେହେରଙ୍କ 'ଲୁହ ଓ କୋହ' ପୁସ୍ତକକୁ ଲୋକାର୍ପଣ କରାଯାଇଥିଲା । ଏହାକୁ ଲଳିତ କୁମାର ସୁନାରୀ ପରିଚାଳନା କରିଥିଲେ । ଏହି ଅବସରରେ ପଦ୍ମଶ୍ରୀ ମହେନ୍ଦ୍ର କୁମାର ମିଶ୍ର, ପ୍ରଥିତଯଶା କବି ମଧୁସୂଦନ ଦାଶ, ସାହିତ୍ୟିକ ସତ୍ୟ ପଟ୍ଟନାୟକ ଓ ପ୍ରାବନ୍ଧିକ ଲୋହିତାକ୍ଷ ଯୋଷୀଙ୍କୁ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ରୁପେଶ ଚନ୍ଦ୍ର ମେହେର ପରିଚାଳନା କରିଥିବା ବେଳେ ଗୌତମ ମେହେର, ରଶ୍ମିରଂଜନ ସା, ପ୍ରେମାନନ୍ଦ ମେହେର, ନୀଳାଞ୍ଚଳ ମେହେର ମାନପତ୍ର ପାଠ କରିଥିଲେ । ପୂର୍ବରୁ ଅନୁଷ୍ଠିତ ଗୀତ ଓ ବକୃତା ପ୍ରତିଯୋଗିତାର ବିଜେତାଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିବା ବେଳେ ଏହାକୁ ବେଣୁଧର ମେହେର ପରିଚାଳନା କରିଥିଲେ। ସଭା ଆରମ୍ଭ ପୂର୍ବରୁ ସ୍ଥାନୀୟ ନେହେରୁ ସ୍ମୃତିମଣ୍ଡପ ଠାରୁ ଅତିଥିମାନଙ୍କୁ ଏକ ଭବ୍ୟ ଶୋଭାଯାତ୍ରା ମାଧ୍ୟମରେ ସଭାମଞ୍ଚକୁ ପାଛୋଟି ଅଣାଯାଇଥିଲା । ଜୟନ୍ତୀ ମଞ୍ଚକୁ ସୁନ୍ଦର କାରୁକାର୍ଯ୍ୟରେ ମଞ୍ଚଶିଳ୍ପୀ ବେଣୁଧର ଓ ନିତିଶ ସଜାଇଥିଲେ । ଶେଷରେ ସଂପାଦକ ତରୁଣ କୁମାର ମେହେର ଧନ୍ୟବାଦ ଦେଇଥିଲେ । ଏହା ପୂର୍ବରୁ ସକାଳେ ଗଙ୍ଗାଧର ମାର୍ଗ ସ୍ଥିତ କବିଙ୍କ ପ୍ରତିମୂର୍ତ୍ତିରେ ସମିତି ତରଫରୁ ମାଲ୍ୟାର୍ପଣ ସହ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସତ୍ୟବ୍ରତ ଗହୀର, ତ୍ରିନାଥ ମେହେର, ଗୌରାଙ୍ଗ କୁମାର ସାହୁ, ପରେଶନାଥ ପାଣିଗ୍ରାହୀ, ରବିନ୍ଦ୍ରନାଥ ଯୋଷୀ, ମନୋରଞ୍ଜନ ମେହେର, ହାତୁରାମ ମେହେର, ଲୋଚନ ମେହେର, ବଂଶୀଧର ଜଗତ, ମୋହନ ଦାଶ, ଭୀଷ୍ମରାଜ ମେହେର, ଦୀପକ ସା, ପ୍ରଦ୍ୟୁମ୍ନ ଚିନ୍ଦା, ନିକୁଞ୍ଜ ସା, ଆଲୋକ ମେହେର, ପ୍ରଭାତ କୁମାର ମେହେର, ନିତିଶ ମେହେର, ହରେକୃଷ୍ଣ ମେହେର, ଜିତେନ ମେହେର, ହେମନ୍ତ, ଯତୀନ୍ଦ୍ର, ମୁନେଶ, ଦର୍ଶନ, ସୋହନ, ଶିବା, ସୁନୀଲ, ହେମସାଗର, ହିତେଶ ପ୍ରମୁଖ ସହଯୋଗ କରିଥିଲେ।

## ଖେଳପଡ଼ିଆ ଉନ୍ନତିକରଣ ନାଁରେ କୋଟି କୋଟି ଟଙ୍କା ହରିଲୁଟ୍ !

### ଦୁର୍ନୀତିର ବାସ୍ନା ଅଭିଯୋଗ



**କଳାହାଣ୍ଡି(ଅମୃତ ମିଡିଆ-ପ୍ୟାରିଲାଲ ଦୁର୍ଗା):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଖୁଣ୍ଟିଆ ପଞ୍ଚାୟତର ଶ୍ରୀରାମପୁର ଗ୍ରାମରୁ ଏକ ସାଙ୍ଘାତିକ ଦୁର୍ନୀତିର ଚିତ୍ର ସାମ୍ନାକୁ ଆସିଛି। ଗ୍ରାମୀଣ ଗରିବ ଶ୍ରମିକଙ୍କୁ ରୋଜଗାର ଦେବା ଏବଂ ଗ୍ରାମାଞ୍ଚଳର କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ପାଣି ଭଳି ବୋହାଇ ଦେଉଥିବା ବେଳେ, ତୃଣମୂଳ ସ୍ତରରେ ଏହାର ବ୍ୟାପକ ଅପବ୍ୟବହାର ଓ ହରିଲୁଟ୍ ଚାଲିଥିବା ଅଭିଯୋଗ ହୋଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ଶ୍ରୀରାମପୁର ଗ୍ରାମର 'ବୋଲେନଭଟା' ଖେଳପଡ଼ିଆର ଉନ୍ନତିକରଣ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କାର ମହା ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମରେ ମାର୍ଜିତ ହୋଇଥିବା ସରକାରୀ ସୂଚନା ଫଳକ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୪-୨୫ ରେ ଏହି ପଡ଼ିଆର ସାମଗ୍ରିକ ବିକାଶ ପାଇଁ ସମୁଦାୟ ୪,୮୭,୯୮ ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପର କାର୍ଯ୍ୟ କୋଡ୍ ସଂଖ୍ୟା ହେଉଛି ୨୪୧୦୦୧୧୦୧୧/ଏଭି /୧୦୫୭୫୮୮୫୦ ଖୁଣ୍ଟିଆ ଗ୍ରାମ ପଞ୍ଚାୟତକୁ ଏହି କାର୍ଯ୍ୟର ସମ୍ପୂର୍ଣ୍ଣ ନିର୍ବାହୀ ସଂସ୍ଥା ଭାବେ ଦାୟିତ୍ୱ ଦିଆଯାଇଛି । ସୂଚନା ଫଳକ ଅନୁଯାୟୀ ସରକାରୀ ନିୟମ ଅନୁସାରେ ଦୈନିକ ମଜୁରୀ ୨୭୩ ଟଙ୍କା ହିସାବରେ ଶ୍ରମିକ ନିୟୋଜିତ ହେବା ସହ ବ୍ୟାପକ ସାମଗ୍ରୀ କିଣାବିକା ହେବାର ତଥ୍ୟ ଉଲ୍ଲେଖ ରହିଛି। ମାତ୍ର ଏହି ସମସ୍ତ ତଥ୍ୟ କେବଳ ସରକାରୀ ଫାଇଲ୍ ଏବଂ ବୋର୍ଡ ଭିତରେ ହିଁ ସୀମିତ ରହିଯାଇଥିବା ଅଭିଯୋଗ ହେଉଛି। ସରକାରୀ ରେକର୍ଡ ଓ ସୂଚନା ଫଳକ ଯେଉଁ ଚିତ୍ର ଦେଖାଉଛି, ବାସ୍ତବ କ୍ଷେତ୍ରରେ ସ୍ଥିତି ତାର ସମ୍ପୂର୍ଣ ଓଲଟା। ସୂଚନା ଫଳକ ନିକଟରେ ଥିବା ବାସ୍ତବ ପଡ଼ିଆକୁ ଦେଖିଲେ କେହି ବି ସହଜରେ କହିଦେବ ଯେ ଏଠାରେ ଗୋଟିଏ ଟଙ୍କାର ବି କାମ ହୋଇନାହିଁ । ସମ୍ପୂର୍ଣ୍ଣ ପଡ଼ିଆଟି ଅନାବନା ଘାସ ଏବଂ ବଣୁଆ ଗଛଲତାରେ ଭର୍ତ୍ତି ହୋଇ ଏକ ପରିତ୍ୟକ୍ତ ଗୋଚର ଜମି ଭଳି ପଡ଼ି ରହିଛି । ପଡ଼ିଆକୁ ସମତୁଳ କରିବା, ମାଟି ପକାଇବା କିମ୍ବା ଖେଳକୁଦ ଉପଯୋଗୀ କରିବା ପାଇଁ ସାମାନ୍ୟତମ ପ୍ରୟାସ ମଧ୍ୟ କରାଯାଇ ନାହିଁ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ପ୍ରକଳ୍ପ ନାଁରେ ଆସିଥିବା ସରକାରୀ ଅର୍ଥକୁ କାର୍ଯ୍ୟକାରୀ କରାଯାଉ ନାହିଁ, ବରଂ ଜାଲିଆତି କରାଯାଇ ସମସ୍ତ ଅର୍ଥ ଆତ୍ମସାତ କରାଯାଇଛି। ଅଭିଯୋଗ ମୁତାବକ, ଏହି ମହା ଦୁର୍ନୀତି ପଛରେ ସ୍ଥାନୀୟ ପଞ୍ଚାୟତର କିଛି ଜନପ୍ରତିନିଧି , କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଏବଂ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ ଏକ ମଧୁଚନ୍ଦ୍ରିକା ରହିଛି । ଅନେକ ସମୟରେ ମନରେଗା ଯୋଜନାରେ ପ୍ରକୃତ ଗରିବ ଶ୍ରମିକଙ୍କୁ କାମ ନଦେଇ ଜେସିବି ମେସିନ ସାହାଯ୍ୟରେ ରାତିଅଧିଆ କାମ କରି କିମ୍ବା ନକଲି ମାଷ୍ଟର ରୋଲ୍ ପ୍ରସ୍ତୁତ କରି ଟଙ୍କା ଉଠାଇ ନିଆଯାଉଥିବା ନଜିର ରହିଛି। ଶ୍ରୀରାମପୁର ଗ୍ରାମର କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଥିବା ଆଶଙ୍କା କରାଯାଉଛି,- ଯେଉଁଥିପାଇଁ କାମ ନକରି ସାଢ଼େ ୪ ଲକ୍ଷରୁ ଅଧିକ ଟଙ୍କା ହଡ଼ପ ହୋଇସାରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଯୁବପିଢ଼ିଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ଦେଖାଦେଇଛି । ଖେଳପଡ଼ିଆ ଅଭାବରୁ ଅଞ୍ଚଳର କ୍ରୀଡ଼ା ପ୍ରତିଭାମାନେ ଆଗକୁ ବଢ଼ିପାରୁ ନଥିବା ବେଳେ, ପ୍ରକଳ୍ପ ନାଁରେ ଏଭଳି ଅର୍ଥ ହରିଲୁଟ୍‌କୁ କଦାପି ବରଦାସ୍ତ କରାଯାଇପାରିବ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ସେମାନେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରିବା ସହ ଏହି ସମ୍ପୂର୍ଣ୍ଣ ମାମଲାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବୀ କରିଛନ୍ତି। ଅନ୍ୟଅଟେ ସରପଞ୍ଚଙ୍କ ପ୍ରତିନିଧି ୩ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ବାକି ଟଙ୍କା ଗଛିତ ରହିଛି-ବର୍ଷା ଶେଷ ହେଲେ କରାଯିବ ବୋଲି ପ୍ରକାଶ କରିଛନ୍ତି ।

ସମ୍ପାଦକୀୟ...

# ଜଳ ମରଣ

ଜଳକୁ ଜୀବନର ଆଧାର କୁହାଯାଏ। ସେଥିପାଇଁ ତ ଜଳ ହିଁ ଜୀବନ। ସମାଜ ଗଠନରେ ଜଳର ଆବଶ୍ୟକତା କ'ଣ ? ଏଭଳି ପ୍ରଶ୍ନ ହିଁ ଅତି ମୂର୍ଖାମି। କାରଣ ଜଳ ବିନା ଜୀବନ ନାହିଁ। ଯଦି ଜୀବନ ନାହିଁ , ତେବେ ସମାଜ ବି ନାହିଁ । ଯଦି ସମାଜ ନାହିଁ,ତେବେ କିଛି ବିନାହିଁ। କାରଣ ସମାଜ ବିନା କିଛି ବି କଳ୍ପନା କରାଯାଇନପାରେ। ଆଜି ନେପାଳରେ ଯେଉଁଭଳି ଭାବେ ପ୍ରଳୟ ଆସିଛି, ତାହା ପଛରେ କେବଳ ଜଳର ତ୍ରୁଟି ରହିଛି। ଜଳ କେବେ ମନୁଷ୍ୟକୃତ ନୁହେଁ, ଜଳ ତ ପ୍ରାକୃତିକ ଏବଂ ପ୍ରକୃତିର କୋପରୁ ବର୍ତ୍ତିବା କେବେ ବି ସମ୍ଭବ ନୁହେଁ। ଯିଏ ବି ଯେବେ ବି ବର୍ତ୍ତିଗଲା, ତାହା ଏକ ବିଶେଷ ଘଟଣା ବୋଲି କୁହାଯାଇପାରେ ..ଏକ ସଂଯୋଗ ବୋଲି କୁହାଯାଇପାରେ। ଶେଷରେ ପ୍ରଭୁଙ୍କ ଇଚ୍ଛା ବୋଲି କୁହାଯାଇପାରେ। ଏବେ ନେପାଳ-ତିବତ୍ ସୀମାରେ ଯେଉଁଭଳି ଭାବେ ଜଳ ପ୍ରଳୟ ହୋଇଗଲା ଏବଂ ଯେଉଁଥିରେ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଗଲାଣି ବୋଲି ଯାହା ନେପାଳୀ ମିଡ଼ିଆ ରିପୋର୍ଟ କହୁଛି.. ତାହା ଏକଦମ୍ ଭୁଲ୍ ହୋଇନପାରେ, ହେଲେ ମିଡ଼ିଆ ରିପୋର୍ଟ ଯେ ପୂରା ସତ ସେ କଥା ବି କୁହାଯାଇନପାରେ। ଯଦି ସାଧାରଣ ମନୋବିଜ୍ଞାନ ସତହୁଏ, ତେବେ ନେପାଳର ସେହି ବନ୍ୟାରେ ଅତି କମ୍‌ରେ ପାଞ୍ଚଶହ ଲୋକଙ୍କ ପ୍ରାଣହାନି ହୋଇଥିବ କିନ୍ତୁ ଅତି ବେଶିରେ କେତେ ତାହା କିଏ କହିବ ? ଆନୁମାନିକ ହୋଇପାରେ ହଜାରେ କିମ୍ବା ତା'ଠାରୁ ଅଧିକ , ଯାହାର ବାସ୍ତବତା ନେଇ ବିଚାର କରାଯାଇପାରେ। ଏଭଳି ସ୍ଥିତିରେ ଜଳ ହିଁ ଜୀବନ ନୁହେଁ ବରଂ ଜଳ ହିଁ ମରଣ ବୋଲି କୁହାଯାଇପାରେ। ତେବେ ନେପାଳରେ ଆସିଥିବା ଭୟଙ୍କର ଜଳ ପ୍ରଳୟରେ ଦେଶର ଇତିହାସର ସବୁଠାରୁ ଭୟଙ୍କର କ୍ଷତି ବି ହୋଇଗଲାଣି ଯାହାର ଆକଳନ କରିବା ଅତୀବ କଷ୍ଟସାଧ୍ୟ। ଏ ଆଇ ଯୁଗରେ .. ଡିଜିଟାଲ୍ ଯୁଗରେ ..ତା'ର ଆକଳନ ବି କରାଯାଇପାରେ। କ୍ଷୟକ୍ଷତିର ରିପୋର୍ଟ ବି ପ୍ରସ୍ତୁତ କରାଯାଇପାରେ ଏବଂ ଶତ ପ୍ରତିଶତ ନ ହେଲେ ବି ପ୍ରାୟ ନବେ ପ୍ରତିଶତ ଭରଣା କରାଯାଇପାରେ। ଏବେ ନେପାଳର ଭୟଙ୍କର ବନ୍ୟା ବିଭୀଷିକାରେ ସାରା ବିଶ୍ୱ ସ୍ତବ୍ଧ। ସାରା ବିଶ୍ୱରୁ ଏବେ ସହାୟତାର ହାତ ଧୀରେ ଧୀରେ ପ୍ରସାରିତ ହେବାକୁ ବସିଲାଣି। ଆମେରିକା ଏବେ ନେପାଳ ପାଇଁ ପ୍ରାୟ ପାଞ୍ଚଲକ୍ଷ ଡଲାରର ସହାୟତା ରାଶି ଘୋଷଣା କରିଛି। ଭାରତ ବି ସେ ଦିଗରେ ନିଜର ସହାୟତାର ହାତ ବଢ଼ାଇବାରେ କେବେ ବି ହେଳା କରିନି। ବିଶ୍ୱରେ ସହାୟତା ମାମଲାରେ ଭାରତ ବହୁ ଆଗରେ ଯାହା ଭାରତର ଧର୍ମ ନିରପେକ୍ଷତାର ପରିଚୟ। ହେଲେ ସରକାରୀ ରିପୋର୍ଟ ଅନୁସାରେ ନେପାଳରେ ଏବେସୁଦ୍ଧା ପାଞ୍ଚଶହରୁ ଯେଉଁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଗଲାଣି ତାହା କି ଫେରିବ ? ତାହା ବର୍ତ୍ତମାନ ସମୟର ସବୁଠାରୁ ବଡ଼ ପ୍ରଶ୍ନବାଚୀ। ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି କେତେକଙ୍କ ମତରେ ନେପାଳରେ ଭୟଙ୍କର ବନ୍ୟା ବିଭୀଷିକା ହେଉଛି କୃତ୍ରିମ ଏବଂ ତାହା ହେଉଛି ଚାଇନା କୃତ। ଚାଇନା ନେପାଳ ସୀମାରେ ନଦୀରେ ଯେଉଁ ଡ୍ୟାମ ନିର୍ମାଣ କରିଛି , ଯାହା ମାଧ୍ୟମରେ ଚାଇନା ସମୟ ସମୟରେ ନେପାଳ ପାଇଁ ସମସ୍ୟା ସୃଷ୍ଟି କରିବ। ଉପର ମୁଣ୍ଡରେ ରହିଛି ଚାଇନା ଏବଂ ତଳମୁଣ୍ଡରେ ନେପାଳ। ସେଣୁ ଚାଇନା ତା'ର ସୁବିଧା ଅସୁବିଧା ଅନୁଯାୟୀ ସେହି ଡ୍ୟାମ୍ ଜଳର ପରିଚଳାନା କରିବ। ଯାହା ଚାଇନା ପାଇଁ ହୁଏତ ସୁପରିଚାଳନା ହୋଇପାରେ ହେଲେ ନେପାଳ ପାଇଁ କିନ୍ତୁ କୁପରିଚାଳନା ହେବ। ନେପାଳ ପାଇଁ କିନ୍ତୁ ବିପଦ ଡାକିଆଣିବ । ଦୁର୍ଯୋଗକୁ ହିମାଳୟରୁ ଗ୍ଲେସିଅର ଖସି ନଦୀଜଳର ଗତିପଥ ଅବରୋଧ କରିବା ଏବଂ ପରେ ଚାଇନାର ନଦୀବନ୍ଧ ଭାଙ୍ଗିବା ଯାହା ନେପାଳ ପାଇଁ କାଳ ସାଜିଲା। ଚଳିତ ବର୍ଷ ଏହି ବନ୍ୟା ବିଭୀଷିକାରେ ନେପାଳର ପ୍ରାୟ ଏକାଧିକ ଅଞ୍ଚଳ ନଷ୍ଟ ବିନଷ୍ଟ ହୋଇଯାଇଛି। ଯାହା ନେପାଳ ପାଇଁ ନିଶ୍ଚିତରୂପେ ଏକ ଅପୂରଣୀୟ କ୍ଷତି ହୋଇପାରେ। ଯାହାର ଭରଣା ପାଇଁ ସମୟ ଲାଗିପାରେ। ତେବେ ଚିନ୍ତାର ବିଷୟ ହେଉଛି ଭାରୀ ବର୍ଷା ପରେ ବି ଚାଇନାର ଉପର ମୁଣ୍ଡରେ ଅଯଥା ଏବଂ ଅନାବଶ୍ୟକ ଡ୍ୟାମ୍ ନିର୍ମାଣ ଯାହା କି ନେପାଳ ବନ୍ୟା ପାଇଁ ଏକ ପ୍ରମୁଖ କାରଣ ହୋଇପାରେ। ଏବେ ଚାଇନା ତା'ର ଡ୍ୟାମ୍ ନିର୍ମାଣ ନୀତିରେ ପରିବର୍ତ୍ତନ ଆଣିବା ଜରୁରୀ ନଚେତ ନେପାଳର ଦୁଃସ୍ଥିତି ପାଇଁ ଦାୟୀ ଚାଇନାର ବିଚାର ଆଗାମୀ ସମୟରେ ବିଚାର ହେବ ଜାତିସଙ୍ଘରେ ।

# ଜୀବନ, ମୃତ୍ୟୁ ଓ ମାନବତା



**· ବିଷ୍ଣୁ ପ୍ରସାଦ ଦାସ**

ଜଣେ ବରିଷ୍ଠ ନାଗରୀକ ଭାବେ ମୁଁ ଯେତେବେଳେ ଜୀବନ ଏବଂ ମୃତ୍ୟୁ ବିଷୟରେ ଚିନ୍ତା କରେ ମନରେ ଅନେକ ଅସମାହିତ ପ୍ରଶ୍ନ ଜାଗି ଉଠେ। ମୁଁ ନିଜକୁ ପଚାରେ...ମୁଁ କାହିଁକି ଜନ୍ମ ନେଲି ? ଜୀବନର ପ୍ରକୃତ ଅର୍ଥ କ'ଣ? ଆମେ କେଉଁଠାରୁ ଆସିଛୁ ଏବଂ ମୃତ୍ୟୁ ପରେ କେଉଁଠାକୁ ଯିବୁ? ଜୀବନ ଏତେ ସଂକ୍ଷିପ୍ତ ଏବଂ ଅନିଶ୍ଚିତ ହୋଇଥିବା ସତ୍ତ୍ୱେ ମଣିଷ କାହିଁକି ଏତେ ଅହଂକାରୀ, ଲୋଭୀ, ଈର୍ଷା ପରାୟଣ ତଥା ସ୍ୱାର୍ଥପର ହୋଇଯାଏ ?

ହୁଏତ ଏହି ପ୍ରଶ୍ନ ଗୁଡ଼ିକର ସରଳ ଉତ୍ତର ନଥାଇ ପାରେ । କିନ୍ତୁ ଦୈନନ୍ଦିନ ଜୀବନର ସଂଘର୍ଷ ଓ ଅନୁଭବ ମଧ୍ୟରେ ଏଗୁଡ଼ିକ ବାରମ୍ବାର ଆମ ମନରେ ପ୍ରଶ୍ନବାଚୀ ହୋଇ ଉଠେ । ମାନବ ଜୀବନ କ୍ଷଣସ୍ଥାୟୀ ଏକଥା ସମସ୍ତେ ଭଲ ଭାବେ ଜାଣନ୍ତି । ଆମେ ଖାଲି ହାତରେ ଆସୁ ଏବଂ ଖାଲି ହାତରେ ଏହି ସଂସାରରୁ ବିଦାୟ ନେଉ। ତଥାପି ଜନ୍ମ ଏବଂ ମୃତ୍ୟୁ ମଧ୍ୟର ଏହି ସ୍ୱଳ୍ପ ଯାତ୍ରାରେ ଆମେ ଜୀବନର ଅଧିକାଂଶ ସମୟ ଧନ, ସମ୍ପତ୍ତି, ଶକ୍ତି ଏବଂ ସାମାଜିକ ପ୍ରତିଷ୍ଠା ସଂଗ୍ରହ କରିବାରେ ବିତାଇ ଦେଉଛୁ ।

ଆମେ ଆବଶ୍ୟକତା ଠାରୁ ବଡ଼ ବଡ଼ ଘର ନିର୍ମାଣ କରୁ, ସମ୍ପତ୍ତି ଅର୍ଜନ କରୁ, ଟଙ୍କା ସଞ୍ଚୟ କରୁ...ସତେ ଯେପରି ଆମେ ଚିରଦିନ ବଞ୍ଚି ରହିବୁ । ଆମେ ପରସ୍ପର ସହ ପ୍ରତିଯୋଗିତା କରୁ ଏବଂ ବେଳେ ବେଳେ ଭୌତିକ ସଫଳତା ପାଇଁ ସମ୍ପର୍କ, ଶାନ୍ତି / ଆନନ୍ଦକୁ ମଧ୍ୟ ବଳିଦାନ ଦେଇ ଥାଉ । ଏହି ମାରାତ୍ମକ ଦୌଡ଼ରେ ଆମେ ପ୍ରାୟତଃ ଗୋଟିଏ ମୌଳିକ ସତ୍ୟକୁ ଭୁଲି ଯାଉ, ତାହା ହେଲା....ଏହି ପୃଥିବୀରେ କିଛି ମଧ୍ୟ ଚିରକାଳ ପାଇଁ ଆମର ନୁହେଁ ।

ଦିନେ ଆମେ ଯାହା ସଂଗ୍ରହ କରିଛୁ, ସବୁକିଛି ପଛରେ ଛାଡ଼ି ଯିବାକୁ ପଡ଼ିବ । ଆମେ ଯେଉଁ ଘର ତିଆରି କରିଛୁ, ତାହା ଅନ୍ୟ କାହାର ହେବ । ଆମେ ଯେଉଁ ଟଙ୍କା ସଞ୍ଚୟ କରିଛୁ, ତାହା ଅନ୍ୟ କେହି ଖର୍ଚ୍ଚ କରିବେ । ଆମେ ଗର୍ବର ସହ ଯେଉଁ ପଦବୀରେ ଅଛୁ, ଦିନେ ଅନ୍ୟ ଜଣେ ସେହି ସ୍ଥାନ ଅଧିକାର କରିବେ । ଏପରିକି ଆମର ନାମ ମଧ୍ୟ ଲୋକଙ୍କ ସ୍ମୃତିରୁ ଧୀରେ ଧୀରେ ଲିଭି ଯାଇ ପାରେ।

ତେବେ ଆମର ଜୀବନ ଯାତ୍ରା ଶେଷ ହେବା ପରେ ପ୍ରକୃତରେ ଆମେ କ'ଣ ନେଇଯିବୁ ? ହୁଏତ ଆମେ ବାଣ୍ଟି ଦେଇଥିବା ପ୍ରେମ, ଦେଖାଇ ଥିବା ଦୟା, କରିଥିବା ସାହାଯ୍ୟ ଏବଂ ଅନ୍ୟମାନଙ୍କ ହୃଦୟରେ ଛାଡ଼ିଯାଇଥିବା ସୁନ୍ଦର ସ୍ମୃତି ବ୍ୟତୀତ ଆଉ କିଛି ନୁହେଁ । ଜୀବନର ପ୍ରକୃତ ଅର୍ଥ, ଆମେ ଅନ୍ୟମାନଙ୍କୁ କେତେ ଭଲପାଇବା ଦେଇ ପାରିଲୁ ? ସଠିକ୍ ସମୟରେ କୁହା ଯାଇ ଥିବା ସ୍ନେହଭରା ଶବ୍ଦ ଦୁଃଖରେ ଭାଙ୍ଗି ପଡ଼ିଥିବା ମଣିଷକୁ ଆଶା ଦେଇ ପାରେ । କରୁଣାର ଛୋଟ କାର୍ଯ୍ୟ ମଧ୍ୟ କାହାର ହୃଦୟରେ ସାରା ଜୀବନ ପାଇଁ ଅମର ହୋଇ ରହି ପାରେ ।

ମୃତ୍ୟୁ ହେଉଛି ଏକମାତ୍ର ନିଶ୍ଚିତ ସତ୍ୟ, ଯାହା ସମସ୍ତ ସଜୀବଙ୍କୁ ସମୟ ଚକ୍ରରେ କରାୟତ କରିନିଏ । ଧନ, ଶକ୍ତି, ଶିକ୍ଷା, ଧର୍ମ କିମ୍ବା ସାମାଜିକ ସ୍ଥିତି ନିର୍ବିଶେଷରେ ସମସ୍ତଙ୍କୁ ଶେଷରେ ସମାନ ଗନ୍ତବ୍ୟ ସ୍ଥଳର ସମ୍ମୁଖୀନ ହେବାକୁ ପଡ଼ିବ। ମୃତ୍ୟୁ ଆମକୁ ମନେ ପକାଇ ଦିଏ...ଆମର ସମୟ ସୀମିତ ଏବଂ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଅମୂଲ୍ୟ । ଆମେ କେତେ ଦିନ ବଞ୍ଚିବୁ ? ତାହା ଆମେ ସ୍ଥିର କରି ପାରିବୁ ନାହିଁ; କିନ୍ତୁ କିପରି ବଞ୍ଚିବୁ, ତାହା ନିଶ୍ଚିତ ଭାବେ ଆମେ ସ୍ଥିର କରି ପାରିବୁ । ଆମେ ନିଷ୍ଠୁରତା ବଦଳରେ... ଦୟା, ଅହଂକାର ବଦଳରେ... ନମ୍ରତା, ଘୃଣା ବଦଳରେ... କ୍ଷମା ଏବଂ ସ୍ୱାର୍ଥ ବଦଳରେ... ପ୍ରେମର ପଥ ବାଛି ପାରିବା ।

ତେଣୁ ପ୍ରକୃତ ପ୍ରଶ୍ନ ଏହା ନୁହେଁ ଯେ,..."ମୁଁ ଜୀବନରେ କେତେ ପାଇଲି ?" ପ୍ରକୃତ ପ୍ରଶ୍ନ ହେଉଛି..."ମୁଁ କେତେ ଦେଲି ?" ଆମେ କେତେ ସମ୍ପତ୍ତି ସଂଗ୍ରହ କରିଥିଲୁ, ତାହା ମୁଖ୍ୟ ବିଷୟ ନୁହେଁ; ବରଂ ଆମେ କେତେ ଜଣଙ୍କ ହୃଦୟକୁ ସ୍ନେହରେ ଛୁଇଁ ପାରିଥିଲୁ ? ତାହା ଆମ ଜୀବନ ଯାତ୍ରାରେ ଏକ ମୂଲ୍ୟବାନ ଅଧ୍ୟାୟ ହୋଇ ରହିବ । ଆମେ ସମାଜରେ କେତେ ପ୍ରସିଦ୍ଧ ହେଲୁ, ତାହା ବଡ଼ କଥା ନୁହେଁ; ବରଂ ଆମର ଉପସ୍ଥିତି/କାର୍ଯ୍ୟକଳାପ ଅନ୍ୟ କାହାର ଜୀବନକୁ କେତେ ସୁମାର୍ଗରେ ଯିବାକୁ ପ୍ରେରଣା ଯୋଗାଇଛି ବା ସମାଜର କେତେ ସୁଧାର ଆଣି ପାରିଛି ତା' ଦେଖିବା କଥା । ସେହି ପ୍ରଶ୍ନର ଉତ୍ତର ହିଁ ଆମ ଜୀବନର ପ୍ରକୃତ ମୂଲ୍ୟ ନିର୍ଣ୍ଣୟ କରିବାକୁ ସକ୍ଷମ ହେବ । ଗୋଟିଏ ଦିନ ଆମର ଏହି ଯାତ୍ରା ଶେଷ ହେବ। ଆମର ଶରୀର ପ୍ରକୃତିର କୋଳକୁ ଫେରିଯିବ, ଆତ୍ମା ପରମାତ୍ମାରେ ବିଲୀନ ହୋଇଯିବ । ସମୟର ଗତିରେ ସେତେବେଳେ ମଧ୍ୟ ଆମ ବିନା ଏହି ଜୀବଜଗତ ନିଜ ପଥରେ ଆଗେଇ ଚାଲିଥିବ। କିନ୍ତୁ ଯଦି ଆମେ ପ୍ରେମ, କରୁଣା, ସଚ୍ଚୋଟତା ଏବଂ ମାନବିକତା ସହିତ ଜୀବନ ନିର୍ବାହ କରିଥାଉ, ତେବେ ମୃତ୍ୟୁ ପରେ ମଧ୍ୟ ଆମ ସୁକର୍ମର ପ୍ରଭାବ ଅନ୍ୟମାନଙ୍କ ଜୀବନରେ ବଞ୍ଚି ରହି ପାରେ । ହୁଏତ ଏହା ହିଁ ଜୀବନର ପ୍ରକୃତ ଅର୍ଥ ବୋଲି ଭାବି ନେବାକୁ ପଡ଼ିବ । ଜଣେ ସୁନାଗରିକ ନିଜ ଜୀବନର କର୍ମମୟ ସମୟ ଗୁଡ଼ିକ ମଧ୍ୟରେ ଏହି ପୃଥିବୀରେ ବଞ୍ଚିବା ସହିତ ଗଭୀର ଭାବରେ ନିଜକୁ ତଥା ଅନ୍ୟ ମାନଙ୍କୁ ଭଲ ପାଇବା, ଅସହାୟଙ୍କୁ ସାହାଯ୍ୟ କରିବା ଏବଂ ମାନବିକତାର ଭାବ ହୃଦୟରେ ରଖିବା ଅପରିହାର୍ଯ୍ୟ । ଜୀବନର ସାର୍ଥକତା ଦୀର୍ଘ ଜୀବନରେ ନୁହେଁ; ବରଂ କେତେ ଅର୍ଥପୂର୍ଣ୍ଣ ଭାବେ ବଞ୍ଚି ପାରିଲେ ସେଥିରେ ନିହିତ ରହିଛି । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ' କାବ୍ୟର ଅମର ପଙ୍କ୍ତି ଏହି ଚିରନ୍ତନ ସତ୍ୟକୁ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରକାଶ କରେ... "କେହି ରହିନାହିଁ, ରହିବେ ନାହିଁଟି ଏ ଭବ ରଙ୍ଗ ଭୂମି ତଳେ, ସର୍ବେ ନିଜେ ନିଜ ଅଭିନୟ ସାରି ବାହୁଡ଼ିବେ କାଳ ବେଳେ।" ଜୀବନ ଏକ ଅସ୍ଥାୟୀ ମଞ୍ଚ, ଆମେ ସମସ୍ତେ ଏହାର ଅଭିନେତା । ଦିନେ ନା ଦିନେ ପ୍ରତ୍ୟେକଙ୍କୁ ନିଜର ଅଭିନୟ ଶେଷ କରି ଫେରିଯିବାକୁ ପଡ଼ିବ । ତେଣୁ ଯେତେଦିନ ଏହି ମଞ୍ଚରେ ରହିଛୁ, ସେତେଦିନ ଅହଂକାର ନୁହେଁ...ମାନବିକତାକୁ, ଘୃଣା ନୁହେଁ...ପ୍ରେମକୁ ଏବଂ ସ୍ୱାର୍ଥକୁ ନୁହେଁ...ସେବାକୁ ଆମ ଜୀବନର ମୂଳମନ୍ତ୍ର କରିବା ହିଁ ଶ୍ରେୟସ୍କର ।

ଜୟ ଜଗନ୍ନାଥ ।

**ସ୍ନେହ କୁଟୀର**
**ଝାଞ୍ଜିରୀ ମଙ୍ଗଳା**
**କଟକ – ୭୫୩୦୦୯**
**ମୋ: ୯୯୩୭୧୭୪୦୯୭**

# ନେପାଳରେ ମହାପ୍ରଳୟ:-- କାରଣ ପ୍ରଭାବ ଓ ନିରାକରଣ



**ଉମାଶଙ୍କର ପ୍ରସାଦ**

ହିମାଳୟର କୋଳରେ ଅବସ୍ଥିତ ପ୍ରାକୃତିକ ସୌନ୍ଦର୍ଯ୍ୟର ଆଧାର ନେପାଳ ଆଜି ପ୍ରାକୃତିକ ବିପର୍ଯ୍ୟୟର ଏକ ସଂବେଦନଶୀଳ କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି। ପ୍ରତ୍ୟେକ ବର୍ଷ ଭୂମିକମ୍ପ, ଭୂସ୍ଖଳନ, ବନ୍ୟା ଏବଂ ହଠାତ୍ ଆସୁଥିବା ବାଘ ବନ୍ୟା (Flash Floods) ନେପାଳରେ ବ୍ୟାପକ ଧନଜୀବନ ହାନି ଘଟାଉଛି। ଏହିସବୁ ବିପର୍ଯ୍ୟୟର ସମ୍ମିଳିତ ରୂପ ଏକ ମହାପ୍ରଳୟ ସଦୃଶ ସ୍ଥିତି ସୃଷ୍ଟି କରୁଛି। ନେପାଳର ଭୌଗୋଳିକ ଅବସ୍ଥିତି ଏବଂ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ ଏହି ମହାପ୍ରଳୟର ମୁଖ୍ୟ ଆଧାର ଭାବେ ଉଭା ହୋଇଛି। ମହାପ୍ରଳୟର ମୁଖ୍ୟ କାରଣକୁ ଯଦି ବିଚାରକୁ ନିଆଯାଏ ତେବେ ନେପାଳରେ ଘଟୁଥିବା ପ୍ରଳୟଙ୍କରୀ ବିପର୍ଯ୍ୟୟ ଗୁଡ଼ିକ ପଛରେ ଅନେକ ପ୍ରାକୃତିକ ଓ ମାନବକୃତ କାରଣ ରହିଛି। ଯାହା ହେଲା ଭୌଗୋଳିକ ଓ ଟେକ୍ଟୋନିକ୍ ବନାବଟ (ଭୂମିକମ୍ପ):- ନେପାଳ ଇଣ୍ଡିଆନ୍ ଟେକ୍ଟୋନିକ୍ ପ୍ଲେଟ୍ ଏବଂ ୟୁରେସିଆନ୍ ଟେକ୍ଟୋନିକ୍ ପ୍ଲେଟର ମିଳନ ସ୍ଥଳରେ ଅବସ୍ଥିତ। ଇଣ୍ଡିଆନ୍ ପ୍ଲେଟ୍ ପ୍ରତିବର୍ଷ ଉତ୍ତର ଦିଗକୁ ଖସୁଥିବାରୁ ଏହି ଅଞ୍ଚଳରେ ବ୍ୟାପକ ଚାପ ସୃଷ୍ଟି ହୋଇଥାଏ। ଏହି ଭୂତଳ ଚାପ ଯୋଗୁଁ ନେପାଳରେ ନିୟମିତ ବ୍ୟବଧାନରେ ପ୍ରଚଣ୍ଡ ଭୂମିକମ୍ପ ଅନୁଭୂତ ହୁଏ। ୨୦୧୫ ମସିହାରେ ଆସିଥିବା ୭.୮ ତୀବ୍ରତାର ବିନାଶକାରୀ ଭୂମିକମ୍ପ ଏହାର ଏକ ଜ୍ୱଳନ୍ତ ଉଦାହରଣ।

ଜଳବାୟୁ ପରିବର୍ତ୍ତନ ଓ ଅସାମାନ୍ୟ ବର୍ଷା:--

ବିଶ୍ୱ ତାପାୟନ (Global Warming) ଯୋଗୁଁ ହିମାଳୟ ଅଞ୍ଚଳରେ ପାଣିପାଗର ଦ୍ରୁତ ପରିବର୍ତ୍ତନ ଘଟୁଛି। ମୌସୁମୀ ବାୟୁ ଅସମୟରେ ଓ ଅତ୍ୟଧିକ ପରିମାଣରେ ବର୍ଷା କରାଉଛି। କମ୍ ସମୟ ମଧ୍ୟରେ ଅତ୍ୟଧିକ ମେଘଫୁଟା ବର୍ଷା (Cloudburst) ଯୋଗୁଁ ନଦୀଗୁଡ଼ିକର ଜଳସ୍ତର ହଠାତ୍ ବୃଦ୍ଧି ପାଇ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି କରୁଛି। ଗ୍ଲେସିୟର୍ର ଦ୍ରୁତ ତରଳିବା (GLOF)ତାପମାତ୍ରା ବୃଦ୍ଧି ଯୋଗୁଁ ହିମାଳୟର ବରଫ ପାହାଡ଼ ଗୁଡ଼ିକ ଦ୍ରୁତ ଗତିରେ ତରଳିବାରେ ଲାଗିଛନ୍ତି। ଏହାଦ୍ୱାରା ଅସ୍ଥାୟୀ ଗ୍ଲେସିଆଲ୍ ହ୍ରଦ (Glacial Lakes) ସୃଷ୍ଟି ହେଉଛି। ଯେତେବେଳେ ଏହି ହ୍ରଦଗୁଡ଼ିକର କୂଳ ଭାଙ୍ଗିଯାଏ, ସେତେବେଳେ ଗ୍ଲେସିଆଲ୍ ଲେକ୍ ଆଉଟବର୍ଷ୍ଟ ଫ୍ଲଡ୍ (GLOF) ଘଟି ତଳିଆ ଅଞ୍ଚଳକୁ ସମ୍ପୂର୍ଣ୍ଣ ଧୋଇ ନେଇଥାଏ। ଭୂସ୍ଖଳନ (Landslides):-- ନେପାଳର ପାହାଡ଼ିଆ ମୃତ୍ତିକା ଅତ୍ୟନ୍ତ କୋମଳ। ବର୍ଷା ଜଳ ମୃତ୍ତିକା ମଧ୍ୟରେ ପ୍ରବେଶ କରିବା ଫଳରେ ଏବଂ ଭୂମିକମ୍ପ ଯୋଗୁଁ ପାହାଡ଼ଗୁଡ଼ିକର କମ୍ପନ ହେତୁ ବ୍ୟାପକ ଭୂସ୍ଖଳନ ଘଟେ। ଏହା ଗ୍ରାମଗୁଡ଼ିକୁ ପୋତି ପକାଏ ଏବଂ ନଦୀର ଗତିପଥ ଅବରୋଧ କରି କୃତ୍ରିମ ହ୍ରଦ ସୃଷ୍ଟି କରେ, ଯାହା ପରେ ଭାଙ୍ଗି ବଡ଼ ବନ୍ୟା ଆଣିଥାଏ। ଅନିୟନ୍ତ୍ରିତ ସହରୀକରଣ ଓ ଅବିଚାରିତ ନିର୍ମାଣ:--ପାହାଡ଼ିଆ ଅଞ୍ଚଳରେ ବିନା କୌଣସି ପରିଯୋଜନାରେ ରାସ୍ତା, ଭିତ୍ତିଭୂମି ଓ ବହୁତଳ ପ୍ରାସାଦ ନିର୍ମାଣ କରାଯାଉଛି। ଜଙ୍ଗଲ କଟାଯିବା ଫଳରେ ମାଟିର ଧାରଣ କ୍ଷମତା ହ୍ରାସ ପାଉଛି। ନଦୀ ଅବବାହିକାରେ ବେଆଇନ ନିର୍ମାଣ ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ବନ୍ୟାର ସ୍ଥିତି ଗମ୍ଭୀର ହେଉଛି। ଏହି ମହାପ୍ରଳୟର ପ୍ରଭାବ ରେ ଜନଜୀବନ ଓ ଆର୍ଥିକ ହାନି ହେବା ସହ ହଜାର ହଜାର ଲୋକଙ୍କର ମୃତ୍ୟୁ ଘଟୁଥିବା ବେଳେ ଲକ୍ଷ ଲକ୍ଷ ଲୋକ ଗୃହହୀନ ହେଉଛନ୍ତି। କୃଷି ଓ ଭିତ୍ତିଭୂମି ନଷ୍ଟହେଉଛି --ଚାଷଜମି ବାଲି ଓ ପାଣିରେ ବୁଡ଼ିଯିବା ସହ ପୋଲ, ରାସ୍ତାଘାଟ ଓ ଜଳବିଦ୍ୟୁତ୍ ପ୍ରକଳ୍ପ ଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗିଯାଉଛି, ଯାହା ନେପାଳର ଅର୍ଥନୀତିକୁ ବହୁ ବର୍ଷ ପଛକୁ ଠେଲି ଦେଉଛି। ଏହାର ନିରାକାରଣ ଓ ସୁରକ୍ଷା ଦିଗରେ ପଦକ୍ଷେପ ନେବାର ସମୟ। ନେପାଳରେ ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବା ସମ୍ଭବ ନୁହେଁ, ମାତ୍ର ସଠିକ୍ ଯୋଜନା ଓ ପରିଚାଳନା ଦ୍ୱାରା ଏହାର କ୍ଷତିକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଆଗୁଆ ସୂଚନା ପ୍ରଣାଳୀ (Early Warning Systems) କୁ ଆହୁରି ତୀବ୍ରତର କରି ନଦୀଗୁଡ଼ିକର ଜଳସ୍ତର ଏବଂ ଗ୍ଲେସିଆଲ୍ ହ୍ରଦଗୁଡ଼ିକର ସ୍ଥିତି ଉପରେ ନଜର ରଖିବା ପାଇଁ ଆଧୁନିକ ସେନ୍ସର ଓ ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯିବା ଉଚିତ୍। ବନ୍ୟା କିମ୍ବା ଭୂସ୍ଖଳନ ଆସିବାର ଆଗୁଆ ସୂଚନା ତଳିଆ ଅଞ୍ଚଳର ଲୋକଙ୍କ ନିକଟରେ ପହଞ୍ଚିଲେ ବହୁ ଜୀବନ ବଞ୍ଚାଯାଇପାରିବ। ଭୂମିକମ୍ପ ସହନଶୀଳ ନିର୍ମାଣ (Earthquake-Resistant Architecture):-- ନେପାଳରେ ଗୃହ ଓ ଭିତ୍ତିଭୂମି ନିର୍ମାଣ ସମୟରେ କଠୋର ବିଲ୍ଡିଂ କୋଡ୍ ପାଳନ କରାଯିବା ଆବଶ୍ୟକ। ଭୂମିକମ୍ପ ସହନଶୀଳ ନିର୍ମାଣ କୌଶଳ ବ୍ୟବହାର କରି ଘରଗୁଡ଼ିକୁ ସୁରକ୍ଷିତ କରାଯିବା ଦରକାର। ପରିବେଶ ଅନୁକୂଳ ବିକାଶ ଓ ବୃକ୍ଷରୋପଣ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖି ଏହି ପାହାଡ଼ିଆ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରାଯିବା ଉଚିତ୍। ଗଛର ଚେର ମାଟିକୁ ଜାବୁଡ଼ି ଧରି ରଖୁଥିବାରୁ ଏହା ଭୂସ୍ଖଳନ ହ୍ରାସ କରିବାରେ ସାହାଯ୍ୟ କରେ। ପାହାଡ଼ କାଟି ରାସ୍ତା ତିଆରି କରିବା ସମୟରେ ପରିବେଶୀୟ ସନ୍ତୁଳନ (EIA) ପ୍ରତି ଧ୍ୟାନ ଦେବା ଜରୁରୀ। ଗ୍ଲେସିଆଲ୍ ହ୍ରଦର ଜଳ ନିଷ୍କାସନ:-- ବିପଜ୍ଜନକ ସ୍ଥିତିରେ ଥିବା ଗ୍ଲେସିଆଲ୍ ହ୍ରଦ ଗୁଡ଼ିକରୁ କୃତ୍ରିମ ଭାବେ ନିୟମିତ ଜଳ ନିଷ୍କାସନ କରି ସେଗୁଡ଼ିକର ଜଳଚାପ କମ୍ କରାଯିବା ଆବଶ୍ୟକ, ଯାହା ଦ୍ୱାରା ହ୍ରଦ ଫାଟିବାର ବିପଦ ଏଡ଼ାଯାଇପାରିବ। ସମୁଦାୟ ଆଧାରିତ ବିପର୍ଯ୍ୟୟ ପରିଚାଳନା (CBDRM) ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହ ସ୍ଥାନୀୟ ଲୋକଙ୍କୁ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ତାଲିମ ଦିଆଯିବା ଉଚିତ୍। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ଥାନୀୟ ସମୁଦାୟ ହିଁ ପ୍ରଥମେ ସାହାଯ୍ୟର ହାତ ବଢ଼ାଇଥାନ୍ତି। ଆଞ୍ଚଳିକ ଓ ଆନ୍ତର୍ଜାତୀୟ ସହଯୋଗ:-- ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ ପରିଚାଳନା ପାଇଁ ନେପାଳକୁ ଭାରତ, ଚୀନ୍ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ସହ ମିଳିମିଶି କାର୍ଯ୍ୟ କରିବାକୁ ପଡ଼ିବ। ନଦୀ ଜଳ ନିୟନ୍ତ୍ରଣ ଓ ତଥ୍ୟ ଆଦାନପ୍ରଦାନ ପାଇଁ ସୀମାପାର ସହଯୋଗ ଅତ୍ୟନ୍ତ ଜରୁରୀ। ଶେଷରେ ଏତିକି କହିବି, ନେପାଳରେ ମହାପ୍ରଳୟ କେବଳ ଏକ ପ୍ରାକୃତିକ ଦୁର୍ବିପାକ ନୁହେଁ, ଏହା ମାନବଜାତି ପାଇଁ ଜଳବାୟୁ ପରିବର୍ତ୍ତନର ଏକ ଗମ୍ଭୀର ଚେତାବନୀ। ପ୍ରକୃତିର ନିୟମକୁ ଆଖିବୁଜି ସେହି ଅଞ୍ଚଳରେ ଅସନ୍ତୁଳିତ ବିକାଶ କଲେ ଏହାର ପରିଣାମ ମହାପ୍ରଳୟ ରୂପରେ ସାମ୍ନାକୁ ଆସିବ। ପ୍ରକୃତି ସହ ତାଳଦେଇ ସୁରକ୍ଷିତ ନୀତି ଆପଣାଇବା ଏବଂ ବିପର୍ଯ୍ୟୟ ସଜାଗତା ପ୍ରସ୍ତୁତ ରଖିବା ଦ୍ୱାରା ହିଁ ନେପାଳ ଆପଣାକୁ ଏହି ମହାପ୍ରଳୟର କବଳରୁ ରକ୍ଷା କରିପାରିବ ବୋଲି ଆଶା ଓ ବିଶ୍ୱାସ।

**ଖୋର୍ଦ୍ଧା**
**(୬୩୭୦୬୭୫୫୬୨)**

ଜ୍ଞାନାମୃତ

# ସଫଳ ଛାତ୍ର

ପ୍ରଶ୍ନଟା ବି ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ଶିକ୍ଷକ ମଧ୍ୟ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରୀ ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥାଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ପୂରାପୂରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୂରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜୀ ଜାନ୍ ଲଗାଇଦିଅନ୍ତି । କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେଯାବତ୍ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହାରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପନ୍ତରିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପନ୍ତରିଆ କାମକୁ ପୂରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୂରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲା। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସଫଳତା ହାସଲ କଲେ।

# ବିତର୍କରେ ଜୀବନ ପ୍ରମାଣ



**ଯୁଧିଷ୍ଠିର ମହାରଣା**

ନିକଟକରେ ସଂସଦରେ ଜନ୍ମମୃତ୍ୟୁ ରେଜିଷ୍ଟ୍ରେସନ ସଂଶୋଧନ ବିଲ ୧୯୬୯ର ଆଇନର ବିଭିନ୍ନ ଭାଗରେ ପରିବର୍ତ୍ତନ ହୋଇଛି । ଏହି ନୂଆ ଆଇନର ବ୍ୟବସ୍ଥାରେ ଯାହା ଉଲ୍ଲେଖ ରହିଛି ଜନ୍ମ ମୃତ୍ୟୁର ବର୍ଷକ ପରେ ପଞ୍ଜୀକରଣ ପାଇଁ ଆବେଦନ କରାଗଲେ ଓ ତାହା ଦୁଇ ବର୍ଷ ଆଗରୁ ହୋଇଥିଲେ ଜିଲ୍ଲା ମାଜିଷ୍ଟ୍ରେଟ ବା ସବଡ଼ିଭିଜନ ମାଜିଷ୍ଟ୍ରେଟ କିମ୍ବା ଜଣେ ଏକ୍ୟୁଜିକେଟିଭ ମାଜିଷ୍ଟ୍ରେଟଙ୍କ ଆଦେଶ ଦରକାର ପଡ଼ିବ। ତେବେ ଯଦି ସମୟ ଦୁଇବର୍ଷ କଟିଗଲେ ଜନ୍ମକ ମୃତ୍ୟୁର ପଞ୍ଜୀକରଣ ପାଇଁ ଜଣେ ଫାଷ୍ଟକ୍ଲାସ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କା ଆଦେଶ ଲୋଡ଼ା ହେବ। ଯାହା ସେ ଜନ୍ମ ମୃତ୍ୟୁର ସ୍ୱଷ୍ଟିକତା ଉପରେ ଯାଞ୍ଚ କରି ନିଷ୍ପତ୍ତି ନେବେ।

ସରକାରୀ ତଥ୍ୟ ଅନୁସାରେ ଦେଶରେ ଏବେ ୯୯.୧ ପ୍ରତିଶତ ଜନ୍ମ ଓ ୯୯.୪ ପ୍ରତିଶତ ମୃତ୍ୟୁ ରେଜେଷ୍ଟ୍ରି ହୋଇଛି। ୨୦୦୦ ମସିହାରେ ଏହି ହାର ଯଥାକ୍ରମେ ୫୬ ପ୍ରତିଶତ ଓ ୪୮ ପ୍ରତିଶତ ଥିଲା। ଓଡ଼ିଶାରେ ୧୦୦ ପ୍ରତିଶତରୁ ମୃତ୍ୟୁହାର ରିପୋର୍ଟ କରାଯାଉଥିବେଳେ ଜନ୍ମ ରେଜେଷ୍ଟ୍ରି ୯୫ ପ୍ରତିଶତରୁ ୧୦୦ ପ୍ରତିଶତ ମଧ୍ୟରେ ରହିଛି। ଦେଶରେ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଶତ ପ୍ରତିଶତ ଜନ୍ମ ରେଜିଷ୍ଟ୍ରେସନ ହେଉଥିବାବେଳେ ୨୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଶତ ପ୍ରତିଶତ ମୃତ୍ୟୁ ରେଜିଷ୍ଟ୍ରେସନ ହେଉଛି। କିନ୍ତୁ ଦେଶର ଦୁଇ ବଡ଼ ରାଜ୍ୟ ଉତ୍ତରପ୍ରଦେଶ ଓ ବିହାରରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ୮୦ ଓ ୬୦ ପ୍ରତିଶତ ରହିଛି। ଅଥଚ ଦେଶରେ ଏକ ଚତୁର୍ଥାଂଶ ଲୋକ ଏହି ଦୁଇଟି ରାଜ୍ୟରେ ରହୁଛନ୍ତି। ୨୦୨୩ରେ ଜନ୍ମ ମୃତ୍ୟୁଆଇନରେ ଯେଉଁ ସଂଶୋଧନ କରାଯାଇଥିଲା ସେଥିରେ ଜନ୍ମ ସାର୍ଟିଫିକେଟକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ତାହା ସ୍କୁଲରେ ନାମଲେଖା ପାଇଁ ଜନ୍ମ ତାରିଖ ଓ ଜନ୍ମ ସ୍ଥାନର ପ୍ରମାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଲା। ଭୋଟର ତାଲିକା, ପାସପୋର୍ଟ ପାଇଁ ଆବେଦନ, ଆଧାରକାର୍ଡ଼, ଡ୍ରାଇଭିଂ ଲାଇସେନ୍ସ ଓ ସରକାରୀ ଚାକିରୀ ଲାଗି ଜନ୍ମ ସାର୍ଟିଫିକେଟ ଦରକାର ପଡ଼ିଲା। ଉକ୍ତ ଆଇନରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ଗୁଡ଼ିକୁ ଡିଜିଟାଲ ତଥ୍ୟ ଭିତ୍ତିକ ସୃଷ୍ଟି ଲାଗି ଅନୁମତି ଦିଆଗଲା।

ତଦନୁସାରେ ସେମାନେ ରେଜିଷ୍ଟ୍ରାର ଜେନେରାଲଙ୍କୁ ତଥ୍ୟ ଯୋଗାଇବା ଆବଶ୍ୟକ ହେଲା। ଯେହେତୁ ଏହି ସାର୍ଟିଫିକେଟର ଆବଶ୍ୟକତା ବଢ଼ିଲା ସେ କାରଣରୁ ଠକାମୀ ପଦ୍ଧତିରେ ଏହାର ହାସଲ ଉଦ୍ୟମ ହେଲା। ସେଥିପାଇଁ ଏବେକାର ସଂଶୋଧନ ବିଲ ଆସିଲ। କିନ୍ତୁ ବିଲର ଆଲୋଚନା ଠିକ ଭାବେ ହୋଇପାରିଲା ନାହିଁ। କାରଣ ବିରୋଧୀ ଦଳ ଜୁଲାଇ ୨୦ ତାରିଖରେ ନିଟ ପରୀକ୍ଷା ବିଭ୍ରାଟରେ ଦିଲ୍ଲୀରେ ଯୁବଛାତ୍ରଙ୍କ ବିକ୍ଷୋଭ ବେଳେ ପୋଲିସ କାର୍ଯ୍ୟାନୁଷ୍ଠଶନର ପ୍ରତିବାଦ କରି ହୋ-ହାଲ୍ଲା କରୁଥିଲେ। ସେ ଯାହା ହେଉ ପରିଚୟ ପ୍ରମାଣ ପାଇଁ ଉପରୋକ୍ତ ରେଜିଷ୍ଟ୍ରେସନ ସାର୍ଟିଫିକେଟର ଗୁରୁତ୍ୱ ବୃଦ୍ଧି ସହ ରାଜନୈତିକ ଦୃଷ୍ଟିରୁ ଏହା ଏକ ସମ୍ବେଦନଶୀଳ ବିଷୟ ହେଲାଣି। ଏଣୁ ଏ ସଂକ୍ରାନ୍ତୀୟ ଅନେକ କେସ କୋର୍ଟ କଚେରୀରେ ପହଞ୍ଚିଲାଣି। ସେଥିରେ ପ୍ରଶାସନ ମନଇଚ୍ଛା ଉକ୍ତ ସାର୍ଟିଫିକେଟ ଦେବାକୁ ମନା କରୁଥିବା ଅଭିଯୋଗ ହୋଇଛି।

ତେବେ ଏଠି ଅନେକ ପ୍ରଶ୍ନ ବି ଉଠୁଛି ସରକାର ସଂଶୋଧନ ପ୍ରସ୍ତାବରେ ଦୁଇବର୍ଷରୁ ବିଳମ୍ବ କେସରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅନୁମୋଦନ ଯୋଡ଼ିବାର ଉଦ୍ଦେଶ୍ୟ ଥାଇପାରେ ଯେ ଏକଜ୍ୟୁକେଟିଭ ମାଜିଷ୍ଟ୍ରେଟମାନେ ପ୍ରମାଣ ମାନ ଠିକ ନଥିବାରୁ ସନ୍ଦେହଯୁକ୍ତ ଦରଖାସ୍ତକୁ ବି ଅନୁମତି ଦେଇଥାଇ ପାରନ୍ତି। ତେବେ ଦେଶରେ ଭୋଟର ତାଲିକାରୁ ଅନେକ ଲୋକଙ୍କର ନାଁ କଟିଯିବାରୁ ଅନେକ ବାଦାନୁବାଦ ସୃଷ୍ଟି ହେଉଛି। ସେ ଦୃଷ୍ଟିକୁ ଦେଖିଲେ ଜନ୍ମମୃତ୍ୟୁ ରେଜିଷ୍ଟ୍ରେସନ ନୂଆ ବ୍ୟବସ୍ଥା ଅନେକ ବିତର୍କ ମଧ୍ୟ ସୃଷ୍ଟି କରିପାରେ।

**ଆଇନଜୀବୀ, ଓଡ଼ିଶା**
**ହାଇକୋର୍ଟ, କଟକ, ଦୂରଭାଷ :**
**୯୪୩୭୧୬୩୫୨୮**



# ଖାଦ୍ୟସୁରକ୍ଷା ବିଭାଗ ପକ୍ଷରୁ ନୀଳଗିରି ଓ ପୋଡ଼ାଶୁଳ ବଜାରରେ ଚଢାଉ

## ପୁଣି କେତେଦିନ ପରେ ହେବ ଯାଞ୍ଚ

**ନୀଳଗିରି (ଅମୃତ ମିଡିଆ) :** ବାଲେଶ୍ୱର ଜିଲ୍ଲା ଖାଦ୍ୟସୁରକ୍ଷା ବିଭାଗ(ଫୁଡ୍ ସେଫ୍ଟି)ପକ୍ଷରୁ ଆଜି ନୀଳଗିରି ଓ ପୋଡ଼ାଶୁଳ ବଜାରର ବିଭିନ୍ନ ହୋଟେଲ ଓ ମିଠାଦୋକାନ ଉପରେ ଅଚାନକ ଚଢ଼ାଉକରି ୬ହଜାର ଟଙ୍କା ଜୋରିମାନା ଆଦାୟ କରିଥିବା ଜଣାଯାଇଛି । ଏହି ଚଢାଉ ଦେଖି ଅନେକ ଦୋକାନୀ ଦୋକାନ ବନ୍ଦକରି ଦେଇଥିବା ଦେଖିବାକୁ ମିଳିଥିଲା। ଜିଲ୍ଲା ଫୁଡସେଫ୍ଟି ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଗଦାଧର ବେହେରା, ନିତ୍ୟାନନ୍ଦ ପତିଙ୍କୁ ନେଇ ଏକ ତିନିଜଣିଆ ଟିମ୍ ଏହି ଚଢ଼ାଉରେ ସାମିଲଥିଲେ। ତେବେ ଏହି ଚଢାଉକୁ କିଛିକାଂଶରେ ପସନ୍ଦ କରାଯାଇଥିବା ବେଳେ ଅଧିକାଂଶ ଲୋକ ଏହା ଲୋକଦେଖାଣିଆ ବୋଲି ଅଭିଯୋଗ କରିଛନ୍ତି। ବିଶେଷକରି ନୀଳଗିରି ଏକ ଆଦିବାସୀ ଅଧୁଷିତଅଞ୍ଚଳ ହୋଇଥିବାରୁ ଏହାର ଅଧିକାଂଶ ଲୋକ ଆଦିବାସୀ ଏବଂ ନିମ୍ନବର୍ଗର ହୋଇଥିବାରୁ ସେମାନେ ଏତେଟା ସଚେତନ ନୁହଁନ୍ତି। ଏହାର ସୁଯୋଗରେ ଅଞ୍ଚଳର ପ୍ରମୁଖସହର



ନୀଳଗିରି ହୋଇଥିବାରୁ ଏଠାରେ ହୋଟେଲ ଓ ମିଠା ବ୍ୟବସାୟ କରୁଥିବା ବ୍ୟବସାୟୀ ଲୋକଙ୍କୁ ଅତି ନିମ୍ନମାନର ଏବଂ ବାସିଖାଦ୍ୟ ଦେଇ ଲୁଟ କରିଚାଲୁଛନ୍ତି। ଫଳରେ ସାଧାରଣଲୋକ ବାସି ଓ ଅସ୍ୱାସ୍ଥ୍ୟକର ଖାଦ୍ୟଖାଇ ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏପରିକି ନୀଳଗିରି ବଜାରରେ ଗତ ରଥଯାତ୍ରା ସମୟରେ 'ନମସ୍ତେ ନୀଳଗିରି ' ନାମକ ଏକ ନାମୀ ହୋଟେଲରେ ବିଭାଗୀୟ ଚଢ଼ାଉରେ ବାସିଖାଦ୍ୟ ଧରାପଡ଼ି ଫାଇନ୍ ମଧ୍ୟ ଆଦାୟ କରାଯାଇଥିବା ଶୁଣିବାକୁ ମିଳିଥିଲା। ଆଜି ମଧ୍ୟ ଉକ୍ତ ହୋଟେଲ ସମେତ ଅନ୍ୟ ହୋଟେଲ ଓ ମିଠାଦୋକାନରେ ଚଢ଼ାଉ କରାଯାଇ ଫାଇନ ଆଦାୟ କରାଯାଇଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ ଗତ କିଛିଦିନ ତଳେ ନୀଳଗିରିର ବଡ଼ଖବରର ଯୁବସାମ୍ବାଦିକ ଶରତ କୁମାର ଜେନା ଉକ୍ତ ହୋଟେଲରେ ବାସିଖାଦ୍ୟ ଖାଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଖବର ପ୍ରସାରଣର ଚାରି ପାଞ୍ଚଦିନ ପରେ ଅର୍ଥାତ୍ ଅଗଷ୍ଟ ୨୯ତାରିଖରେ ବିଭାଗୀୟ ଚଢାଉ କରାଯାଇଛି। ତେବେ ପ୍ରଶ୍ନଉଠେ ଦୀର୍ଘଦିନ ଧରି ବିଭାଗପକ୍ଷରୁ ଚଢାଉ କରାନଯିବାର କାରଣ କ'ଣ ଥିଲା ? ଯାହା ଶୁଣିବାକୁ ମିଳେ ଅର୍ଥକାରବାର କରି ନାମକୁ ମାତ୍ର ଏହି ଚଢାଉ କରାଯାଇଛି। ତେବେ ବାରମ୍ବାର ଲୋକଙ୍କ ଦୁର୍ମୂଲ୍ୟ ଜୀବନ ସହିତ ଖେଳ ଖେଳୁଥିବା ହୋଟେଲ ମାଲିକ ଏବଂ ଫୁଡସେଫ୍ଟି ବିଭାଗ ପାଇଁ ଦିନେ ନୀଳଗିରି ଅଞ୍ଚଳରେ ଏକ ଭୟାନକ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ଆଲୋଚନା ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁ ଦିନ ଖାଦ୍ୟ ନିରାପତ୍ତା ବିଭାଗ ଚଢ଼ାଉ କରିବ ପୂର୍ବ ଦିନ ହୋଟେଲ ମାଲିକ ମାନେ ଚଢ଼ାଉ ହେବାର ଜାଣିଲେ କେମିତି ? ତେବେ ଏଥିରୁ ସ୍ପଷ୍ଟ ଅନୁମେୟ ହୋଟେଲ ମାଲିକଙ୍କ ଠାରୁ ବିଭାଗ ଅର୍ଥ କାରବାର କରି ଏପରି ଚଢ଼ାଉ କରୁଥିବାର ଅଭିଯୋଗ ଉଠିଛି। ବାଲେଶ୍ୱର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେଇ ବିଭାଗକୁ ଚଳଚଞ୍ଚଳ କରିବାକୁ ସାଧାରଣରେ ଦାବି ହୋଇଛି ।

# ଆଦର୍ଶ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକ ନିକଟସ୍ଥ କଲରାବାଙ୍କ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ଶିକ୍ଷକ ଡଃ ଜାକିର ହୁସେନ ଇତି ମଧ୍ୟରେ ନିଜ ଶିକ୍ଷକତା ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଉକ୍ତ ବିଦ୍ୟାଳୟ ପରିସରରେ ଆଜି ସ୍କୁଲ ପକ୍ଷରୁ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଡଃ ହୁସେନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆଦର୍ଶ ଶିକ୍ଷକଙ୍କ ଭଲ ପାଇବାକୁ ପାଥେୟ କରି ଓଡ଼ିଶାର ବିଭିନ୍ନ ସ୍ଥାନରୁ ଅତିଥି ମାନେ ଆସି ଏହି ସଭାରେ ଯୋଗ ଦେବା ପୂର୍ବକ ହୁସେନ ସାରଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସାର୍ ଜଣେ ଅମାୟିକ, ସଂଜମଶୀଳ,ଦକ୍ଷ, କର୍ତ୍ତବ୍ୟନିଷ୍ଠ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି କହି ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ଏହି ସଭାରେ ସ୍କୁଲର ପ୍ରଧାନଶିକ୍ଷକ ସୁନାକର ଭୋଇ ପୌରୋହିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନିଶ୍ଚିତ କୋଇଲି ବ୍ଲକର ବିଇଓ ସଂଯୁକ୍ତା ମହାପାତ୍ର ଓ ମୁଖ୍ୟ ବକ୍ତା ଭାବେ ମାହାଙ୍ଗା ବିଇଓ ମୋନାଲିସା



ସରକାର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପୂର୍ବତନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ପୂର୍ବତନ ବିଆରସିସି ସଦାଶିବ ବିଶ୍ୱାଳ, ଆଗାମୀ ଓଡ଼ିଶାର ପ୍ରତିଷ୍ଠାତା ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ,ଆଲୁମିନି ପ୍ରେସିଡେଣ୍ଟ ଅଞ୍ଜନ କୁମାର ସାମନ୍ତ, ଅବସରପ୍ରାପ୍ତ ଏବିଇଓ ମେନକା ମହାପାତ୍ର,ସବିତା ଦାସ, ଗୋପବନ୍ଧୁ ନାୟକ, ରଘୁନାଥପୁର ଏବିଇଓ ଆଶୁତୋଷ ବାନାର୍ଜୀ, ବାଲିକୁଦା ବିଇଓ ବାଇଧର ତ୍ରିପାଠୀ, ଶିକ୍ଷକ ନେତା ବନମାଳୀ ମହାରଣା, ଯତିନ୍ଦ୍ରନାଥ ଆଚାର୍ଯ୍ୟ, ଜୟ ପ୍ରକାଶ ପଣ୍ଡା, ଦେବାଶିଷ ବେହେରା, ନିର୍ମଳେନ୍ଦୁ ସୋମ, ଯାଜ୍ଞବଳକ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲ ପକ୍ଷରୁ ସମସ୍ତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯିବା ସହ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ଏଥିରେ ଶିକ୍ଷକ ଶେଖ ଅକୁଲ ବୁର୍ହାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୈଳାସ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଦସ୍ୟ ସହଯୋଗ କରିଥିଲେ।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**କୁଜଙ୍ଗ (ଅମୃତ ମିଡିଆ) :** ଆଜି କୁଜଙ୍ଗ ବ୍ଲକ ର ହଂସୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାମପୁର ସଭାଗୃହ ରେ ରାଜ୍ୟର ପ୍ରମୁଖ ସାମାଜିକ ଏବଂ ଆଧ୍ୟାତ୍ମିକ ଅନୁଷ୍ଠାନ ଶକ୍ତି ଅରୁଣ ଟ୍ରଷ୍ଟ ଅଧ୍ୟକ୍ଷ ପଣ୍ଡିତ ଡ଼ ଅରୁଣ କୁମାର ପାଣି ଙ୍କ ତରଫରୁ ସମାଜସେବୀ ପ୍ରମୋଦ କୁମାର ସ୍ୱାଇଁ ଙ୍କ ସହଯୋଗ ରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଉଦଘାଟକ ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ଓଡିଶା ସାମ୍ବାଦିକ ସଙ୍ଘ ର ରାଜ୍ୟ ସମ୍ପାଦକ ଡ଼କ୍ଟର ସୁନାକର ବେହେରା, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବୟିତ୍ରୀ ଡ଼ ବସନ୍ତ ମଞ୍ଜରୀ ଦାସ , ବରଣ୍ୟ ଅତିଥି ଭାବେ ରଜନୀଦେବୀ ଜରାଶ୍ରମ ର ଅଧ୍ୟକ୍ଷା ଆଇନଜୀବି ମଞ୍ଜୁଲତା ରାଉତ , ମୁଖ୍ୟବକ୍ତା ଭାବେ ସ୍ମୃତି ର ଅଧ୍ୟକ୍ଷା କନକଲତା ସୁତାର, ପୂଜ୍ୟପୂଜା ସଂସଦ ର ସଭାପତି ଯଯାତି କେଶରୀ ପଟ୍ଟନାୟକ , ପ୍ରଦୋଷ୍ଣିନି ସୁତାର , ବିଶ୍ୱଜିତ ବେହେରା, ଅଂଶୁମାନ ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ



କରିଥିବା ବେଳେ। କଟକ ତାରିଣୀ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ତରଫରୁ ପରେଶ କୁମାର ମହାରଣା , ଆଶୁତୋଷ ପଣ୍ଡା , ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସାଧାରଣ ଲୋକ ମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପ୍ରାୟ ୧୫୦ ରୋଗୀ ଚକ୍ଷୁ ପରୀକ୍ଷା କରିଥିବା ବେଳେ, ୧୦ ଜଣ ରୋଗୀ ଙ୍କୁ କଟକ ନିଆଯାଇ ସଫଳ ଚକ୍ଷୁ ଅସ୍ତ୍ର ପ୍ରଚାର କରାଯାଇଥିଲା। ସଭାଗୃହ ସମ୍ମୁଖ ପଡିଆ ରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇ ପରିବେଶ ସୁରକ୍ଷା ସହିତଃ ବୃକ୍ଷ ହି ଜୀବନ ପ୍ରକୃତି କୁ ସୁରକ୍ଷା କରିଲେ ପ୍ରକୃତି ଆମକୁ ସୁରକ୍ଷା ପ୍ରଦାନ କରିପାରିବ । ସର୍ବଶ୍ରୀ ମକର ଦାସ, ଗୁର ସାମଲ ଏବଂ ସାମଲ ସାହିର ସମସ୍ତ ବ୍ୟକ୍ତି ମାନେ ସହଯୋଗ କରିଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ବନମାଳୀ ଦାଶଙ୍କ ୧୦୮ତମ ଜନ୍ମଜୟନ୍ତୀ

**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା ବନମାଳୀ ଦାସଙ୍କ ୧୦୮ତମ ଜନ୍ମଜୟନ୍ତୀ ନୀଳଗିରି ଏନଏସି କଲ୍ୟାଣମଣ୍ଡପ ପରିସର ରେ ପାଳିତ ହୋଇଯାଇଛି । ଉକ୍ତ ସଭାରେ ବନମାଳୀ ଦାଶ ସ୍ମୃତିକମିଟି ର ଅଧ୍ୟକ୍ଷ ତଥା ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ସଭାପତିତ୍ୱ କରିଥିଲେ । ସ୍ମୃତି କମିଟିର ଆବାହକ ବିଜୟ କୁମାର ପାତ୍ର ମଞ୍ଚଆହ୍ୱାନ କରିବା ସହିତ ବନମାଳୀ ଦାଶଙ୍କ ନୀଳଗିରି ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିବାସହିତ ବନମାଳୀ ଦାଶଙ୍କ ପାଇଁ ଆମ୍ଭେ ଗର୍ବିତବୋଲି ବକ୍ତବ୍ୟ ରଖିଥିଲେ। ଆସନ୍ତା ଜନ୍ମ ଜୟନ୍ତୀରେ ନୀଳଗିରି ରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବବୋଲି ଉକ୍ତ ସଭାମଞ୍ଚରେ ଘୋଷଣା କରାଯାଇଛି । ଭାରତର କମ୍ୟୁନିଷ୍ଟପାର୍ଟୀ ମାର୍କ୍ସବାଦୀର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ , ପ୍ରଜା ଆନ୍ଦୋଳନ ସହିତ ବର୍ତ୍ତମାନର ରାଜନୀତି ଉପରେ ଆଲୋଚନା କରିଥିଲେ । ବର୍ତ୍ତମାନ




କେନ୍ଦ୍ରର ବିଜେପି ସରକାର କୃଷକ, ଶ୍ରମିକ, ଯୁବକମାନଙ୍କ ଉପରେ ଆକ୍ରମଣ କରୁଛି। ଦରଦାମ୍ ଅହେତୁକ ଭାବେ ବୃଦ୍ଧିପାଇଛି । ରାଷ୍ଟ୍ରୀୟ ସମ୍ପତ୍ତି ଗୁଡିକ କର୍ପୋରେଟ ହାତକୁ ଟେକି ଦିଆଯାଇଅଛି । ଆଗାମୀ ଦିନରେ ଯଦି ଡବଲ ଇଞ୍ଜିନ ସରକାରକୁ ଗାଦିଚ୍ୟୁତ କରାନଗଲେ ଦେଶ ପରାଧୀନ ଆଡ଼କୁ ଯିବ ଏଥିରେ ସଂଦେହ ନାହିଁ। ଏହା ବିରୁଦ୍ଧରେ ଦୃଢ ପ୍ରତିବାଦ ହେବାର ଆବଶ୍ୟକତା ରହିଛି। ଉକ୍ତ ସଭା ରେ ଜିଲ୍ଲା କମିଟି ସମ୍ପାଦକ ଶିଶିର ହୁଇ,ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି,ନିର୍ମଳ ନାୟକ,ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ,ବରିଷ୍ଠ ନେତା ଯୋଗନନ୍ଦ ଦାସ ଡବଲ ଇଞ୍ଜିନି ସରକାର ବିରୁଦ୍ଧରେ ଆଲୋଚନା କରିଥିଲେ । ଶେଷରେ ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ବନମାଳୀ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀଳଗିରି ରକ୍ତ କେନ୍ଦ୍ରରେ ଉପଖଣ୍ଡ ରକ୍ତଦାତା ସଂଘ ନୀଳଗିରି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ଭାରତର କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସାଥୀ ସନ୍ତୋଷ ଦାସ ଉଦ୍‌ଘାଟନ କରିଥିଲେ । ଉକ୍ତ ଶିବିରରେ ବାର ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଥିବା ଜଣାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଭାଗବାନ ମହାନ୍ତି,ରବି ରାଉତ,ଅମରେନ୍ଦ୍ର ନାୟକ, ମନୋରଞ୍ଜନ ପତ୍ର, ଲକ୍ଷ୍ମୀଧର ସାହୁ, ହାଡ଼ିବନ୍ଧୁ ସିଂ, ମୃତ୍ୟୁଞ୍ଜୟ ନାୟକ, ହେମେନ୍ଦ୍ର ସେଠୀ, କାଳିଆ ପାତ୍ର, ପ୍ରଦୀପ ମିଶ୍ର,ଷ୍ଟାଲିନ୍ ମିଶ୍ର, ଉମାକାନ୍ତ ଷଡଙ୍ଗୀ, ଗଜେନ୍ଦ୍ର ସିଂ,ଙ୍କ ସମେତ ବହୁ ସାଥୀ ସହଯୋଗ କରିଥିଲେ।

# କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ତରଫରୁ ରକ୍ତଦାନ






**ବାଲିଅନ୍ତା (ଅମୃତ ମିଡିଆ) :** କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ତରଫରୁ ରକ୍ତଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି ।କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ର ଅଧ୍ୟକ୍ଷ ତଥା ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ପାକରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ରକ୍ତଦାନ ଉତ୍ସବରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ର ବିଧାୟକ ଡ. ଅରୁଣ କୁମାର ସାହୁ, ଭୁବନେଶ୍ୱର-ମଧ୍ୟମ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର-ଉତ୍ତର ବିଧାୟକ ଶ୍ରୀ ସୁଶାନ୍ତ ରାଉତ, ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର ଶ୍ରୀମତୀ ସୁଲୋଚନା ଦାସ, ରାଜ୍ୟସଭା ସଂସଦ ଶ୍ରୀମତୀ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଶ୍ରୀ ସମୀର ଦାଶ, ଯୁବନେତା କ୍ୟାପଟେନ ମନମଥ ରାଉତରାୟ, ପୂର୍ବତନ ସୂଚନା କମିଶନର ଶ୍ରୀ ଜଗଦାନନ୍ଦ, ସମାଜସେବୀ ଡ଼ ଭଗବାନ ପ୍ରକାଶ, ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, ଶ୍ରୀ ପ୍ରହ୍ଲାଦ ସିହ୍ନା, ଶ୍ରୀ ପ୍ରତାପ ଜେନା, ଶ୍ରୀମତୀ ରଶ୍ମି ମହାପାତ୍ର, ଶ୍ରୀମତୀ ସୁମିତ୍ରା ଜେନା, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ନିରୂପମା ସାହୁ, ପୂର୍ବତନ କର୍ପୋରେଟର ଶ୍ରୀ ରାଜେନ୍ଦ୍ର ସମର୍ଥା, କର୍ପୋରେଟର ଶ୍ରୀ ବରଞ୍ଚି ନାରାୟଣ ମହାସୁପକାର, ଶ୍ରୀ ମଳୟ ମହାପାତ୍ର, ଶ୍ରୀ ଅଜିତ ବେହେରା, ଶ୍ରୀ ସନ୍ତୋଷ ସିଂ, ଶ୍ରୀ ଚନ୍ଦ୍ର ଶେଖର ମଲ୍ଲିଆ, ଶ୍ରୀ ଶିବନାରାୟଣ ରାୟ, ଶ୍ରୀ ଶିବପ୍ରସାଦ ବେହେରା, ଶ୍ରୀ ରବିନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ସୁବାସ ସୁନ୍ଦରାୟ, ସମାଜସେବୀ ମଧୁସୁଦନ ଦାସ, ସରପଞ୍ଚ ଶିଶୁପାଳ ଶ୍ରୀ ରଶ୍ମି ରଂଜନ ଶ୍ରୀଚନ୍ଦନ, ସରପଞ୍ଚ ଲିଙ୍ଗିପୁର ଶ୍ରୀ କ୍ଷୀରୋଦ ପ୍ରଧାନ, ସମିତି ସଭ୍ୟ ଶ୍ରୀ ବିନୋଦ ରାଉତରାୟ, ଶ୍ରୀ ପ୍ରକାଶ ସାହୁ, ପୂର୍ବତନ ସରପଞ୍ଚ ଶ୍ରୀ ପ୍ରମୋଦ ସ୍ୱାଇଁ, ଶ୍ରୀ ସନ୍ତୋଷ ବେହେରା, ଶ୍ରୀ ହେମନ୍ତ ପ୍ରଧାନ, ସମାଜସେବୀ ଶ୍ରୀ ବିଜୟ ପ୍ରଧାନ, ଶ୍ରୀ ଦେବବ୍ରତ ନାୟକ, ଶ୍ରୀ ସମରେଶ ବେଉରା, ମୀରା ପରିଡା ପ୍ରମୁଖ ବହୁ ମାନ୍ୟଗଣ୍ୟ ଅତିଥି, ସମାଜ କର୍ମୀ, ରାଜନେତାମାନେ ଉପସ୍ଥିତ ଥିଲେ । ସମସ୍ତ ଅତିଥି ଓ ରକ୍ତଦାତା ମାନଙ୍କୁ ଖଦି ସୂତା ଅର୍ପଣ କରି ସ୍ୱାଗତ କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ ରକ୍ତଦାନ ଉତ୍ସବକୁ ଉଦଘାଟିତ କରିବା ସହିତ ରକ୍ତଦାତା ଓ ସମସ୍ତ ଯୁବପିଢି ମାନଙ୍କୁ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ ।କ୍ୟାପିଟାଲ ବ୍ଲଡ ବ୍ୟାଙ୍କ, ମ୍ୟୁନିସିପାଲିଟି ବ୍ଲଡ ବ୍ୟାଙ୍କ, ମିଶନ ରକ୍ତଦାନ, ସମର୍ପିତ ଓଡିଶା, ନିସ୍ୱାର୍ଥ ସେବା ଓ ଜାତୀୟ ଯୁବ ପ୍ରକଳ୍ପ (NYP)ର ସଦସ୍ୟମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ ଓ ଆନୁସଂଗିକ କାର୍ଯ୍ୟକୁ ସୁଚାରୁରୂପେ ତୁଲାଇଥିଲେ । ଏହି ରକ୍ତଦାନ ଉତ୍ସବରେ ମୋଟ ୨୮୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଉକ୍ତ ଉତ୍ସବରେ ଅନେକ ଥର ରକ୍ତଦାନ ଓ SDP ପ୍ରଦାନ କରିଥିବା ୧୭ଜଣ ରକ୍ତଦାତାଙ୍କୁ "ରକ୍ତଦୂତ" ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ରକ୍ତଦାତା ମାନଙ୍କୁ ସଂଗଠିତ କରି ଏକାଧିକ ରକ୍ତଦାନ ଶିବିର ଆୟୋଜନ କରୁଥିବା ୪୦ଜଣ ସ୍ଥାନୀୟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ "ରକ୍ତବନ୍ଧୁ" ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ଉକ୍ତ ଉତ୍ସବରେ ସହଯୋଗ କରିଥିବା ୩୭ଜଣ ବ୍ୟକ୍ତି ବିଶେଷଙ୍କୁ 'ରକ୍ତ ଯୋଦ୍ଧା' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାପୋକର ସଭ୍ୟ ଲଲାଟ କିଶୋର ସାହୁ, ମିଥୁନ ନାୟକ, ସାର୍ଥକ ପରିଡା, ହରପ୍ରସାଦ ମହାପାତ୍ର, ବିଭୂତି ସାହୁ, ମୀର ମହମଦ ଅଲ୍ଲି, ରତ୍ନାକର ମହାନ୍ତି, ଆଲୋକ ସାହୁ, ବିଭୁତି ପ୍ରଧାନ,ବାମଦେବ ଗଜେନ୍ଦ୍ର ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇପାରିଥିଲା ।

# ସ୍ନାୟୁଜନିତ ରୋଗରେ ପୀଡ଼ିତ ବିଦ୍ୟାଧର ମୁର୍ମୁଙ୍କୁ ଭେଟିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ

**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ବ୍ଲକ ଅନ୍ତର୍ଗତ ଜାମୁଡିହା ପଞ୍ଚାୟତ ଗୁଡ଼ିଶୁଳ ଗ୍ରାମର ଜଣେ ପୁରୁଣା ବିଜେପି କାର୍ଯ୍ୟକର୍ତ୍ତା ଶ୍ରୀ ବିଦ୍ୟାଧର ମୁର୍ମୁଙ୍କୁ ତାଙ୍କ ପରିବାର ବର୍ଗଙ୍କ ସହ ଶୁକ୍ରବାର ସନ୍ଧ୍ୟା ସମୟରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଘରେ ପହଞ୍ଚି ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି । ଶ୍ରୀ ମୁର୍ମୁ ଦୀର୍ଘ ବର୍ଷ ଧରି ସ୍ନାୟୁଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ପ୍ରାୟ ଦୁଇ-ତିନି ସପ୍ତାହ ପୂର୍ବେ ସାଂସଦଙ୍କୁ ସାକ୍ଷାତ କରିଥିବା ସମୟରେ ସେ ଶରୀର ରେ ବେଡ୍ ସୋର୍ ହେଉଥିବାରୁ ଏକ ଅଟୋମେଟେଡ୍ ଏୟାର୍ ବେଡ୍ ଆବଶ୍ୟକତା ବିଷୟରେ ଅନୁରୋଧ କରିଥିଲେ। ତାଙ୍କର ଆବଶ୍ୟକତା କୁ ଦୃଷ୍ଟିରେ ରଖି ତାଙ୍କୁ ଏକ ଅଟୋମେଟେଡ୍



ଏୟାର୍ ବେଡ୍ ପ୍ରଦାନ କରିବା ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସମ୍ପର୍କରେ ପରିବାରବର୍ଗ ଙ୍କ ସହ ଆଲୋଚନା କରିଥିଲେ। ସାଂସଦ କହିଥିଲେ ଆମର କାର୍ଯ୍ୟକର୍ତ୍ତା ମାନେ ହିଁ ଆମର ଶକ୍ତି। ସେମାନଙ୍କ ସୁଖ-ଦୁଃଖରେ ସାଥୀ ହୋଇ ଠିଆ ହେବା ଆମର ଦାୟିତ୍ୱ। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀ ବିଦ୍ୟାଧର ମୁର୍ମୁଙ୍କୁ ଶୀଘ୍ର ସୁସ୍ଥତା, ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପ୍ରଦାନ କରନ୍ତୁ ଏହା ମୋର ଆନ୍ତରିକ ପ୍ରାର୍ଥନା।

## ଡ୍ରିଙ୍କ ଆଣ୍ଡ ଡ୍ରାଇଭରେ ୮ ଗାଡି ଜବତ

**ବାଲିଅନ୍ତା (ଅମୃତ ମିଡିଆ) :** ନିଶାସେବନ କରି ମୋଟର ସାଇକଲ ଚଲାଇବା ବା ଡ୍ରଙ୍କ ଆଣ୍ଡ ଡ୍ରାଇଭ ଅଭିଯୋଗରେ ୮ ଟି ଗାଡିକୁ ଜବତ କରିଛି ଧଉଳି ଥାନା ପୁଲିସ । ଖବରନେବାରେ ଜଣାପଡିଛି ବିଭିନ୍ନ ସମୟରେ ନିଶାସେବନ କରି ମୋଟର ସାଇକଲ ଚଲାଇ ଦୁର୍ଘଟଣା ଶିକାର ହେବାରୁ ଅନେକ ମୃତାହତ ହେଉଥିବା ବେଳେ କିଛି ଲୋକ ସାରା ଜୀବନ ଦିବ୍ୟାଙ୍ଗ ହୋଇରହିଯାଏ । ଏହାକୁ ରୋକିବା ସହ ଚାଳକମାନଙ୍କୁ ସଚେତନ କରିବାପାଇଁ ଗତକାଲି ରାତିରେ ଧଉଳି, ଲିଙ୍ଗିପୁର ଏବଂ ନୂଆଗାଁ ଛକରେ ବ୍ଲକିଂ ଚାଲିଥିଲା । ଏହି ସମୟରେ କିଛି ମୋଟର ସାଇକଲ ଚାଳକ ନିଶାସେବନ କରି ଗାଡି ଚଲାଉଥିବା ଧରା ପଡ଼ିଥିବା ବେଳେ କିଛି ବିକଟାଳ ଶବ୍ଦ କରି ମୋଟର ସାଇକଲ ଚଲାଇଥିଲେ ।

## ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ରକ୍ତଦାନ

**ବାଲିଅନ୍ତା (ଅମୃତ ମିଡିଆ) :** ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଆଜି ଲିଙ୍ଗିପୁର ପଞ୍ଚାୟତ ନାଥପୁର ଗ୍ରାମ ରାଧାକାନ୍ତ ଯୁବ ପରିଷଦ ଗୃହରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ରକ୍ତକୁ ଓଡିଶା ବ୍ଲଡ଼ ବ୍ୟାଙ୍କ ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିକାଶ ପରିଷଦର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ଶିକ୍ଷାବିତ ଲକ୍ଷ୍ମୀଧର ପ୍ରଧାନ, ଅକ୍ଷୟ ସ୍ୱାଇଁ, ସୁମନ୍ତ ସୁବୁଦ୍ଧି ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିବା ବେଳେ ଅତିଥିଭାବେ ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ବିଜେଡି ନେତା ମନ୍ମଥ ରାଉତରାୟ, ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ ସରପଞ୍ଚ କ୍ଷୀରୋଦ ପ୍ରଧାନ, ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ, ବାବୁଲି ସମର୍ଥା ପ୍ରମୁଖ ଯୋଗଦେଇଥିଲେ ।

# ଲୋକ ଜନଶକ୍ତି ପାର୍ଟି ନୂତନ ରାଜ୍ୟ ସଭାପତି ଜିତେନ୍ଦ୍ର କୁମାର ଗୁପ୍ତା ନିଯୁକ୍ତ

**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶାରେ ଲୋକ ଜନଶକ୍ତି ପାର୍ଟିକୁ ମଜବୁତ କରିବାକୁ ପ୍ରୟାସଞ୍ଚଲୋକ ଜନଶକ୍ତି ପାର୍ଟିର ନୂତନ ରାଜ୍ୟ ସଭାପତି ଜିତେନ୍ଦ୍ର କୁମାର ଗୁପ୍ତାଙ୍କୁ ସମ୍ବର୍ଦ୍ଧନାଞ୍ଚତୃଣମୂଳ ସ୍ତରରେ ପହଞ୍ଚିବ ଲୋକ ଜନଶକ୍ତି ପାର୍ଟି (ରାମବିଳାସ)ଭୁବନେଶ୍ୱର : ଲୋକ ଜନଶକ୍ତି ପାର୍ଟି (ରାମବିଳାସ)ର ରାଜ୍ୟ ସଂଗଠନରେ ଏକ ବଡ଼ ଧରଣର ପରିବର୍ତ୍ତନକରାଯାଇଛି। ଦଳର ରାଷ୍ଟ୍ରୀୟ ସଭାପତି ତଥା ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଚିରାଗ ପାଶୱାନ, ଜିତେନ୍ଦ୍ର କୁମାର ଗୁପ୍ତାଙ୍କୁ ଓଡ଼ିଶା ପ୍ରଦେସ ର ନୂତନ ରାଜ୍ୟ ସଭାପତି ଭାବେ ନିଯୁକ୍ତ କରିଛନ୍ତି। ଏହି ନୂତନ ନିଯୁକ୍ତି ପରେ ଦଳୀୟକାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଏହି ଅବସର ରେ ଭୁବନେଶ୍ୱରସ୍ଥିତ ହୋଟେଲ କେଶରୀ (ମାଷ୍ଟର କ୍ୟାଣ୍ଟିନ୍ ଛକ) ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ବିଶେଷ ସାମ୍ବାଦିକ ସମ୍ମିଳନୀରେ ନବନିଯୁକ୍ତ ରାଜ୍ୟ ସଭାପତି




ଜିତେନ୍ଦ୍ର କୁମାର ଗୁପ୍ତାଙ୍କୁ ରାଜ୍ୟ କାର୍ଯ୍ୟାଳୟ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହାସହ ଆଗାମୀଦିନରେ ଓଡ଼ିଶାରେ ଲୋକ ଜନଶକ୍ତି ପାର୍ଟିର କାର୍ଯ୍ୟଧାରାକୁ ରାଜ୍ୟର ତୃଣମୂଳ ସ୍ତରରେ ଦଳର ସଂଗଠନକୁ ପହଞ୍ଚାଇବା ଏବଂ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବେବୋଲି ଶ୍ରୀ ଗୁପ୍ତା ସୂଚନା ଦେଇଥିଲେ । ଦଳର ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ସୂତାର କହିଥିଲେ ଦଳର ବାର୍ତ୍ତା ଓ ଆଦର୍ଶକୁ ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ରଣନୀତି ଆଗାମୀ ଦିନରେ ପ୍ରସ୍ତୁତ କରାଯିବ।

# ବଞ୍ଜାରୀ ଘାଟିରେ ପୁଣି ଓଲଟିଲା ଏଲ୍‌ପିଜି ଗ୍ୟାସ୍ ଟ୍ୟାଙ୍କର



**ଲାଞ୍ଜିଗଡ (ଅମୃତ ମିଡିଆ) :** କଳାହାଣ୍ଡି ଜିଲା ଭବାନୀପାଟଣାରୁ ରାୟଗଡାକୁ ସଂଯୋଗ କରୁଥିବା ନର୍ଲା ଥାନା ଅନ୍ତର୍ଗତ ୬ ନମ୍ବର ରାଜ୍ୟ ରାଜପଥର କିଡିଙ୍ଗ-ଛତିକୁଡ଼ା ରାସ୍ତାର ବଞ୍ଜାରୀ ଘାଟିରେ ଶୁକ୍ରବାର ପୁଣି ଏକ ଗ୍ୟାସ୍ ଟ୍ୟାଙ୍କର (ସିଜି୦୭ସିବି-୦୮୮୫) ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଦୁର୍ଘଟଣା ପରେ ଟ୍ୟାଙ୍କର ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଫେରାର ହୋଇଥିବା ଜଣାପଡ଼ିଛି। ସମ୍ଭାବ୍ୟ ଗ୍ୟାସ୍ ଲିକେଜ ଓ ଅଘଟଣକୁ ଦୃଷ୍ଟିରେ ରଖି ଛତିକୁଡ଼ା-କିଡିଙ୍ଗ ରାସ୍ତାକୁ ସାମୟିକ ଭାବେ ବନ୍ଦ କରାଯାଇଛି। ଫଳରେ ଭବାନୀପାଟଣା-ରାୟଗଡ଼ା ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହେବା ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଭାରିଯାନ ଅଟକି ରହିଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର, ନର୍ଲା ଥାନାଧିକାରୀ କୈବଲ୍ୟ ସେଠ ଓ ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀମୋହନ ପିଡ଼ିକା ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଛନ୍ତି। ଲାଞ୍ଜିଗଡ଼ ଦମକଳ ବାହିନୀ ପହଞ୍ଚି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। ଟ୍ୟାଙ୍କରକୁ ସୁରକ୍ଷିତ ଭାବେ ଉଦ୍ଧାର ପାଇଁ ପ୍ରୟାସ ଚାଲିଛି। ଉଲ୍ଲେଖଯୋଗ୍ୟ, ପ୍ରାୟ ବର୍ଷକ ପୂର୍ବରୁ ଏହି ସ୍ଥାନରେ ଏକ ଗ୍ୟାସ୍ ଟ୍ୟାଙ୍କର ଓଲଟି ପଡ଼ିଥିଲା। ସେତେବେଳେ ପୋଲିସ, ପ୍ରଶାସନ ଓ ଅଗ୍ନିଶମ ବାହିନୀ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଚଳାଇ ଦୀର୍ଘ ୧୮ ଘଣ୍ଟା ପରେ ଅଞ୍ଚଳବାସୀଙ୍କୁ ସମ୍ଭାବ୍ୟ ବିପଦରୁ ମୁକ୍ତ କରିଥିଲେ। ଏବେ ପୁଣି ସମାନ ଧରଣର ଘଟଣା ଘଟିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ସୁରକ୍ଷା ଦୃଷ୍ଟିରୁ ଭବାନୀପାଟଣା ପଟୁ ରାୟଗଡ଼ା କିମ୍ବା ଲାଞ୍ଜିଗଡ଼ ଯାଉଥିବା ଯାନବାହନକୁ କଦଳୀଘାଟି ଛକରୁ ବିକଳ୍ପ ରାସ୍ତା ଦେଇ ଯିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ରାୟଗଡ଼ା ଓ ଲାଞ୍ଜିଗଡ଼ ପଟୁ ଆସୁଥିବା ଯାନବାହନଗୁଡ଼ିକୁ ମଧ୍ୟ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ କୁହାଯାଇଛି। ଖବର ଲେଖାହେବାଓ ପର୍ଯ୍ୟନ୍ତ ଗ୍ୟାସ ଟ୍ୟାଙ୍କର ଉଦ୍ଧାର ହୋଇ ନ ଥିବା ବେଳେ ଯାତାୟାତ ବନ୍ଦ ରହିଛି।

# ଖାଲଖମାରେ ଭର୍ତ୍ତି ୧୪୩ ନମ୍ବର ଜାତୀୟ ରାଜପଥ



**କୁଆଁରମୁଣ୍ଡା (ଅମୃତ ମିଡିଆ) :** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଦାମଦାପଡ଼ା ନିକଟରୁ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଫାଟକ ପର୍ଯ୍ୟନ୍ତ ପ୍ରାୟ ୩ କିମିରୁ ଉଦ୍ଧରବ ୧୪୩ ନମ୍ବର ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ଏକାଧିକ ସ୍ଥାନ ଫାଟି ଏବେ ଗାତ ସୃଷ୍ଟି ହେଲାଣି। ଉକ୍ତ ଗାତଗୁଡ଼ିକର ଗଭୀରତା ଅଧିକ ହୋଇଥିବାରୁ ଭାରୀଯାନଗୁଡ଼ିକ ଯାତାୟାତ କରିବାରେ ଘୋର ସମସ୍ୟା ସୃଷ୍ଟି ହେଉଛି। ସାଧାରଣ ଗାଡ଼ି ଯାତାୟାତରେ ବହୁ ଅସୁବିଧା ପରିଲକ୍ଷିତ ହୋଇଛି। ଏପରିସ୍ଥଳେ ଜାତୀୟ ରାଜପଥ ପ୍ରାଧିକରଣ ସବୁ ଦେଖି କେବଳ ନୀରବଦ୍ରଷ୍ଟା ସାଜିଛି। ରାଜପଥର ଏପରି ଅବସ୍ଥାକୁ ବିରୋଧ କରି ଗତ ୩ ସପ୍ତାହ ପୂର୍ବେ ବୀରମିତ୍ରପୁର ବିଧାୟକଙ୍କ ପକ୍ଷରୁ ରାଜପଥ ଅବରୋଧ କରାଯାଇଥିଲା। ସ୍ଥାନୀୟ ଲୋକେ ମଧ ଏହି ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ କରିଥିଲେ। ହେଲେ କର୍ତ୍ତୃପକ୍ଷ ସେତେବେଳେ ସବୁ ଠିକ୍‌ଠାକ୍ କରିଦେବୁ ବୋଲି କେବଳ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ବୀରମିତ୍ରପୁର ପୌରପାଳିକା ଅଧକ୍ଷ ସନ୍ଦୀପ ମିଶ୍ର କୁହନ୍ତି ଯେ, ଗତ ଖରା ଦିନେ ଉକ୍ତ ରାଜପଥ ମରାମତି କରାଯିବା କଥା,ହେଲେ ତାହା ନ କରାଯିବାରୁ ରାଜପଥର ଏପରି ଅବସ୍ଥା ଦେଖାଦେଇଛି। ଏଥିପାଇଁ ରାଜପଥ ପ୍ରାଧିକରଣ ବିଭାଗର ଦୂରଦୃଷ୍ଟି ନ ଥିବା ନେଇ ପୌରପାଳିକା ଅଧକ୍ଷ ମିଶ୍ର ଅଭିଯୋଗ କରିବା ସହ କୁତ୍ରା – ସଲଙ୍ଗାବାହାଲ ରାସ୍ତାକୁ ପ୍ରଥମେ ମରାମତି କରାଯାଇ ସେ ରାସ୍ତାରେ ଭରିଯାନଗୁଡ଼ିକ ଯାତାୟାତ କଲେ ବୀରମିତ୍ରପୁର ରାସ୍ତା ଉପରେ ଏତେ ଲୋଡ୍ ପଡ଼ିବ ନାହିଁ ବୋଲି ମିଶ୍ର କହିଛନ୍ତି।

# ତୀରନ୍ଦାଜ୍ ପାୟଲ ନାଗ ପାଇବେ ଊଂଦେର୍ ସମ୍ମାନ

## ଲିଙ୍ଗରାଜଙ୍କୁ ଶିକ୍ଷା ସମ୍ମାନ ଓ ଗୋଲକ ବିହାରୀଙ୍କୁ ମରଣୋତ୍ତର କଳାସମ୍ମାନ



**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଭୁଷଲାଡ ଯୁବା ମଂଚ, ଆଗାମୀ ସେପଟ୍ମେର ୧୭ ତାରିଖରେ ହେବାକୁ ଥିବା ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅବସରରେ ପ୍ରଦାନ କରିବାକୁ ଥିବା ସମ୍ମାନ ସୂଚୀ ଘୋଷଣା କରିଛି। ନିକଟରେ ବ୍ୟାଙ୍କକ୍ ଆୟୋଜିତ ବିଶ୍ୱ ପାରା ତିରନ୍ଦାଜ ପ୍ରତିଯୋଗିତାରେ ବିଶ୍ୱ ନମ୍ବର ଏକ ରେଂକିକ ଧାରୀ ଶୀତଲ ଦେବୀକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିବା ଏ ଅଞ୍ଚଳର ଗର୍ବ ଓ ଗୌରବ ପାୟଲ ନାଗକୁ ଚଳିତ ବର୍ଷ ଊଂଦେର୍ ସମ୍ମାନ ୨୦୨୬ ପ୍ରଦାନ କାରିବାକୁ ଘୋଷଣା କରିଛି। ଏହା ସହିତ ଗାଁ ର ପ୍ରଥମ ଶିକ୍ଷକ ତଥା ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାରରେ ନିଜ ଜୀବନ ଉତ୍ସର୍ଗ କରିଦେଇଥିବା ଲିଙ୍ଗରାଜ ସାହୁଙ୍କୁ ଭୁଷଲାଡ ଶିକ୍ଷା ସମ୍ମାନରେ ସମ୍ମାନିତ କରିବାକୁ ସ୍ଥିର କରିଛି। ଏହି କ୍ରମରେ ଗୋଲକ ବିହାରୀ ବଛାଙ୍କୁ ତାଙ୍କ ଚିତ୍ରଶିଳ୍ପ, ବାସ୍ତୁକଳା, ଗୀତ ରଚନା ଆଦି କ୍ଷେତ୍ରରେ ନିପୁଣତାକୁ ସ୍ମରଣ କରି ମରଣୋତ୍ତର ଭାବେ ଭୁଷଲାଡ କଳା ସମ୍ମାନରେ ସମ୍ମାନିତ କରିବାକୁ ଯାଉଛି।ଏହା ସହିତ ଦେଶ ପାଇଁ ନିଜ ଜୀବନ ଢାଳି ଦେଉଥିବା ଏ ଅଞ୍ଚଳର ବୀର ସୈନିକ ମାନଙ୍କୁ, ନବନିଯୁକ୍ତ ଶିକ୍ଷକ ମାନଙ୍କୁ ତଥା ଅନ୍ୟାନ୍ୟ କୃତି ଯୁବକଯୁବତୀ ମାନଙ୍କୁ ସମ୍ମାନିତ କାରିବାକୁ ମନସ୍ତ କରିଛି। ଏହି କ୍ରମରେ ଏଇ ମାଟିରେ ଦୁଇଟି ନଦୀର ମିଳନ ହୋଇ ଊଂଦେର୍ ନଦୀର ସୃଷ୍ଟିକୁ ନିଜ ପରିଚୟ ମଣି, 'ଊଂଦେ' ନାଁରେ ଗୋଟେ କୋଶଲି ସାହିତ୍ୟ ପତ୍ରିକା ପ୍ରକାଶିତ କରିବା ପାଇଁ ମଧ୍ୟ ସ୍ଥିର କରିଛି।କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଓ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ବକ୍ତା ଭାବେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏଥି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସର୍ବେଶ୍ୱର ଭୋଇ, ଶଙ୍କର ବେହେରା ବଜାଶାଳ ନୃତ୍ୟ ଓ ସାନବଡ ଘୁଡକା ଦଳକୁ ନିମଂତ୍ରଣ ରହିଛି ବୋଲି ପରିଚାଳନା କମିଟି ତରଫରୁ ମଂଚର ମୁଖପାତ୍ର ମତ ରଖିଛନ୍ତି।

# ଶିଳ୍ପ ଓ ଖଣି ସମୃଦ୍ଧ ଜିଲ୍ଲାରେ ଦୁର୍ଦ୍ଦିନରେ ପଡ଼ିଛନ୍ତି କ୍ରୀଡ଼ାବିତ



**ଝାରସୁଗୁଡ଼ା(ଅମୃତ ମିଡିଆ):** ଝାରସୁଗୁଡ଼ା ଭଳି ଏକ ଶିଳ୍ପ ଏବଂ ଖଣି ସମୃଦ୍ଧ ଜିଲ୍ଲାରେ କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରି ମାଟି ପାଇଁ ଗୌରବ ଆଣୁଥିବା ପ୍ରତିଭାଙ୍କୁ ପ୍ରୋତ୍ସାହନ ମିଳୁନାହିଁ। ଯେଉଁଥିପାଇଁ ବହୁ ଉଦୀୟମାନ କ୍ରୀଡ଼ା ପ୍ରତିଭା ରାଜ୍ୟ ଛାଡ଼ି ବାହାରକୁ ଯାଉଛନ୍ତି। ଅନେକଙ୍କ ପ୍ରତିଭା ସମୟ ପୂର୍ବରୁ ମଉଳି ଯାଉଛି। କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣି ହୋଇ ଯାଉଛି। ଏସବୁ ପ୍ରତି କାହାରି ଦୃଷ୍ଟି ନାହିଁ। ଏମାନଙ୍କୁ ନିଯୁକ୍ତିର ସୁଯୋଗ ମିଳୁନାହିଁ। ସରକାର ବି ଶିଳ୍ପ ଏବଂ ଖଣି ସଂସ୍ଥା ଗୁଡ଼ିକ ଉପରେ କୌଣସି ଚାପ ସୃଷ୍ଟି କରି ପାରୁ ନାହାଁନ୍ତି। କ୍ରୀଡ଼ା ନୀତି ରେ ଏଭଳି କିଛି ବ୍ୟବସ୍ଥାର ଆବଶ୍ୟକତା ଥିଲେ ବି ଏ ଦିଗରେ ସରକାର ଆଗେଇ ଆସୁ ନାହାଁନ୍ତି। ଫଳସ୍ୱରୂପ ଝାରସୁଗୁଡ଼ା ଭଳି ଶିଳ୍ପ ଏବଂ ଖଣି ସମୃଦ୍ଧ ଜିଲ୍ଲାରେ ଆଜି ଅନେକ କ୍ରୀଡ଼ା ପ୍ରତିଭା ଥଇଥାନ ନ ହୋଇ ନିରାଶା ଏବଂ ହତାଶା ମଧ୍ୟରେ କାଳ କାଟୁଛନ୍ତି। ଇଚ୍ଛା ଥିଲେ ବି ଆର୍ଥିକ ପ୍ରୋତ୍ସାହନ ଅଭାବରୁ ସେମାନଙ୍କର କ୍ୟାରିୟରର ବିକାଶ ସମ୍ଭବ ହେଉନାହିଁ। ଝାରସୁଗୁଡ଼ା ମାଟି ଅନେକ କ୍ରୀଡ଼ା ପ୍ରତିଭାଙ୍କୁ ଜନ୍ମ ଦେଇଛି। ଯେଉଁଥିରେ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଲାଭ କରିଥିବା ପିଙ୍କି ବମ୍ପାଲ ମଗରଙ୍କ ପରି ପ୍ରତିଭାବାନ ଫୁଟବଲ ଖେଳାଳୀଙ୍କଠାରୁ ଆରମ୍ଭ କରି କ୍ରିକେଟିୟର ରାଜକିଶନ ପଟେଲ, ତରଣୀ ସା, ସୁନୀତା ମୁର୍ମୁ, କ୍ଲବ ଫୁଟବଲରେ ଚହଳ କରିଥିବା ଖେଳାଳୀ ରାକେଶ ଓରାମଙ୍କ ପର୍ଯ୍ୟନ୍ତ ଅନେକ ଖେଳାଳୀ ଆଜି ବି ସଂଘର୍ଷ କରୁଛନ୍ତି। ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବାର ପ୍ରୟାସ କରୁଥିବା ଏହି ପ୍ରତିଭାଧରଙ୍କ ପ୍ରତି ଅନ୍ୟାୟ କରାଯାଇ ଆସୁଛି। ଅନେକଙ୍କ ପରିବାରର ଆର୍ଥିକ ସ୍ଥିତି ଏଭଳି ରହିଛି ଯେ ସେମାନେ କ୍ରୀଡ଼ାକୁ କ୍ୟାରିୟର କରିନେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପିଙ୍କି ବମ୍ପାଲ ମଗର ଝାରସୁଗୁଡ଼ା ଓଏମ୍ପିରେ ପରିବାର ସହ ରହି ସପ୍ତମ ଶ୍ରେଣୀରୁ ଫୁଟବଲ ଖେଳିବା ଆରମ୍ଭ କରିଥିଲେ। ତାଙ୍କ ଭିତରେ ରହିଥିବା ପ୍ରତିଭାକୁ ଦେଖି କ୍ରୀଡ଼ା ସଂଗଠକ ବିଜୟ ବେହେରା ଏବଂ ଅନ୍ୟମାନେ ତାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିଲେ। ସେ ଜିଲ୍ଲାରୁ ଓଡ଼ିଶା ରାଜ୍ୟ ଟିମର ସଦସ୍ୟ ହେବା ସହ ଭାରତୀୟ ଦଳ ସିନିୟର ଦଳରୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି। ବିଦେଶ ମାଟିରେ ଭାରତ ପାଇଁ ଖେଳି ମହିଳା ଫୁଟବଲରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି। କିଛି ବର୍ଷ ଲାଗି ଝାରସୁଗୁଡ଼ା ବେଦାନ୍ତ ପ୍ରକଳ୍ପରେ ତାଙ୍କୁ ନିଯୁକ୍ତିର ସୁଯୋଗ ଦିଆଯାଇଥିଲା। ମାତ୍ର ତାଙ୍କ ଚାକିରୀର ସ୍ଥାୟିତ୍ୱ ନ ଥିବାରୁ ସେ ଛାଡ଼ିବାକୁ ବାଧ ହୋଇଥିଲେ। ଭାରତୀୟ ଦଳରୁ ଖେଳିବା ପରେ ତାଙ୍କୁ ବିହାର ରେଳବାଇ ଟିମରେ ଖେଳିବାର ସୁଯୋଗ ସହ ରେଳବାଇ ବିହାର ହାଜିପୁର ଡିଭିଜନରେ ନିଯୁକ୍ତି ମିଳିଲା। ଓଡ଼ିଶା ଛାଡ଼ି ସେ ବିହାରରେ ରହିଲେ। ଏବେ ସେ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେସନର ସଦସ୍ୟା ହେବା ସହ ବୈଷୟିକ କମିଟିରେ ମଧ୍ୟ ସଦସ୍ୟା ରହିଛନ୍ତି। ପିଙ୍କିଙ୍କ ପ୍ରତିଭାକୁ ଦେଖି ରାଜ୍ୟରେ ଥଇଥାନ କରାଯାଇ ପାରିଥିଲେ ହୁଏତ ମହିଳା ଫୁଟବଲକୁ ଭିନ୍ନ ଏକ ସୋପାନକୁ ନେବା ଦିଗରେ ସେ କାର୍ଯ୍ୟ କରି ପାରିଥାନ୍ତେ। ମାତ୍ର ତାହା ନ ହେବାରୁ ତାଙ୍କୁ ଆଜି ଏଭଳି ସ୍ଥିତିରେ ପହଞ୍ଚିବାରେ ସହାୟତା କରିଥିବା କ୍ରୀଡ଼ା ସଂଗଠକମାନେ ବି ଦୁଃଖିତ। କ୍ରିକେଟ ଖେଳାଳୀ ତରଣୀ ସା ଜିଲ୍ଲାର ସୀମାନ୍ତ ଗାଁ କନକତୋରାରୁ ଆସି ଆଜି ଆଇପିଏଲ୍‌ରେ ପାଦ ଥାପିବାର ସୁଯୋଗ ଅପେକ୍ଷାରେ ରହିଛନ୍ତି। ଆଇପିଏଲ୍ ରେ ଓଡ଼ିଶାରୁ ତାଙ୍କ ନାମ ସୁପାରିଶ କରାଯାଇଥିଲା ମାତ୍ର କୌଣସି ଦଳ ନ କିଣିବାରୁ ସେ ନିରାଶ ହୋଇଥିଲେ। ତାଙ୍କର ପ୍ରତିଭା କାରଣରୁ ଝାରସୁଗୁଡ଼ । ପ୍ରୋଗ୍ରେସିଭ କ୍ଲବରୁ ଖେଳି ଆଜି ରାଜ୍ୟର ପ୍ରତିନିଧିତ୍ୱ କରି ଆସୁଛନ୍ତି। ସିନିୟର ଦଳରେ ମନୋନୀତ ହୋଇ ସେ ରାଜ୍ୟର ପ୍ରତିନିଧିତ୍ୱ କରି ଆସୁଛନ୍ତି। ସେ ନିଜର ଦକ୍ଷତାର ପରିଚୟ ଦେଇ ଚାଲିଛନ୍ତି ମାତ୍ର ପ୍ରୋତ୍ସାହନ ଯେଭଳି ମିଳିବା କଥା ତାହା ହେଉନାହିଁ।

# ସରକାରୀ ନିର୍ଦ୍ଦେଶ ପରେ ବି ହେଉନି ପଦବୀ ପୂରଣ

## ୧୨ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ



**ଅମରପାଲି (ଅମୃତ ମିଡିଆ) :** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ୧୨ଟି ପ୍ରାଥମିକ ବିଦ୍ୟାଳୟରେ ଏବେ ବି ଜଣେ ଲେଖାଏ ଶିକ୍ଷକ ବାଲ୍‌ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୬ଟି ଶ୍ରେଣୀର ପାଠପଢ଼ା ସହ ସରକାରୀ କାମ ସମ୍ଭାଳୁଛନ୍ତି। ଫଳରେ ଗୁଣାତ୍ମକ ଶିକ୍ଷା ବାଧାପ୍ରାପ୍ତ ହେଉଛି। ଶିଶୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ-୨୦୦୯ ଏବଂ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରତ୍ୟେକ ସ୍କୁଲରେ ଅତିକମ୍‌ରେ ୨ ଜଣ ଶିକ୍ଷକ ରହିବା ବାଧ୍ୟତାମୂଳକ। ଏହି ନିୟମ ଅନୁସାରେ ନିକଟସ୍ଥ ବିଦ୍ୟାଳୟଗୁଡ଼ିକରୁ ଶିକ୍ଷକ ଆଣି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଉଥିଲେ ବି ଅନ୍ୟ ସ୍କୁଲର ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବ୍ଲକ୍‌ରେ ସମଗ୍ର ଶିକ୍ଷକ ଅଭାବ ଯୋଗୁ ସରକାରଙ୍କ ନିର୍ଦ୍ଦେଶ ପାଳନ କରିବା ଶିକ୍ଷା ବିଭାଗ ପାଇଁ କଷ୍ଟକର ହୋଇପଡ଼ିଛି। ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡୁଥିବାରୁ ଅଭିଭାବକମାନେ ବାଧ ହୋଇ ପିଲାଙ୍କୁ ଘରୋଇ ସ୍କୁଲକୁ ପଠାଉଛନ୍ତି। ଏହି ସମସ୍ୟାର ତୁରନ୍ତ ନିରାକରଣ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧି ଓ ଅଭିଭାବକମାନେ ଦାବି କରିଥିବା ବେଳେ, ଶୀଘ୍ର ଆଉ ଜଣେ ଲେଖାଏ ଶିକ୍ଷକ ନିଯୁକ୍ତ କରାଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ୧୭ତମ ବିଶାଳ ଭଣ୍ଡାରା ଉଦ୍‌ଯାପିତ




**ବଲାଙ୍ଗୀର (ଅମୃତ ମିଡିଆ) :** ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଖେଳ ପଡିଆ ଠାରେ ବାବା ବର୍ଫାନୀ ସେବା ମଣ୍ଡଳ ବଲାଙ୍ଗିର ତରଫରୁ କାଉଡିଆ ଙ୍କ ସେବାରେ ୧୭ତମ ବିଶାଳ ଭଣ୍ଡାରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଓଡିଶାର ପ୍ରମୁଖ ତିର୍ଥ କ୍ଷେତ୍ର ହରିଶଙ୍କର ଝରଣାରୁ ପବିତ୍ର ଜଳ ନେଇ ବଲାଙ୍ଗିର ଅଭିମୁଖେ ହଜାର ହଜାର କାଉଡିଆ ପ୍ରାୟ ୮୫ କିଲୋମିଟର ପାଦରେ ଚାଲି ଚାଲି ବିଭିନ୍ନ ଶିବାଳୟରେ ଜଳ ଅର୍ପଣ ନିମନ୍ତେ ଆସିଥାନ୍ତି। ଆସ୍ଥା ବିଶ୍ୱାସ ର ପ୍ରତୀକ ମହାଦେବଙ୍କ ପ୍ରତି ନିଷ୍ଠା ଓ ଶ୍ରଦ୍ଧାର ସହ ଉପବାସ ରହି ଚାଲିଥାନ୍ତି କାଉଡିଆ। ତାଙ୍କର କିଛି କଷ୍ଟ ଲାଘବ କରିବା ନିମନ୍ତେ ବିଶାଳ ଭଣ୍ଡାରା ଆୟୋଜିତ ହୋଇଥାଏ। ଏହି ସମୟରେ କାଉଡିଆଙ୍କୁ ପାନୀୟ ଜଳ, ଜଳଖିଆ ସହିତ ଅନ୍ନପ୍ରସାଦ ସହ ବହୁ ପ୍ରକାରର ମିଷ୍ଟାନ୍ନ ବ୍ୟଞ୍ଜନ ବ୍ୟବସ୍ଥା କରାଯାଇଥିଲା। ଏ ବର୍ଷ ପ୍ରାୟ ୨୫ହଜାର ରୁ ଉର୍ଦ୍ଧ୍ୱ ଭକ୍ତ ଙ୍କୁ ସେବା ପ୍ରଦାନ କରାଯାଇଥିଲା। ଉତ୍ସାହିତ କରିବା ପାଇଁ ବଲାଙ୍ଗିର ର ବହୁ ବୁଦ୍ଧିଜିବୀ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ପଂଚମ ଅନୁଷ୍ଠାନ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନରେନ୍ଦ୍ର କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ, ସୌମେନ୍ଦ୍ର କୁମାର ପରିଚ୍ଛା, ଆକାଶ ମିଶ୍ର, ସୀତାରାମ ମେହେର, କମଲ କିଶୋର ଅଗ୍ରୱାଲ, ମୁନ୍ନାଲାଲ ଅଗ୍ରୱାଲ, ଭାବେଶ ପଟେଲ, ପ୍ରଶାନ୍ତ ବିଶ୍ୱାଲ, ରାହୁଲ ସାହୁ, ବିକାଶ ବନ୍?ସଲ, ସୁରେନ୍ଦ୍ର ସିଂ, ଲୋକନାଥ ମିଶ୍ର, ସୁଭାଷ ଅଗ୍ରୱାଲ, ଦର୍ଶନ ଭମର, ସନ୍ଦିପ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ରାଜେନ୍ଦ୍ର ପରମାର, ପୁରୁଷୋତ୍ତମ ଅଗ୍ରୱାଲ, ଦେବଦତ୍ତ ମିଶ୍ର, ଶିମାଂଚଳ ପଣ୍ଡା, ମନୋଜ କେଜ୍ରିୱାଲ, ସନ୍ଦିପ ଗୋବିନ୍ଦ ପଦ୍?ାନ, ସୁରଜ ବେହେରା, ବିନିତ ଜିନ୍ଦଲ, ଗୋପାଳ ମିଶ୍ର, ଶ୍ୟାମଲ ଅଗ୍ରୱାଲ, ମେହୁଲ ପଟେଲ, ବିକାଶ ଅଗ୍ରୱାଲ, ପ୍ରସନ୍ନ ଗିରି, ସୁରେଶ ମେହେର, ଆଶିଷ ସାହୁ, ପ୍ରଭୁଦତ୍ତ ନାଏକ, ଶିନୁ ସୁନ୍ଦର ପାଢୀ, ସୁଦାର୍ଥୀ ପଟେଲ, ସୁଶାନ୍ତ ପୁରୋହିତ, ସଂଜୟ ଚନ୍ଦନ, ନରୋତ୍ତମ ପଟେଲ, ସୌମ୍ୟ ରଂଜନ ସାହୁ, ଜୟକୃଷ୍ଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ହତ୍ୟା ଧମକ ନେଇ ବଙ୍ଗୋମୁଣ୍ଡା ଥାନାରେ ଏତଲା

**ବଙ୍ଗୋମୁଣ୍ଡା (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ତୁରେକେଲା ପଞ୍ଚାୟତ ତେତେଲପଡା ଗାଁର ରକ୍ଷିଚରଣ ବିଶି (୫୨) ଙ୍କୁ ହତ୍ୟା ଧମକ ଦେଇଥିବା ନେଇ ବଙ୍ଗୋମୁଣ୍ଡା ଥାନା ରେ ଆଜି ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ରକ୍ଷିଚରଣ ତେତେଲପଡା ଗାଁରେ ଏକ କୁକୁଡ଼ା ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଗତକାଲି ରାତ୍ର ପ୍ରାୟ ୯ ଘଟିକାରେ ସେ ନିଜ ଦୋକାନ ସମ୍ମୁଖରେ ଥିବା ବେଳେ ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ବାରେଶବାହାଲି ଗାଁର କାହ୍ନା ବାଗ, ଲକ୍ଷ୍ମଣ ବାଗ ଓ ସହଯୋଗୀ ଟୁଲୁ ଠେଙ୍ଗା, ବାଡ଼ି ଧରି ଆସି ହତ୍ୟା ଧମକ ଦେବା ସହ ଦୋକାନ ରେ ଲାଗିଥିବା ଲୁହା କବାଟକୁ ମଧ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ବଙ୍ଗୋମୁଣ୍ଡା ପୋଲିସ ଅଧିକ ତଦନ୍ତ ଆରମ୍ଭ କରୁଛି। ପୂର୍ବରୁ ମଧ କଳି ଝଗଡା କରୁଥିବା ସହ ଗତକାଲି ମଧ ଅସଭ୍ୟା ଭାଷାରେ ଗାଳି ଗୁଲଜ କରିଥିବା ନେଇ ଏତଲା ରେ ଦର୍ଶାଇଛନ୍ତି। ନ୍ୟାୟ ମିଳୁ ବୋଲି ସେ ଦାବି କରିଛନ୍ତି।

# କୋଟାଗାଁ ପଞ୍ଚାୟତ ଗଠନରୁ ନିର୍ବାଚନୀ ବିବାଦ

## ଏବେ ବିକାଶ ରାସ୍ତାରେ ମଣ୍ଡଳ ପଞ୍ଚାୟତରୁ ଅଲଗା ହୋଇ ୨୦୧୬ରେ ନୂଆ ପଞ୍ଚାୟତ

**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକର କୋଟାଗାଁ ଗ୍ରାମପଞ୍ଚାୟତର ଇତିହାସ କେବଳ ଏକ ପଞ୍ଚାୟତ ଗଠନର କାହାଣୀ ନୁହେଁ। ଏହା ପ୍ରଶାସନିକ ପୁନର୍ଗଠନ, ନିର୍ବାଚନୀ ଅସ୍ୱାଭାବିକତା, ଆଇନଗତ ଲଢ଼େଇ ଏବଂ ପରବର୍ତ୍ତୀ ସମୟରେ ସାଧାରଣ ପଞ୍ଚାୟତ ବ୍ୟବସ୍ଥାକୁ ଫେରିବାର ଏକ ଦୀର୍ଘ ଯାତ୍ରା। ଓଡ଼ିଶା ସରକାରଙ୍କ ବର୍ତ୍ତମାନ ଗ୍ରାମପଞ୍ଚାୟତ ତାଲିକାରେ କୋଟାଗାଁ (ବାଲାଗାଁ) କଳମପୁର ବ୍ଲକର ଏକ ସ୍ୱତନ୍ତ୍ର ଗ୍ରାମପଞ୍ଚାୟତ ଭାବେ ରହିଛି।



### ମଣ୍ଡଳରୁ କୋଟାଗାଁ ଗଠନର ପଛରେ ୩ ପର୍ଯ୍ୟାୟ

୨୦୧୬ ମସିହାରେ କୋଟାଗାଁ ପଞ୍ଚାୟତ ଗଠନ ପୂର୍ବରୁ ଅଞ୍ଚଳଟି ମଣ୍ଡଳ ଗ୍ରାମପଞ୍ଚାୟତ ଅଧୀନରେ ଥିଲା। ୨୦୧୬ ଜୁଲାଇରେ ମଣ୍ଡଳ ପଞ୍ଚାୟତକୁ ମଣ୍ଡଳ, ବାଲାଗାଁ ଓ ନୂଆଗାଁ—ତିନିଟି ପଞ୍ଚାୟତରେ ବିଭକ୍ତ କରାଯାଇଥିଲା। ବାଲାଗାଁ ପଞ୍ଚାୟତ ଅଧୀନରେ ବାଲାଗାଁ, ଖଣ୍ଡିଡାଙ୍ଗରିଗୁଡ଼ା ଓ କୋଟାଗାଁ ଭଳି ଗାଁ ରହିଥିଲା। ପରେ ସେହି ପୁନର୍ଗଠନ ବାତିଲ ହୋଇ ମଣ୍ଡଳ ପଞ୍ଚାୟତକୁ ବାଲାଗାଁ ଓ ମଣ୍ଡଳ—ଦୁଇଟି ପଞ୍ଚାୟତରେ ବିଭକ୍ତ କରାଗଲା। ପୁଣି ଡିସେମ୍ବର ୨୦୧୬ରେ ଏହି ବ୍ୟବସ୍ଥାକୁ ବଦଳାଇ କୋଟାଗାଁ, ନୂଆଗାଁ ଓ ମଣ୍ଡଳ—ତିନିଟି ପଞ୍ଚାୟତ ଗଠନର ନିଷ୍ପତ୍ତି ହେଲା। ଶେଷରେ ୨୩ ଡିସେମ୍ବର ୨୦୧୬ର ନୋଟିଫିକେସନ୍‌ରେ କୋଟାଗାଁକୁ ନୂଆ ଗ୍ରାମପଞ୍ଚାୟତ ଭାବେ ଗଠନ କରାଯାଇଥିଲା।

### ୨୦୧୭ ନିର୍ବାଚନ ହେଲା, କିନ୍ତୁ ପୂରା ହେଲା ନାହିଁ

### ୨୦୧୭ରେ ୬ ୱାର୍ଡରେ ନାମାଙ୍କନ ନ ହେବାରୁ ଅଟକିଥିଲା ପ୍ରଶାସନିକ ପ୍ରକ୍ରିୟା, ୨୦୨୨ରେ ନୂଆ ନେତୃତ୍ୱ

ନୂଆ କୋଟାଗାଁ ପଞ୍ଚାୟତରେ ମୋଟ ୧୧ଟି ୱାର୍ଡ ରହିଥିଲା। କିନ୍ତୁ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ବାଲାଗାଁ ଓ ଖଣ୍ଡିଡାଙ୍ଗରିଗୁଡ଼ା ଅଞ୍ଚଳର ୬ଟି ୱାର୍ଡରେ ଜଣେ ମଧ ପ୍ରାର୍ଥୀ ନାମାଙ୍କନ ଦାଖଲ କରିନଥିଲେ। ଅନ୍ୟ ୱାର୍ଡରେ ନିର୍ବାଚନ ହୋଇଥିଲା ଏବଂ ପୁଷ୍ପାଞ୍ଜଳି ଛତ୍ରିଆ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ରେକର୍ଡରେ ଉଲ୍ଲେଖ ରହିଛି। ଅସାଧାରଣ ଘଟଣା ଏଠିରେ ଥିଲା—ସରପଞ୍ଚ ନିର୍ବାଚିତ ହୋଇଥିଲେ ମଧ୍ୟ ପଞ୍ଚାୟତର ଆବଶ୍ୟକ ଅଧିକାଂଶ ୱାର୍ଡ ସଦସ୍ୟ ନିର୍ବାଚିତ ହୋଇପାରିନଥିଲେ। ଫଳରେ ନିର୍ବାଚିତ ସରପଞ୍ଚଙ୍କ ନାମ ସରକାରୀ ଭାବେ ପ୍ରକାଶ କରି ଦାୟିତ୍ୱ ଦେବାକୁ ନେଇ ବିବାଦ ଉପୁଜିଥିଲା।

### ହାଇକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଲା ମାମଲା

ପୁଷ୍ପାଞ୍ଜଳି ଛତ୍ରିଆ ନିଜକୁ ନିର୍ବାଚିତ ସରପଞ୍ଚ ଦର୍ଶାଇ ନାମ ପ୍ରକାଶ ଓ ଦାୟିତ୍ୱ ହସ୍ତାନ୍ତର ପାଇଁ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମାମଲାଟି ଡ.ଚ.(ଉ) ଘକ୍ଟ.୮୫୮୫/୨୦୧୭ ଭାବେ ଚାଲିଥିଲା। ୨୦୨୨ ଜାନୁଆରୀ ୫ରେ ହାଇକୋର୍ଟ ରାୟ ଦେଇ କହିଥିଲେ ଯେ ୧୧ ୱାର୍ଡ ବିଶିଷ୍ଟ ପଞ୍ଚାୟତରେ ଆବଶ୍ୟକ ଅଧିକାଂଶ ସଦସ୍ୟ ନଥିବା ପରିସ୍ଥିତିରେ ନିର୍ବାଚିତ ସଦସ୍ୟମାନଙ୍କ ନାମ ଝରମଷ୍ଟସକ୍ଟଭ ୧୫ ଅନୁସାରେ ପ୍ରକାଶ ନ କରିବାରେ କର୍ତ୍ତୃପକ୍ଷଙ୍କ ତରଫରୁ ଆଇନଗତ ତ୍ରୁଟି ହୋଇନଥିଲା। ରାୟରେ ଏହି ପରିସ୍ଥିତିକୁ ଅଞ୍ଚଳର "polarized atmosphere" ସହିତ ମଧ ଯୋଡ଼ାଯାଇଥିଲା।

### ୨୦୨୨ରେ ବଦଳିଲା ଚିତ୍ର

୨୦୨୨ ପଞ୍ଚାୟତ ନିର୍ବାଚନ ପରେ କୋଟାଗାଁ ପଞ୍ଚାୟତର ନିର୍ବାଚନୀ ବ୍ୟବସ୍ଥା ସାଧାରଣ ଧାରାକୁ ଫେରିଥିବାର ରେକର୍ଡ ମିଳୁଛି। ୨୦୨୩ର ଏକ ସ୍ଥାନୀୟ ଖବରରେ କୋଟାଗାଁ ସରପଞ୍ଚ ଭାବେ ଚନ୍ଦନ ପଣ୍ଡାଙ୍କ ନାମ ଉଲ୍ଲେଖ ହୋଇଛି। ଏହାରୁ ୨୦୨୨ ପରବର୍ତ୍ତୀ ପଞ୍ଚାୟତ ନେତୃତ୍ୱ ସମ୍ପର୍କରେ ତଥ୍ୟ ମିଳୁଛି। ଏହା ସହିତ ୨୦୨୨ ସାଧାରଣ ପଞ୍ଚାୟତ ନିର୍ବାଚନରେ କୋଟାଗାଁରୁ ପଞ୍ଚାୟତ ସମିତି ସଦସ୍ୟ ଭାବେ ରୁଦ୍ରପ୍ରସାଦ ମାଝୀ ନିର୍ବାଚିତ ହୋଇଥିବା ରାଜ୍ୟ ନିର୍ବାଚନ କମିଶନ ସମ୍ବନ୍ଧୀୟ ତଥ୍ୟରେ ଦର୍ଶାଯାଇଛି।

### ବର୍ତ୍ତମାନ କୋଟାଗାଁ ନିର୍ବାଚନୀ ବିବାଦରୁ ବିକାଶ ଦିଗକୁ

ଆଜି କୋଟାଗାଁ ପଞ୍ଚାୟତ କଳମପୁର ବ୍ଲକର ସ୍ୱତନ୍ତ୍ର ଗ୍ରାମପଞ୍ଚାୟତ ଭାବେ ସରକାରୀ ତାଲିକାରେ ରହିଛି। ବିକାଶ କାର୍ଯ୍ୟର ରେକର୍ଡ ଦେଖିଲେ ମଧ ପଞ୍ଚାୟତରେ ରାସ୍ତା ଭିତ୍ତିଭୂମି ନେଇ କାମ ଚାଲିଥିବା ଦେଖାଯାଏ। ଓଡ଼ିଶା ସରକାରଙ୍କ Project Monitoring System ରେ ବାଲାଗାଁରୁ କଲୋନୀପଡ଼ା ପର୍ଯ୍ୟନ୍ତ ଉଉ ଜକ୍ଟବୟ ଏବଂ ଚଗଏଝଣ ଜକ୍ଟବୟରୁ କନ୍ଦପଡ଼ା ପର୍ଯ୍ୟନ୍ତ ଉଉ ଜକ୍ଟବୟ ଭଳି କାର୍ଯ୍ୟ କୋଟାଗାଁ ଏଚ ଅଧୀନରେ ରେକର୍ଡ ହୋଇଛି। ଏଥିରୁ ପଞ୍ଚାୟତର ନିର୍ବାଚନୀ ଇତିହାସର ଏକ ଦୀର୍ଘ ଅଧ୍ୟାୟ ପରେ ଏବେ ଭିତ୍ତିଭୂମି ଉନ୍ନୟନ ଉପରେ ଗୁରୁତ୍ୱ ଦିଆଯାଉଥିବାର ଚିତ୍ର ମିଳୁଛି।

### ଏକ ପଞ୍ଚାୟତ, ଅନେକ ମୋଡ଼

ମଣ୍ଡଳ ପଞ୍ଚାୟତର ଅଂଶ ୨୦୧୬ର ପୁନର୍ଗଠନ ୨୩ ଡିସେମ୍ବର ୨୦୧୬ରେ କୋଟାଗାଁ ଏଚ ଗଠନ ୨୦୧୭ରେ ୬ ୱାର୍ଡରେ ନାମାଙ୍କନ ଶୂନ୍ୟ ନିର୍ବାଚିତ ସରପଞ୍ଚଙ୍କ ଅଧିକାରକୁ ନେଇ ହାଇକୋର୍ଟ ମାମଲା ୨୦୨୨ରେ ନୂଆ ନିର୍ବାଚନୀ ପର୍ଯ୍ୟାୟ ବର୍ତ୍ତମାନ ବିକାଶ କାର୍ଯ୍ୟ। କୋଟାଗାଁର ଏହି ଯାତ୍ରା ପ୍ରମାଣ କରେ ଯେ ଗୋଟିଏ ଗ୍ରାମପଞ୍ଚାୟତର ଗଠନ କେବଳ ପ୍ରଶାସନିକ ନୋଟିଫିକେସନ୍‌ରେ ସୀମିତ ନୁହେଁ; ଏହା ସହିତ ଜଡ଼ିତ ଥାଏ ସ୍ଥାନୀୟ ରାଜନୀତି, ନିର୍ବାଚନୀ ଅଂଶଗ୍ରହଣ, ପ୍ରଶାସନିକ ନିଷ୍ପତ୍ତି ଓ ଲୋକଙ୍କ ପ୍ରତିନିଧିତ୍ୱର ପ୍ରଶ୍ନ।



### ଜିଲ୍ଲାସ୍ତରୀୟ ସୁଭଦ୍ରା କିସ୍ତି ପ୍ରଦାନ ସମାରୋହ

# ୬ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ ହେଲେ ଉପକୃତ



**ବାରିପଦା(ଅମୃତମିଡିଆ):** ପବିତ୍ର ରକ୍ଷାବନ୍ଧନ ଅବସରରେ ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ପାଇଁ ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ ଉପକୃତ ହୋଇଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜିଲ୍ଲାବାସୀଙ୍କୁ ରକ୍ଷାବନ୍ଧନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ଜୀବନଯାପନ ସୁନିଶ୍ଚିତ କରିବା ଦିଗରେ ସୁଭଦ୍ରା ଯୋଜନା ଏକ ଐତିହାସିକ ପଦକ୍ଷେପ । ବର୍ଷକୁ ଦୁଇଟି କିସ୍ତିରେ ମୋଟ ୧୦ହଜାର ଟଙ୍କା ସିଧାସଳଖ ମହିଳା ମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଥିବାରୁ ଏହା ମା ମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ରାଜ୍ୟର ଗ୍ରାମୀଣ ଓ ସହରାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବଡ଼ସାହି ବିଧାୟକ ସନାତନ ବିଜୁଳି, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ପ୍ରମୁଖ ଯୋଗଦେଇ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ । ସମାରୋହରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ସଭାପତିତ୍ୱ କରି ସୁଭଦ୍ରା ଯୋଜନା ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ । ଏହି ଅବସରରେ ସୁଭଦ୍ରା ଯୋଜନାର ୩ ଜଣ ହିତାଧିକାରୀ ନିଜ ନିଜର ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ହିତାଧିକାରୀ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବଳଭଦ୍ର ଜନ୍ମନୀତି ଓ ରାକ୍ଷୀଲାଗି ଉତ୍ସବ ସମ୍ପନ୍ନ

### ଚାରି ପିଢ଼ିର ପରମ୍ପରା ଏବେ ବି ଜୀବନ୍ତ



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲାର ଐତିହାସିକ ଧାଙ୍ଗୁଡ଼ିଶୋଳ ଗ୍ରାମରେ ଚଳିତ ବର୍ଷ ମହାସମାରୋହ ଓ ଶ୍ରଦ୍ଧାଭକ୍ତିର ସହ ପ୍ରଭୁ ବଳଭଦ୍ରଙ୍କ ଜନ୍ମନୀତି ପୂଜା ଅନୁଷ୍ଠିତ ହୋଇଯାଇଛି । ରଜାରାଜୁଡ଼ା ଅମଳର ଏହି ପ୍ରାଚୀନ ପରମ୍ପରାକୁ ଗ୍ରାମବାସୀ ଏବଂ ଦାଶ ପରିବାର ଚାରି ପିଢ଼ି ଧରି ଅତୁଟ ରଖିଆସିଛନ୍ତି । ?ପୂର୍ବପୁରୁଷ ରାମଚନ୍ଦ୍ର ଦାଶଙ୍କ ଅମଳରୁ ଆରମ୍ଭ ହୋଇଥିବା ଏହି ପୂଜାବିଧିକୁ ବର୍ତ୍ତମାନ ପିଢ଼ିର ରଞ୍ଜନ କୁମାର ଦାଶଙ୍କ ପର୍ଯ୍ୟନ୍ତ ନିଷ୍ଠାର ସହ ପାଳନ କରାଯାଉଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମାଟିରେ ନିର୍ମିତ ପ୍ରଭୁ ବଳଭଦ୍ରଙ୍କ ଭବ୍ୟ ପ୍ରତିମା ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଗ୍ରାମର ଶେଷ ମୁଣ୍ଡରେ ଥିବା ପ୍ରସିଦ୍ଧ ଶିବ ମନ୍ଦିର, ମଙ୍ଗଳା ମନ୍ଦିର ଓ ଗ୍ରାମଦେବତୀ ପୀଠ ପରିସରରେ ଶୃଙ୍ଖଳିତ ଭାବେ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ଗ୍ରାମର ପ୍ରତିଷ୍ଠିତ ପୂଜାପଣ୍ଡା ସୁଦର୍ଶନ ଦୀକ୍ଷିତ ପ୍ରଥମେ ତିନୋଟି ଯାକ ମନ୍ଦିରରେ ଦୈନନ୍ଦିନ ନୀତିକାନ୍ତି ସମାପ୍ତ କରିବା ପରେ ବଳଭଦ୍ରଙ୍କ ଜନ୍ମନୀତି ବିଧି ଆରମ୍ଭ କରିଥିଲେ । ପାରମ୍ପରିକ ରୀତିରେ ଘଟ ସ୍ଥାପନ, ମୃଣ୍ମୟ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜାର୍ଚ୍ଚନା, ହୋମଯଜ୍ଞ ତଥା ନୈବେଦ୍ୟ ଅର୍ପଣ ପୂର୍ବକ ପୂଜା ସମ୍ପନ୍ନ ହୋଇଥିଲା । ଏହି ଅବସରରେ ପ୍ରଭୁଙ୍କ ନିକଟରେ ସ୍ୱତନ୍ତ୍ର ରାକ୍ଷୀ ଲାଗି କରାଯିବା ପରେ ସମଗ୍ର ଗ୍ରାମରେ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ରକ୍ଷାବନ୍ଧନ ପର୍ବ ଉତ୍ସାହର ସହ ପାଳନ କରାଯାଇଥିଲା । ?ଶେଷରେ ବିଧି ଅନୁଯାୟୀ ବିସର୍ଜନ କର୍ଯ୍ୟ ସମ୍ପନ୍ନ କରାଯାଇ ସମସ୍ତ ଗ୍ରାମବାସୀଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଶହ ଶହ ବର୍ଷର ଏହି ଅନନ୍ୟ ଗ୍ରାମୀଣ ଐତିହ୍ୟ ଆଜି ମଧ୍ୟ ନିଜର ମୌଳିକତା ବଜାୟ ରଖି ଅଞ୍ଚଳରେ ଏକତା ଓ ସଦ୍ଭାବନାର ବାର୍ତ୍ତା ବହନ କରୁଛି । ଏହି ପୂଜାକର୍ମ ସମୟରେ ଗ୍ରାମର ବନବିହାରୀ ପତି, ସୁନିଲ ମିଶ୍ର, ଲକ୍ଷ୍ମୀଧର ଦାଶ, ସରୋଜ ମିଶ୍ର, ପ୍ରକାଶ ପାଣିଗ୍ରାହୀ, ଚିତ୍ତରଞ୍ଜନ ପାଣିଗ୍ରାହୀ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।

## ପ୍ରବଚକ ଭାଗବତ ପଣ୍ଡାଙ୍କୁ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ



**ବାରିପଦା(ଅମୃତମିଡିଆ):** ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଭାଗିତାରେ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ଓଡ଼ିଶା ଓ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଓଡ଼ିଶା ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ଥ ଶ୍ରୀପାଦ ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ ମହୋତ୍ସବ ଓ ନବାଦୀନାତ୍ମକ ରମ ଚରିତ ମାନସ ପରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାରୁଦ୍ର ପୀଠ ସାଲେପୁରର ଗୋପୀନାଥ ପୁରଠାରେ ପ୍ରବକ୍ତା ପରିଷଦର ସଭାପତି ପଣ୍ଡିତ ପଦ୍ମନାଭ ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି । ଉଦଯାପନ ସମାରୋହ ରେ ସନ୍ଥ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମୁଖ୍ୟ ଅତିଥି, ତୁଳସୀ ଦାସ ଜୟନ୍ତୀ କମିଟିର ପରିଚାଳନା ମୁଖ୍ୟ ବିଜୟ କୁମାର ଦେବତା (ରାମାୟଣୀ) ମୁଖ୍ୟ ବକ୍ତା, ପ୍ରବକ୍ତା ପରିଷଦର ସମ୍ପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଦୀର୍ଘ ୪୬ ବର୍ଷ ଧରି ଶ୍ରୀ ଜଗନ୍ନାଥ ସଂସ୍କୃତି କ୍ଷେତ୍ରରେ ଗବେଷଣା ଜାରି ରଖିଥିବା ରାମ କଥାର ପ୍ରବଚକ ଭାଗବତ ପଣ୍ଡାଙ୍କୁ ସମ୍ମାନ ଜନକ ଗୋସ୍ୱାମୀ ତୁଳସୀ ଦାସ ସମ୍ମାନ -୨୦୨୬ ପ୍ରଦାନ କରିଥିଲେ । ଦୀର୍ଘ ୯ ଦିନ ଧରି ଚାଲିଥିବା ଏହି ମହୋତ୍ସବର ଉଦଯାପନ ସନ୍ଧ୍ୟାରେ ସମ୍ବର୍ଦ୍ଧନାର ଉତ୍ତର ଦେଇ ପ୍ରବାଚକ ଶ୍ରୀ ପଣ୍ଡା କହିଲେ,ରାମାୟଣ କେବଳ ଏକ କାହାଣୀ ନୁହେଁ , ଏହା ଏକ ଆଚରଣୀୟ ଗ୍ରନ୍ଥ. ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ରଙ୍କ ଜୀବନାଦର୍ଶକୁ ସମସ୍ତେ ନିଜ ଜୀବନରେ, ପାରିବାରିକ ଜୀବନ ଭିତରେ , ସାମାଜିକ ଜୀବନ ତଥା ରାଷ୍ଟ୍ରୀୟ ଜୀବନରେ ଅନୁପାଳନ କଲେ ଏକ ସୁନ୍ଦର ସମାଜ ତିଆରି ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ପରିଶେଷରେ କୋଷାଧ୍ୟକ୍ଷ ଅର୍ଜୁନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ରାକ୍ଷୀ ବାନ୍ଧି ନିଶା ମୁକ୍ତି ପ୍ରତିଜ୍ଞା କରାଇଲେ ବ୍ରହ୍ମାକୁମାରୀଜ ଭାଇ ଭଉଣୀ




**ବାରିପଦା(ଅମୃତମିଡଆ):** ମୟୂରଭଞ୍ଜ ଜିଲ୍ଲା, ବୈଶିଙ୍ଗା ବଜାର ଉପକଣ୍ଠ କେନ୍ଦୁଆ ଶିବ ମନ୍ଦିର ପ୍ରାଙ୍ଗଣରେ ରକ୍ଷା ବନ୍ଧନ ପର୍ବ ଏବଂ ନିଶା ମୁକ୍ତି ପ୍ରତିଜ୍ଞା ମହାଅଭିଯାନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚର ସଭାପତି ସୀତାନାଥ ବେହେରା ଏବଂ ସମ୍ପାଦକ ଅଶ୍ୱନୀ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୈଶିଙ୍ଗା ଥାନାର ଥାନାଧିକାରୀ ବାରିଣୀ ଦାସ ଏବଂ ମୁଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବୈଶିଙ୍ଗା ସେବାକେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଭଉଣୀ ଯୋଗଦାନ କରିଥିଲେ । ବରିଷ୍ଠ ସଦସ୍ୟ ମାନଙ୍କ ତରଫରୁ ସମସ୍ତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଥାନାଧିକାରୀ ଶ୍ରୀଯୁକ୍ତ ଦାସ ଯୋଗେ ଦେଇ ଉତ୍ତମ ସମାଜ ଗଠନ ପାଇଁ ନିଶା ନିବାରଣ ନିହାତି ଆବଶ୍ୟକ ଅଟେ ଏଥିରେ ବରିଷ୍ଠ ନାଗରିକ ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଆଧାତ୍ମିକତା ଚିନ୍ତାଧାରା, ଆତ୍ମଚିନ୍ତନ ଏବଂ ରାଜଯୋଗ ଦ୍ୱାରା କେବଳ ବର୍ତ୍ତମାନ ସମୟର ବିଭିନ୍ନ ପ୍ରକାରର ଖରାପ ନିଶାରୁ ମୁକ୍ତି ହୋଇ ପାରିବ ବୋଲି ମୁଖ୍ୟବକ୍ତା ବ୍ରହ୍ମାକୁମାରୀ ଅନୁପମା ଭଉଣୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଯୁବ ସମାଜ ସହ ସମସ୍ତ ବର୍ଗଙ୍କ ଠାରୁ ନିଶାଠୁ କିପରି ଦୂରେଇ ହେବ ସେଥି ନିମନ୍ତେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ମାନେ ନିଜ ନିଜର ମତାମତ ରଖିଥିଲେ । ବ୍ରହ୍ମାକୁମାରୀ ଅନୁପମା ଭଉଣୀ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ପବିତ୍ର ଭଗବାନଙ୍କ ସ୍ମୃତିଯୁକ୍ତ ରାକ୍ଷୀ ବାନ୍ଧିବା ସହ ନିଶାମୁକ୍ତି ନିମନ୍ତେ ସାମୁହିକ ପ୍ରତିଜ୍ଞା କରିଥିଲେ । ଏହି ପବିତ୍ର କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ସୀତାନାଥ ବେହେରା, ଉପସଭାପତି ହରିଶ୍ଚନ୍ଦ୍ର ରାଉତ, ମନୋରଞ୍ଜନ ଲେଙ୍କା,ସମ୍ପାଦକ ଅଶ୍ୱିନୀ କୁମାର ମହାରଣା,ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ନାଥ,ଗିରିଶ ଚନ୍ଦ୍ର ରାଉତ,ମହେନ୍ଦ୍ର ସାହୁ, ଜଳ ଧର ପାଣି,ଭୀମ ଚରଣ ମାଝୀ , ସଞ୍ଜୟ କୁମାର ମିଶ୍ର,ପଦ୍ମ ଲୋଚନ ଦାସ,ସୁଦର୍ଶନ ପଣ୍ଡା,ବ୍ରଜ କୁମାର ଦାସ ,ପ୍ରଭାତ କୁମାର ପତି,ବୈଦ୍ୟନାଥ ସାହୁ , ନବୀନ ପଣ୍ଡା ଏବଂ ଅନ୍ୟ ବରିଷ୍ଠ ସଦସ୍ୟ ଉପସ୍ଥିତ ରହିଥିବା ବେଳେ ପ୍ରଜାପିତା ବ୍ରହ୍ମାକୁମାରୀ ସେବାକେନ୍ଦ୍ର ତରଫରୁ ବ୍ରହ୍ମାକୁମାର ଦିବ୍ୟରଞ୍ଜନ , ବ୍ରହ୍ମାକୁମାର ସତ୍ୟପ୍ରକାଶଙ୍କ ସମେତ ବ୍ରହ୍ମାକୁ କନିକା ଓ ବ୍ରହ୍ମାକୁ ମୀରା ମଧ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ଅଶ୍ୱନୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ

## ଦିନଦ୍ୱିପ୍ରହରରେ ବୃଦ୍ଧାଙ୍କୁ ଠକି ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଗହଣା

### ବାରିପଦାରେ ବାଇକ୍ ଲୁଟେରାଙ୍କ ଆତଙ୍କ

**ବାରିପଦା(ଅମୃତମିଡିଆ):** ବାରିପଦା ସହରରେ ପୁଣି ଥରେ ସକ୍ରିୟ ହୋଇ ଉଠିଛନ୍ତି ଚଳନ୍ତା ବାଇକ୍ ଲୁଟେରା ଗ୍ୟାଙ୍ଗ୍ । ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କୁ ବାଟରେ ଅଟକାଇ ମୃତ ସ୍ୱାମୀଙ୍କ ପରିଚୟ ଦେଇ ପ୍ରାୟ ୧ ଲକ୍ଷ ଟଙ୍କାର ସୁନା ଗହଣା ଲୁଟିନେଇଥିବା ଅଭିଯୋଗ ହୋଇଛି । ଏ ନେଇ ବାରିପଦା ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରାଯାଇଛି । ସୂଚନା ଅନୁଯାୟୀ, ଗୋଲପବାଗ ୱାର୍ଡ ନଂ ୧୦ ନିବାସୀ ଶଶିରେଖା ମିଶ୍ର ପୂର୍ବାହ୍ନ ପ୍ରାୟ ୯:୩୦ ସମୟରେ ଘରକୁ ଫେରୁଥିଲେ । ‘ଓମ୍ ମୋବାଇଲ୍’ ଦୋକାନ ନିକଟରେ ହଠାତ୍ ଏକ ଗ୍ଲାମର ବାଇକ୍ ରେ ଦୁଇ ଜଣ ଅଜଣା ଯୁବକ ତାଙ୍କ ନିକଟରେ ପହଞ୍ଚିଥିଲେ । ସେମାନେ ତାଙ୍କ ମୃତ ସ୍ୱାମୀଙ୍କ ନାମ ନେଇ କିଛି ବାକି ଟଙ୍କା ଥିବା କଥା କହି ତାଙ୍କୁ କଥାରେ ଭୁଲାଇ ଦେଇଥିଲେ । ଏହି ବାହାନାରେ ସୁଯୋଗ ପାଇ ଦୁର୍ବୃତ୍ତମାନେ ମହିଳାଙ୍କଠାରୁ ୪ଟି ସୁନା ଚୁଡ଼ି ଓ ଗୋଟିଏ ସୁନା ମୁଦି କୌଶଳରେ ଲୁଟି ନେଇ ବାଇକ୍ ଯୋଗେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଲୁଟ୍ ହୋଇଥିବା ଗହଣାର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ଘଟଣା ସମୟରେ ପରିବାରର ସଦସ୍ୟା ଉପସ୍ଥିତ ଥିଲେ ମଧ୍ୟ କିଛି ବୁଝିବା ପୂର୍ବରୁ ଲୁଟେରାମାନେ ଫେରାର ହୋଇଯାଇଥିଲେ । ଏ ନେଇ ପୀଡ଼ିତା ଶଶିରେଖା ମିଶ୍ର ଟାଉନ୍ ଥାନାରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଘର କାନ୍ଥରୁ ନାଗ ସାପ ଧରିଲା ବନ ବିଭାଗ



**ବାରିପଦା /ସାହାରପଡା (ଅମୃତମିଡିଆ):** କେନ୍ଦୁଝର ବନଖଣ୍ଡ, ପାଟଣା ବନାଞ୍ଚଳ, ସାହାରପଡା ବନପାଳଙ୍କ ଅଧୀନସ୍ଥ ଗୋରାଣ୍ଡିଯୋଡି ବିଟର ରାଧାପୁର ଗ୍ରାମରେ ଏକ ନାଗ ସାପ ଉଦ୍ଧାର କରାଯାଇଛି । ଗ୍ରାମର ମନୋଜ କୁମାର ମହାନ୍ତଙ୍କ ଘର କାନ୍ଥରେ ନାଗ ସାପଟି ଥିବା ଦେଖି ପରିବାର ଲୋକେ ଭୟଭୀତ ହୋଇ ବନ ବିଭାଗକୁ ସୂଚନା ଦେଇଥିଲେ । ସୂଚନା ପାଇ ସାହାରପଡା ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସତର୍କତାର ସହ ସାପଟିକୁ ଉଦ୍ଧାର କରିଥିଲେ । ପରେ ଉଦ୍ଧାର ହୋଇଥିବା ନାଗ ସାପକୁ ନିରାପଦ ସ୍ଥାନରେ, ଚଢ଼େଇଭୋଳ ସଂରକ୍ଷିତ ଜଙ୍ଗଲରେ, ଛାଡ଼ି ଦିଆଯାଇଥିବା ର ଜଣାପଡ଼ିଛି ।ଏହି ଉଦ୍ଧାର କାର୍ଯ୍ୟରେ ପାରାଷ୍ଟାପ ତ୍ରିଲୋଚନ ମହାନ୍ତ, ସହଦେବ ସେଠୀ ଓ ତ୍ରିଲୋଚନ ନାଏକ ପ୍ରମୁଖ ସହଯୋଗ କରିଥିଲେ । ବନ ବିଭାଗର ଏଭଳି ତତ୍ପରତା ଯୋଗୁଁ ଏକପଟେ ଗ୍ରାମବାସୀଙ୍କ ଭୟ ଦୂର ହୋଇଥିବା ବେଳେ, ଅନ୍ୟପଟେ ବନ୍ୟଜନ୍ତୁ ସୁରକ୍ଷା ପ୍ରତି ବିଭାଗର ଦାୟିତ୍ୱବୋଧ ପ୍ରକାଶ ପାଇଛି ।

## ଗିଦିପଶି ଗ୍ରାମରେ ଗୋ ପୂଜନ ଉତ୍ସବ



**ବାରିପଦା /ସାହାରପଡା(ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା, ସାହାରପଡା ବ୍ଲକ ଅଧୀନ ଗିଦିପଶି ଗ୍ରାମରେ ଭାରତୀୟ କିଷାନ ସଂଘ, ଓଡ଼ିଶା ପକ୍ଷରୁ ଶ୍ରୀ ବଳରାମ ଜୟନ୍ତୀ ଅବସରରେ ଗୋ ପୂଜନ ଉତ୍ସବ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଛି ।ଏହି ଅବସରରେ ଗୋମାତାଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯିବା ସହ ଫୁଲମାଳ ଓ ଚନ୍ଦନରେ ସଜ୍ଜିତ କରାଯାଇଥିଲା । ଭାରତୀୟ କିଷାନ ସଂଘର କର୍ମକର୍ତ୍ତା, ଚାଷୀ ଓ ସ୍ଥାନୀୟ ଲୋକମାନେ ଏଥିରେ ଯୋଗଦେଇ ଗୋମାତାଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ ।କାର୍ଯ୍ୟକ୍ରମରେ ଗୋ-ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ସହ ଗୋ-ପାଳନକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କୃଷି ଓ ଗ୍ରାମୀଣ ଜୀବନରେ ଗୋ-ସମ୍ପଦର ଗୁରୁତ୍ୱ ସମ୍ପର୍କରେ ମଧ ଉପସ୍ଥିତ ଚାଷୀ ଓ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଗୋ ପୂଜନ ମାଧ୍ୟମରେ ଗୋ-ସମ୍ପଦର ସୁରକ୍ଷା, ଚାଷୀଙ୍କ ସମୃଦ୍ଧି ଓ ପାରମ୍ପରିକ କୃଷି ପଦ୍ଧତିର ସଂରକ୍ଷଣର ବାର୍ତ୍ତା ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

## ଇନରହୁଇଲ କ୍ଲବ ତରଫରୁ ରକ୍ଷାବନ୍ଧନ ଉତ୍ସବ ପାଳିତ



**ବାରିପଦା /ଉଦଳା(ଅମୃତମିଡିଆ):** ଉଦଳା ସହର ମଧ୍ୟରେ କେବଳ ମହିଳାମାନଙ୍କୁ ନେଇ ଗଢ଼ିଉଠିଥିବା କ୍ଲବ ଇନରହୁଇଲ ତରଫରୁ ଆନନ୍ଦ ଉଲ୍ଲାସ ମଧ୍ୟରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି । ଏଥିପାଇଁ ଦିବସ ବ୍ୟାପି ୱାର୍ଡ଼ ନଂ-୧୨ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲବ ତରଫରୁ ରକ୍ଷାବନ୍ଧନ, ବୃକ୍ଷରୋପଣ, ଆଲୋଚନାଚକ୍ର ଓ ମିଷ୍ଟାନ୍ନ ବଂଟନର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟତ୍ରୀ କବିତା ଦଳେଇଙ୍କ ନେତୃତ୍ୱରେ ଶିକ୍ଷାକେନ୍ଦ୍ର ପରିସରରେ ଥିବା ଏକ ଆମ୍ବଗଛକୁ ଚନ୍ଦନ, ସିନ୍ଦୁର ଅର୍ପଣ ପୂର୍ବକ ଶଙ୍ଖ ବଜାଇ, ହୁଳହୁଳି ଦେଇ କ୍ଲବର ସମସ୍ତ ସଦସ୍ୟା ଓ ଛାତ୍ରଛାତ୍ରୀ ମିଳିମିଶି ଦୀପ ଜଳାଇ ବନ୍ଦାପନା କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ଆମ୍ବଗଛରେ ରାକ୍ଷୀ ବାନ୍ଧିବା ସହ ବୃକ୍ଷଥିବା ଯୋଗୁଁ ଆଜି କିପରି ପୃଥିବୀ ପୃଷ୍ଠରେ ଜୀବଜଗତ ବଂଚି ରହିଛି ମନେପକାଇଥିଲେ । ପରେ ବିଦ୍ୟାଳୟ ପରିସରରେ କେତୋଟି ପିଜୁଳି ଓ ଡ଼ାଳିମ୍ବ ଚାରା ରୋପଣ କରାଯାଇଥିଲା । ଏହାପରେ ଅନୁଷ୍ଠିତ ଆଲୋଚା ଚକ୍ରରେ କ୍ଲବର ସଭାପତି ମମତା ସାହୁ ଅଧକ୍ଷତା କରି ସ୍ନେହ ମମତାର ପଣତକାନିରେ ସମସ୍ତଙ୍କୁ ବାନ୍ଧି ରଖିବାର ପର୍ବ ହିଁ ରକ୍ଷାବନ୍ଧନ ଅଟେ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମମତା ମହାନ୍ତି, ଦିଗବାଳା ପରିଡ଼ା, ଅନ୍ନପୂର୍ଣ୍ଣା ପଣ୍ଡା, ପୁଷ୍ପଲତା ପଣ୍ଡା, ମନୋରମା ଜେନା, ଗୀତାଶ୍ରୀରାୟ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ବିଶାଳ ହୃଦୟ ମଧ୍ୟରେ ସ୍ନେହ ମମତା ସ୍ୱତଃ ଜାତ ହୋଇଥାଏ । ଏହାର ବନ୍ଧନରେ ସମସ୍ତଙ୍କୁ ବାନ୍ଧି ରଖିପାରିଲେ ପୃଥିବୀ ପୃଷ୍ଠରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠ ହେବ ଏଥିରେ ସନ୍ଦେହ ନାହିଁ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଏହାପରେ ଶିକ୍ଷାକେନ୍ଦ୍ରର ସମସ୍ତ ଛାତ୍ର ଛାତ୍ରୀଙ୍କୁ ରାକ୍ଷୀ ବନ୍ଧାଯିବା ସହ ମିଷ୍ଟାନ୍ନ ବଂଟନର ପର୍ବ ଆରମ୍ଭ ହୋଇଥିଲା । ଶେଷରେ ଅରୁପମା ମହାପାତ୍ର ଧନ୍ୟବାଦ ଅର୍ପଣ ପୂର୍ବକ ଉତ୍ସବର ଯବନିକା ପକାଇଥିଲେ ।

## ଡାକ୍ତରୀ ପଢ଼ିବେ ଗରିବ ଆଦିବାସୀ ଛାତ୍ରୀ ଶିଖା ମାଝି

### ସହାୟତାର ହାତ ବଢ଼ାଇଲା ଖେରୱାଲ ଜୁମିଦ୍ ସଂଗଠନ



**ବାରିପଦା(ଅମୃତମିଡିଆ):** ବଣ ମଲ୍ଲୀ ଯେଉଁଠାରେ ଥିଲେ ବି ତାର ସୁରଭି ଚତୁର୍ଦ୍ଦିଗ ବାସେ ।କଠିନ ପରିଶ୍ରମ, ଇଚ୍ଛାଶକ୍ତି, ପିତାମାତା, ଗୁରୁଙ୍କ ଆଶୀର୍ବାଦ କେବେ ବି ନିଷ୍ଫଳ ହୁଏ ନାହିଁ ।ଶିମିଳିପାଳରେ ପାଦଦେଶ ତଥା ବିଶୋଇ ବ୍ଲକର ନୂଆଗାଁ ପଞ୍ଚାୟତର ସାନଜାମବିଲା ଗ୍ରାମର ଆଦିବାସୀ ଦିନ ମଜୁରିଆର ଝିଅ ଶିଖା ମାଝି । ବିଶୋଇ ବ୍ଲକର ବାଡୁଣିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନରେ ସଫଳତାର ସହ ଉତୀର୍ଣ୍ଣ ହୋଇ ପ୍ରଥମ ପ୍ରଚେଷ୍ଟାରେ ନିଟ୍ ପରୀକ୍ଷାରେ ୨୩୭ ମାର୍କ ରଖି ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । କିନ୍ତୁ ଅର୍ଥ ବାଧକ ସାଜିଥିଲା ମେଡିକାଲ କଲେଜରେ ଆଡିମିସେନ ପାଇଁ ।ଚିନ୍ତାରେ ଦିନ କାଟୁଥିଲେ ଶିଖା ମାଝୀ ଏବଂ ତାଙ୍କ ଗରିବ ପିତାମାତା । ଝିଅର ଭବିଷ୍ୟତ ଅନ୍ଧାର ହୋଇଯିବ ଭାବି ବ୍ୟସ୍ତ ହୋଇ ପଡୁଥିଲେ ବାପାମାଆ ।ଏଭଳି ଖବର ପାଇ ମୟୂରଭଂଜ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସ୍ୱେ ଅନୁଷ୍ଠାନ‘ ’ଖେରୱାଲ ଜୁମିଦ‘ ର ସଦସ୍ୟ ଓ ସଦସ୍ୟାନ୍ଦ ଶିଖା ମାଝିଙ୍କ ଘରେ ପହଞ୍ଚି ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଦେଇଥିଲେ । ମେଧାବୀ ଛାତ୍ରୀ ଶିଖା ମାଝୀ ଯାଜପୁରର ମହାରାଜା ଯଯାତି କେଶରୀ ସରକାରୀ ମେଡ଼ିକାଲ କଲେଜ ରେ ନାମ ଲେଖାଇବେ ।ଶିଖା ମାଝି ଏବଂ ତାଙ୍କ ପରିବାରର ଲୋକଙ୍କ ମନରେ ଆଶାର ପ୍ରଦୀପ ଜଳି ଉଠିଲା ।ସେ ଖେରୱାଲ ଜୁମିଦ ସଂଗଠନର କାର୍ଯ୍ୟକର୍ତ୍ତା ଙ୍କୁ କୃତଜ୍ଞତା ଜଣାଇଥିଲେ ।ଏବେ ସେ ଯାଜପୁର ଅଭିମୁଖେ ଯାଇ ମେଡିକାଲ କଲେଜରେ ନାମ ଲେଖାଇବେ ।ଜୁମିଦ ସଂଗଠନର ସଦସ୍ୟ ଓ ସଦସ୍ୟା ବୃନ୍ଦ କହିଛନ୍ତି ଯେଉଁ ସାନ୍ତାଳୀ ସମାଜର ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଅର୍ଥ ବାଧକ ସାଜିବ ନାହିଁ ।ସଂଗଠନ ପକ୍ଷରୁ ସେମାନଙ୍କୁ ସହାୟତା ଯୋଗାଇ ଦିଆଯିବ ।ସେମାନେ ଆଗକୁ ବଢନ୍ତୁ ଏବଂ ସାନ୍ତାଳୀ ସମାଜର ପ୍ରଗତିରେ ସାରଥି ସାଜନ୍ତୁ ।ସଂଗଠନର ସଭାପତି ଭାଗବତ ମାଝୀ, ସଂପାଦକ ବୈଦ୍ୟନାଥ ମାଝୀ, ବରିଷ୍ଠ ଡ଼ାକ୍ତର ଦେବେନ୍ଦ୍ରନାଥ ଟୁଡୁ, ପ୍ରାକ୍ତନ ଅବକାରୀ ଏସପି ଚନ୍ଦ୍ର ମୋହନ ବାସ୍କେ, ସିଡିପିଓ ବିନ୍ଦୁ ଟୁଡୁ, କୋଷାଧ୍ୟକ୍ଷ ଲମ୍ବୋଦର ସୋରେନ, ରାମଚନ୍ଦ୍ର ମାଝୀ ଙ୍କ ସମେତ ବହୁ ସଦସ୍ୟ ଓ ସଦସ୍ୟା ସାମିଲ ହୋଇଥିଲେ ।ଖେରୱାଲ ଜୁମିଦ ସଂଗଠନର ଏଭଳି ସାମାଜିକ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ନିର୍ବାଚନୀ ସାକ୍ଷରତା କ୍ଲବ୍‌ର ପୁନରୁଦ୍ଧାର ଓ ସୁଦୃଢ଼ୀକରଣ



**ବାରିପଦା /ସାହାରପଡ଼ା (ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା,ସାହାରପଡା ବ୍ଲକ, ଉଦୟପୁରସ୍ଥିତ ଯୁକ୍ତ ଦୁଇ ମହାବିଦ୍ୟାଳୟ ପରିସରରେ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରରେ ନିର୍ବାଚନୀ ସାକ୍ଷରତା କ୍ଲବ୍‌ର ପୁନରୁଦ୍ଧାର ଓ ସୁଦୃଢ଼ୀକରଣ କାର୍ଯ୍ୟକ୍ରମ, ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସାହାରପଡା ବ୍ଲକ ଉନ୍ନୟନ ଅଧିକାରୀ ରଣଜିତ ମହାନ୍ତ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ନିର୍ବାଚନୀ ସଚେତନତା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଥିଲେ । ମତଦାନର ଗୁରୁତ୍ୱ, ମତଦାତାଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହେବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୁବପିଢ଼ିଙ୍କ ସକ୍ରିୟ ଭୂମିକା ରହିବା ଆବଶ୍ୟକ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମଧ୍ୟରେ ନିର୍ବାଚନ ସମ୍ପର୍କିତ ସଚେତନତା ବୃଦ୍ଧି, ମତଦାତାଙ୍କ ଅଧିକାର ଓ କର୍ତ୍ତବ୍ୟ, ମତଦାନର ଗୁରୁତ୍ୱ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନାଗରିକଙ୍କ ସକ୍ରିୟ ଭୂମିକା ଉପରେ ଆଲୋଚନା କରାଯାଇଥିଲା । ବିଶେଷ କରି ନୂତନ ଓ ଯୁବ ମତଦାତା ମାନଙ୍କୁ ନିର୍ବାଚନ ପ୍ରକ୍ରିୟା ସହିତ ଯୋଡ଼ିବା, ନିର୍ଭୟ ଓ ସଚେତନ ଭାବେ ମତଦାନ କରିବା ପାଇଁ ପ୍ରେରିତ କରିବା ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ, ଛାତ୍ରଛାତ୍ରୀ ଓ ସମ୍ପୃକ୍ତ ଅଧିକାରୀମାନେ ଯୋଗଦେଇ ନିର୍ବାଚନୀ ସାକ୍ଷରତାକୁ ତୃଣମୂଳ ସ୍ତରରେ ଅଧିକ ବ୍ୟାପକ କରିବା ସହ ଯୁବପିଢ଼ିଙ୍କୁ ଗଣତନ୍ତ୍ରର ମୂଲ୍ୟବୋଧ ସମ୍ପର୍କରେ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ସଚେତନ ଓ ଦାୟିତ୍ୱବାନ ମତଦାତା ହିଁ ଏକ ସୁଦୃଢ଼ ଗଣତନ୍ତ୍ରର ମୂଳ ଆଧାର ବୋଲି ମତପ୍ରକାଶ ପାଇଥିଲା ।

## ବିଶ୍ୱବିଦ୍ୟାଳୟରେ ‘ଖେଲ କି ବାତ୍ ପ୍ରଧାନମନ୍ତ୍ରୀ କେ ସାଥ୍’ କାର୍ଯ୍ୟକ୍ରମ




**ବାରିପଦା(ଅମୃତମିଡିଆ):** ଜାତୀୟ କ୍ରୀଡ଼ା ଦିବସ-୨୦୨୬ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ମାଇଁ ଭାରତ ସହଯୋଗରେ ଖେଲୋ ଇଣ୍ଡିଆ ସମ୍ବାଦ ଖେଲ କି ବାତ ପ୍ରଧାନମନ୍ତ୍ରୀ କେ ସାଥ କାର୍ଯ୍ୟକ୍ରମ ମହାରାଜା ଶ୍ରୀରାମ ଚନ୍ଦ୍ରଭଞ୍ଜ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇଥିଲେ. ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭର୍ଚୁଆଲ ଉପସ୍ଥିତି ରେ କେନ୍ଦ୍ର ଯୁବ କାର୍ଯ୍ୟ ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟଙ୍କ ସ୍ୱାଗତ ଅଭିଭାଷଣ ଏବଂ ଜାତୀୟ କ୍ରୀଡ଼ା ଦିବସ ସମ୍ପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଯୁବ ସମ୍ବାଦରେ ଯୁବପିଢ଼ିଙ୍କ ଚିନ୍ତାଧାରା, ମତାମତ ଓ ଆକାଂକ୍ଷାକୁ ନେଇ ଖୋଲା ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ କ୍ରୀଡ଼ା ବ୍ୟକ୍ତିତ୍ୱଗଣ ଯଥା ସାଇ କଟକର ରଶ୍ମିତା ସାହୁ, ସୁରେଶ ସାହୁ, ଦିବ୍ୟରଞ୍ଜନ ଦାସ ଓ ମୟୂରଭଞ୍ଜର ସୋସିଆଲ ମିଡ଼ିଆ ପ୍ରଭାବକାରୀ ବ୍ୟକ୍ତି ତ୍ରିଲୋଚନ ବିନ୍ଧାଣୀ ପ୍ରମୁଖଙ୍କୁ ସମ୍ମାନିତ କରାଯିବା ସହ, ବିକଶିତ ଭାରତ ନଶାମୁକ୍ତ ଶପଥ ଗ୍ରହଣ କରାଯାଇଥିଲା । ସ୍ୱେଚ୍ଛାସେବୀ ସାଇ ରଞ୍ଜନ ଲେଙ୍କା ମଞ୍ଚ ପରିଚାଳନା କରିଥିବା ବେଳେ ମାଇଁ ଭାରତ ମୟୂରଭଞ୍ଜର ଉପ ନିର୍ଦ୍ଦେଶକ ସାଥୀ ରାୟ, ଏନଆଇସି ମୟୂରଭଞ୍ଜର ବୈଜ୍ଞାନିକ ଅଜୟ କୁମାର ମହାପାତ୍ର, ଏନ.ଏସ.ଏସ. ବ୍ୟୁରୋର ସଂଯୋଜକ ଡ଼. ପ୍ରିୟ ରଞ୍ଜନ ଦେବତା, ପି.ଜି. ପୁରୁଷ ୟୁନିଟର କାର୍ଯ୍ୟକ୍ରମ ଅଧିକାରୀ ଡ଼. ଯତୀନ୍ଦ୍ରନାଥ ବେଶ୍ରା, ଜିଲ୍ଲା ନୋଡାଲ ଅଧିକାରୀ ଡ. ଅନାମ ଚରଣ ରାଉଳ, ଏନ୍.ଏସ.ଏସ. ବ୍ୟୁରୋର କର୍ମଚାରୀ ଅଜୟ କୁମାର ବଳ, ସୁସ୍ମିତା ପାତ୍ର ଓ ସୁନେଲିକା ପ୍ରହରାଜ ପ୍ରମୁଖ ପରିଚାଳନା କରିଥିଲେ ।





# ରାକ୍ଷୀପୂର୍ଣ୍ଣିମାରେ ସରକାର ଦେଲେ ସୁଭଦ୍ରା ଯୋଜନାର ୫ମ କିସ୍ତି

## ୯ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କ ଖାତାକୁ ଗଲା ୪୬୩ କୋଟି ୩୨ ଲକ୍ଷ ଟଙ୍କା

## ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ସହ ଉଦ୍ୟୋଗିତା ଉପରେ ଗୁରୁତ୍ୱ

**ଛତ୍ରପୁର (ଅମୃତ ମିଡିଆ):** ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହିଳା ସଶକ୍ତିକରଣର ଏକ ନୂଆ ଅଧ୍ୟାୟ ଯୋଡ଼ିଛି ସୁଭଦ୍ରା ଯୋଜନା। ଓଡ଼ିଶା ସରକାର ସୁଭଦ୍ରା ଯୋଜନାର ୫ମ କିସ୍ତି ଅର୍ଥରାଶି ୧ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରିଛନ୍ତି । ପ୍ରତ୍ୟେକ ହିତାଧିକାରୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଦିଆଯାଇଥିବା ବେଳେ ଏଥିପାଇଁ ସରକାର ୫ ହଜାର ୧୬୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରିଛନ୍ତି।

ନୟାଗଡ଼ ଲାଠିପଡ଼ା ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ୫ମ କିସ୍ତି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଯୋଜନାର ୫ମ କିସ୍ତି ଅର୍ଥରାଶି ବଣ୍ଟନ କାର୍ଯ୍ୟକ୍ରମ



ଆୟୋଜିତ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରାଙ୍କ ସମେତ ସୁଭଦ୍ରା ହିତାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଗଞ୍ଜାମ ଜିଲ୍ଲାରେ ଆଜି ୫ମ କିସ୍ତିରେ ୯ ଲକ୍ଷ ୨୬ ହଜାର ୬୪୧ ଜଣ ହିତାଦିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରାୟ ୪୬୩ କୋଟି ୩୨ ଲକ୍ଷ ଟଙ୍କା ସିଧାସଳଖ ହସ୍ତାନ୍ତର କରାଯାଇଛି।

ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଭଉଣୀମାନେ ଛତ୍ରପୁର ବିଧାୟକ, ଜିଲ୍ଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଫୁଲ ଓ ଚନ୍ଦନ ଦେଇ ରାକ୍ଷୀ ବାନ୍ଧିଥିଲେ।

ଏହି ଅବସରରେ ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଛତ୍ରପୁରର ବେବି ମହାରଣା ଓ ବୁଗୁଡ଼ାର କବିତା ମହାରଣାଙ୍କ ସହ ଆଲୋଚନା କରିଥିଲେ। ସୁଭଦ୍ରା ଯୋଜନାରୁ ସେମାନେ ପାଉଥିବା ସୁବିଧା, ଏହି ସହାୟତାର ପ୍ରଭାବ ଏବଂ ଏହା ମାଧ୍ୟମରେ ସେମାନଙ୍କ ଜୀବନରେ ଆସିଥିବା ପରିବର୍ତ୍ତନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଥିଲେ।

ରାକ୍ଷୀ ପୂର୍ଣ୍ଣିମାର ପବିତ୍ର ଅବସରରେ ଏହି ଅର୍ଥରାଶି ପାଇ ଜିଲ୍ଲାର ଲକ୍ଷ ଲକ୍ଷ ସୁଭଦ୍ରା ଭଉଣୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସୁଭଦ୍ରା ଯୋଜନାର ପ୍ରଥମ ଚାରିଟି କିସ୍ତିରେ ରାଜ୍ୟର ଏକ କୋଟିରୁ ଅଧିକ ମହିଳାଙ୍କୁ ମୋଟ ୨୦ ହଜାର ୬୪୮ କୋଟି ୬୩ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇସାରିଛି। ଗଞ୍ଜାମ ଜିଲ୍ଲାରେ ମଧ୍ୟ ପାଖାପାଖି ୧୦ ଲକ୍ଷ ମହିଳା ଏହି ଯୋଜନାର ଲାଭ ପାଇ ଆସୁଛନ୍ତି ।

# ଅଧୁରା ରହିଲା ବିଦେଶ ଯିବା ସ୍ୱପ୍ନ

## ଟ୍ରେନରୁ ଖସି ଯୁବକ ମୃତ

### ଖସିପଡିଲେ ନା ଦୁର୍ବୃତ୍ତ ପେଲିଦେଲେ ତାହାକୁ ନେଇ ସନ୍ଦେହ





**ଆଳି (ଅମୃତ ମିଡିଆ):** ଭଉଣୀ ପାଖରୁ ରାକ୍ଷୀ ବାନ୍ଧି ଟ୍ରେନରେ ଘରକୁ ଆସିଥିବା ବେଳେ ରେଳ ଲାଇନ କଡ଼ର ଏକ ଡ୍ରେନରୁ ଗୁରୁତର ଅବସ୍ଥାରେ ମିଳିଥିଲେ ପ୍ରଦୀପ ପରିଡା। ମେଡିକାଲରେ ଭର୍ତ୍ତି ହେବା ବେଳେ ଡାକ୍ତର କଲେ ମୃତ ଘୋଷଣା । ପ୍ରଦୀପଙ୍କ ମୃତ୍ୟୁକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି । ମିଳିଥିବା ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ଅଙ୍ଗାରଖ ଗ୍ରାମର କୈଳାଶ ଚନ୍ଦ୍ର ପରିଡାଙ୍କ ପୁଅ ପ୍ରଦୀପ ପରିଡା (୩୮) । ହାଇଦ୍ରାବାଦରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ରାକ୍ଷୀପୂର୍ଣ୍ଣମୀ ଦିନ ହାଇଦ୍ରାବାଦରେ ରହୁଥିବା ଭଉଣୀ ଘରେ ପହଞ୍ଚି ସେଠାରେ ରାକ୍ଷୀ ବାନ୍ଧିବା ପରେ ଘରକୁ ଆସିବା ନିମନ୍ତେ ଟ୍ରେନରେ ବସିଥିଲେ । ରାତି ପ୍ରାୟ ୧୦.୩୦ ସମୟରେ ପ୍ରଦୀପ ଟ୍ରେନରୁ ଖସି ପଡି ଗୁରୁତର ଆହତ ହୋଇ ତାଙ୍କ ଭଉଣୀ ରଶ୍ମିତାଙ୍କୁ ଟେଲିଫୋନ କରି କହିଥିଲେ । ଏହାପରେ ତାଙ୍କ ଫୋନ ବନ୍ଦ ହୋଇ ଯାଇଥିଲା । ଯାହାକୁନେଇ ଭଉଣୀ ଓ ଭିଣୋଇ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଥିଲେ । ପ୍ରଦୀପଙ୍କ ଭିଣୋଇ ଘଟଣା ସମ୍ପର୍କରେ ଆରପିଏସରେ ଅଭିଯୋଗ କରିଥିଲେ । ଶୁକ୍ରବାର ସକାଳେ ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ନାଦିକୁଡି ଓ ତୁମାଲ୍ଲାଚେରୁଭ ରେଳ ଷ୍ଟେସନ ମଧ୍ୟରେ ଥିବା ଏକ ଡ୍ରେନରୁ ଉଦ୍ଧାର କରିବା ପରେ ସ୍ଥାନୀୟ ଲୋକ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଖବର ଜଣାପଡିବା ପରେ ପ୍ରଦୀପଙ୍କ ଘରେ କାନ୍ଦ ବୋବାଳି ପଡିଯାଇଛି । ପ୍ରଦୀପଙ୍କ ବୃଦ୍ଧ ବାପା କୈଳାଶ ରୋଜଗାରିଆ ପୁଅକୁ ହରାଇ ଭାଙ୍ଗି ପଡ଼ିଥିବା ବେଳେ ପ୍ରଦୀପଙ୍କ ପତ୍ନୀ ରଶ୍ମି ଓ ଏକମାତ୍ର ଝିଅ ବର୍ଷା ବେସାହାରା ହୋଇ ପଡିଛନ୍ତି । ଶନିବାର ଅପରାହ୍ନରେ ପ୍ରଦୀପଙ୍କ



ମୃତଦେହ ଗାଁ ରେ ପହଁଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପ୍ରଦୀପଙ୍କ ବାପା କୈଳାଶ କହିଛନ୍ତି ଯେ ଶୁକ୍ରବାର ଦିନ ପୁଅ ଘରେ ପହଞ୍ଚିବାର ଥିଲା । ଶନିବାର ଦିନ ଦୁବାଇ ଯିବା ନିମନ୍ତେ ଭୁବନେଶ୍ୱରରେ ସାକ୍ଷାତକାର ଥିଲା । କିନ୍ତୁ ଘରକୁ ଫେରିବା ବାଟରେ ପୁଅର ମୃତ୍ୟୁକୁ ନେଇ ତାଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି । ପ୍ରଦୀପଙ୍କୁ କେହି ଦୁର୍ବୃତ୍ତ ଟ୍ରେନରୁ ଠେଲି ମାରି ଦେଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ ସହାୟତା ଦେବାକୁ ସେ ଦାବି କରିଛନ୍ତି।

# ଓକିଲ ସଂଘ କାର୍ଯ୍ୟାଳୟରେ ଦେୱାନୀ ମକଦ୍ଦମାର ପ୍ରତିଷ୍ଠା

## ନିଷ୍କାସନ ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର




**ଛତ୍ରପୁର (ଅମୃତ ମିଡିଆ):** ଛତ୍ରପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ 'ଦେୱାନୀ ମକଦ୍ଦମାର ପ୍ରତିଷ୍ଠା ଏବଂ ନିଷ୍କାସନ' ବିଷୟବସ୍ତୁକୁ ନେଇ ଏକ ଆଇନ ସଚେତନତାମୂଳକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ଓକିଲ ସଂଘର ସଭାପତି ଏଲ. ଗୋପାଲ ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନା ଚକ୍ର ରେ ସିଭିଲ୍ ମାମଲା ଦାୟର, ମାମଲାର ବିଚାର ପ୍ରକ୍ରିୟା ଓ ମାମଲାର ଶୀଘ୍ର ନିଷ୍ପତ୍ତି ସମ୍ପର୍କିତ ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋଚନା କରାଯାଇଥିଲା।

ଏଥିରେ ଗଞ୍ଜାମ ବାରର ବରିଷ୍ଠ ଆଇନଜୀବୀ ପି. ନରସିଂହ ପାତ୍ର ଓ ଉମା ଶଙ୍କର ସାବତ, ଛତ୍ରପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ସାମନ୍ତରାୟ ଓ ଗୋକୁଳ ଚନ୍ଦ୍ର ପଣ୍ଡା ଯୋଗଦେଇ ବିଷୟବସ୍ତୁ ଉପରେ କହିଥିଲେ।

ଏହି ଅବସରରେ ସଂଘର ଉପସଭାପତି ପ୍ରଦୀପ କୁମାର ପଲାଇ, ସାଧାରଣ ସମ୍ପାଦକ କେ. ଦୁର୍ଯ୍ୟୋଧନ ରେଡ୍ଡୀ, ଲାଇବ୍ରେରୀ ସେକ୍ରେଟାରୀ ଏନ. ଗୋପୀ, ଆସିଷ୍ଟାଣ୍ଟ ସେକ୍ରେଟାରୀ ବିଜୟଲକ୍ଷ୍ମୀ ରେଡ୍ଡୀ, ସହ ସମ୍ପାଦକ ଅପସରା ଯାନଙ୍କ ସମେତ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଂଘର ବହୁ ସଦସ୍ୟ / ସଦସ୍ୟା ମାନେ ଉପସ୍ଥିତ ଥିଲେ।

# କାର୍ ଶୋ'ରୁମରେ ଭୟାବହ ଅଗ୍ନିକାଣ୍ଡ



**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ସହର ଉପକଣ୍ଠ ହଳଦିଆ ପଦର ନୂଆ ବସ୍ ଷ୍ଟାଣ୍ଡ ନିକଟରେ ଥିବା ହୁଣ୍ଡାଇ କାର୍ ସୋରୁମ୍ ଅଗ୍ନିକାଣ୍ଡ । ଯାହା ଫଳରେ ଭିତରେ ଥିବା କିଛି କାର୍ ଓ ସ୍ପେର୍ ପାର୍ଟସ ଓ ବହୁ ଦାମିକା ଆସବାବପତ୍ର ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳି ଯାଇଥିବା ଜଣାପଡିଛି । ଖବର ଅନୁଯାୟୀ ଆଜି ସକାଳ ସମୟରେ କେଉଁ କାରଣରୁ ହଠାତ ସୋରୁମରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ଅଗ୍ନିଶମ ବିଭାଗ ର ପ୍ରାୟ ୧୦ ଟି ଗାଡ଼ି ଓ ବିଭିନ୍ନ ନିଆଁ ଲିଭେଇବା ଯନ୍ତ୍ର ପହଞ୍ଚି ଦୀର୍ଘ ସମୟ ଧରି ନିଆଁ ଲିଭେଇବା ପାଇଁ ଚେଷ୍ଟା କରିଥିଲେ । ବହୁ ସମୟ ଧରି ନିଆଁ ଲାଗିଥିବା ବେଳେ ନିଆଁ ଆୟତ ହେବାରେ ମଧ୍ୟ ଦୀର୍ଘ ସମୟ ଲାଗିଥିଲା । ତେବେ କେଉଁ କାରଣରୁ ଉକ୍ତ ସୋରୁମରେ ଭୟବାହ ଅଗ୍ନିକାଣ୍ଡ ଘଟିଛି ତାହା ଖବର ଲେଖା ସୁଦ୍ଧା ସ୍ପଷ୍ଟ ହୋଇନାହିଁ ।

# ସଂସ୍କୃତ ମହାବିଦ୍ୟାଳୟରେ ମହିଳା ସୁରକ୍ଷା ଓ ସାଇବର ଅପରାଧ ସଚେତନତା

## ଛାତ୍ରଛାତ୍ରୀଙ୍କୁ ସତର୍କ ରହିବାକୁ ପୋଲିସ ଅଧିକାରୀଙ୍କ ପରାମର୍ଶ

**ଆସିକା (ଅମୃତ ମିଡିଆ):** ଆସିକା ମେକମାଇକେଲ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମହିଳା ସଶକ୍ତିକରଣ, ମହିଳା ସୁରକ୍ଷା, ସାଇବର ଅପରାଧ ଓ ଡିଜିଟାଲ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବାବାନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଛାତ୍ରଛାତ୍ରୀଙ୍କୁ ମହିଳା ସୁରକ୍ଷା ଓ ସାଇବର ଅପରାଧରୁ ନିଜକୁ ସୁରକ୍ଷିତ ରଖିବା ନେଇ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଆସିକା ଏସ୍‌ଡିପିଓ ସୌରଭ ରଞ୍ଜନ ପ୍ରଧାନ, ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ, ମହିଳା ପୁଲିସ ଅଧିକାରୀ ଅଲିସ୍ମିତା ଜେନା, ଓଡ଼ିଆ ଅଧାପିକା ତଥା ଶକ୍ତିଶ୍ରୀ ସଂଯୋଜିକା କବିତା କୁମାରୀ ଦାଶ ଓ ସାହିତ୍ୟ ଅଧାପକ ଶିଶିର କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ମହିଳାଙ୍କ ଅଧିକାର, ସୁରକ୍ଷା ଓ ସଶକ୍ତିକରଣ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ବର୍ତ୍ତମାନ ଡିଜିଟାଲ ମାଧ୍ୟମର ବ୍ୟବହାର ବଢ଼ିଥିବାରୁ ସାଇବର




ଠକେଇର ଆଶଙ୍କା ମଧ୍ୟ ବଢୁଛି। ତେଣୁ ଅଜଣା ଫୋନ୍ କଲ୍ କିମ୍ବା ମେସେଜ୍ ?ରେ ବ୍ୟକ୍ତିଗତ ତଥ୍ୟ, ବ୍ୟାଙ୍କ ସମ୍ପର୍କିତ ସୂଚନା କିମ୍ବା ଓଟିପି ଭଳି ଗୋପନୀୟ ତଥ୍ୟ ନଦେବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହ ସନ୍ଦେହଜନକ ଲିଙ୍କ୍ କିମ୍ବା ଫାଇଲ୍‌ରେ କ୍ଲିକ୍ ନକରିବା ଏବଂ ଅନଲାଇନ୍ ଠକେଇର ଶିକାର ହେଲେ ତୁରନ୍ତ ପୁଲିସକୁ ଜଣାଇବାକୁ କୁହାଯାଇଥିଲା। ଏହି ଅବସରରେ 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। 'ନିଶା ଛାଡ଼ନ୍ତୁ, ଜୀବନ ବଞ୍ଚାନ୍ତୁ' ବାର୍ତ୍ତା ଦେଇ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରହିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମକୁ ଅଧାପକ ଶିଶିର କୁମାର ମିଶ୍ର ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟ କିରାଣୀ ଟୁନା ମହାରଣା ପରିଚାଳନାରେ ସହଯୋଗ କରିଥିଲେ। ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ପ୍ରଦୀପ କୁମାର ଷଡ଼ଙ୍ଗୀ, ଶକ୍ତିଶ୍ରୀ ସାଥୀ ସୁନନ୍ଦା ଗୌଡ଼, ମାମାଲି ମହାନ୍ତି, ଅଞ୍ଜଳୀ ସାହୁ, ନନ୍ଦିନୀ ପ୍ରଧାନ, କେ. ଶ୍ରୁତି ପାତ୍ର, ଶ୍ରୁତି ମହାନ୍ତି, ବୈଶାଖୀ ସ୍ୱାଇଁ ଓ ରାଖି କୁମାରୀ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସହର ତଳି କ୍ରିୟାନୁଷ୍ଠାନ କମିଟିର ପୋଲିସ ସଂସ୍କାର ଦାବି

**ବ୍ରହ୍ମପୁର (ଅମୃତ ମିଡିଆ):** ସାଧାରଣ ଲୋକ ଥାନାକୁ ଗଲେ ଏଫଆଇଆର ହେଉନି, ସମ୍ମାନ ମିଳୁନି - ଏହି ବାରମ୍ବାର ଅଭିଯୋଗ ଉପରେ ଶେଷରେ ଓଡ଼ିଶା ପୋଲିସର ବଡ଼ ପଦକ୍ଷେପ।ସହର ତଳି ଆଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ୧୨ ଅଗଷ୍ଟ ୨୦୨୬ ରେ ପୋଲିସ ବିଭାଗରେ ସଂସ୍କାର ଆଣିବାକୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଡିଜିପି, ଆଇଜି ଦକ୍ଷିଣାଞ୍ଚଳ ଏବଂ ଏସପି ବ୍ରହ୍ମପୁରଙ୍କୁ ଦିଆଯାଇଥିବା ୮-ଦଫା 'ନ୍ୟାୟ ଓ ସୁରକ୍ଷା' ଚାର୍ଟର ଉପରେ ଆଇଜି କାର୍ଯ୍ୟାଳୟ ଗୁରୁତ୍ୱର ସହ ନେଇଛନ୍ତି।

ଆଇଜି, ଦକ୍ଷିଣାଞ୍ଚଳ, ବ୍ରହ୍ମପୁରଙ୍କ କାର୍ଯ୍ୟାଳୟର ମେମୋ ନଂ ୮୫/୨୬(ପିଇଟି)/ ୧୪୬୨/ଏସଆର (କ୍ରାଇମ୍) ଏବଂ ୧୪୬୩/ଏସଆର (କ୍ରାଇମ୍), ତା.୨୫.୦୮.୨୦୨୬ ରେ ବ୍ରହ୍ମପୁର ଏସପିଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ଯେ ଅଭିଯୋଗର ତଦନ୍ତ କରି ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ଏବଂ ଆକ୍ସନ ଟେକେନ ରିପୋର୍ଟ ଶୀଘ୍ର ଆମକୁ ଦିଅନ୍ତୁ।ଏହା ସହ ୨୫.୦୮.୨୦୨୬ ଅପରାହ୍ନ ୧୨:୦୭ ରେ ଅଫିସିଆଲ ଇ-ମେଲ ରେ ମଧ୍ୟ ଏସପି, ବ୍ରହ୍ମପୁର ଏବଂଆବେଦନକାରୀଙ୍କୁ ଅବଗତ କରାଯାଇଛି । କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି ଯେ ବ୍ରହ୍ମପୁର ହେଉଛି ୫୦ ଲକ୍ଷ ଲୋକଙ୍କ ଜୀବନରେଖା। ଏଠି ଲୋକେ ୨ ଟି ଜିନିଷ ଚାହୁଁଛନ୍ତି - ତୁରନ୍ତ ଏଫଆଇଆର ଏବଂ ଥାନାରେ ସମ୍ମାନ। ଆମେ ସରକାର କିମ୍ବା ପୋଲିସ୍ ବିରୁଦ୍ଧରେ ନୁହଁ ବରଂ ବ୍ୟବସ୍ଥା ସୁଧାର ପାଇଁ ଲଢୁଛୁ ଏବଂ ସଂସ୍କାର ସପକ୍ଷବାଦୀ ।ପୋଲିସ ବିଭାଗରେ ସମୟୋପଯୋଗୀ ସଂସ୍କାର ଆସୁ ଏହା ଚାହୁଁ। ପୋଲିସ୍ ବ୍ୟବସ୍ଥାରେ ସଂସ୍କାର ଓ ସୁଧାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି କ୍ରିୟାନୁଷ୍ଠାନ କମିଟି ୮ ଦଫା ସମ୍ବଳିତ କେତେକ ପ୍ରସ୍ତାବ ବିଭାଗ ନିକଟରେ ରଖିଥିଲା। ସେଥିମଧ୍ୟରୁ ୩୦ ମିନିଟରେ ଏଫଆଇଆର- ଇ - ଏଫଆଇଆର ପୋର୍ଟାଲ ଓ ଆପ୍ - ୨୪ ଘଣ୍ଟାରେ ଏସଏମଏସ ପ୍ରତ୍ୟେକ ଏଫଆଇଆର ରେ କେସ ଆଇଡି- ପ୍ରତି ୧୫ ଦିନରେ ଷ୍ଟାଟସ ଅପଡେଟ । ସେବା ମିତ୍ର ପୋଲିସ - ସବୁ ଥାନାରେ ସିସିଟିଭି, ମହିଳା/ବରିଷ୍ଠ ହେଲ୍ପ ଡେସ୍କ, ବାହାରେ ଅଫିସରଙ୍କ ନାମ-ମୋବାଇଲ ନମ୍ବର । ଗିରଫ ଓ ଚଢ଼ାଉ ବେଳେ ବଡି-ୱର୍ନ କ୍ୟାମେରା ବାଧ୍ୟତାମୂଳକ - ଫଳରେ ହାଜତ ନିର୍ଯାତନା ଅଭିଯୋଗ ବନ୍ଦ ହେବ। ଗଞ୍ଜାମରେ ସ୍ୱାଧୀନ ପୋଲିସ ଅଭିଯୋଗ ପ୍ରାଧିକରଣ - ୭ ଦିନରେ ତଦନ୍ତ, ୩୦ ଦିନରେ ଫଇସଲା । ମାସକୁ ଥରେ 'ଥାନା ଜନସମ୍ପର୍କ ସଭା' - ଏସପି/ଏସିପି ଲୋକଙ୍କୁ ସିଧା ଭେଟିବେ। ବ୍ରହ୍ମପୁରରେ ୨ ଟି ଫାଷ୍ଟ ଟ୍ରାକ କୋର୍ଟ (ମହିଳା ଓ ସାଇବର) + ପ୍ରତି ଥାନାରେ ମାଗଣା ଆଇନ ସହାୟତା ଡେସ୍କ । ସେହିପରି ଖାଲି ପଡିଥିବା ପୋଲିସ ପଦ ପୂରଣ - ପୋଲିସକୁ ରାଜନୈତିକ ଚାପରୁ ମୁକ୍ତ କରି ସ୍ୱାଧୀନ ଭାବେ କାମ କରିବାକୁ ଦେବା ଇତ୍ୟାଦି । ଏ ପରିପ୍ରେକ୍ଷୀରେ କମିଟି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ନ୍ୟାୟ ବିଳମ୍ବିତ ଅର୍ଥ ନ୍ୟାୟ ଅସ୍ୱୀକୃତ। ବ୍ରହ୍ମପୁରରେ ପାଇଲଟ ପ୍ରୋଜେକ୍ଟ ହେଉ ଯାହାକୁ ସାରା ଓଡ଼ିଶା ଅନୁସରଣ କରିବ। ସେ କହିଛନ୍ତି ଦକ୍ଷିଣାଞ୍ଚଳ ଆଇଜିଙ୍କ ପଦକ୍ଷେପ ଲୋକାଭିମୁଖୀ ପୋଲିସ ବ୍ୟବସ୍ଥାର ଏକ ଉତ୍ତମ ଉଦାହରଣ । ଆଇଜି ଦକ୍ଷିଣାଞ୍ଚଳ ପ୍ରମାଣ କରିଦେଲେ ଯେ ଓଡ଼ିଶା ପୋଲିସ ସାଧାରଣ ଲୋକଙ୍କ କଥା ଶୁଣୁଛି। ଏହା ହଜାର ହଜାର ଗଢିବ ଏବଂ ଅସହାୟ ଲୋକଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି। ପୋଲିସ୍ ଫୋର୍ସରୁ ସର୍ଭିସ ଦିଗରେ ଗତି କରିବାର ଇଏ ହେଉଛି ଏକ ଦୃଷ୍ଟାନ୍ତ ପ୍ରୟାସ। ଆମେ ଆଇଜି ଦକ୍ଷିଣାଞ୍ଚଳଙ୍କୁ ଧନ୍ୟବାଦ ଜଣାଉଛୁ।କମିଟି ଏବେ ଏସପି, ବ୍ରହ୍ମପୁରଙ୍କୁ ଭେଟି ଏଟିଆର ମାଗିବ ବୋଲି ସେ କହିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ

**ବେଗୁନିଆପଡା(ଅମୃତ ମିଡିଆ):** ନେଗୁନିଆପଡା ବ୍ଲକ ପରିସର ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ସାମନ୍ତଙ୍କ ସଭାପତିତ୍ୱ ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି !ଏଥିରେ ସମ୍ମାନନୀୟ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଅଧକ୍ଷ୍ୟା ପ୍ରତିନିଧି ଦୁର୍ଯ୍ୟାଧନ ଗୌଡ଼ ଓ ସହାୟକ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ ! ବେଗୁନିଆପଡା ପଞ୍ଚାୟତ ସମିତି ଅଧୀନ ବିଭିନ୍ନ ପ୍ରାନ୍ତ ରୁ ଶତାଧିକ ଭିନ୍ନକ୍ଷମ ଓ ଅଭିଭାବକ ସରକାରଙ୍କ ଏହି ଯୋଜନା ରେ ସାମିଲ ପାଇଁ ଯୋଗଦେଇଥିଲେ ।ଆଜିର ଏହି କାର୍ଯ୍ୟକ୍ରମ ରେ ଦୁଇଜଣ ଭିନ୍ନକ୍ଷମ ଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିବା ବେଳେ ଦୁଇଜଣଙ୍କୁ ସ୍ୱତନ୍ତ୍ର କୋଟା ରେ ଭତ୍ତା କାର୍ଡ ବଣ୍ଟନ କରାଯାଇଥିଲା ଏବଂ ଏବଂ ସେମାନଙ୍କୁ ମଞ୍ଚାସିନ ଅତିଥି ଗଣ ସେମାନଙ୍କୁ ଭୀମଭୋଇଙ୍କ ଜୀବନ ଶୈଳୀ କୁ ନେଇ ବୁଝାଇଥିଲେ ଏବଂ ସେମାନଙ୍କୁ ଉତ୍ସାହିତ କରି ମନୋବଳ ଦୃଢ଼ କରାଇଥିଲେ ବହୁ ଭିନ୍ନକ୍ଷମ ହିତାଧିକାରୀ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ । ଏବିଡିଓ ନିରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକ ପଦାଧିକାରୀ, କର୍ମଚାରୀ ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ ।

# ଶିଶୁ ଯତ୍ନ ଓ ପରିବାରରୁ ବିଚ୍ଛିନ୍ନତା ନିବାରଣ ସମ୍ପର୍କିତ ଆଞ୍ଚଳିକ କର୍ମଶାଳା

## ପ୍ରତ୍ୟେକ ଶିଶୁ ପାଇଁ ପରିବାର ଓ ପ୍ରୀତିପୂର୍ଣ୍ଣ ପରିବେଶ ଗୁରୁତ୍ୱପୂର୍ଣ୍ଣ : ବବିତା ପାତ୍ର

**ଛତ୍ରପୁର (ଅମୃତ ମିଡିଆ):** ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଶିଶୁ ଯତ୍ନ ଓ ପରିବାରରୁ ଶିଶୁମାନଙ୍କ ବିଚ୍ଛିନ୍ନତା ନିବାରଣ ସମ୍ପର୍କିତ ଏକ ଆଞ୍ଚଳିକ କର୍ମଶାଳା ଆଜି ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ଏହି କର୍ମଶାଳାରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ପ୍ରଶାସନିକ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ କଲ୍ୟାଣ କମିଟିର ସଦସ୍ୟ ଏବଂ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗଦେଇଥିଲେ। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର କହିଥିଲେ ଯେ, ପ୍ରତ୍ୟେକ ଶିଶୁ ପାଇଁ ପରିବାର ଓ ପ୍ରୀତିପୂର୍ଣ୍ଣ ପରିବେଶ ଅତ୍ୟନ୍ତ ଜରୁରୀ । ଶିଶୁ ଯତ୍ନ ଅନୁଷ୍ଠାନରେ ରହିବା, ଖାଦ୍ୟ, ଶିକ୍ଷା ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ମିଳିଥାଏ; ମାତ୍ର ପରିବାରର ସ୍ନେହ, ମମତା ଓ ଆତ୍ମୀୟତା ଅନୁଷ୍ଠାନ ସମୁଚିତ ଭାବରେ ଦେଇପାରେ ନାହିଁ। ତେଣୁ ଶିଶୁ ଯତ୍ନ ଅନୁଷ୍ଠାନକୁ ଶେଷ ବିକଳ୍ପ ଭାବେ ବିବେଚନା କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ । ଶିଶୁମାନଙ୍କୁ ପରିବାର ମଧ୍ୟରେ ସୁରକ୍ଷିତ ରଖିବା ପାଇଁ ପଞ୍ଚାୟତ ସ୍ତରରେ ଅସହାୟ ଓ ବିପଦାପନ୍ନ ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କ ପରିବାରକୁ ସାମାଜିକ ଓ ଆର୍ଥିକ ଭାବେ ସଶକ୍ତ କରିବା ଆବଶ୍ୟକ ବୋଲି ଅଧ୍ୟକ୍ଷା କହିଥିଲେ। ସୁଭଦ୍ରା, ଯଶୋଦା ଓ ଆଶୀର୍ବାଦ ଭଳି ସରକାରୀ ଯୋଜନା ସହ ଯୋଗ୍ୟ ପରିବାରଗୁଡ଼ିକୁ ଯୋଡ଼ି ସେମାନଙ୍କ ଜୀବିକା ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରାଯାଇପାରିଲେ ଶିଶୁମାନଙ୍କୁ ପରିବାରରୁ ବିଚ୍ଛିନ୍ନ ହେବାରୁ ରୋକାଯାଇପାରିବ। ଶିଶୁ ଅନୁକୂଳ ଓଡ଼ିଶା ଗଠନ ଦିଗରେ ସମସ୍ତ ଅଂଶୀଦାର ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସଚ୍ଚିଦାନନ୍ଦ ନାୟକ କହିଥିଲେ ଯେ, ଶିଶୁମାନେ ପରିବାରରୁ ବିଚ୍ଛିନ୍ନ ହେବାର ପଛରେ ଥିବା ମୂଳ କାରଣଗୁଡ଼ିକୁ ଚିହ୍ନଟ କରି ତାହାର ସଠିକ୍ ନିରାକରଣ କରିବା ଆବଶ୍ୟକ। ଗ୍ରାମାଞ୍ଚଳରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସିଡିପିଓମାନେ ଅସହାୟ ପରିବାର ଓ ବିପଦାପନ୍ନ ଶିଶୁମାନଙ୍କୁ ଚିହ୍ନଟ କରି ସମୟୋଚିତ ସହାୟତା ପହଞ୍ଚାଇବାରେ ଅଧିକ କ୍ରିୟାଶୀଳ ହେବା ଆବଶ୍ୟକ। ସାମୂହିକ ସଦ୍ଭାବନା ଓ ସମନ୍ୱିତ ପ୍ରୟାସ ମାଧ୍ୟମରେ ଶିଶୁମାନଙ୍କ ପାଇଁ ସୁରକ୍ଷିତ ଓ ସହାନୁଭୂତିଶୀଳ ପରିବେଶ ଗଠନ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

# ପିଏମ୍‌ଶ୍ରୀ ଜିଏଚ୍‌ଏସ୍‌ଏସ୍, ମୁଜାଗଡ଼ ଓ କବିସମ୍ରାଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କୁଲାଡ଼ରେ ନିର୍ବାଚନ ସାକ୍ଷରତା କ୍ଲବ୍ ପକ୍ଷରୁ ସଚେତନତା

**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର ଉପଖଣ୍ଡ ଅନ୍ତର୍ଗତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମୁଜାଗଡ଼ ଏବଂ କବିସମ୍ରାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୁଲାଡ଼ ପରିସରରେ ନିର୍ବାଚନ ସାକ୍ଷରତା କ୍ଲବ୍? ପକ୍ଷରୁ ନିର୍ବାଚନୀ ସଚେତନତାମୂଳକ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ମୁଜାଗଡ଼ ଓ କୁଲାଡ଼ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ , ଡେପୁଟୀ କଲେକ୍ଟର ରଚିତା ମହାପାତ୍ର, ବିଡିଓ ଭାରତୀ ଦେବୀ, ଅନ୍ୟାନ୍ୟ ପଦାଧିକାରୀ, ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଅଧ୍ୟାପକ-ଅଧ୍ୟାପିକା, ଶିକ୍ଷକ-ଶିକ୍ଷୟିତ୍ରୀ, ନିର୍ବାଚନ ସାକ୍ଷରତା କ୍ଲବ୍?ର ସଦସ୍ୟ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

ଏହି ଅବସରରେ ଉପଜିଲ୍ଲାପାଳ ଶ୍ରୀ ବେହେରା ଛାତ୍ରଛାତ୍ରୀମାନଙ୍କୁ ଗଣତନ୍ତ୍ରରେ ମତଦାନର ଗୁରୁତ୍ୱ, ନିର୍ବାଚନ ପ୍ରକ୍ରିୟା ଏବଂ ଜଣେ ଦାୟିତ୍ୱଶୀଳ ନାଗରିକ ଭାବେ ସେମାନଙ୍କର ଭୂମିକା ସମ୍ପର୍କରେ ସଚେତନ କରାଇଥିଲେ। ଯୁବପିଢ଼ି ମଧ୍ୟରେ ନିର୍ବାଚନୀ ସାକ୍ଷରତା ବୃଦ୍ଧି କରିବା ସହ ଭବିଷ୍ୟତରେ ସଚେତନ, ସକ୍ରିୟ ଓ ଦାୟିତ୍ୱବାନ ଭୋଟର ଭାବେ ନିଜର ଭୂମିକା ନିର୍ବାହ କରିବାକୁ ସେ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ମତଦାତା ପଞ୍ଜୀକରଣ, ଭୋଟର ତାଲିକାରେ ନାମ ସଂଯୋଜନ ଓ ସଂଶୋଧନ, ନିର୍ଭୀକ ଓ ନିରପେକ୍ଷ ମତଦାନ, ନୈତିକ ମତଦାନ ଆଦି ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ନିର୍ବାଚନ ସାକ୍ଷରତା କ୍ଲବ୍? ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ନିର୍ବାଚନୀ ସଚେତନତା ଏବଂ ଭୋଟର ଭାବେ ନିଜର ଅଧିକାର




ଓ କର୍ତ୍ତବ୍ୟ ସମ୍ପର୍କରେ ଜ୍ଞାନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଛାତ୍ରଛାତ୍ରୀମାନଙ୍କୁ ନିର୍ବାଚନରେ ଟଙ୍କା, ଉପହାର କିମ୍ବା କୌଣସି ପ୍ରଲୋଭନର ପ୍ରଭାବରୁ ମୁକ୍ତ ରହି ସଚେତନ ଓ ନୈତିକ ଭାବେ ମତଦାନ କରିବାର ଗୁରୁତ୍ୱ ବୁଝାଇ ଦିଆଯାଇଥିଲା।

ଛାତ୍ରଛାତ୍ରୀମାନେ ମଧ୍ୟ ନିର୍ବାଚନୀ ସଚେତନତା ସମ୍ପର୍କିତ ବିଭିନ୍ନ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

ଶେଷରେ ଛାତ୍ରଛାତ୍ରୀମାନେ ସଚେତନ ଓ ଦାୟିତ୍ୱବାନ ନାଗରିକ ହେବା, ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସମ୍ମାନ କରିବା ଏବଂ ନିର୍ବାଚନୀ ସଚେତନତା ବୃଦ୍ଧିରେ ନିଜର ଅବଦାନ ରଖିବା ପାଇଁ ମତଦାତା ସଚେତନତା ଶପଥ ଗ୍ରହଣ କରିଥିଲେ।

ମୁଜାଗଡ଼ ଓ କୁଲାଡ଼ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା, ଗଣତାନ୍ତ୍ରିକ ଚେତନା ଓ ଦାୟିତ୍ୱବୋଧ ବୃଦ୍ଧି କରିବା ଦିଗରେ ଏକ ସାର୍ଥକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା।

## ୧୫୧ ଦିନରେ ନୀରବ ସତ୍ୟାଗ୍ରହ

# ଭକ୍ତ ସାଲବେଗ ପୀଠରୁ ଶ୍ରୀମନ୍ଦିର ଯାଏଁ ଅବିରତ ପଦଯାତ୍ରା

**ପୁରୀ (ବ୍ୟୁରୋ):** ଦାବି ପୂରଣ ହୋଇନାହିଁ, କିନ୍ତୁ ପୁରୀବାସୀଙ୍କ ସଂକଳ୍ପରେ ଆସିନାହିଁ ଭଙ୍ଗା। ନୀରବତା, ଅହିଂସା ଓ ସତ୍ୟର ପଥରେ ଆଜି ୧୫୧ ଦିନରେ ପହଞ୍ଚିଛି ପୁରୀବାସୀଙ୍କ ସଚେତନତା ସତ୍ୟାଗ୍ରହ ପଦଯାତ୍ରା। ପ୍ରବଳ ବର୍ଷା ସତ୍ତ୍ୱେ ସତ୍ୟାଗ୍ରହୀମାନେ ଏକାଠି ହୋଇ ନିଜ ସଂକଳ୍ପର ପରିଚୟ ଦେଇଛନ୍ତି। ପୁରୀବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବିରେ ଗତ ଏପ୍ରିଲ ୧ ତାରିଖରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ଏହି ଅହିଂସାମୂଳକ ପଦଯାତ୍ରା ପ୍ରତିଦିନ ନିୟମିତ ଭାବେ ଜାରି ରହିଛି। ଆଜି ବର୍ଷାକୁ ଖାତିର ନକରି ସତ୍ୟାଗ୍ରହୀମାନେ ଭକ୍ତ ସାଲବେଗ ପୀଠରୁ ଏକାଠି ହୋଇ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରିଥିଲେ। ଶ୍ରୀମନ୍ଦିର ନିକଟରେ ପହଞ୍ଚି ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ଓ ପୂର୍ବପରି ଦର୍ଶନ ବ୍ୟବସ୍ଥା ପୁନଃସ୍ଥାପନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ସତ୍ୟାଗ୍ରହ ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ୧୫୧ ଦିନ ଧରି ପୁରୀବାସୀ ଶାନ୍ତିପୂର୍ଣ୍ଣ ଓ ଅହିଂସାମୂଳକ ଉପାୟରେ ନିଜ ଅଧିକାର ଓ ଭାବନାର କଥା ରଖିଆସୁଛନ୍ତି। ବର୍ଷା ହେଉ କି ପ୍ରତିକୂଳ ପରିସ୍ଥିତି, ପୁରୀବାସୀଙ୍କ ଏକତା ଓ ସଂକଳ୍ପ ଅଟଳ ରହିଛି। ଏହି ଆନ୍ଦୋଳନ କୌଣସି ବ୍ୟକ୍ତି, ରାଜନୈତିକ ଦଳ କିମ୍ବା ସରକାର ବିରୋଧରେ ନୁହେଁ। ପୁରୀବାସୀଙ୍କ ଆସ୍ଥା, ପରମ୍ପରା ଓ ନ୍ୟାୟସଙ୍ଗତ ଅଧିକାରର ସୁରକ୍ଷା ପାଇଁ ଏହା ଏକ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଯାତ୍ରା ଥମିବ ନାହିଁ ବୋଲି ସେ କହିଛନ୍ତି। ଏହି ସଚେତନତା ସତ୍ୟାଗ୍ରହ ପଦଯାତ୍ରାରେ ସର୍ବଶ୍ରୀ ସର୍ବଶ୍ରୀ ହରିଶଙ୍କର ମିଶ୍ର, ଶିବସୁନ୍ଦର ମିଶ୍ର, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ପ୍ରକାଶ ଚନ୍ଦ୍ର ନାୟକ, ନୃସିଂହନାଥ ନାୟକ, ବିପାଶା ସିଂହ, ମମତା ସ୍ୱାଇଁ, ଯାଦବାନନ୍ଦ ରାୟ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ବାପିନା ସାମନ୍ତରାୟ, କାଶୀନାଥ ସାହୁ, ସୁବାଷ ପଟ୍ଟନାୟକ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଯୋଗଦେଇଥିଲେ।




## ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ



**ପୁରୀ (ବ୍ୟୁରୋ):** ସ୍ୱାମୀ ବିବେକାନନ୍ଦ ଆଂଗ୍ଲୋ-ବେଦିକ ଏଜୁକେସନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ,କପିଳେଶ୍ୱରପୁର ୪ର୍ଥ ଶହର ରାଜ୍ୟସ୍ତରୀୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର, ଓଡ଼ିଶାଙ୍କ ସହଭାଗିତାରେ ପାଳିତ ହୋଇଯାଇଛି। ଏହି ଅବସରରେ କାଳଜୟୀ ସାହିତ୍ୟିକଙ୍କର ଜୀବନୀ ଓ ସାହିତ୍ୟ କୃତି ଉପରେ ଆଧାରିତ ଉଚ୍ଚକୋଟୀର ଗଙ୍ଗାଧର ସାହିତ୍ୟ ସତସଙ୍ଗ, ବକ୍ତୃତା ପ୍ରତିଯୋଗିତା, କବିତା ପାଠ ଆଦି ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନିଶିଗନ୍ଧା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଶ୍ରୀଯୁକ୍ତ ବଳରାମ ତରାଇ ମୁଖ୍ୟଅତିଥି ରୂପେ ଯୋଗଦେଇ ରଙ୍ଗାଜୀବ ଗଙ୍ଗାଧରଙ୍କ ଗୁଣରାଜି ତଥା ଗୁଣାବଳୀକୁ ବଖାଣିବା ସହ ଏହା ଓଡ଼ିଆ ପ୍ରାଣର ଆବାଳବୃଦ୍ଧବନିତାଙ୍କ ମନରେ ଓଡ଼ିଆ ଅସ୍ମିତାକୁ ଚିରସ୍ମରଣୀୟ କରି ରଖିବ ବୋଲି ଉକ୍ତି ବାଢିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସରସ୍ୱତୀ ନାୟକ ଗଙ୍ଗାଧରଙ୍କ ସ୍ୱତନ୍ତ୍ରତାକୁ ଅସ୍ୱୀକାର କରାଯାଇନପାରେ ବୋଲି ମତ ରଖିଥିଲେ। ତତ୍ପରେ ବିଭିନ୍ନ ବର୍ଗରେ ଉତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଟ୍ରଷ୍ଟ ପକ୍ଷରୁ ସାର୍ଟିଫିକେଟ, ଟ୍ରଫି,ଅର୍ଥରାଶି, ଉପଢୌକନ ପ୍ରଦାନ ଯାଇଥିଲା। ସର୍ବଶେଷରେ ପ୍ରସାଦ ସେବନ ପୂର୍ବକ କାର୍ଯ୍ୟକ୍ରମ ସାଙ୍ଗ କରାଯାଇଥିଲା।

# ପୁରୀ ସାଇବର ଥାନାର ଉଲ୍ଲେଖନୀୟ ସଫଳତା




**ପୁରୀ (ବ୍ୟୁରୋ):** ସାଧାରଣ ଲୋକଙ୍କୁ ଠକିବା, ନକଲି ୱେବସାଇଟ୍ ଓ ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ପ୍ରଲୋଭନ ଦେଖାଇବା, ଅନ୍ୟମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅପରାଧରେ ବ୍ୟବହାର କରିବା ଭଳି ବିଭିନ୍ନ ସାଇବର ଅପରାଧକୁ ରୋକିବା ଓ ଅପରାଧୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ସାଇବର ଥାନା, ପୁରୀ ପକ୍ଷରୁ ନିରନ୍ତର ଭାବେ ଅଭିଯାନ ଜାରି ରହିଛି। ଗତ ୮ ମାସ ମଧ୍ୟରେ ସାଇବର ଅପରାଧ ସହ ଜଡ଼ିତ ମ୍ୟୁଲ୍ ଆକାଉଣ୍ଟ ଚିହ୍ନଟ, ଅବରୋଧ, ଠକେଇର ଟଙ୍କା ଉଦ୍ଧାର, ଅଭିଯୁକ୍ତଙ୍କ ଗିରଫ ଏବଂ ନକଲି ୱେବସାଇଟ୍ ଓ ସୋସିଆଲ ମିଡିଆ ଆକାଉଣ୍ଟ ବନ୍ଦ କରିବା କ୍ଷେତ୍ରରେ ପୁରୀ ସାଇବର ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସାଇବର ଠକେଇରେ ଅପରାଧୀମାନେ ଅନ୍ୟ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଗ୍ରହଣ ଓ ସ୍ଥାନାନ୍ତର ପାଇଁ ବ୍ୟବହାର କରୁଥିବା ଦେଖାଯାଏ। ଏପରି ଆକାଉଣ୍ଟକୁ ସାଧାରଣତଃ 'ମ୍ୟୁଲ୍ ଆକାଉଣ୍ଟ' ଭାବେ ବ୍ୟବହାର କରାଯାଏ। ଏହିପରି ଆକାଉଣ୍ଟ ଚିହ୍ନଟ କରି ତାହାକୁ ଅବରୋଧ କରିବା ଦିଗରେ ସାଇବର ପୁଲିସ ଷ୍ଟେସନ, ପୁରୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ନଜର ରଖାଯାଉଛି। ଗତ ୮ ମାସରେ ସାଇବର ଅପରାଧ ସହ ସମ୍ପୃକ୍ତ ୨,୧୮୪ଟି ମ୍ୟୁଲ୍ ଆକାଉଣ୍ଟକୁ ବ୍ଲକ୍/ଅବରୋଧ କରାଯାଇଛି। ଏହା ମାଧ୍ୟମରେ ସାଇବର ଅପରାଧୀମାନଙ୍କ ଆର୍ଥିକ ନେଟୱର୍କକୁ ଦୁର୍ବଳ କରିବା ସହିତ ଠକେଇ ଟଙ୍କାର ଅବାଧ ନେଣଦେଣକୁ ରୋକିବାରେ ପୁଲିସ ସଫଳ ହୋଇଛି। ଏହି ମାମଲାଗୁଡ଼ିକରେ ତଦନ୍ତ କରି ମ୍ୟୁଲ୍ ଆକାଉଣ୍ଟ ସମ୍ପର୍କିତ ୩୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜେଲ୍ ହାଜତକୁ ପଠାଯାଇଛି। ଏହା ସହିତ ବିଭିନ୍ନ ସାଇବର ଠକେଇ ମାମଲାରେ ୨୦ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇ ଜେଲ୍ ହାଜତକୁ ପଠାଯାଇଛି। ଠକେଇ ଟଙ୍କା ଉଦ୍ଧାର ଓ ଆର୍ଥିକ କାରବାର ଉପରେ ନଜର ସହ ସାଇବର ଠକେଇର ଶିକାର ହୋଇଥିବା ଲୋକଙ୍କ ଟଙ୍କା ଉଦ୍ଧାର କରିବା ଦିଗରେ ପୁରୀ ସାଇବର ପୁଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛି। ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସଂସ୍ଥା ସହ ସମନ୍ୱୟ ରଖି ସନ୍ଦିଗ୍ଧ ଆର୍ଥିକ କାରବାର ଉପରେ ନଜର ରଖାଯାଉଛି। ସାଇବର ଅପରାଧୀମାନଙ୍କ ଆର୍ଥିକ ଭିତ୍ତିକୁ ଦୁର୍ବଳ କରିବା ସହିତ ଅପରାଧରୁ ଉପାର୍ଜିତ ଅର୍ଥର ପ୍ରବାହକୁ ରୋକିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ସାଇବର ଅପରାଧୀମାନେ ବିଭିନ୍ନ ସରକାରୀ ସଂସ୍ଥା, ବ୍ୟାଙ୍କ, କମ୍ପାନୀ ଓ ପ୍ରତିଷ୍ଠିତ ସଂସ୍ଥାର ନାମ ଓ ଲୋଗୋ ବ୍ୟବହାର କରି ନକଲି ୱେବସାଇଟ୍ ପ୍ରସ୍ତୁତ କରି ସାଧାରଣ ଲୋକଙ୍କୁ ଠକୁଛନ୍ତି। ସେହିପରି ନକଲି ସୋସିଆଲ ମିଡିଆ ଆକାଉଣ୍ଟ ମାଧ୍ୟମରେ ମଧ୍ୟ ଲୋକଙ୍କୁ ପ୍ରଲୋଭନ ଦେଖାଇ ଠକେଇ କରାଯାଉଛି। ଏହିପରି ଅପରାଧକୁ ରୋକିବା ପାଇଁ ସାଇବର ପୁଲିସ ଷ୍ଟେସନ, ପୁରୀ ପକ୍ଷରୁ ପ୍ରଯୁକ୍ତିଗତ ତଦନ୍ତ ଓ ନିରନ୍ତର ମନିଟରିଂ କରାଯାଉଛି। ଏହି ପ୍ରକ୍ରିୟାରେ ୧୧୦ଟି ନକଲି ୱେବସାଇଟ୍ ବ୍ଲକ୍ କରାଯାଇଥିବା ବେଳେ ୩୦ଟି ନକଲି ସୋସିଆଲ ମିଡିଆ ଆକାଉଣ୍ଟ ବ୍ଲକ୍/ନିଷ୍କ୍ରିୟ କରାଯାଇଛି। ପୁରୀ ପୁଲିସ ସାଧାରଣ ଲୋକଙ୍କୁ ସଚେତନ ରହିବାକୁ ଅନୁରୋଧ କରିଛି। ଅଜଣା ବ୍ୟକ୍ତିଙ୍କ ଫୋନ୍, ମେସେଜ୍, ଲିଙ୍କ୍ କିମ୍ବା ଆପ୍ ଉପରେ ଅନ୍ଧଭାବରେ ବିଶ୍ୱାସ ନକରିବାକୁ ପରାମର୍ଶ ଦିଆଯାଇଛି।

## ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ

**ପୁରୀ (ବ୍ୟୁରୋ):**ଶ୍ରୀମନ୍ଦିରରେ ହେଲା ବଡ଼ ମହାସ୍ନାନ। ଦେଢ଼ ଘଣ୍ଟା ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ। ଧୁକୁଡି ଦ୍ୱାରରେବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ ନୀତି ହୋଇଛି। ସକାଳ ଧୂପ ପରେ ଭିତରକାଠ ଦର୍ଶନ ଚାଲିଥିବା ବେଳେ ବାନ୍ତି ପଡ଼ିଥିବା ନଜର ଆସିଥିଲା । ଏହାପରେ ବଡ଼ ମହାସ୍ନାନ ଅନୁଷ୍ଠିତ ହୋଇଥିଲା।ଯାହାଦ୍ୱାରା ସାଧାରଣ ଦର୍ଶନ ପ୍ରଭାବିତ ହୋଇଥିଲା। ଏଥିଲାଗି ଦେଢ଼ ଘଣ୍ଟା ସାଧାରଣ ଦର୍ଶନ ପ୍ରଭାବିତ ହୋଇଥିଲା। ଏହାପରେ ସୁରୁଖୁରୁରେ ପୁଣି ସର୍ବସାଧାରଣ ଦର୍ଶନ ଚାଲିଛି।

### ସ୍ୱର୍ଗଦ୍ୱାରରେ ଅଭାବନୀୟ ଘଟଣା

# ଶବଯାତ୍ରାରେ ସଂକୀର୍ତ୍ତନ କରୁଥିଲେ, ନିଜେ ଶବ ହୋଇଗଲେ

**ପୁରୀ (ବ୍ୟୁରୋ):** ପୁରୀ ସ୍ୱର୍ଗଦ୍ୱାରରେ ଆଜି ଶବ ଶୋଭାଯାତ୍ରାରେ ସଂକୀର୍ତ୍ତନ କରୁଥିବା ଜଣେ ବ୍ୟକ୍ତିଙ୍କର ହୃଦ୍‌ଘାତରେ ଜୀବନ ଚାଲିଯାଇଛି। ମୃତକ ହେଲେ ପୁରୀର ପ୍ରଭାତ ସାହୁ। ସୂଚନା ଅନୁସାରେ, ଆଜି ସକାଳେ ପୁରୀ ଗଜପତି ନଗର ଅଞ୍ଚଳର ବସନ୍ତ କୁମାର ଦାସଙ୍କ ପରଲୋକ ହୋଇଥିଲା। ପରିବାର ଲୋକେ ତାଙ୍କ ଶବକୁ ହରିବୋଲ ହୁଳହୁଳି ଓ ସଂକୀର୍ତ୍ତନ ସହ ଘରଠାରୁ ସ୍ୱର୍ଗଦ୍ୱାରକୁ ଶବଦାହ ପାଇଁ ଆଣିଥିଲେ। ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ଭାବେ ପ୍ରଭାତ ସାହୁ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଶବ ସ୍ୱର୍ଗଦ୍ୱାରରେ ପହଞ୍ଚିବା ପରେ ଦାହ ପୂର୍ବରୁ ସମସ୍ତେ ପ୍ରତୀକ୍ଷାଳୟରେ ବସିଥିଲେ। ସେହି ସମୟରେ ହଠାତ୍ ପ୍ରଭାତ ସାହୁ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ଟଳି ପଡିଥିଲେ। ତାଙ୍କୁ ତୁରନ୍ତ ପୁରୀ ଜିଲ୍ଲା



ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ଗୋଟିଏ ଶବ ଦାହ ହେବା ପୂର୍ବରୁ ଆଉ ଜଣେ ଶବ ହୋଇଯିବା ଘଟଣା ସମସ୍ତଙ୍କୁ ମର୍ମାହତ କରିଛି। ପ୍ରଭାତ ସାହୁ ଜଣେ ସରଳ ଓ ଧାର୍ମିକ ପ୍ରକୃତିର ବ୍ୟକ୍ତି ଥିଲେ ଏବଂ ଦୀର୍ଘ ଦିନ ଧରି ସଂକୀର୍ତ୍ତନ ମଣ୍ଡଳୀ ସହ ଜଡ଼ିତ ଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ଘଟଣା ପରେ ସ୍ୱର୍ଗଦ୍ୱାରରେ କିଛି ସମୟ ପାଇଁ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ସିପିଆଇଏମ୍ ପକ୍ଷରୁ କେନ୍ଦ୍ର ସରକାରଙ୍କ ଖଣି ଓ ଖଣିଜ ସମ୍ପଦ ଆଇନକୁ ପ୍ରତ୍ୟାହାର ଦାବି




**ପୁରୀ (ବ୍ୟୁରୋ):** କେନ୍ଦ୍ରର ଭାଜପା ସରକାର ସଂସଦରେ ବିନା ଆଲୋଚନାରେ ତରବରିଆ ପାସ୍ କରିଥିବା ସଂଶୋଧିତ ଖଣି ଓ ଖଣିଜ ଆଇନ ୨୦୨୬ ଦେଶର ଖଣିଜ ସମ୍ପଦକୁ ବଡ଼ ବଡ଼ କର୍ପୋରେଟ୍ ଗୋଷ୍ଠୀଙ୍କ ହାତରେ ଅଧିକ ମାତ୍ରାରେ ଟେକିଦେବା ସହ ରାଜ୍ୟଗୁଡ଼ିକର ଆର୍ଥିକ ଓ ସାମ୍ବିଧାନିକ ଅଧିକାରକୁ ସଂକୁଚିତ କରିବା ପାଇଁ ଉଦ୍ଦିଷ୍ଟ। ଏହି ଆଇନ ଖଣିଜ ସମ୍ପଦରେ ସମୃଦ୍ଧ କିନ୍ତୁ ଐତିହାସିକ ଭାବେ ପଛୁଆ ରାଜ୍ୟଗୁଡ଼ିକୁ ଆହୁରି ଆର୍ଥିକ ଦୁର୍ବଳ କରିବା ସହ ଆଦିବାସୀ ଓ ସ୍ଥାନୀୟ ଲୋକଙ୍କ ଜମି, ଜଙ୍ଗଲ, ଜଳ ଓ ଜୀବିକା ଅଧିକାର ଉପରେ ଗୁରୁତର ଆଘାତ ଆଣିବ।ଏହାକୁ ବିରୋଧ କରି ସିପିଆଇଏମ ପକ୍ଷରୁ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାର ସମ୍ପାଦକ ମୋହନ ନାଇଡୁ ସରକାରଙ୍କ ମନମାଳିନ୍ୟ କାର୍ଯ୍ୟ ଉପରେ ଦୃଷ୍ଟି ନିକ୍ଷେପ କରିଥିଲେ ଏବଂ ସରକାରଙ୍କ ଉପରେ ବାର୍ଷିଥିଲେ। ସରକାର ଯଦି ଏହି ଆଇନକୁ ପ୍ରତ୍ୟାହାର ନକରନ୍ତି ତେବେ ପରବର୍ତୀ ସମୟରେ ରାଜାରାସ୍ତାରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଜ୍ୟୋତିର୍ବିଜ୍ଞାନ ସମ୍ମିଳନୀ




**ପୁରୀ (ବ୍ୟୁରୋ):** ପୁରୀସ୍ଥିତ ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନ ବିଭାଗର ସହଯୋଗରେ ଆଜି ଏକ ଦ୍ୱିଦିବସୀୟ ଆନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀର ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। 'ଭାରତୀୟ ଜ୍ଞାନ ପରମ୍ପରାରେ ଆଜୀବିକା ବିମର୍ଶ' ବିଷୟବସ୍ତୁକୁ ଆଧାର କରି ଏହି ଜ୍ୟୋତିଷ ସମ୍ମିଳନୀ ଆୟୋଜିତ ହୋଇଛି। ସମ୍ମିଳନୀରେ ଜ୍ୟୋତିଷ ଓ ଜ୍ୟୋତିର୍ବିଜ୍ଞାନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ଓ ବିଚାରବିମର୍ଶ କରାଯାଇଛି । ଏହି ସମ୍ମିଳନୀରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ପୌରୋହିତ୍ୟ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସମାଗତ ଅତିଥିମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ଜ୍ୟୋତିର୍ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ଶ୍ରୀନିବାସ ପଣ୍ଡା ସମ୍ମିଳନୀର ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ଡ. ଶ୍ରୀମତୀ ସସ୍ମିତା ମିଶ୍ର ସମ୍ମିଳନୀର ଉଦ୍ଦେଶ୍ୟ ତଥା ଭାରତୀୟ ଜ୍ଞାନ ପରମ୍ପରାରେ ଜ୍ୟୋତିଷର ଭୂମିକା ଓ 'ଆଜୀବିକା ବିମର୍ଶ' ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଲକ୍ଷ୍ନୌ ପରିସରର ନିର୍ଦ୍ଦେଶକ ପ୍ରଫେସର ସର୍ବନାରାୟଣ ଝା ଯୋଗଦାନ କରି 'ଆଜୀବିକା ବିମର୍ଶ' ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଭାରତୀୟ କିଷାନ ସଂଘର ଅଖିଳ ଭାରତୀୟ ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ମୋହିନୀ ମୋହନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ସଦା ସ୍ୱକର୍ମତତ୍ପର ହେବା ଆବଶ୍ୟକ। ଏହି ଆନ୍ତର୍ଜାତୀୟ ସମ୍ମିଳନୀରେ ଭାରତ ତଥା ଭାରତ ବାହାରୁ ବହୁ ସଂଖ୍ୟକ ଜ୍ୟୋତିର୍ବିଦ୍ ଓ ଗବେଷକ ଯୋଗଦାନ କରିଥିଲେ। ଏହି ଅବସରରେ ଜ୍ୟୋତିଷ ଶାସ୍ତ୍ର ସମ୍ପର୍କିତ ତିନୋଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସମ୍ମିଳନୀରେ ବିଦେଶରୁ ଯୋଗଦେଇଥିବା ପ୍ରମୁଖ ଅତିଥି ଓ ଜ୍ୟୋତିର୍ବିଦ୍‌ମାନଙ୍କ ମଧ୍ୟରେ ଆମେରିକାରୁ ପ୍ରିମିଟିଭା କ୍ୟାଣ୍ଡିସ୍ ମୁନା ଓ ଚେୟେନ୍ ଯେକେୟ , ଜର୍ମାନୀରୁ କ୍ୟାଟି ନିର୍ବାଣ , ବର୍ମାରୁ ଅମର ନାଥ ସେନ୍ , ବାଂଲାଦେଶରୁ ପ୍ରଫେସର ଏଲ୍.ଏନ୍. ଜୁଏଲ୍ ଆଚାର୍ଯ୍ୟ, ଡ. ଶୈଳେନ୍ଦ୍ର କୁମାର ଦାସ, ଦିଲୀପ କୁମାର ଚୌଧୁରୀ ଓ ପ୍ରହ୍ଲାଦ ଚନ୍ଦ୍ର ଦେବ ଏବଂ ନେପାଳରୁ ନେହା ପାଣ୍ଡେ ଓ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ।

# ଶ୍ରୀମନ୍ଦିରରେ ହଳଧର ଜନ୍ମନୀତି ସମ୍ପନ୍ନ

**ପୁରୀ (ବ୍ୟୁରୋ):** ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ପାରମ୍ପରିକ ବିଧିବିଧାନ ଅନୁଯାୟୀ ବଳଭଦ୍ର ଜନ୍ମନୀତି ସମ୍ପନ୍ନ ହୋଇଛି। ଦ୍ୱିପ୍ରହର ଧୂପ ବେଶରେ ମହାପ୍ରଭୁଙ୍କ ଦକ୍ଷିଣ ଭୁଜରେ ଗୋଟିଏ ଓ ବାମ ଭୁଜରେ ଦୁଇଟି ଆଜ୍ଞାମାଳ ଲାଗି କରାଯାଇଥିଲା । ଭିତରେ ପାଣି ପଡି ଧୋବ ପଖାଳ ହେବା ପରେ ଆସ୍ଥାନ ପଡ଼ିଆରୀ ବଡ଼ବାଡ଼ ସିଂହାସନ ତଳେ ଷଷ୍ଠୀ ମାର୍କଣ୍ଡି ବରୁଣ ପୂଜା ପାଇଁ,ପୂଜାପଣ୍ଡା ,ପତି ଓ ମୁଦିରସ୍ତଙ୍କ ଦ୍ୱାରା ପୂଜା ନୀତି ସମ୍ପନ ହୋଇଥିଲା ।ଟେରା ଫିଟିବା ପରେ ମହାଜନ ସେବକ ଦକ୍ଷିଣି ଘରୁ ମଦନ ମୋହନଙ୍କୁ ଭିତର ସିଂହାସନକୁ ବିଜେ କରାଇଥିଲେ ଏବଂ ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ମଦନ ମୋହନ, ମହାଲକ୍ଷ୍ମୀ ଓ ସରସ୍ୱତୀ ଙ୍କୁ ଝୁଲଣ ମଣ୍ଡପରେ ବିଜେ କରାଇଥିଲେ ।ଦଇତାପତି ସେବକ ମାନେ ଶ୍ରୀ ସୁଦର୍ଶନଙ୍କୁ



ସିଂହାସନ ରୁ ଆଣି ଜଗମୋହନରେ ରଖାଯାଇଥିବା ଚଉଦୋଳ ରେ ବିଜେ କରାଇଥିଲେ ।ଶ୍ରୀ ସୁଦର୍ଶନ ଙ୍କୁ ପାଟ ପତନି ,କମର ପଟି ଓ ସୁନା ହରଡା ମାଳି ଲାଗି କରାଯାଇଥିଲା ।ବିମାନ ବଡୁ ସେବକମାନେ ଚଉଦୋଳକୁ ବଳଭଦ୍ରଙ୍କ ଜନ୍ମ ନୀତି ପାଇଁ ମାର୍କଣ୍ଡେୟ ପୁଷ୍କରିଣୀକୁ ନେଇ ମଣ୍ଡପ ଉପରେ ବିଜେ କରାଇଥିଲେ ।ଶୁଦ୍ଧ ସୁଆର ଘରୁ ଚିକିଟା ମାଟିରେ ବଳଭଦ୍ରଙ୍କ ପିତୁଳା ନିର୍ମାଣ କରିଥିଲେ ଓ ପୂଜାପଣ୍ଡା ଏହି ପିତୁଳାରେ ଜୀବନ୍ୟାସ ଦେଇ ବିଧି ମୁତାବକ ଜାତ କର୍ମ ସମ୍ପନ୍ନ କରିଥିଲେ ।ଏହା ପରେ ମୁଦିରସ୍ତ ଙ୍କ ଦ୍ୱାରା ପ୍ରସାଦ ଲାଗି କରାଯାଇଥିଲା ।ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ପୂଜା କରି ଶୀତଳ ଭୋଗ ମଣୋହି କରିଥିଲେ ଶେଷରେ ସୁଦର୍ଶନ ମହାପ୍ରଭୁ ଚାରି ଆଶ୍ରମ ବୁଲି ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ ।ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିବା ପରେ ବଡ଼ସିଂହାର ଭୋଗ ସମ୍ପନ କରାଯାଇଥିଲା ।ଏହି ଜନ୍ମ ନୀତିକୁ ଦେଖିବାପାଇଁ ମାର୍କଣ୍ଡରେ ଭକ୍ତ ମାନଙ୍କ ମଧ୍ୟରେ ଉତ୍ସାହ ଭକ୍ତି ଆରାଧନା ମାଧ୍ୟମରେ ଜନ୍ମନୀତି ସମ୍ପନ କରାଯାଇଥିଲା ।

# ଝାଡ଼େଶ୍ୱରୀ କ୍ଲବ୍ ପ୍ରାଙ୍ଗଣରେ ଜାତୀୟ କ୍ରୀଡ଼ା ଦିବସ




**ପୁରୀ (ବ୍ୟୁରୋ):** ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ଝାଡେଶ୍ୱରୀ କ୍ଲବ୍ ଠାରେ କ୍ରୀଡା ଦିବସ ପାଳନ କରାଯାଇଛି ।ଏଥିରେ ହ୍ୟାଣ୍ଡ ବଲ୍, ଥ୍ରୋ ବଲ୍, ଜିମ୍ନାଷ୍ଟିକ୍, ସଫ୍ଟ ବଲ୍, ମାଲଖମ୍ବ, ରଗବୀ, ସୁଟିଂ ବଲ୍,ଏମିତି ବହୁତ ପ୍ରକାର ଖେଳ ର ପାଖା ପାଖି ୩୦୦ ଖେଳାଳି ଏକତ୍ରିତ ହୋଇ ଏକ ରାଲି କରି ଝାଡେଶ୍ୱରି କ୍ଲବ୍ ପ୍ରାଙ୍ଗଣ ରୁ ବାହାରି ଷ୍ଟେସନ ରୋଡ ଦେଇ ଜିଲ୍ଲା ସ୍କୁଲ୍ ରାସ୍ତା ପରେ ପରେ ସୁବାସ ବୋଷ ଛକ ଦେଇ ଭିଆଇପି ରୋଡ ଦେଇ ପୁଣି ଝାଡେଶ୍ୱରି କ୍ଲବ୍ ଠାରେ ଶେଷ କରିଥିଲେ। ଏଥିରେ କ୍ଲବ୍‌ର ସମ୍ପାଦକ ଶ୍ରୀଯୁକ୍ତ ପାର୍ଥ ସାରଥୀ ମହାପାତ୍ର,ଓଡ଼ିଶା ଥ୍ରୋ ବଲ୍ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ , ଓଡିଶା ହ୍ୟାଣ୍ଡ ବଲ୍ କୋଷାଧ୍ୟକ୍ଷ ସିତେନ୍ଦ୍ର ନାଥ ଦାସ, ଓଡିଶା ଜିମ୍ନା ଷ୍ଟିକ ପ୍ରଶିକ୍ଷକ ସଞ୍ଜୟ ମିଶ୍ର,ପୁରୀ ସଫ୍ଟବଲ୍ ସଭାପତି ଅରବିନ୍ଦ ଦାସ , ଝାଡେଶ୍ୱରୀ କ୍ଲବ୍‌ର ସଦସ୍ୟ ସୁମିତ୍ କୁମାର ଚନ୍ଦୁକା,ଝାଡେଶ୍ୱରି କ୍ଲବ୍‌ର ଉପ ସଭାପତି ନିମାଇ ଚରଣ ଦାସ ଏଥି ସହିତ କ୍ଲବ୍‌ର ସମସ୍ତ କର୍ମ କର୍ତ୍ତାମାନେ ଯୋଗ ଦେଇଥିଲେ । ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ଥ୍ରୋ ବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା , ସନ୍ଧ୍ୟା ରେ ମଧ ଖେଳାଳୀ ମାନଙ୍କ ଦ୍ୱାରା ଯୋଗ ଓ ମାଲଖମ୍ବର କିଛି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏଥି ସହିତ କ୍ରୀଡା ଦିବସ ର ମହତ୍ତ୍ୱ ଲୋକ ମାନଙ୍କୁ ଜଣାଇବା ପାଇଁ ଗତ ୩ ଦିନ ହେବ ସନ୍ଧ୍ୟା ସମୟରେ କ୍ଲବ୍ ଠାରେ ସମସ୍ତ ଖେଳାଳି ମାନଙ୍କ ସହିତ ସେମାନଙ୍କ ଅଭିଭାବକ ମାନଙ୍କୁ ମଧ୍ୟ ଡକାଇ ଖେଳ ,ଖେଳ ର ଆନୁଷଙ୍ଗିକ ଉପକରଣ,ଖେଳର ଉପକାରୀତା , ଏ ସମସ୍ତ ବିଷୟରେ କ୍ଲବ୍ ଠାରେ ଶିକ୍ଷା ଦିଆଯାଉଥିଲା । ଝାଡେଶ୍ୱରି କ୍ଲବ୍‌ର ସଭାପତି କୃଷ୍ଣ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ଥର ପ୍ରଦର୍ଶନ ହେବ ଶ୍ରୀ ନୀଳମାଧବଙ୍କ ୧୪ ବେଶ

**ପୁରୀ (ବ୍ୟୁରୋ):** ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ, ଶ୍ରୀଜଗନ୍ନାଥ ଭକ୍ତ ସମାଜ, ପୁରୀ, ବିଶ୍ୱ ସନାତନ ଟ୍ରଷ୍ଟ ଓ ଫ୍ୟାସନ୍ କ୍ଲବ୍, ଭୁବନେଶ୍ୱରର ମିଳିତ ସହଯୋଗରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଶ୍ରୀ ନୀଳମାଧବଙ୍କ ପ୍ରମୁଖ ୧୦ ବେଶ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତିର ସୁନା ବେଶ ଓ ପଦ୍ମ ବେଶର ଦିବ୍ୟ ପ୍ରଦର୍ଶନ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନ ଆସନ୍ତା ସେପ୍ଟେମ୍ବର ୧୪ ରୁ ୨୦ ତାରିଖ ୨୦୨୬ ପର୍ଯ୍ୟନ୍ତ, ପ୍ୟାସନ୍ କ୍ଲବ୍, ୟୁନିଟ୍-୪, ଏମ୍.ଏଲ୍.ଏ କଲୋନୀ ପାର୍କ, ଭୁବନେଶ୍ୱରରେ ଗଣେଶ ପୂଜା ଅବସରରେ ପ୍ରଦର୍ଶିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଥମ ନିମନ୍ତ୍ରଣ କରାଯାଇଥିଲା। ଏ ନେଇ ଭକ୍ତ ସାଲବେଗ ପୀଠ ବଡ଼ଦାଣ୍ଡ ପୁରୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଦେଉଳ ପୁରୋହିତ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଅତିଥି ଭାବେ ଶ୍ରୀ ଦୁର୍ଗା ପ୍ରସାଦ ଦାସ ମହାପାତ୍ର (ବରିଷ୍ଠ ଦଇତାପତି), ଡଃ ଶରତ ମହାନ୍ତି (ସଭାପତି, ଚୂନରା ସେବକ), ବିଶିଷ୍ଟ ସମାଜସେବୀ ଶ୍ରୀ ଚକ୍ରଧର ମହାପାତ୍ର, ଡଃ ବଳରାମ ଦାଶ, ପ୍ରମୁଖ ଉପସ୍ଥିତ ରହି ଘୋଷଣା କରିଥିଲେ। ସମସ୍ତ ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟରୂପ ଶ୍ରୀ ନୀଳମାଧବଙ୍କ ମହିମା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଡଃ ନାରାୟଣ ମହାପାତ୍ର, ଶ୍ରୀଜଗନ୍ନାଥ ଭକ୍ତ ସମାଜର ସମ୍ପାଦକ ଡଃ ଶଶୀକାନ୍ତ ରଥ, ପ୍ୟାସନ୍ କ୍ଲବ୍ ର ସଭାପତି ଶ୍ରୀ ତପନ କୁମାର ପଲେଇ ଉପସ୍ଥିତ ଥିଲେ। ୧୪ ବେଶ ସମ୍ଭାର: ଗଜାନନ/ହାତୀ ବେଶ, ନବଯୌବନ ବେଶ, ସୁନା ବେଶ/ରାଜ ବେଶ, ବନ ଭୋଜି ବେଶ, କାଳୀୟ ଦଳନ ବେଶ, ପ୍ରଲମ୍ବାସୁର ବଧ ବେଶ, କୃଷ୍ଣ-ବଳରାମ ବେଶ, ବଳି ବାମନ ବେଶ, ରାଧା-ଦାମୋଦର ବେଶ, ଲକ୍ଷ୍ମୀ-ନାରାୟଣ ବେଶ, ବଙ୍କଚୂଡ଼ା ବେଶ, ତ୍ରିବିକ୍ରମ/ଅଡ଼କିଆ ବେଶ, ଲକ୍ଷ୍ମୀ-ନୃସିଂହ/ଡାଳିକିଆ ବେଶ ଓ ପଦ୍ମ ବେଶ। ସମସ୍ତ ଭକ୍ତମାନଙ୍କୁ ଏହି ଦୁର୍ଲଭ ବେଶ ଦର୍ଶନ କରି ପ୍ରଭୁ କୃପା ଲାଭ କରିବାକୁ ଅନୁରୋଧ କରାଯାଇଛି।



### ଜାତୀୟ କ୍ରୀଡ଼ା ଦିବସ

# ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଓ ଶୋଭାଯାତ୍ରା





**ପୁରୀ (ବ୍ୟୁରୋ):** ଆଜିର ଯୁବପିଢ଼ି ଓ କ୍ରୀଡା ପ୍ରତି ମନୋନିବେଶ କରୁଥିବା ପ୍ରତିଟି କ୍ରୀଡାବିତ୍‌ଙ୍କ ପାଇଁ ଧ୍ୟାନଚାନ୍ଦ ଆଦର୍ଶ ହୋଇ ରହିଥିବେ ବୋଲି ମତବ୍ୟକ୍ତ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଜାତୀୟ କ୍ରୀଡା ଦିବସ ଆଜି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଳବଣିଆ ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହୋଇଥିଲା ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଏକ ସଚେତନତା ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ଆୟୋଜିତ ଶୋଭାଯାତ୍ରାରେ ୫୦୦ ରୁ ଊର୍ଦ୍ଧ୍ୱ କ୍ରୀଡାବିତ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରୁ ବାହାରି ଶ୍ରୀଜଗନ୍ନାଥ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ,ଜାତୀୟ ଖୋଖୋ ସଂଘର ଉପ ସଭାପତି ତଥା ରାଜ୍ୟ ସଂପାଦକ ପ୍ରଦ୍ୟୁମ୍ନ ମିଶ୍ର,କ୍ରୀଡା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, ବକ୍ସିଂ କୋଚ ସୁଦର୍ଶନ ସାହୁ,କ୍ରୀଡା ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା, ଜିମନାଷ୍ଟିକ କୋଚ ରମେଶ ବେହେରା, ଖୋ ଖୋ କୋଚ ଆକାଶ ରଣା, ସତ୍ୟବ୍ରତ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ଜାତୀୟ କ୍ରୀଡା ଦିବସର ଅନୁଚିନ୍ତା ସହ ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଏଥିରେ କ୍ରୀଡା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, କ୍ରୀଡାବିତ, କ୍ରୀଡ଼ା କେନ୍ଦ୍ରରେ ରହୁଥିବା ଅନ୍ତେବାସୀମାନେ ଯୋଗ ଦେଇଥିଲେ।

# ଅକୁହା କଥା



ଜ୍ୟୋତିର୍ବିଦ ଡ.ଅନ୍ନଦା ତ୍ରିପାଠୀ



ସେ ଦିନ ସନ୍ଧ୍ୟାରେ ମାଆ ଫୋନ୍ କରିଥିଲେ। ଅମିତ ଅଫିସ୍‌ର କିଛି ଜରୁରୀ କାମରେ ବ୍ୟସ୍ତ ଥିଲା, ତଥାପି ମାଆଙ୍କ ନାଁ ଟା ମୋବାଇଲ୍‌ର ପରଦାରେ ଦେଖି ଫୋନ୍‌ଟି ଉଠାଇଲା।..."ପୁଅ, ଟିକେ ଘରକୁ ଆସିବୁ ?"ଅମିତ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "କ'ଣ ହେଲା କି ମାଆ ? ଦେହ ଖରାପ ଅଛି କି ?"....ମାଆ ହାଲୁକା ଭାବରେ ହସି କହିଲେ, "ନାଇଁ ପୁଅ, କିଛି ହୋଇନି। କେବଳ ତୋତେ ଟିକେ ଦେଖିବାକୁ ମନ ହେଉଛି।"ଅମିତ ଘଡ଼ିକୁ ଦେଖି କହିଲା, "ମାଆ, ଏବେ ବହୁତ କାମ ଅଛି। ଏ ସପ୍ତାହଟା ଟିକେ ବ୍ୟସ୍ତ ରହିବି, ଆସନ୍ତା ସପ୍ତାହରେ ନିଶ୍ଚୟ ଯିବି।"ଫୋନ୍‌ର ଅନ୍ୟ ପାଖରେ କିଛି କ୍ଷଣ ନିରବତା ରହିଲା। ତା'ପରେ ମାଆ କେବଳ ଏତିକି କହିଲେ, "ହଉ ପୁଅ, ସମୟ ମିଳିଲେ ଆସିବୁ।"ଫୋନ୍ କଟିଗଲା. ।ଅମିତ ପୁଣି ନିଜ କାମରେ ବ୍ୟସ୍ତ ହୋଇଗଲା, କିନ୍ତୁ ସେ ଜାଣିପାରିଲା ନାହିଁ ଯେ ଫୋନ୍ କଟିବା ପରେ ମାଆ କିଛି ସମୟ ମୋବାଇଲ୍ ?ଟିକୁ ଛାତିରେ ଜାବୁଡ଼ି ଧରି ବସି ରହିଥିଲେ। ତାଙ୍କ ଆଖିର କୋଣରେ ଜମିଥିବା ଦୁଇ ବୁନ୍ଦା ଲୁହକୁ ପୋଛି ସେ ନିଜକୁ ନିଜେ ବୁଝାଉଥିଲେ—"ପୁଅଟା ବ୍ୟସ୍ତ ଅଛି, ତା'ର ଦୋଷ କ'ଣ ?"ମାଆମାନେ ବୋଧହୁଏ ଏମିତି ହିଁ ହୋଇଥାନ୍ତି। ସନ୍ତାନର ଅବହେଳାକୁ ମଧ୍ୟ ସେମାନେ ତା'ର ବ୍ୟସ୍ତତା ବୋଲି ବୁଝିନିଅନ୍ତି, ସନ୍ତାନର ନିରବତାକୁ ମଧ୍ୟ ତା'ର ଅସହାୟତା ବୋଲି ମାନିନିଅନ୍ତି, ଆଉ ନିଜ ମନର ଯନ୍ତ୍ରଣାକୁ ସନ୍ତାନ ଉପରେ ଭାର ନହେଉ ବୋଲି ହସର ଆଢୁଆଳରେ ଲୁଚାଇ ରଖନ୍ତି ।ଅମିତର ପିଲାଦିନର କଥା ମନେ ପଡ଼ିଲେ ମାଆଙ୍କର ସେହି ମୁହଁଟି ଆଖି ଆଗରେ ଭାସିଯାଏ—ଯେଉଁ ମୁହଁରେ ଦୁଃଖ ଥିଲା, ଅଭାବ ଥିଲା, ଅନେକ ଚିନ୍ତା ଥିଲା, ତଥାପି ପୁଅଟି ଘରକୁ ଫେରିଲେ ସବୁ ଦୁଃଖ ଯେମିତି ହସରେ ପରିଣତ ହୋଇଯାଉଥିଲା। ସ୍କୁଲ୍‌ରୁ ଫେରି ଅମିତ ଦୁଆର ଖୋଲି ଘରକୁ ପଶିବାମାତ୍ରେ ମାଆ ପଚାରୁଥିଲେ, "ଆସିଲୁ ପୁଅ ? ବହୁତ ଭୋକ ଲାଗୁଛି ନା ?" ଆଉ ସେ କିଛି ନକହି ବ୍ୟାଗ୍‌ଟାକୁ ଗୋଟିଏ କୋଣରେ ଫିଙ୍ଗି ଦେଇ କହୁଥିଲା, "ମାଆ, ଖାଇବା ଦିଅ, ବହୁତ ଭୋକ ଲାଗିଛି।"ମାଆ ହସି ହସି ଥାଳିରେ ଭାତ ପରଷି ଦେଉଥିଲେ, ନିଜେ ଖାଇଛନ୍ତି କି ନାହିଁ ସେ କଥା ଭୁଲିଯାଇ ପୁଅର ଥାଳିରେ ଆଉ ଟିକେ ଭାତ, ଆଉ ଟିକେ ତରକାରୀ ଦେଇ କହୁଥିଲେ, "ଆଉ ଟିକେ ଖା, ପୁଅ।"ସେତେବେଳେ ଅମିତ କେବେ ପଚାରିନଥିଲା"ମାଆ, ତୁମେ ଖାଇଛ କି ?"କାରଣ ସେତେବେଳେ ସେ ଜାଣିନଥିଲା ଯେ ମାଆଙ୍କ ଥାଳିରେ ତା'ର ଥାଳିଠାରୁ କମ୍ ଖାଦ୍ୟ ଥିଲା, ଆଉ ମାଆଙ୍କ ଇଚ୍ଛାଠାରୁ ପୁଅର ଭୋକ ସବୁବେଳେ ବଡ଼ ଥିଲା ।ସମୟ ଗଡ଼ିଚାଲିଲା। ଅମିତ ବଡ଼ ହେଲା, ପାଠ ପଢ଼ିଲା, ଚାକିରି କଲା ଓ ସହରରେ ନିଜର ଏକ ନୂଆ ଜୀବନ ତିଆରି କଲା। ମାଆ ତା'ର ସଫଳତାରେ ଗର୍ବ କରୁଥିଲେ, କିନ୍ତୁ ସେହି ଗର୍ବ ଭିତରେ ଗୋଟିଏ ଛୋଟ ଅଭାବ ଧୀରେ ଧୀରେ ବଢ଼ିଚାଲିଥିଲା—ପୁଅ ପାଖରେ ବସି ଦୁଇ ମୁହୂର୍ତ୍ତ କଥା ହେବାର ଅଭାବ ।ପ୍ରଥମେ ଅମିତ ପ୍ରତିଦିନ ଫୋନ୍ କରୁଥିଲା। ପରେ ଦୁଇଦିନରେ ଥରେ, ତା'ପରେ ସପ୍ତାହରେ ଥରେ। ମାଆ ଫୋନ୍ କଲେ ଅମିତର ପାଖରେ ସବୁବେଳେ ଗୋଟିଏ ନା ଗୋଟିଏ କାରଣ ଥିଲା—"ମାଆ, ଏବେ ମିଟିଂରେ ଅଛି... ପରେ କଥା ହେବ", "ମାଆ, ଏବେ ଗାଡ଼ି ଚଳାଉଛି... ପରେ ଫୋନ୍ କରିବି", "ମାଆ, ଆଜି ବହୁତ ଥକିଗଲିଣି ... କାଲି କଥା ହେବା।"ସେହି "ପରେ" ଓ "କାଲି" ଶବ୍ଦଗୁଡ଼ିକ ମାଆଙ୍କ ଜୀବନରେ ଧୀରେ ଧୀରେ ଏକ ଲମ୍ବା ଅପେକ୍ଷାରେ ପରିଣତ ହୋଇଗଲା। ଦିନେ ମାଆ ଅମିତର ପସନ୍ଦର ପିଠା କରିଥିଲେ। ବୟସ ବଢ଼ିବା ସହିତ ହାତରେ ଆଗଭଳି ଶକ୍ତି ନଥିଲା, ତଥାପି ପୁଅ ପାଇଁ ପିଠା କରିବାର ଆନନ୍ଦରେ ତାଙ୍କ ମୁହଁରେ ଏକ ଅଦ୍ଭୁତ ଖୁସି ଥିଲା ।ସେ ଫୋନ୍ କରି କହିଲେ, "ପୁଅ, ତୋ ପାଇଁ ପିଠା କରିଛି। ଆଜି ଆସିପାରିବୁ କି ?"ଅମିତ କହିଲା, "ମାଆ, ଆଜି ସମ୍ଭବ ନୁହେଁ। ଅଫିସ୍‌ରେ ବହୁତ କାମ ଅଛି। ଫ୍ରି ହେଲେ ଆସିବି।"ମାଆ ଧୀରେ କହିଲେ, "ହଉ ପୁଅ, ତୁ ଯେତେବେଳେ ପାରିବୁ ଆସିବୁ।"ସେଦିନ ଅମିତ ଆସିଲା ନାହିଁ। ପରଦିନ ମଧ୍ୟ ନୁହେଁ। ତୃତୀୟ ଦିନ ମାଆ ପିଠାର ଡବାଟି ଖୋଲି ଦେଖିଲେ—ପିଠାଗୁଡ଼ିକ ନଷ୍ଟ ହୋଇଯାଇଛି । ସେଗୁଡ଼ିକୁ ଫିଙ୍ଗି ଦେବାବେଳେ ତାଙ୍କ ମନ ଭିତରୁ କେହି ଯେମିତି କହୁଥିଲା—"ପୁଅ ଆସିଥିଲେ ଖାଇଥାନ୍ତା..."କିନ୍ତୁ ମାଆ ନିଜ ମନକୁ ମଧ୍ୟ ବୁଝାଇଦେଲେ—"ପୁଅର ଦୋଷ ନାହିଁ, ସେ ବ୍ୟସ୍ତ ଅଛି।"ସେହି ରାତିରେ ମାଆ ତାଙ୍କ ପୁରୁଣା ଡାଏରୀ ଖୋଲି ଲେଖିଥିଲେ—"ଆଜି ପୁଅ ଆସିଲା ନାହିଁ। ତା'ର ବହୁତ କାମ ଅଛି। ମୁଁ ଜାଣେ, ସେ ମୋତେ ଭଲ ପାଏ; କେବଳ ତା' ପାଖରେ ସମୟ ନାହିଁ।".ତା'ପରେ ତାଙ୍କ କଲମ ଥମିଗଲା ।ଗୋଟିଏ ଲୁହ ଖସି ଡାଏରୀର ପୃଷ୍ଠା ଉପରେ ପଡ଼ିଲା ।ମାଆ ଆଉ କିଛି ଲେଖିଲେ ନାହିଁ...। କିଛି ମାସ ପରେ ଦିନେ ସକାଳେ ଅମିତଙ୍କ ଫୋନ୍ ବାଜିଲା। ଅଜଣା ନମ୍ବରରୁ ଆସିଥିବା ଫୋନ୍‌ଟି ଉଠାଇବା ପରେ ଅପର ପାଖରୁ ଜଣେ ଅପରିଚିତ ବ୍ୟକ୍ତି କହିଲେ, "ଆପଣ ଅମିତ କହୁଛନ୍ତି ? ଆପଣଙ୍କ ମାଆ ଅସୁସ୍ଥ ହୋଇ ହସ୍ପିଟାଲ୍‌ରେ ଅଛନ୍ତି। ଯଦି ସମ୍ଭବ, ଶୀଘ୍ର ଆସନ୍ତୁ।"ସେହି ମୁହୂର୍ତ୍ତରେ ଅମିତର ମନେ ହେଲା ଯେମିତି କେହି ତା' ଛାତି ଭିତରୁ ହଠାତ୍ ସବୁକିଛି ଟାଣି ନେଇଗଲା। ରାସ୍ତାରେ ଗାଡ଼ି ଚଳାଇବା ସମୟରେ ତା' ମନରେ କେବଳ ଗୋଟିଏ କଥା ଘୁରୁଥିଲା—"ମାଆ କହିଥିଲେ ଘରକୁ ଆସ... ମୁଁ କହିଥିଲି ପରେ ଆସିବି।"ସେଦିନ ପ୍ରଥମଥର ପାଇଁ ଅମିତ ବୁଝିଲା ଯେ "ପରେ" ଶବ୍ଦଟା କେତେ ଭୟଙ୍କର ହୋଇପାରେ..! ହସ୍ପିଟାଲ୍‌ରେ ପହଞ୍ଚି ସେ ମାଆଙ୍କୁ ଦେଖିଲା। ମାଆ ଆଖି ବନ୍ଦ କରି ଶୋଇଥିଲେ, ମୁହଁରେ ଅକ୍ସିଜେନ୍ ମାସ୍କ ଥିଲା, ହାତରେ ସାଲାଇନ୍ ଲାଗିଥିଲା। ଅମିତ ଧୀରେ ତାଙ୍କ ହାତଟିକୁ ଧରିଲା—ସେହି ହାତ, ଯେଉଁ ହାତ ତାକୁ ପିଲାଦିନେ ଧରି ଚାଲିବା ଶିଖାଇଥିଲା ।ମାଆ ଧୀରେ ଧୀରେ ଆଖି ଖୋଲିଲେ। ଅମିତକୁ ଦେଖି ତାଙ୍କ ମୁହଁରେ ଏକ ଦୁର୍ବଳ ହସ ଫୁଟି ଉଠିଲା ।"ଆସିଲୁ ପୁଅ ?"ଏତିକି ଶୁଣି ଅମିତର ଆଖିରୁ ଲୁହ ଝରିପଡ଼ିଲା।"ମାଆ... ମୋତେ କ୍ଷମା କର।"ମାଆ ମୁଣ୍ଡ ହଲାଇ କହିଲେ, "ପାଗଳା ଟା ... ମାଆ କେବେ ପୁଅ ଉପରେ ରୋଷ କରେ ?"ଅମିତ ମାଆଙ୍କ ହାତକୁ ନିଜ ଆଖିରେ ଲଗାଇ କହିଲା, "ମାଆ, ମୁଁ ତୁମକୁ ବହୁତ ଭଲ ପାଏ।"ମାଆ କିଛି କହିଲେ ନାହିଁ। କେବଳ ତା' ମୁଣ୍ଡ ଉପରେ ହାତଟି ରଖିଦେଲେ ।ସେହି ହାତରେ ଆଗଭଳି ଶକ୍ତି ନଥିଲା, ତଥାପି ସେହି ସ୍ପର୍ଶରେ ଅମିତ ନିଜର ହଜିଲା ପିଲାଦିନକୁ ଯେମିତି ଫେରିପାଇଲା ।କିଛି ସମୟ ପରେ ମାଆ ଧୀରେ କହିଲେ, "ପୁଅ, ମୋର ଗୋଟିଏ କଥା ରଖିବୁ ?"ଅମିତ କହିଲା, "ତୁମେ ଯାହା କହିବ, ମୁଁ ନିଶ୍ଚୟ କରିବି।"ମାଆ କିଛି ସମୟ ତା' ମୁହଁକୁ ଚାହିଁ ରହି କହିଲେ, "ମୁଁ ଯେତେବେଳେ ନଥିବି, ତୁ ନିଜକୁ କେବେ ଦୋଷ ଦେବୁନି।"ଅମିତ ଭୟରେ କହିଉଠିଲା, "ମାଆ, ଏମିତି କଥା କହନି।"ମାଆ ହସିଲେ।..."ଆଉ ଗୋଟିଏ କଥା.." "କହ ମାଆ।" "କେହି ଭଲ ପାଏ ବୋଲି ଯଦି ତୋତେ ଲାଗେ, ତାକୁ କେବେ ଅପେକ୍ଷାରେ ରଖିବୁନି। "ଅମିତ କିଛି ବୁଝିବା ପୂର୍ବରୁ ମାଆଙ୍କ ଆଖିରେ ଲୁହ ଜମିଗଲା ।ସେ ଧୀରେ କହିଲେ—"ମୁଁ ତୋତେ କେବେ କହିନଥିଲି ପୁଅ... ଆଜି ଶୁଣେ -ତୋ ପାଇଁ ଅପେକ୍ଷା କରିବା ମୋର ଦୁଃଖ ନୁହେଁ; ସେଇଟା ହିଁ ମୋର ଖୁସି ଥିଲା। ତୁ ଆସିବୁ ବୋଲି ଭାବି ଦୁଆର ଆଡ଼କୁ ଚାହିଁ ରହିବା, ତୋ ପାଇଁ ଖାଇବା ବନାଇ ରଖିବା, ତୋ ଫୋନ୍‌କୁ ଅପେକ୍ଷା କରିବା—ଏସବୁ ହିଁ ମୋର ଜୀବନ ଥିଲା।"ଅମିତ ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ। ସେ ମାଆଙ୍କ ଛାତିରେ ମୁହଁ ଲୁଚାଇ କାନ୍ଦି କାନ୍ଦି କହିଲା, "ମାଆ... ଆଉ ଥରେ କହ। ମୋତେ ଆଉ ଟିକେ କହ...କିନ୍ତୁ ମାଆ ଚୁପ୍ ହୋଇଗଲେ।"ମାଆ.ମାଆ, ଆଖି ଖୋଲ..ଏଥର ମଧ୍ୟ କୌଣସି ଉତ୍ତର ଆସିଲା ନାହିଁ ।ଅମିତ ମାଆଙ୍କ ହାତକୁ ଜାବୁଡ଼ି ଧରିଲା; କିନ୍ତୁ ସେହି ହାତ ଆଉ ତା' ମୁଣ୍ଡ ଉପରକୁ ଉଠିଲା ନାହିଁ ।ସେହି ମୁହୂର୍ତ୍ତରେ ଅମିତ ବୁଝିଲା—ମାଆ ଚାଲିଯିବାର ଅର୍ଥ କେବଳ ଜଣେ ମଣିଷ ଚାଲିଯିବା ନୁହେଁ; ତା'ର ଜୀବନରୁ ସେହି ଗୋଟିଏ ଶବ୍ଦ ମଧ୍ୟ ଚିରବିଦାୟ ନେଇସାରିଛି —"ମୁଁ ଅଛି।"ମାଆଙ୍କ ଶେଷକାର୍ଯ୍ୟ ପରେ ଘରଟା ଅମିତକୁ ଆଉ ଘର ଭଳି ଲାଗିଲା ନାହିଁ। ବାରଣ୍ଡାରେ ମାଆଙ୍କ ପୁରୁଣା ଚେୟାରଟି ସେମିତି ପଡ଼ିଥିଲା, ରୋଷେଇ ଘରେ ତାଙ୍କ ଚପଲ ଥିଲା, ଟେବୁଲ୍ ? ଉପରେ ଚଷମାଟି ଥିଲା, କିନ୍ତୁ ଯେଉଁ ମଣିଷଟି ଏସବୁକୁ ନିଜର କରିଥିଲେ, ସେ ଆଉ ନଥିଲେ ।ତକିଆ ତଳୁ ମିଳିଲା ସେହି ପୁରୁଣା ଡାଏରୀ.... ।ଅମିତ ନିଜ ଅମାନିଆ ହାତରେ ତାହା ଖୋଲିଲା। ଶେଷ ପୃଷ୍ଠାରେ ଲେଖାଥିଲା—"ପୁଅ ଆସିଲେ ତାକୁ କହିବି—ମୁଁ ତା' ଉପରେ କେବେ ବି ରାଗିନାହିଁ। କେବଳ ତା' ସହିତ ଟିକେ ବସିବାକୁ ମନ ହେଉଥିଲା, ତା' ମୁଣ୍ଡରେ ହାତ ରଖିବାକୁ ମନ ହେଉଥିଲା, ତା'କୁ ମୋ ହାତରେ ଖାଇବାକୁ ଦେବାକୁ ମନ ହେଉଥିଲା। ଆଉ ଥରେ ତା'କୁ ପିଲାଦିନ ପରି କହିବାକୁ ମନ ହେଉଥିଲା—'ଭୟ କରନି ପୁଅ, ମୁଁ ଅଛି।'"ଅମିତ ପଢ଼ିପାରିଲା ନାହିଁ। ଆଖିର ଲୁହ ଅକ୍ଷରଗୁଡ଼ିକୁ ଧୂସର କରିଦେଲା। ଡାଏରୀର ତଳେ ଆଉ ଗୋଟିଏ ଧାଡ଼ି ଥିଲା।...."ଏସବୁ କଥା ତାକୁ କହିବି ନାହିଁ। ମୋ ପୁଅ ଦୁଃଖ କରିବ ।"....ଏଥର ଅମିତ ଆଉ ଧୈର୍ଯ୍ୟ ଧରିପାରିଲା ନାହିଁ ; ସେ ଭାଙ୍ଗିପଡ଼ିଲା ।ଡାଏରୀଟାକୁ ଛାତିରେ ଜାବୁଡ଼ି ଧରି ଚିତ୍କାର କରି କହିଲା—"ମାଆ... ତୁମେ ମୋତେ ଏସବୁ କାହିଁକି କହିଲ ନାହିଁ ? ମୁଁ ଯଦି ଜାଣିଥାନ୍ତି, ମୋର ସବୁ କାମ ଛାଡ଼ି ତୁମ ପାଖକୁ ଆସିଯାଇଥାନ୍ତି... ମାଆ, ଥରେ ମାତ୍ର ମୋତେ ଡାକି କହିଥାନ୍ତୁ—'ପୁଅ, ମୋତେ ତୋର ଦରକାର'... ମୁଁ ଦୌଡ଼ି ଆସିଥାନ୍ତି।".... ଅମିତର ଏ କଥା ଶୁଣିବାକୁ କେହି ବି ନଥିଲେ... ଘରଟା ନିରବ ଥିଲା....ମାଆ ଆଉ କିଛି କହିବାକୁ ନଥିଲେ ।ବର୍ଷ ବର୍ଷ ପରେ ମଧ୍ୟ ଅମିତ ଯେତେବେଳେ ଏକୁଟିଆ ହୁଏ, ମାଆଙ୍କୁ ମନେ ପକାଏ। କେବେ କେବେ ମୋବାଇଲ୍ ?ରେ ମାଆଙ୍କ ପୁରୁଣା ନମ୍ବରଟା ଖୋଜେ, ଆଙ୍ଗୁଠି "କଲ ବଟନ " ଉପରେ ଯାଇ କିଛି ସମୟ ଥମିଯାଏ, କାରଣ ସେ ଜାଣେ—ସେପଟୁ ଆଉ କେହି କହିବେ ନାହିଁ, "ପୁଅ, ଖାଇଲୁ ?"ତଥାପି ପ୍ରତିବର୍ଷ ମାଆଙ୍କ ଜନ୍ମଦିନରେ ସେ ତାଙ୍କ ଫଟୋ ଆଗରେ ବସେ ଓ ଧୀରେ ଧୀରେ କଥା ହୁଏ।"ମାଆ, ମୁଁ ଭଲ ଅଛି।"..."ମାଆ, ତୁମକୁ ଗୋଟିଏ କଥା କହିବାର ଥିଲା....।""ମୁଁ ତୁମକୁ ବହୁତ ଭଲ ପାଉଥିଲି, ମାଆ... କିନ୍ତୁ ତୁମେ ଥିବାବେଳେ କହିପାରିଲି ନାହିଁ।"ସେହି ଶୂନ୍ୟତାର ନାମ—ଅକୁହା କଥା.....କିନ୍ତୁ ଜୀବନ କେବେ ଆମକୁ ସେହି "ପରେ" ପାଇଁ ଅପେକ୍ଷା କରିବାର ଅଧିକାର ଦିଏନାହିଁ। ଯେଉଁ ମଣିଷଟି ଆଜି ଆମ ପାଖରେ ଅଛି, ସେ ଆସନ୍ତାକାଲି ମଧ୍ୟ ଆମ ପାଖରେ ରହିବ—ଏହାର କୌଣସି ନିଶ୍ଚିତତା ନାହିଁ ।ତେଣୁ ଯଦି କାହାକୁ ଭଲ ପାଆନ୍ତି, ଆଜି କହିଦିଅନ୍ତୁ। ଯଦି କାହା ପାଇଁ ମନରେ କୃତଜ୍ଞତା ଅଛି, ଆଜି ଧନ୍ୟବାଦ ଦିଅନ୍ତୁ। ଯଦି କାହା ସହିତ କଥା ହେବାକୁ ମନ ହେଉଛି, ଆଜି ଫୋନ୍ କରନ୍ତୁ। ଆଉ ଯଦି କାହାକୁ କ୍ଷମା ମାଗିବାର ଅଛି, ଅହଂକାରକୁ ଦୂରରେ ରଖି ଆଜି ହିଁ କହିଦିଅନ୍ତୁ ।କାରଣ ମଣିଷ ଚାଲିଯିବା ପରେ ତା'ର ଫଟୋକୁ ହଜାରଥର କହିଲେ ମଧ୍ୟ ଫଟୋ କେବେ ଉତ୍ତର ଦେବନାହିଁ।

ସେତେବେଳେ ଆମ ପାଖରେ ରହିଯାଏ କେବଳ ସ୍ମୃତି, ଆଖିର ଲୁହ, ହୃଦୟର ଅନୁତାପ ଓ ଜୀବନର ସବୁଠାରୁ ଭାରୀ ଦୁଇଟି ଶବ୍ଦ— ଆଉ ସେହି ଅକୁହା କଥାଗୁଡ଼ିକ ହିଁ ବୋଧହୁଏ ମଣିଷକୁ ସାରା ଜୀବନ ଅନ୍ତର ଭିତରୁ କନ୍ଦାଇଥାଏ।

*'ବୃନ୍ଦାବନ ବିହାର'*
*ଜଗନ୍ନାଥପ୍ରସାଦ, ଗଞ୍ଜାମ*
*ମୋ-୯୯୩୮୫୭୮୪୫୪*

# ବଳଦେବ ଜନ୍ମ

ରାଗ - ରାମକେରୀ

ନମୋ ନମୋ ବଳଦେବ ହେ ରେବତୀଙ୍କ ରମଣ
ଧରଣୀ ରକ୍ଷଣ ପାଇଁ କି  ନନ୍ଦ ଘରେ ନନ୍ଦନ
ପୁଛନ୍ତି ପରିକ୍ଷ ରାଜନ ବ୍ୟାସ ଋଷି ନନ୍ଦନେ
ବଳଭଦ୍ର ଜନ୍ମ କାହାଣୀ କିମ୍ବା ଏ ଧରା ଧାମେ
ଶୁଣି ଶୁକ ମୁନି ବଦନ୍ତି ପରୀକ୍ଷିତ ରାଜନେ
ବଳଦେବ ଜନ୍ମ କାହାଣୀ ଗୋପ ମଥୁରା ଗ୍ରାମେ
ଦିନେ ରନ୍ ଗର୍ଭା ପହଞ୍ଚି ପାଶେ କମଳା ପତି
ଦୂର୍ମିଳା ନନ୍ଦନ ଯାତନା କର ଯୋଡ଼ି କହନ୍ତି
ଅନିନ୍ଦ୍ୟା ଅତୁଲ୍ୟା ସୁଷମା ଅନନ୍ତା  ବସୁମତୀ
କହନ୍ତି ଶ୍ରୀପତି  ଜନନୀ ପାଣି ଯୋଡ଼ି ମିନତୀ
ଅବନୀ ମାତାଙ୍କୁ ଅଶ୍ୱାସି ପ୍ରଭୁ  ସାରଙ୍ଗଧର
ଅବଶ୍ୟ ଜନମ ହୋଇବୁ ଆମ୍ଭେ ମଥୁରା ପୁର
ହରିବୁ ଜନନୀ ଯନ୍ତ୍ରଣା  ନେବୁ କଂସ ଜୀବନ
ବସୁଧା ରକ୍ଷଣ ସକାଶେ  ଯିବୁ ମର୍ତ୍ତ୍ୟ ଭୁବନ
ଯାମାତା ଭଗିନୀ ରଥରେ  ବାହି କଂସ ରାଜନ
ତ୍ରିଭୁବନ ହୃଷ୍ଟେ  ଭ୍ରମଇ ବାଣୀ ଶୁଣଇ କର୍ଣ୍ଣ
ଯେଉଁ ଭଗିନୀକୁ ହରଷେ ଭ୍ରମୁ ତିନି ଭୁବନ
ତାହାର ଅଷ୍ଟମ ସନ୍ତାନ  ନେବ ତୋର ଜୀବନ
ଦୈବ ବାଣୀ ଶୁଣି ଦାନବ ହୃଦେ ଭିତୀ ସଂଚାର
କୃପାଣ ଧରି ସେ ଧାମଇ ହାଣି ଦେବକୀ ଶିର
ବସୁଦେବ ଦେଖି ଭୟରେ ନତ ମସ୍ତକ ହୋଇ
ଶତ୍ରୁ ସିନା ଅଷ୍ଟ ସନ୍ତାନ ତୁମ ଭଗିନୀ ନାହିଁ
ନେଇଯାଅ ସବୁ ସନ୍ତାନ ମାରନାହିଁ ଦେବକୀ
ବଚନ ଦେଉଛୁ ରାଜନ ନାହିଁ ଭାବନା କିଛି
ଭଗିନୀ ଭିଣୋଇ ଶୃଙ୍ଖଳେ ବନ୍ଧନ କାରାଗାରେ
କିପରି ମାରିବ ସନ୍ତାନ ମନେ ଭାବନା କରେ
ଗୋଟି ଗୋଟି କରି ବଧିଲା  ଷଡ ଗୋଟି ସନ୍ତାନ
ସପ୍ତମ ଗରଭ ସଂଚିଲା ଯୋଗା ମାୟା ଭିଆଣ
ଶିବଙ୍କ ଅଂଶକୁ ସ୍ଥାପନା ଦେବକୀଙ୍କ ଉଦରେ
ଗର୍ଭରୁ ଭ୍ରୁଣକୁ ଅମ୍ବିକା କାଳେ ଶଙ୍କର୍ଷି ନେଲେ
ରୋହିଣୀ ମାତାଙ୍କ ଗରଭେ ଗୋପେ ସ୍ଥାପନା କଲେ
ଏଣୁ  ଶଙ୍କର୍ଷଣ ନାମକୁ ବଳଦେବ ବହିଲେ
ସପ୍ତମ ଅଷ୍ଟମ ଗରଭୁ  ହରି ହର ଜନମ
ଅଘା ବକା ବସ୍ୱା ପ୍ରଲମ୍ବା ବଧି  ରଖିଲେ ନାମ
ଗୋ ବଂଶ ସୁରକ୍ଷା ସକାଶେ  ଯିବା ଗିରି ପୂଜନେ
ଗାଭିଏ  ଲଭିବେ ଭୋଜନ ଘାସ ଲତା ଉତ୍ପର୍ନେ
ଜାଣି ଇନ୍ଦ୍ର ଦେବ କୋପରେ  ସାତ ଦିନ ବର୍ଷିଲେ
କନିଷ୍ଠ ଅଙ୍ଗୁଷ୍ଠି ପୃଷ୍ଠରେ  ଗିରି ଧାରଣ କଲେ
ଇନ୍ଦ୍ରଙ୍କ ଗରବ  ଗଞ୍ଜନ ଗିରିଧାରୀ ବହିଲେ
ଯେତେକ ଅସାଧ କରମ ଜଗା ବଳିଆ କଲେ
ଶ୍ରାବଣ ଶୁକଳ ଷଷ୍ଠୀରେ ସ୍ୱାତୀ ପଣ୍ଡିତ ବାସେ
ବଳଭଦ୍ର ହେଲେ ଜନମ ଦେଖି ଜନନୀ ହସେ
ମଧାହ୍ନ ତୁଳା ଲଗନରେ ଉଚ୍ଚେ ପାଞ୍ଚଟି ଗ୍ରହ
ଆକାଶରୁ ପୁଷ୍ପ ବରଷା ଦେବେ ଆନନ୍ଦ  ମୁହଁ
ଷଡ ବରଷରେ ବଧିଲେ ଦୁଇ ଭାଇ ରାକ୍ଷାସେ
ମଲ୍ଲ ବିଦ୍ୟା ଶିକ୍ଷା ଧୂରିଣ ହେଲେ  ଶୋଡ ବରଷେ
ଧନୁଯାତ୍ରା ଛଳେ ମଥୁରା ଜଗା ବଳିଆ ଆସି
କଂସକୁ ବଧିଲେ ଅଜାଙ୍କୁ ସିଂହ ଆସନେ ବସି
ମୁଷଳଧାରୀ ବଳଦେବ ବସୁଦେବ ନନ୍ଦନ
ଜନମ ଦିନରେ ପ୍ରାର୍ଥନା ରାମ ପ୍ରଣାମ ଘେନ
ଜୟ ଜୟ ହଳଧର ହେ ପ୍ରଭୁ ରୋହିଣୀ ସୂତ
ନମଇ ନିଳାଦ୍ରୀ ବିହାରୀ ହେଉ ଜୀବନ ପୁତ

*ନୀଳାଦ୍ରି ବିହାରୀ ମହାପାତ୍ର*
*ବୁଢେଇଶୁଣି ଉ. ପ୍ରା. ବିଦ୍ୟାଳୟ, (ପ୍ରଶି)*
*ପୋଲସରା, ଗଞ୍ଜାମ,*
*ମୋ: ୯୮୬୧୩୬୩୮୭୨*

# ଜଙ୍ଗଲ କୋଳରେ ଜଙ୍ଗଲୀ



ସୁନନ୍ଦା ମହାନ୍ତି





କଇଁର ସଂସାର ସ୍ୱାମୀ ଶୁକ୍ରୁ ମାଝୀ ସହ ଖୁବ୍ ଭଲ ଚାଲିଥିଲା ବେଳେ ବର୍ତ୍ତମାନ ବସ୍ତିରୁ ଅଳ୍ପ ଦୂରରେ ଦୂରଛଡା ହୋଇ ରହୁଥିବା ସ୍ତ୍ରୀ କଇଁ ମନରେ ଭୟ ସବୁବେଳେ। କେବେ ଦନ୍ତା ହାତୀକୁ ନେଇ ତ କେବେ ମହାବଳ ବାଘକୁ ନେଇ। ବଣମୂଳକର ବଢିଥିବା ଧାଙ୍ଗଡ଼ା ଧାଙ୍ଗିଡ଼ି କଇଁ ଓ ଶୁକୁରିଆ ଡର ଭୟ କ'ଣ ଜାଣିନଥିବାଓ ଜଙ୍ଗଲକୁ ନିଜର କରିଥିବା ବନବାସୀ ସେମାନେ ଜଙ୍ଗଲରୁ କାଠ କାଟେ ଶୁକୁରିଆ। ମହୁଲ ସଂଗ୍ରହ କରେ କଇଁ। ମହୁ ସଂଗ୍ରହ କରେ ଶୁକୁରିଆ, ଅଳସୀ କ୍ଷେତରେ ଲୋଟି ପଡେ କଇଁ। ସେତେବେଳେ କିନ୍ତୁ ସେମାନେ ବସ୍ତିରେ ରହୁଥିଲେ। ଏକାଠି ମିଳିମିଶି ଜଙ୍ଗଲ ଯାଉଥିଲେ। ଯୋଉଦିନ ଶୁକ୍ରୁ ମାଝୀ କଇଁ ର ହାତ ଧରି ଭିଡ଼ିନେଲା ନିଜ ତିରିଲା କରିବାକୁ,ତା ପରିବାରକୁ ସେହିଦିନଠୁ ତା ମାଆ ଗୁରେଇକୁ ନିଜ ଝିଅଠୁ ଅଧିକା ଦେଖୁଥିଲା. କହୁଥିଲା ମୋ ବୋହୁ ନୁହଁ ସେ ମୋ ଝିଅ। ତା ହାତ ରନ୍ଧା ଜାଉ,ମାଣ୍ଡିଆ ଶାଗ କିଏ କରିପାରିବ ! ପୁଣି ସହରିଆ ଝିଅମାନଙ୍କ ଭଳି କେଡେ ସୁନ୍ଦର ଝୋଟି ଚିତା ମାଟି କାନ୍ଥରେ ଦିଏ ତା ବୋହୂ କଇଁ ଯେ ଦାଉ ଦାଉ ଜଳୁଥାଏ ତା ମାଟି ଘର, ନଡା ବରଡ଼ା ଛପର ଓ ମାଟି କାନ୍ଥ. ସେଇ କାନ୍ଥ କୁ ଆଉଜି ଯେବେ ଗୁରେଇ ଶାଶୁମାଆ ଠାରୁ ପ୍ରଶଂଶା ପରିବର୍ତ୍ତେ ଝିଙ୍ଗାସୀ ବଚନ ଶୁଣିଲା ତଟସ୍ଥ ହେବା ପରିବର୍ତ୍ତେ ଝଟକା ଖାଇଲା। ବାଞ୍ଝ ମୁହଁ ଦେଖିଲେ ସକାଳୁ ଅଶୁଭ କହିବା ସହ ରୋଷେଇ ଦାଇତ୍ୱ ତା ହାତରୁ କାଢିନେଲା ଶାଶୁ ବୁଢ଼ୀ। ସହି ପାରିଲାନି ସ୍ୱାମୀ। ମରଦ ପୁଅ ବାହୁରେ ବଳ ଥିଲେ ଏଇ ଘର ଖଣ୍ଡେ ଚାଁହୁ ଚାଁହୁ ହେବ। ସତକୁ ସତ ଶୁକ୍ରୁ ସଙ୍ଗେ ଶାଶୁଙ୍କୁ ଛାଡ଼ିବସ୍ତି ରୁ ସୁଁ ସୁଁ ହୋଇ ଆସିଲା ବେଳେ ଶୁକ୍ରୁ କହୁଥିଲା ଆଲୋ ମାଆ କି ଜାଣେ। ହାଣ୍ଡିଆ ପିଇ ପିଇ ମୋଠି ଦୋଷ। ତାକତ ନାହିଁ ମୋଠି। ତୁ ମୋର ସୁନା ଝରା ଅଳସୀ କ୍ଷେତ ପରି ନିର୍ଦ୍ଦୋଷ ଲୋ। ପିଲାଟିଏ ନହେଲା ନାହିଁ। ମୁଁ ପରା ତୋର ପିଲା କହି ନେଇଆସିଥିଲା ନୂଆ ହାତତିଆରି ଘରକୁ କଇଁକୁ। ଶାଶୁ ଚୁପ ରହିଲେ ଆଉ କଇଁ ଦଳ ଛାଡ଼ି ଭୟ ପାଇଲା। ବଣମୂଳକ ଯେତେ ତାଙ୍କ ନିଜର ହେଲେ  ବାଘ, ଭାଲୁ, ହାତୀ ପରି ଜନ୍ତୁଙ୍କୁ ତାର ଭାରି ଭୟ। ସେଦିନ କୁଆଡେ ଏମିତି ଗୋଟେ ଆଜି ପରି ଜାତୀୟ ଜନରାଜ୍ୟ ଦିବସ ଥିଲା. ଗଣତନ୍ତ୍ର ଦିବସ. ଆମ ଦେଶର ସାଶନ ଖସଡ଼ା ସେହିଦିନୁ ତିଆରି ହୋଇଥିଲା. ତାକୁ ମାନି ଚାଲିବାକୁ ଆମ ଦେଶର ସବୁ ଲୋକ ଜାତୀୟ ପତାକା ତଳେ ଠିଆ ହୋଇ ଶପଥ ନେଇଥିଲେ. ରାଇଜ, ଦେଶ ଓ ବନବାସୀ ଜନତାଙ୍କ ସବୁ ଦୁଃଖ ବୁଝିବେ ବୋଲି କହିଥିଲେ । ସେଦିନ କିନ୍ତୁ ଶୁକ୍ରୁ ମାଝୀର ଦେହଟାକୁ ଖିନଭିନ କରି ଖାଇବାକୁ ବସିଥିଲା ବେଳେ ଏକୁଟିଆ ଶୁକ୍ରୁ ମାଝୀ ଲହୁଲୁହାଣ ହେଉଥିଲା ଜଙ୍ଗଲରେ. ନିଜେ ଏକୁଟିଆ ଯୁଝି ଯୁଝି କଲରାପତରିଆ ବାଘକୁ ସିନା ମାରିଦେଲା କିନ୍ତୁ ନିଜେ ଲହୁଲୁହାଣ ହୋଇ ସେଇଠି ମରି ପଡିଲା. ମାଆ ବୁଢ଼ୀ ତ ବୁଢ଼ୀ କଇଁ ସେ ମଲା ଦେହଟାକୁ ଥରେ ଦେଖିଲାନି. ବନବିଭାଗ ଅଫିସରମାନେ କୁଆଡେ ରାଜାଘର ସମାଧି ସ୍ଥଳରେ ଶୁକ୍ରୁ କୁ ନେଇ ରାଜାଘର କୁ ଯାଇ ତା ପାଇଁ ସମାଧି ତୋଳିଲେ; କଇଁ ର କିନ୍ତୁ ଭାରି ଅଭିମାନ ସେହି ରାଜାଘର ଲୋକମାନଙ୍କ ଉପରେ। ତାକୁ ଟିକେ ଦେଖେଇନଥାନ୍ତେ ଶେଷଥର ପାଇଁ ତା ସ୍ୱାମୀର ମଲା ଦେହଟାକୁ ! ଆଜି ସେଇ ରାଜାଘର ଲୋକସବୁ କେତେ ଚିଠି କେତେ କାଗଜ ଧରି ଶୁକ୍ରୁ ମାଝୀର ସ୍ତ୍ରୀ କିଏ ଖୋଜି ଖୋଜି ଗୁରେଇ ଦୁଆରେ ଠିଆ। ତା ସ୍ୱାମୀ କରିଥିବା ସାହସିକ ତଥା ବୀରତ୍ୱ ପାଇଁ ତାକୁ କୁଆଡେ ସମ୍ବର୍ଦ୍ଧିତ କରାଯିବ। ହେଲେ କି ସମ୍ବର୍ଦ୍ଧନା ସିଏ। କ'ଣ ସେଥିରୁ ଆଉ ମିଳିବ ତାକୁ। ଗୁରେଇ ଚିହ୍ନେଇ ଦେଇଥିଲା ତା ଶାଶୂ ମାଆକୁ। ସିଏ ଯାଉ, ପୁଅର ସାହସିକ ଓ ବୀରତ୍ୱ ପାଇଁ ଜନମ କଲା ମାଆ ସମ୍ବର୍ଦ୍ଧିତ ହେଉ, ତାକୁ ବରଂ ସେଇ ରାଜାଘର ସମାଧି ଭିତରେ କୋଉଠି ତା ସ୍ୱାମୀର ଚଉଡା ଛାତିକୁ କଲରାପତରିଆ ବାଘ ବିଦାରି ଦେଲା ପରେ ରଖା ଯାଇଛି ସେତିକି ଦେଖାଇଦିଅ ବୋଲି ରାଜା ଘର ବୋଲି କହୁଥିବା ସରକାରୀ ଅଫିସରମାନଙ୍କୁ ନେହୁରା ହେଉଥିଲା ଗୁରେଇ। କାନ୍ଦି କାନ୍ଦି ଲୋଟି ଭୂଇଁ ସାଉଁଟିଲା ବେଳେ ଶାଶୂ ତାର କୋଳକୁ ନେଇ କହୁଥିଲା ମୁଁ ଅଛି, ଏଯାଏଁ ବଞ୍ଚିଛି ଲୋ ଝିଅ। ଖାଲି ତୋରି ମୁହଁକୁ ଚାହିଁ। ଗାଡିରେ ବସି ଶାଶୂ ବୁଢ଼ୀ ସହରକୁ ଗାନ୍ଧୀ ଜୟନ୍ତୀ ରେ ପୁଅ ପାଇଁ ସମ୍ବର୍ଦ୍ଧିତ ହେବାକୁ ଯାଉଥିଲା ବେଳେ ଗୁରେଇ ଯାଉଥିଲା ରାଜାଘର ସମାଧିପୀଠ ସ୍ଥଳ। ସେଠି ମାଳ ମାଳ ସମାଧି ଦେଖି ସେ ଆକୁଳ ହେଉଥିଲା। ତାରି ପରି କେତେ କେତେ କଇଁ ଅଛନ୍ତି ସ୍ୱାମୀଙ୍କୁ ଏଠି ଶୁଆଇଦେଇ ବୋଲି ଭାବି ଦୁଃଖ କରୁଥିଲା। ସେମାନଙ୍କ ପରି ସେ ବଞ୍ଚି ଶାଶୂ ବୁଢ଼ୀ ପାଇଁ ଫେରିଲା ବେଳେ ଶାଶୂଙ୍କ ଦେହରେ ପଡ଼ିଥିବା ନୂଆ ଚାଦର ତଳୁ ଶୁକ୍ରୁ ମାଝୀର ଗନ୍ଧ ପାଇ ମାଆ ବୁଢ଼ୀ କୁ କୁଣ୍ଢେଇ କଇଁ କଇଁ କାନ୍ଦୁଥିଲା କଇଁ  ବଡ଼ ବିକଳରେ କିନ୍ତୁ ଜାଣିନଥିଲା ଶୁକ୍ରୁ ମାଝୀ ନୂଆ ରୂପରେ ତା ପେଟରେ ବଢୁଛି। ଶାଶୂ ବୁଢ଼ୀ କଇଁ ପୁଅ ନାମ କଣ ଦେବ ବୋଲି ଭାବୁଥିଲା ବେଳେ କଇଁ କହୁଥିଲା ବନବାସୀ ଯୁବକର ପରିଚୟରେ ସେ ଜଙ୍ଗଲୀ ମାଆ।

*ସାକ୍ଷୀଗୋପାଳ, ପୁରୀ*
*ମୋ-୯୦୪୦୯୭୭୩୨୭*




## ଓଡ଼ିଶାରେ ୨୦ ଲକ୍ଷ ଗାଡ଼ିର ଆରସି ବାତିଲ୍

# ଆଉ ୩୦ ଲକ୍ଷ ଗାଡ଼ି ଉପରେ ଝୁଲୁଛି ଖଣ୍ଡା



**ଭୁବନେଶ୍ୱର(ବ୍ୟୁରୋ) :** ଓଡ଼ିଶାରେ ୨୦ ଲକ୍ଷ ଗାଡ଼ିର ଜଉ ବାତିଲ୍, ଆଉ ୩୦ ଲକ୍ଷ ଗାଡ଼ି ଉପରେ ଝୁଲୁଛି ଖଣ୍ଡା । ଓଡ଼ିଶାର ଗାଡ଼ି ମାଲିକଙ୍କ ପାଇଁ ବଡ଼ ଖବର । ରାଜ୍ୟର ୨୦ ଲକ୍ଷ ଗାଡ଼ିକୁ 'ପରମାନେଣ୍ଟ ଆର୍କାଇଭ୍ 'କୁ ପଠାଯାଇଥିବା ବେଳେ ସେଗୁଡ଼ିକର ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ବା ଆରସି ବାତିଲ୍ ହୋଇଥିବା ରିପୋର୍ଟ ଆସିଛି । ଏହା ସହ ଆଉ ପ୍ରାୟ ୩୦ ଲକ୍ଷ ଗାଡ଼ିକୁ 'ଟେମ୍ପୋରାରୀ ଆର୍କାଇଭ୍ 'ରେ ରଖାଯାଇଛି । ଆବଶ୍ୟକ କାଗଜପତ୍ର ନବୀକରଣ ନହେଲେ ଆଗକୁ ଏହି ଗାଡ଼ିଗୁଡ଼ିକ ମଧ୍ୟ ସମସ୍ୟାରେ ପଡ଼ିପାରନ୍ତି । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ନୂଆ ଭେଇକିଲ୍ କ୍ଲାସିଫିକେସନ୍ ବ୍ୟବସ୍ଥା ଅନୁସାରେ ବାହାନ ଡାଟାବେସ୍‌ରେ ଥିବା ତଥ୍ୟ ଆଧାରରେ ଗାଡ଼ିଗୁଡ଼ିକର ସ୍ଥିତି ଯାଞ୍ଚ କରାଯାଉଛି । ଆରସି ସମେତ ଆବଶ୍ୟକ କାଗଜପତ୍ରର ମିଆଦ ଓ ନବୀକରଣ ସ୍ଥିତିକୁ ଦେଖି ଗାଡ଼ିଗୁଡ଼ିକୁ ବିଭିନ୍ନ ବର୍ଗରେ ରଖାଯାଉଛି । ଦୀର୍ଘ ସମୟ ଧରି ଆବଶ୍ୟକ କାଗଜପତ୍ର ନବୀକରଣ ହୋଇନଥିବା ଗାଡ଼ିଗୁଡ଼ିକ ଏହି ପ୍ରକ୍ରିୟାରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି । ରିପୋର୍ଟ ଅନୁସାରେ ଓଡ଼ିଶାରେ ପ୍ରାୟ ୧ କୋଟି ୧୦ ଲକ୍ଷ ଘରୋଇ ଓ ବ୍ୟବସାୟିକ ଗାଡ଼ି ପଞ୍ଜୀକୃତ ଅଛି । କିନ୍ତୁ ସେଥିମଧ୍ୟରୁ ପ୍ରାୟ ୪୦ ଲକ୍ଷ ଗାଡ଼ିର ସମସ୍ତ ଆବଶ୍ୟକ କାଗଜପତ୍ର ଠିକ୍ ଥିବା କୁହାଯାଉଛି । ପ୍ରାୟ ୬୫ ଲକ୍ଷ ଗାଡ଼ିର ବୈଧ ବୀମା ନଥିବା ମଧ୍ୟ ରିପୋର୍ଟ ହୋଇଛି । ସବୁଠାରୁ ବଡ଼ କଥା ହେଉଛି, ଆର୍‌ସି ବାତିଲ୍ ହୋଇଥିବା ଗାଡ଼ିକୁ ସାଧାରଣ ରାସ୍ତାରେ ଚଳାଇବା ଆଇନସମ୍ମତ ନୁହେଁ । ତେଣୁ ଗାଡ଼ି ମାଲିକମାନେ ନିଜ ଗାଡ଼ିର ଜଉ ସ୍ଥିତି ସହ ବୀମା, ପିୟୁସି ଏବଂ ଅନ୍ୟ ଆବଶ୍ୟକ କାଗଜପତ୍ର ବୈଧ ଅଛି କି ନାହିଁ ତୁରନ୍ତ ଯାଞ୍ଚ କରିବାକୁ ପରିବହନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ବିଶେଷ କରି 'ଟେମ୍ପୋରାରୀ ଆର୍କାଇଭ୍ 'ରେ ଥିବା ପ୍ରାୟ ୩୦ ଲକ୍ଷ ଗାଡ଼ି ମାଲିକଙ୍କ ପାଇଁ ଏବେ ସତର୍କ ହେବାର ସମୟ । ଆବଶ୍ୟକ କାଗଜପତ୍ର ନବୀକରଣ କରି ନିଜ ଗାଡ଼ିର ରେକର୍ଡ ଅପଡେଟ୍ ରଖିବାକୁ କୁହାଯାଇଛି ।

## ଅଲୋଡ଼ା ହେବେନି କ୍ରୀଡ଼ା ପ୍ରତିଭା

# ପ୍ରତିଭାର ବିକାଶ ପାଇଁ ଯୋଗାଯିବ କ୍ରୀଡ଼ା ଭିତ୍ତିଭୂମି

**ଭୁବନେଶ୍ୱର(ବ୍ୟୁରୋ):** ଆଲୋଡ଼ା ହେବେନି କ୍ରୀଡ଼ା ପ୍ରତିଭା। ପ୍ରତିଭାର ବିକାଶ ପାଇଁ କ୍ରୀଡ଼ାର ଭିତ୍ତିଭୂମି ଯୋଗାଇଦେବେ ସରକାର। ଫୁଟ୍‌ବଲ୍, କ୍ରିକେଟ୍, କବାଡ଼ି, ଖୋଖୋ, ସବୁ ଖେଳାଳି ସମାନ ସୁବିଧା ସୁଯୋଗ ପାଇବେ। ଏଥିପାଇଁ ଭୁବନେଶ୍ୱରର ବଛା ବଛା ଖେଳପଡ଼ିଆର ବିକାଶ କରାଯିବ। ୨ ବର୍ଷ ତଳେ ଏଭଳି କିଛି ସ୍ୱପ୍ନ ଦେଖାଇଥିଲେ ରାଜ୍ୟ ସରକାର। ଯୋଜନା ଅନୁସାରେ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ବିଡିଏ ପକ୍ଷରୁ ୧୯ଟି ଖେଳପଡ଼ିଆ ବିକାଶ ବି ହେଲା। ୨ରୁ ୩ କୋଟି ଟଙ୍କା ଖର୍ଚ୍ଚ କରାଗଲା। କିନ୍ତୁ କାମ ସରିବା ବର୍ଷେ ବିତିଗଲାଣି, ଅଦ୍ୟାବଧି ଏହା ଲୋକାର୍ପଣ ହୋଇପାରିନି। ଦୁର୍ଭାଗ୍ୟର କଥା ଅଦ୍ୟାବଧି ପଡ଼ିଆ ବି ବିଡିଏକୁ ହସ୍ତାନ୍ତର ହୋଇପାରିନି। ଏବେ ବି ଏହା ଠିକାଦାରଙ୍କ ହାତରେ ରହିଛି। ଫଳସ୍ୱରୂପ ଯେଉଁ ସବୁ ବିକାଶ କରାଯାଇଥିଲା, ତାହା ଉଜୁଡ଼ିବାରେ ଲାଗିଲାଣି। ଖେଳପଡ଼ିଆର ପୋଷାକ ବଦଳା ଗୃହ, ସୁରକ୍ଷାକର୍ମୀ ଗୃହ ସବୁ ଭୂତ କୋଠି ପାଲଟିଲାଣି। ଦାମୀ ଘାସ ଗାଲିଚା ବି ନଷ୍ଟ ହୋଇଗଲାଣି। ଘାସ ଗାଲିଚା ବଞ୍ଚାଇବାକୁ ତଥା ପାଣି ସିଞ୍ଚନ ପାଇଁ ଲାଗିଥିବା ଦାମୀ ଯନ୍ତ୍ରାଂଶ, ସ୍ପ୍ରିଙ୍କଲର, ରେନ୍ ଗଜ୍ ବି ଅନେକ ଜାଗାରେ ପଡ଼ି ପଡ଼ି ନଷ୍ଟ ହେଲାଣି। ଯେଉଁ ପଡ଼ିଆକୁ କୋଟି କୋଟି ଟଙ୍କାରେ ଚିକ୍କଣ କରାଯାଇଥିଲା, ସେଠାକୁ ଯିବାକୁ ଡର ଲାଗୁଛି। କେତେକ ଜବରଦଖଲକୁ ଚାଲିଗଲାଣି। କେଉଁଠି କବାଡ଼ିଆ ସାମଗ୍ରୀ ଗଦା ହୋଇଛି ତ ଆଉ କେଉଁଠି କାର ଓ ବଡ଼ ବଡ଼ ଗାଡ଼ି ପାର୍କିଂ ହେଉଛି। କିଛି ନିଶାଗସ୍ତଙ୍କ କବଳକୁ ଚାଲିଗଲାଣି। ଅପରପକ୍ଷେ ଯେଉଁ କ୍ରୀଡ଼ା ପ୍ରତିଭାମାନେ ଏ ଆଶା ରଖିଥିଲେ ଯେ ପଡ଼ିଆ ଉନ୍ନତୀକରଣ ପରେ ସେମାନେ ଏଠାରେ ନିୟମିତ ଅଭ୍ୟାସ କରିବେ ଓ ଭାଗ୍ୟ ଗଢ଼ିବେ, ସେମାନଙ୍କ ଆଶା ବି ମଉଳିଗଲାଣି। ଖେଳପଡ଼ିଆର ବିକାଶ 'ଆମ ଭୂମି' (ଆସ୍ୟୁରଡ ମାସ୍ ଆସେସ୍ ଥ୍ରୁ ଭୁବନେଶ୍ୱର ଓପନ୍ ସ୍ପେସ୍ ଓନରସିପ୍ ମ୍ୟାନେଜମେଣ୍ଟ ଇନିସିଏଟିଭ୍) ଯୋଜନାରେ କରାଯାଇଥିଲା। 'ଆମ ଭୂମି' ଯୋଜନା ଆମେରିକା, ଇଂଲଣ୍ଡ ଭଳି ଉନ୍ନତ ଦେଶର ଅବିକଳ ନକଲ। ସେଠାରେ ଖାଲି ଜାଗାକୁ ଖେଳ ପଡ଼ିଆରେ ପରିଣତ କରାଯାଉଛି। ରାଜ୍ୟ ସରକାର ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରିଥିଲେ। କେବଳ ସେତିକି ନୁହେଁ, ଖେଳ ପଡ଼ିଆ ଉନ୍ନତୀକରଣ ଶେଷ ପରେ ସରକାରୀ ତହବିଲ ବଦଳରେ ନିଜସ୍ୱ ଖର୍ଚ୍ଚରେ କିଭଳି ଖେଳପଡ଼ିଆର ରକ୍ଷଣାବେକ୍ଷଣ ଓ ପରିଚାଳନା ହୋଇପାରିବ, ତାର ବି ବ୍ୟବସ୍ଥା କରାଯାଇଥିଲା। ବିଡିଏର ଜଣେ ଅଧିକାରୀ କହିଛନ୍ତି, ଏଥିପାଇଁ ସ୍ୱତନ୍ତ୍ର 'ଆମ ଭୂମି' ଆପ୍ ବିକଶିତ କରାଯାଇଥିଲା।



ଯେଉଁଥିରେ ଖେଳପଡ଼ିଆ ବୁକିଂ, ଅଭିଯୋଗ ଗ୍ରହଣ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ଥିଲା। ଲୋକେ ସିଧାସଳଖ ଏହି ଆପ୍ ଜରିଆରେ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚି ପାରିବାର ବ୍ୟବସ୍ଥା କରାଯାଇଥିଲା। ଖେଳ ପାଇଁ କେହି ଖେଳ ପଡ଼ିଆ ବୁକିଂ କରିବାକୁ ଚାହିଁଲେ ଏହି ଆପ୍ ଜରିଆରେ ବୁକିଂର ବ୍ୟବସ୍ଥା କରାଯାଇଥିଲା। ଏ ବାବଦରେ କିଛି ଅର୍ଥ ଦେବାର ବ୍ୟବସ୍ଥା କରାଯାଇଥିଲା। ବିଦ୍ୟାଳୟ, ସ୍ଥାନୀୟ ଯୁବ ସଂଗଠନ, କ୍ଲବ୍‌କୁ ଏହାର ପରିଚାଳନା ଦାୟିତ୍ୱ ଦେବାକୁ ଯୋଜନା ଥିଲା। କିନ୍ତୁ ଏହି ଆପ୍ ଅଚଳ ଅବସ୍ଥାରେ ପଡ଼ିଛି। 'ଆମ ଭୂମି' ଯୋଜନାରେ ଭୁବନେଶ୍ୱର ଲକ୍ଷ୍ମୀସାଗର ସ୍କୁଲ ଖେଳପଡ଼ିଆ, ବଡ଼ଗଡ଼ ହାଇସ୍କୁଲ ଖେଳପଡ଼ିଆ, ସହିଦନଗର, ଘାଟିକିଆ, ନଖରା, ଯଦୁପୁର, ଡମଣା ହାଇସ୍କୁଲ ଖେଳପଡ଼ିଆ, ଗାଡ଼କଣ କେଳୁଚରଣ ପାର୍କ ନିକଟସ୍ଥ ଖେଳପଡ଼ିଆ, ୟୁନିଟ୍ ୮ ଓ ୟୁଟି ୬ ହାଇସ୍କୁଲ ଖେଳପଡ଼ିଆ, ରାଜଧାନୀ କଲେଜ ଖେଳପଡ଼ିଆ, ୟୁନିଟ୍-୨ ବାଳିକା ହାଇସ୍କୁଲ ଖେଳପଡ଼ିଆ ଆଦି ସ୍ଥାନରେ ୧୯ଟି ଖେଳ ପଡ଼ିଆର ବିକାଶ କରାଯାଇଥିଲା। ଯେଉଁଥିରୁ ୧୧ଟି ବିଦ୍ୟାଳୟର ଖେଳ ପଡ଼ିଆ ଥିଲା ଓ ବାକି ୮ଟି ଖୋଲା ଜାଗା ଚିହ୍ନଟ କରି ବିକାଶ କରାଯାଇଥିଲା। କିଛି ପଡ଼ିଆ ଓଡ଼ିଶା ଖଣି ନିଗମ ଉନ୍ନତିକରଣ କରିଥିଲା। ଆଉ କିଛି ଓଡ଼ିଶା ବନ ନିଗମ, ହାଉସିଂ ବୋର୍ଡ ବିକାଶ କରିଥିଲା। ଏହି ଖେଳ ପଡ଼ିଆରେ ବିଶ୍ୱସ୍ତରୀୟ ସୁବିଧା ଦେବାକୁ ଲକ୍ଷ୍ୟ ଥିଲା। ବିଭିନ୍ନ ଖେଳର ଭିତ୍ତିଭୂମି ସାଙ୍ଗକୁ ପୋଷାକ ବଦଳା ଗୃହ, ସୁରକ୍ଷାକର୍ମୀ ଗୃହ, ଜଳସିଞ୍ଚନ, ଡ୍ରେନେଜ୍ ବ୍ୟବସ୍ଥା ଥିଲା। କଂକ୍ରିଟ୍ ବଦଳରେ ମାଟିକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ସବୁ ପଡ଼ିଆ ସମାନ ଢଙ୍ଗରେ ବିକଶିତ ହୋଇଥିଲା। ବିକାଶ ହେବା ପରେ ଏହାର ପରିଚାଳନା ଦାୟିତ୍ୱ କାହାକୁ ଦିଆଯିବ, ସେକଥା କିଛି ଚିନ୍ତା କରାଗଲାନି। ଏଣୁ କୋଟି କୋଟି ଟଙ୍କାର ଏହି ଭିତ୍ତିଭୂମି ନଷ୍ଟ ହେବା ସ୍ୱାଭାବିକ।

# ଚିନି ପରେ ବଢ଼ିଲା ଗୁଡ଼



**ଭୁବନେଶ୍ୱର(ବ୍ୟୁରୋ):** ଚିନି ଦର ବଢୁଥିଲା । ଲୋକେ ଗୁଡ଼ରେ କାମ ଚଳାଇନେଉଥିଲେ । ଓଷାବ୍ରତ ହେଲେ ଗୁଡ଼ କିଣାଯାଉଥିଲା । ହେଲେ ତାକୁ ବି ଛାଡ଼ିଲେନି । ଏକାଥରକେ କେଜି ପିଛା ୨୦ଟଙ୍କା ବଢ଼ିଯାଇଛି ଗୁଡ଼ ଦର । ପୂର୍ବରୁ ଦର ୬୦ଟଙ୍କା ଥିବା ବେଳେ ଏବେ ୮୦ । ଖାଲି ଗୁଡ଼ ନୁହେଁ, ମିଶ୍ରି ଦର ବି ବଢ଼ିଛି । ପୂର୍ବରୁ ଦର ୬୫ଟଙ୍କା ଥିବାବେଳେ ଏବେ ୧୫ଟଙ୍କା ବଢ଼ି ୮୦ରେ ପହଞ୍ଚିଛି । ସେପଟେ ବଜାରରେ ଗୁଡ଼ କେଜି ୯୦ ଟଙ୍କା ହୋଇଛି । ପାର୍ବଣ ଋତୁ ଆସୁଥିବା ବେଳେ ଚିନିର ବିକଳ୍ପ ଭାବେ ବ୍ୟବହାର କରୁଥିବା ଗୁଡ଼ ଓ ମିଶ୍ରିର ଦର ବଢ଼ିବା ଗ୍ରାହକଙ୍କୁ ଚିନ୍ତା ଦେଇଛି । ଓଡ଼ିଶାରେ ମିଶ୍ରି ଉତ୍ପାଦନ ନାହିଁ କହିଲେ ଚଳେ । ସେଥିପାଇଁ ରାଜସ୍ଥାନରୁ ମିଶ୍ରି ଆସୁଛି । ବର୍ତ୍ତମାନ ୨୦କିଲୋ ମିଶ୍ରିର ଦାମ୍ ? ୧୬୦୦ ଟଙ୍କା ହୋଇଛି । ସେହିପରି ଗୁଡ଼ର ପାଇକାରୀ ଦର ୭୧ ଟଙ୍କା ଥିବା ବେଳେ ବଜାରରେ ତାହା ୮୦ ଟଙ୍କାରେ ବିକ୍ରି ହେଉଛି । ସର୍ବ ଭାରତୀୟ ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ବ୍ୟବସାୟୀମାନଙ୍କ କହିବା କଥା, ଆଖୁରୁ ଇଥାନଲ ହେଉଥିବାରୁ ସବୁ ଦର ବଢୁଛି । ପେଟ୍ରୋଲିୟମ ସାମଗ୍ରୀର ଦର ଉଚ୍ଚ ଯୋଗୁଁ ଗୁଡ଼ ଆସୁଥିବା ଡବାର ଦାମ ବି ବଢ଼ିଛି । ଯଦ୍ୱାରା ଗୁଡ଼ ମହଙ୍ଗା ହୋଇଛି । ସେପଟେ ଚିନି ଦର ସେହି ୭୦ରୁ ୭୫ ଟଙ୍କାରେ ଅଟକିଛି । ଦର ଆକାଶଛୁଆଁ ହୋଇଥିବାରୁ ଚିନି କିଣିବାକୁ ଡର । ଆଜି କେନ୍ଦ୍ର ସରକାର ଦେଶର ସମସ୍ତ ଚିନି ବ୍ୟବସାୟୀଙ୍କୁ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ପୋର୍ଟାଲରେ ପଞ୍ଜୀକରଣ କରିବା ସହ ପ୍ରତି ଶୁକ୍ରବାର ଚିନି ଷ୍ଟକ୍‌ର ତଥ୍ୟ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବଢୁଥିବା ଚିନି ଦର, କୃତ୍ରିମ ଅଭାବକୁ ନଜରରେ ରଖି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ଏହାଦ୍ୱାରା ଅସାଧୁ ବ୍ୟବସାୟୀମାନେ ଅଧିକ ଚିନି ଗଚ୍ଛିତ କରି ରଖିପାରିବେନି କି ବଜାରରେ କୃତ୍ରିମ ଅଭାବ ସୃଷ୍ଟି ହେବନି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।

## ସ୍ୱାମୀଙ୍କ ବିରୋଧରେ ସାଂଘାତିକ ଅଭିଯୋଗ

# ଯୌତୁକ ଦାବି ସହ ଭ୍ରୁଣହତ୍ୟା

**ଭୁବନେଶ୍ୱର(ବ୍ୟୁରୋ) :** ୬ ବର୍ଷ ଧରି ନିର୍ଯାତନା ଦେଉଥିଲେ ସ୍ୱାମୀ । ଯୌତୁକ ପାଇଁ ମାଡ଼ ମାରିବା ସହ ଥାର୍ ଓ ବୁଲେଟ୍ ଗାଡ଼ି ଦାବି କରୁଥିଲେ । ଏପରିକି ଜୋରଜବରଦସ୍ତ ଭ୍ରୂଣ ହତ୍ୟା କରାଇଥିବା ମଧ୍ୟ ଅଭିଯାଗ କରିଛନ୍ତି ପୀଡ଼ିତା । ଭୁବନେଶ୍ୱର ନନ୍ଦନକାନନ ଥାନାରେ ଏତଲା ଦିଆଯାଇଛି । ସ୍ୱାମୀଙ୍କୁ ଗିରଫ ସହ ନ୍ୟାୟ ଦାବି କରିଛନ୍ତି । ଅଭିଯୋଗ ଅନୁଯାୟୀ, ୨୦୧୯ ମସିହାରେ ଢେଙ୍କାନାଳ ଜିଲ୍ଲାର ସର୍ବେଶ୍ୱର ବେହେରାଙ୍କୁ ବିବାହ କରିଥିଲେ ମହିଳା । ସର୍ବେଶ୍ୱର ଅଗ୍ନିଶମ ବିଭାଗରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ଉଭୟଙ୍କର ଏକ ପୁଅ ମଧ୍ୟ ରହିଛି । କିନ୍ତୁ ବିବାହର କିଛି ଦିନ ପରେ ସ୍ୱାମୀଙ୍କ ଅତ୍ୟାଚାର ବଢ଼ିବାରେ ଲାଗିଥିଲା । ସ୍ୱବେଶ୍ୱର ଯୌତୁକ ପାଇଁ ସବୁବେଳେ ସ୍ତ୍ରୀକୁ ମାଡ଼ ମାରୁଥିଲେ । ଏପରିକି ପୁଅକୁ ମାରିଦେବାକୁ ଧମକ ବି ଦେଉଥିଲେ ବୋଲି ଅଭିଯୋଗ କରିଛନ୍ତି ପୀଡ଼ିତା । ମହିଳାଙ୍କ ଅଭିଯୋଗ ଅନୁସାରେ, ଅଧିକ ଯୌତୁକ ବାବଦରେ ଏକ କାର୍ ଏବଂ ବୁଲେଟ୍ ଗାଡ଼ି ଦାବି କରି ସ୍ୱାମୀ ତାଙ୍କୁ ନିୟମିତ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ । ଏପରିକି ଜୋରଜବରଦସ୍ତ ଭାବେ ତାଙ୍କର ଭ୍ରୂଣହତ୍ୟା ମଧ୍ୟ କରାଯାଇଥିବା ଅଭିଯୋଗ କରିଛନ୍ତି । ଏନେଇ ପୂର୍ବରୁ ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଅଭିଯୋଗ ହୋଇଛି ।

# ବଙ୍ଗୋପସାଗରରେ ସୃଷ୍ଟିହେଲା ଲଘୁଚାପ କ୍ଷେତ୍ର, ୪ ଦିନ ଯାଏଁ ପ୍ରବଳ ବର୍ଷିବ

**ଭୁବନେଶ୍ୱର(ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର। ପ୍ରଭାବରେ ଆଜିଠାରୁ ରାଜ୍ୟରେ ବଢ଼ିବ ବର୍ଷା। ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷିବ। ଆଜି ପାଇଁ ୬ଟି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ଆଗାମୀ ୪ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ସୂଚନାନୁଯାୟୀ, ଶନିବାର ସକାଳ ସାଢ଼େ ୫ଟା ସମୟରେ ଉତ୍ତରପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଉତ୍ତରଓଡିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଓଡ଼ିଶାରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ବର୍ଷାର ବିସ୍ତୃତି ଓ ପରିମାଣ ବୃଦ୍ଧି ପାଇବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବିଜୁଳି, ଘଡ଼ଘଡ଼ି ଏବଂ ଘଣ୍ଟାପ୍ରତି ୩୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି । ଆଜି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ପାଇଁ 'ଅରେଞ୍ଜ ଆଲର୍ଟ' ରହିଥିବା ବେଳେ ଅନ୍ୟ ସମସ୍ତ ଜିଲ୍ଲା ପାଇଁ 'ୟେଲୋ ଆଲର୍ଟ' ଜାରି କରାଯାଇଛି । ଆସନ୍ତାକାଲି ବର୍ଷାର ପ୍ରକୋପ ସବୁଠାରୁ ଅଧିକ ରହିବ। ମୟୂରଭଞ୍ଜ ଜିଲ୍ଲା ପାଇଁ 'ରେଡ୍ ଆଲର୍ଟ' ଜାରି କରାଯାଇଛି। ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳରେ ଅରେଞ୍ଜ ଆଲର୍ଟ ଏବଂ ଅବଶିଷ୍ଟ ଜିଲ୍ଲାରେ ୟେଲୋ ଆଲର୍ଟ ଜାରି ରହିଛି। କାଲି ପରେ ବର୍ଷାର ପ୍ରଭାବ ପଶ୍ଚିମ ଓ ଉତ୍ତର-ପଶ୍ଚିମ ଓଡ଼ିଶା ଆଡ଼କୁ ଗତି କରିବ। ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼ ଓ ଦେବଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ 'ଅରେଞ୍ଜ ଆଲର୍ଟ' ରହିଛି । ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା, କଚ୍ଚା ଘର ଓ ଚାଷକାର୍ଯ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି । ତେଣୁ ସମ୍ପୃକ୍ତ ଜିଲ୍ଲା ପ୍ରଶାସନକୁ ପ୍ରସ୍ତୁତ ରହିବା ପରାମର୍ଶ ଦିଆଯାଇଛି ।




# ନକଲି ସୁନାଚେନ୍ ଦେଇ ଅସଲି ଅଳଙ୍କାର ଲୁଟ୍



**ଭୁବନେଶ୍ୱର(ବ୍ୟୁରୋ):** ନକଲି ସୁନା ଚେନ୍ ଦେଇ ଅସଲି ସୁନା ଅଳଙ୍କାର ଠକେଇ ନେଉଥିବା ଏକ ଅନ୍ତଃରାଜ୍ୟ ମହିଳା ଠକ ଗ୍ୟାଙ୍ଗର ଆଉ ଜଣେ ସଦସ୍ୟାକୁ ଖାରବେଳନଗର ଥାନା ପୁଲିସ ଗିରଫ କରିଛି। ସେ ହେଲେ ଉତ୍ତରପ୍ରଦେଶ ବାରାଣସୀର ଲକ୍ଷ୍ମୀ ତିୱାରୀ (୩୬)। ତାଙ୍କ ନିକଟରୁ ଏକ ଦାମୀ ଆଇଫୋନ୍-୧୭ ମୋବାଇଲ୍ ଫୋନ୍ ଓ ହଲମାର୍କ ଥିବା ଏକ ସୁନା ବ୍ରେସଲେଟ୍ ଜବତ କରାଯାଇଛି। ସୂଚନା ମୁତାବକ, ଗତ ୨୪ ତାରିଖ ସନ୍ଧ୍ୟାରେ ଦୁଇଜଣ ମହିଳା ଗ୍ରାହକ ବେଶରେ ଜନପଥସ୍ଥିତ 'ସିଟି ଚନ୍ଦନ ଜୁଏଲର୍ସ'କୁ ଆସିଥିଲେ। ସେମାନେ ହଲମାର୍କ ଥିବା ୨୨.୮୫୦ ଗ୍ରାମ୍‌ର ଏକ ସୁନା ଚେନ୍ ଦେଇ ଦୋକାନରୁ ୨୨ କ୍ୟାରେଟ୍‌ର ଏକ ସୁନା ନେକଲେସ୍ ନେଇଥିଲେ। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ ଦୁଇ ମହିଳା ଦେଇଥିବା ଚେନ୍‌ଟି ନକଲି ଓ ଏଥିରେ ଥିବା ହଲ୍‌ମାର୍କ ବି ଜାଲ୍। 'ସିଟି ଚନ୍ଦନ ଜୁଏଲର୍ସ' ପକ୍ଷରୁ ତୁରନ୍ତ ଘଟଣା ସମ୍ପର୍କରେ ଭୁବନେଶ୍ୱର ଜୁଏଲେରି ଆସୋସିଏସନ୍‌କୁ ଅବଗତ କରାଯାଇଥିଲା। ଏହାପରେ ଜୁଏଲାରି ମାଲିକ ଖାରବେଳନଗର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ ସହ ବିଭିନ୍ନ ଦିଗରୁ ତଦନ୍ତ ବେଳେ ପୁଲିସ ଦୁଇ ମହିଳାଙ୍କୁ ଚିହ୍ନଟ କରିଥିଲା। ପୁଲିସ ଏହି ଗ୍ୟାଙ୍ଗ ଉପରେ ନଜର ରଖିଥିବା ବେଳେ ଗତ ୨୫ ତାରିଖରେ ଗ୍ୟାଙ୍ଗର ଅନ୍ୟତମ ସଦସ୍ୟା ସାଧନା ତିୱାରୀ ଅନ୍ୟ ଏକ ଜୁଏଲେରିରୁ ସମାନ ଢଙ୍ଗରେ ଠକେଇ ଉଦ୍ୟମ କରୁଥିବା ଖବରପାଇ ଖାରବେଳନଗର ଥାନା ପୁଲିସ ତାକୁ ସେଠାରୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା ସମୟରେ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ସମ୍ପର୍କରେ ପୁଲିସ ସୂଚନା ମିଳିଥିଲା। ତେବେ ଲକ୍ଷ୍ମୀ ବାରଣାସୀ ଯିବା ପାଇଁ ଭୁବନେଶ୍ୱର ରେଳଷ୍ଟେସନରେ ଟ୍ରେନ୍‌କୁ ଅପେକ୍ଷା କରିଥିବା ବେଳେ ପୁଲିସ ଟିମ୍ ସେଠାରେ ଚଢ଼ଉ କରି ତାକୁ ଗିରଫ କରିଥିଲା। ତାଠାରୁ ସୁନା ବ୍ରେସ୍‌ଲେଟ୍ ସହ ଏକ ଆଇଫୋନ୍ ଜବତ କରାଯାଇଛି। ଜେରା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଗିରଫ ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଶିଶୁ ସେବିକା ନିଯୁକ୍ତି ପାଇଲେ, ୬ମାସ ହେଲା ମିଳୁନି ପାରିଶ୍ରମିକ

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ଗତ ଶିକ୍ଷାବର୍ଷରୁ ଆରମ୍ଭ ହୋଇଛି ଶିଶୁ ବାଟିକା ଶ୍ରେଣୀ । ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିଶୁ ସେବିକା ନିଯୁକ୍ତି କରାଯାଉଛି । ଅନେକ ସ୍କୁଲରେ ଏଯାବତ୍ ଶିଶୁ ସେବିକା ନିଯୁକ୍ତି ମଧ୍ୟ ଦିଆଯାଇନାହିଁ । ମାତ୍ର ଯେତିକି ସ୍କୁଲରେ ନିଯୁକ୍ତି ହୋଇଛନ୍ତି ସେମାନଙ୍କୁ ପାରିଶ୍ରମିକ ମିଳୁନି । ୬ମାସରୁ ଅଧିକ ଦିନ ହେଲା କାର୍ଯ୍ୟ କରୁଛନ୍ତି ହେଲେ ପାରିଶ୍ରମିକ ଶୂନ୍ୟ । ଏପରି ଅଭିଯୋଗ ଆଣିଲାଣି ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ଶିଶୁ ସେବିକା । ମୁଁ ୬ମାସ ହେଲାଣି ଶିଶୁ ସେବିକା ଭାବେ ନିଯୁକ୍ତି ପାଇଲାଣି । ଫେବୃଆରୀ ୮ରୁ ନିଯୁକ୍ତି କ୍ଷେତ୍ରରେ ଯୋଗ ବି ଦେଲାଣି । ସରକାରୀ ନିୟମ ଅନୁଯାୟୀ ମୋତେ ନିଯୁକ୍ତି ମିଳିଛି । ହେଲେ ଏଯାବତ୍ ଟଙ୍କାଟିଏ ମିଳିନି । ସକାଳୁ ଆସି ସ୍କୁଲରେ ପିଲାଙ୍କୁ ଜଗୁଛୁ, ସେମାନଙ୍କର ଯତ୍ନ ନେଉଛୁ । ଏପରିକି ଆବଶ୍ୟକ ହେଲେ ସ୍କୁଲର ଛୋଟ ମୋଟ କାମରେ ମଧ୍ୟ ସାହାର୍ଯ୍ୟ କରୁଛୁ ହେଲେ ପାରିଶ୍ରମିକ ମିଳୁନି । ମାସିକ ୩ହଜାର ଦେବାକୁ କହିଥିଲେ ହେଲେ ୩ଟଙ୍କା ମିଳିନି । ଏନେଇ ମଧ୍ୟ ବାରମ୍ବାର ଅଭିଯୋଗ କରୁଛୁ ହେଲେ ଶୁଣିବ କିଏ । ଏପରି କହି କ୍ଷୋଭ ପ୍ରକାଶ କରିଛନ୍ତି ରାଜଧାନୀର ଏକ ସ୍କୁଲର ନିଯୁକ୍ତ ହୋଇଥିବା ଶିଶୁ ସେବିକା । କେବଳ ରାଜଧାନୀ ଭୁବନେଶ୍ୱରରେ ଏହି ସମସ୍ୟା ତାହା ନୁହେଁ, ଖୋର୍ଦ୍ଧା ଜିଲ୍ଲା ସମେତ କୋରାପୁଟ, ରାୟଗଡ଼ା ଆଦି ବିଭିନ୍ନ ଜିଲ୍ଲାରେ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି ବୋଲି ଶିକ୍ଷକ ସଂଗଠନମାନେ ମଧ୍ୟ ଅଭିଯୋଗ ଆଣିଛନ୍ତି । ସୂଚନାଯୋଗ୍ୟ, ଗତ ୨୦୨୫ ଏପ୍ରିଲ୍ ୨ ତାରିଖରୁ ରାଜ୍ୟର ୪୫ହଜାର ସ୍କୁଲରେ ଶିଶୁ ବାଟିକା ଶ୍ରେଣୀ ଖୋଲାଯାଇଛି । ସେଠାରେ ଶିଶୁ ସେବିକା ନିଯୁକ୍ତି ନେଇ ଜୁନ୍ ମାସରେ ସରକାର ଘୋଷଣା କଲେ । ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶିଶୁ ସେବିକା ନିଯୁକ୍ତି ନେଇ ଏକ ମାର୍ଗଦର୍ଶିକା ମଧ୍ୟ ଜାରି କରାଗଲା । ଅଗଷ୍ଟ ମାସରେ ମାର୍ଗଦର୍ଶିକା ଜାରି ହେଲା । ଏହି ମାର୍ଗଦର୍ଶିକା ଅନୁଯାୟୀ, ବିଭିନ୍ନ ସ୍କୁଲରେ ଶିଶୁ ସେବିକା ନିଯୁକ୍ତି ହୋଇଛନ୍ତି । ଏପରିକି ଅନେକ ସ୍ଥାନରେ ଶିଶୁ ବାଟିକାରେ ପିଲା ପଢୁଥିବା ସତ୍ତ୍ୱେ ନିଯୁକ୍ତି ପ୍ରକ୍ରିୟା ଆଗେଇ ନାହିଁ । ଅବଶ୍ୟ ଯେଉଁ ସବୁ ସ୍ଥାନରେ ଶିଶୁ ସେବିକା ନିଯୁକ୍ତି ହୋଇଛି,ସେଠାରେ କାର୍ଯ୍ୟରତ ଶିଶୁ ସେବିକାଙ୍କୁ ଏଯାବତ୍ ପାରିଶ୍ରମିକ ମିଳିନାହିଁ । ରାୟଗଡ଼ା ଜିଲ୍ଲାର ଜଣେ ଶିକ୍ଷକଙ୍କୁ ପଚାରିବାକୁ ସେ କହିଛନ୍ତି, ତାଙ୍କ ଜିଲ୍ଲାରେ ଗତ ମାର୍ଚ୍ଚ ମାସରେ ସ୍କୁଲମାନଙ୍କରେ ଶିଶୁ ସେବିକା ନିଯୁକ୍ତି ପାଇଛନ୍ତି । ମାତ୍ର ସେମାନଙ୍କୁ ଏଯାବତ୍ ଦରମା ମିଳିନି । ଅଭିଯୋଗ ପରେ କିଛି ଦିନ ପୂର୍ବରୁ ସେମାନଙ୍କର ନିଯୁକ୍ତି ସଂପର୍କିତ ତଥ୍ୟ ମଗାଯାଇ ନିଆଯାଇଛି । କିନ୍ତୁ କେବେ ଦରମା ମିଳିବ ତାହା ନାଁ ବ୍ଲକ ଶିକ୍ଷା ଅଧିକାରୀ ସ୍ପଷ୍ଟ କରୁଛନ୍ତି ନା ଜିଲ୍ଲା ଶିକ୍ଷା ଅଧିକାରୀ । ସେ ଏହା ମଧ୍ୟ କହିଛନ୍ତି, କୋରାପୁଟ ଜିଲ୍ଲାରେ ମଧ୍ୟ ସମାନ ଅବସ୍ଥା । ସେହିପରି ଭୁବନେଶ୍ୱରର ଜଣେ ପ୍ରଧାନଶିକ୍ଷୟିତ୍ରୀ କହିଛନ୍ତି, ଆମ ସ୍କୁଲରେ ଜଣେ ଶିଶୁ ସେବିକା ନିଯୁକ୍ତି ପାଇଛନ୍ତି ହେଲେ ତାଙ୍କୁ ଦରମା ମିଳିନି । ଏନେଇ ସେ ସମସ୍ତଙ୍କ ପାଖକୁ ଅଭିଯୋଗ କରୁଛି ହେଲେ କିଏ ଶୁଣିବ ? ଅଭିଯୋଗ କଲେ ଦରମା ପ୍ରଦାନ କରିବେ ବୋଲି କହି କେବଳ ତଥ୍ୟ ନିଆଯାଉଛି । ଅନ୍ୟପଟେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି, ଅନେକ ଜିଲ୍ଲାରେ ଏଯାବତ୍ ଶିଶୁ ସେବିକା ନିଯୁକ୍ତି ମଧ୍ୟ ହୋଇନି ।



# ଇ-କମର୍ସ ଅଭିବୃଦ୍ଧିରେ ଅଣ-ମେଟ୍ରୋ ସହର ଓ କ୍ଷୁଦ୍ର ବ୍ୟବସାୟୀ ଆଗରେ

**ଭୁବନେଶ୍ୱର(ବ୍ୟୁରୋ):** ରାଖୀ ପର୍ବକୁ ନେଇ ଦେଶରେ ଅନଲାଇନ୍ କିଣାକିଣି ବଢ଼ିଥିବା ବେଳେ ଇ-କମର୍ସ ପ୍ଲାଟଫର୍ମ ମୀଶୋରେ ଏହାର ପ୍ରଭାବ ସ୍ପଷ୍ଟ ହୋଇଛି। ଗତବର୍ଷର ସମାନ ରାଖୀ କିଣାକିଣି ଅବଧି ତୁଳନାରେ ଚଳିତ ବର୍ଷ ମୀଶୋରେ ଅର୍ଡର ପରିମାଣ ପ୍ରାୟ ୩୬% ବୃଦ୍ଧି ପାଇଛି। ସେହିପରି ପ୍ଲାଟଫର୍ମର ମୋଟ ବାଣିଜ୍ୟିକ କାରବାର ମୂଲ୍ୟରେ ପ୍ରାୟ ୩୮% ଅଭିବୃଦ୍ଧି ଘଟିଛି। ରାଖୀ ବଜାରରେ ଅଣ-ମେଟ୍ରୋ ଭାରତର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଛି। ମୀଶୋରେ ହୋଇଥିବା ମୋଟ ରାଖୀ ଅର୍ଡରର ପ୍ରାୟ ୭୩% ଅଣ-ମେଟ୍ରୋ ସହରରୁ ଆସିଛି। ବିଶେଷକରି ଟିୟର-୩ ଓ ଟିୟର-୪ ସହରରେ ଚାହିଦାରେ ସବୁଠାରୁ ଦ୍ରୁତ ବୃଦ୍ଧି ହୋଇଛି। ଏହି ତାଲିକାରେ ଉତରପ୍ରଦେଶର ଶିଳ୍ପ ସହର ଦାଦରୀ ପ୍ରାୟ ୧୦୫% ବାର୍ଷିକ ଅଭିବୃଦ୍ଧି ସହ ଶୀର୍ଷରେ ରହିଛି। ଏହା ପରେ ଓଡ଼ିଶାର ନବରଙ୍ଗପୁର, କାସଗ, ଧାମତରୀ ଏବଂ ମଧ୍ୟପ୍ରଦେଶର ନୈନପୁର ଭଳି ସହର ରହିଛି। ଏହି ଧାରା ଦେଶର ଛୋଟ ସହର ଓ ଅର୍ଦ୍ଧ-ସହରାଂଚଳରେ ଅନଲାଇନ୍ କିଣାକିଣିର ଗ୍ରହଣୀୟତା ବଢୁଥିବା ସହ ଉତ୍ସବକାଳୀନ ଇ-କମର୍ସ ବଜାରର ବିସ୍ତାରକୁ ଦର୍ଶାଉଛି। ରାଖୀ ବଜାରରେ ଡିଜିଟାଲ୍ ପେମେଂଟ ପ୍ରତି ଗ୍ରାହକଙ୍କ ଭରସା ମଧ୍ୟ ବୃଦ୍ଧି ପାଇଛି। ଚଳିତ ଋତୁରେ ମୀଶୋରେ ହୋଇଥିବା ମୋଟ ରାଖୀ ଅର୍ଡରର ୫୮% ପ୍ରିପେଡ୍ ପେମେଂଟ ମାଧ୍ୟମରେ ହୋଇଛି। ଏହା ଅନଲାଇନ୍ କିଣାକିଣି ଓ ପ୍ରିପେଡ୍ ଲେନଦେନ ପ୍ରତି ଗ୍ରାହକଙ୍କ ବଢୁଥିବା ବିଶ୍ୱାସକୁ ସୂଚାଉଛି। ଅନ୍ୟପକ୍ଷରେ, ରାଖୀ ପର୍ବ କ୍ଷୁଦ୍ର ବ୍ୟବସାୟୀ ଓ ଉଦ୍ୟୋଗୀଙ୍କ ପାଇଁ ମଧ୍ୟ ବ୍ୟବସାୟ ବଢ଼ାଇବାର ସୁଯୋଗ ଆଣିଛି। ମୀଶୋରେ ରାଖୀ ସାମଗ୍ରୀ ବିକ୍ରି କରୁଥିବା ବିକ୍ରେତାଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ପ୍ରାୟ ୭୨% ବଢ଼ିଛି। ଅନେକ କ୍ଷୁଦ୍ର ବ୍ୟବସାୟୀ ନିଜ ଉତ୍ପାଦ ତାଲିକା ବଢ଼ାଇବା ସହ ଉତ୍ସବକାଳୀନ ଚାହିଦାର ଲାଭ ନେବା ପାଇଁ ମୀଶୋ ପ୍ଲାଟଫର୍ମକୁ ବ୍ୟବହାର କରିଛନ୍ତି। ରାଖୀ ବଜାରରେ ଆଧୁନିକ ଡିଜାଇନ୍ ଓ ନୂଆ ଉତ୍ପାଦ ସାମିଲ ହୋଇଥିଲେ ମଧ୍ୟ ପାରମ୍ପରିକ ରାଖୀ ପ୍ରତି ଚାହିଦା ଅବ୍ୟାହତ ରହିଛି।

# ମୋଦୀଙ୍କ ୪ ଦିନିଆ ଉଜ୍‌ବେକିସ୍ତାନ ଗସ୍ତ

## ଦୁଇ ଦେଶ ମଧ୍ୟରେ ବଢ଼ିବ ରଣନୈତିକ ସହଭାଗିତା



**ନୂଆଦିଲ୍ଲୀ,୨୯।୮:** ଭାରତ ମଧ୍ୟ ଏସିଆରେ ଏକ ବଡ଼ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୯ ଅଗଷ୍ଟଠାରୁ ଉଜବେକିସ୍ତାନ ସହିତ ସମ୍ପର୍କକୁ ମଜବୁତ କରିବା ଏବଂ କିର୍ଗିଜସ୍ତାନରେ ବାର୍ଷିକ ସାଂଘାଇ ସହଯୋଗ ସଂଗଠନ(ଏସସିଓ) ସମ୍ମିଳନୀରେ ଯୋଗ ଦେବା ପାଇଁ ଚାରିଦିନିଆ ଗସ୍ତରେ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ଏହି ଗସ୍ତ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି । ଏହା ଭାରତ ଏବଂ ଉଜବେକିସ୍ତାନର ଭବିଷ୍ୟତ ଏବଂ ବିଶ୍ୱ ଗତିଶୀଳତାକୁ ପରିବର୍ତ୍ତନ କରିପାରେ। ପ୍ରଧାନମନ୍ତ୍ରୀ ଉଜବେକିସ୍ତାନ ସହିତ କିର୍ଗିଜସ୍ତାନ ମଧ୍ୟ ଗସ୍ତ କରିବେ । ପ୍ରଧାନମନ୍ତ୍ରୀ ମୋଦୀ ଦୁଇଦିନିଆ ଗସ୍ତରେ ଉଜବେକିସ୍ତାନ ରାଷ୍ଟ୍ରପତି ଶଭକତ ମିର୍ଜିୟୋୟେଭଙ୍କୁ ଭେଟିବେ । ତାଙ୍କ ନିମନ୍ତ୍ରଣରେ ଅନୁଷ୍ଠିତ ଏହି ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ମିର୍ଜିୟୋୟେଭଙ୍କ ସହ ପ୍ରତିନିଧିମଣ୍ଡଳସ୍ତରୀୟ ଆଲୋଚନା କରିବେ। ଦୁଇ ନେତା ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା, ଡିଜିଟାଲ୍ ସଂଯୋଗୀକରଣ, ଶକ୍ତି, ଶିକ୍ଷା ଏବଂ ଲୋକ-ଲୋକ ସମ୍ପର୍କ କ୍ଷେତ୍ରରେ ସହଯୋଗ ସମୀକ୍ଷା କରିବେ ଏବଂ ଅଧିକ ସହଯୋଗ ପାଇଁ ଏଜେଣ୍ଡା ସ୍ଥିର କରିବେ । ଉଜବେକିସ୍ତାନରେ ରାଷ୍ଟ୍ରଦୂତ ସ୍ମିତା ପନ୍ତ ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିକ୍ରିୟା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ଭବିଷ୍ୟତର ଦିଗ ନିର୍ଣ୍ଣୟ କରିବ। ଗସ୍ତ କାର୍ଯ୍ୟକ୍ରମ ସମୟରେ ବାଣିଜ୍ୟ ଏବଂ ନିବେଶ, ସଂଯୋଗୀକରଣ, ପ୍ରତିବନ୍ଧକ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ରେୟାର ଆର୍ଥ, ବିକାଶ ସହଯୋଗ, ସାଂସ୍କୃତିକ ସହଯୋଗ, ପ୍ରତିରକ୍ଷା ଏବଂ ସୁରକ୍ଷା ମାମଲା, ଜାତିସଂଘ ଏବଂ ଅନ୍ୟାନ୍ୟ ବହୁପାକ୍ଷିକ ମଞ୍ଚ ଅନ୍ତର୍ଗତ ସହଯୋଗ, ସ୍ୱାସ୍ଥ୍ୟ, ଔଷଧ କ୍ଷେତ୍ର ଆଦି ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଗସ୍ତ। ପ୍ରାୟ ୧୧ ବର୍ଷର ବ୍ୟବଧାନ ପରେ ଏହା ହେଉଛି। ଏହା ଦୁଇ ପକ୍ଷ ମଧ୍ୟରେ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବା ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବ। କାର୍ଯ୍ୟସୂଚୀରେ ବ୍ୟାପକ ଏବଂ ବହୁମୁଖୀ ଆଲୋଚନାକୁ ସାମିଲ କରାଯାଇଥିବା ସେ କହିଛନ୍ତି।

### ନେପାଳରେ ବନ୍ୟାର ତାଣ୍ଡବ

# ଚିନ୍ତାରେ ପକାଇଛି ମୃତଦେହ ଚିହ୍ନଟ ପ୍ରକ୍ରିୟା

- ଦ୍ରୁତଗତିରେ ବୃଦ୍ଧିପାଉଛି ମୃତ୍ୟୁସଂଖ୍ୟା
- ଶବଗୃହରେ ସ୍ଥାନ ଅଭାବରୁ ମହାମାରୀ ଆଶଙ୍କା



**ନୂଆଦିଲ୍ଲୀ,୨୯।୮:** ତ୍ରିଶୂଳୀ, ମର୍ସ୍ୟାଙ୍ଗଦୀ ଓ ନାରାୟଣୀ ଆଦି ନଦୀ ଗୁଡ଼ିକରେ ଆସିଥିବା ଭୟଙ୍କର ବନ୍ୟା , ସ୍ଥିତିକୁ ଦୋହଲାଇ ଦେଇଛି । ନେପାଳରେ ମୃତ୍ୟୁ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ପ୍ରବଳ ପାଣିର ସ୍ରୋତରେ ଭାସି ଯାଇ ବହୁ କିଲୋମିଟର ଦୂରରେ ପହଞ୍ଚି ଥିବା ମୃତଦେହ ଗୁଡ଼ିକୁ ଉଦ୍ଧାର କରାଯିବା ପରେ, ଏବେ ପ୍ରଶାସନ ଆଗରେ ଏକ ନୂଆ ଓ ବଡ଼ ସଙ୍କଟ ଦେଖା ଦେଇଛି । ତାହା ହେଉଛି -ମୃତଦେହ ଗୁଡ଼ିକର ଚିହ୍ନଟ, ସେଗୁଡ଼ିକର ସୁରକ୍ଷିତ ରକ୍ଷଣାବେକ୍ଷଣ ଏବଂ ଅନ୍ତିମ ସଂସ୍କାର । ଚିତଓ୍ୱନ ଜିଲ୍ଲାର ଭରତପୁର ସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ରୋଡ୍ ନିକଟରେ ଏକ ଅସ୍ଥାୟୀ ବଡି-ମ୍ୟାନେଜମେଣ୍ଟ ସେଣ୍ଟର ତିଆରି କରାଯାଇଛି। ଏଠାରେ ଶୁକ୍ରବାର ସକାଳୁ ହିଁ ନିଖୋଜ ଲୋକଙ୍କ ପରିବାର ବର୍ଗ ଫଟୋ ଓ ମୋବାଇଲ୍ ଫୋନରେ ଫଟୋ ଧରି ନିଜର ପ୍ରିୟଜନଙ୍କୁ ଖୋଜିବା ପାଇଁ ବୁଲୁଛନ୍ତି । ଦାଙ୍ଗ ସ୍ଥିତ ତୁଳସୀପୁରରୁ ନିଜର ନିଖୋଜ ପୁଅକୁ ଖୋଜିବାକୁ ଆସି ଥିବା ଦାମୋଦର ଅଧିକାରୀ କହିଛନ୍ତି ଯେ, ଅଧିକାରୀଙ୍କ ପାଖରେ ଶହ ଶହ ମୃତଦେହ ପହଞ୍ଚିଛି, କିନ୍ତୁ ସେଗୁଡ଼ିକର ଫଟୋ ଡିଜିଟାଲ୍ ସ୍କ୍ରିନରେ ଦେଖାଇବା ପ୍ରକ୍ରିୟା ଖୁବ୍ ଧିମା ରହିଛି। କେବଳ ଚିତଓ୍ୱନରୁ ହିଁ ୨୩୩ଟି ମୃତଦେହ ଉଦ୍ଧାର କରାଯାଇ ଥିଲା, କିନ୍ତୁ ଶୁକ୍ରବାର ଅପରାହ୍ନ ସୁଦ୍ଧା କେବଳ ୮୨ଟି ଶବର ରେକର୍ଡ ଓ ଫଟୋ ପରିବାର ଲୋକଙ୍କୁ ଦେଖାଇବା ପାଇଁ ପ୍ରସ୍ତୁତ କରାଯାଇ ପାରିଥିଲା। ମୃତଦେହ ଗୁଡ଼ିକର ସଂଖ୍ୟା ଏତେ ଅଧିକ ଯେ,ହସ୍ପିଟାଲ ଗୁଡ଼ିକର କୋଲ୍ଡ ଷ୍ଟୋରେଜ୍ ସମ୍ପୂର୍ଣ୍ଣ ପୂରି ଯାଇଛି। କମ୍ୟୁନିଟି ହଲ୍,ପୁଲିସ ପରିସର ଏବଂ ଅସ୍ଥାୟୀ ଭବନଗୁଡ଼ିକୁ ଶବଗୃହରେ ପରିଣତ କରାଯାଇଛି, କିନ୍ତୁ ଉପଯୁକ୍ତ ରେଫ୍ରିଜରେସନର ଅଭାବ ଏବଂ ପ୍ରଚଣ୍ଡ ଖରା ହେତୁ ମୃତଦେହ ଗୁଡ଼ିକ ଦ୍ରୁତ ଗତିରେ ପଚିବାରେ ଲାଗିଛି। ଚିତଓ୍ୱନର ମୁଖ୍ୟ ଜିଲ୍ଲା ଅଧିକାରୀ ଗଣେଶ ଅର୍ଯ୍ୟାଲଙ୍କ କହିବାନୁସାରେ ,ଡ୍ରାଇ ଆଇସ୍ ଏବଂ ଏୟାର କଣ୍ଡିସନର ଲଗାଇ ତାପମାତ୍ରା ନିୟନ୍ତ୍ରଣ କରିବାକୁ ଚେଷ୍ଟା କରାଯାଉଛି, କିନ୍ତୁ ଏହାର ଯୋଗାଣ ଖୁବ୍ କମ୍ ପଡୁଛି। ଭରତପୁର ସେଣ୍ଟରରେ ମୁତୟନ ଥିବା ସ୍ୱେଚ୍ଛାସେବୀମାନଙ୍କ କହିବାନୁସାରେ,ଦୁର୍ଗନ୍ଧ ହେତୁ ଆଖପାଖରେ ଛିଡ଼ା ହେବା ମୁସ୍କିଲ୍ ହୋଇ ପଡ଼ିଛି। ଯଦି ୪୮ ଘଣ୍ଟା ମଧ୍ୟରେ ପରିସ୍ଥିତି ନସୁଧୁରେ, ତେବେ ମହାମାରୀ କିମ୍ବା ଗୁରୁତର ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହୋଇପାରେ।

ପଥର ଓ ଆବର୍ଜନା ସହ ଧକ୍କା ହୋଇ ଆସି ଥିବାରୁ ଅନେକ ମୃତଦେହ ଗୁଡ଼ିକ ସେମାନଙ୍କ ଚେହେରାରୁ ଚିହ୍ନଟ କରାଯିବା ସ୍ଥିତିରେ ନାହାନ୍ତି । ପ୍ରଶାସନ ଏବେ ଟାଟୁ, ଗହଣା, ପୋଷାକ, ଫିଙ୍ଗରପ୍ରିଣ୍ଟ ଏବଂ ଡିଏନଏ ମାଧ୍ୟମରେ ଚିହ୍ନଟ କରିବାରେ ଲାଗିଛି। ପୋଖରା ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରତିଷ୍ଠାନ ଏବଂ ଆଖପାଖ ହସ୍ପିଟାଲ ଗୁଡ଼ିକରେ ମୋଟ କୋଲ୍ଡ ଷ୍ଟୋରେଜ୍ କ୍ଷମତା କେବଳ ୮୮ଟି ଶବ ପାଇଁ ରହିଛି, ଯେତେବେଳେ କି ସେଠାରେ ଭିନ୍ନ ଭିନ୍ନ ଜିଲ୍ଲାରୁ ଆଣି ୧୦୨ରୁ ଅଧିକ ଶବ ରଖାଯାଇଛି।

## ନେପାଳୀ ସେନାର ସାହସିକ ରେସ୍କ୍ୟୁ ଅପରେସନ୍

ଭୟଙ୍କର ବନ୍ୟାରେ ଥରି ଉଠିଛି ନେପାଳ। ବୁଧବାର ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁସଂଖ୍ୟା ଲଗାତାର ବଢ଼ି ଶନିବାର ସୁଦ୍ଧା ୬୦୦ ଟପିଛି। ନେପାଳ-ତିବ୍ବତ ସୀମା ନିକଟରେ ଭୋଟେ କୋଶୀ ଓ ତ୍ରିଶୂଳୀ ନଦୀରେ ଆସିଥିବା ଭୟଙ୍କର ବନ୍ୟା ଯୋଗୁଁ ନଦୀକୂଳର ଗାଁ, ବଜାର ଏବଂ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ବନ୍ୟାର ଭୟାବହ ଦୃଶ୍ୟ ସାମ୍ନାକୁ ଆସିଛି। ଭାଇରାଲ୍ ଭିଡିଓ ଓ ଫଟୋରେ ଘର, ପୋଲ ଏବଂ ଗାଡ଼ିଗୁଡ଼ିକ ପାଣିର ପ୍ରଖର ସ୍ରୋତରେ କାଗଜର ଖେଳନା ଭଳି ଭାସିଯାଉଥିବା ଦେଖାଯାଉଛି। ଏହି ଭୟଙ୍କର ବିପର୍ଯ୍ୟୟ ମଧ୍ୟରେ ନେପାଳୀ ସେନାର ଯବାନମାନଙ୍କ ସାହସିକ ଉଦ୍ଧାର କାର୍ଯ୍ୟର ଚିତ୍ର ସାମ୍ନାକୁ ଆସିଛି, ଯାହାକୁ ନେଇ ସବୁଠି ପ୍ରଶଂସା କରାଯାଉଛି। ଭାଇରାଲ୍ ଭିଡିଓରେ ବନ୍ୟା ପରେ କ୍ଷତିଗ୍ରସ୍ତ ଘର ଉପରେ ଏକ ହେଲିକପ୍ଟର ଉଡୁଥିବା ଦେଖାଯାଉଛି। ଚାରିଆଡ଼େ ବନ୍ୟାର ମାଟି, ଆବର୍ଜନା ଓ ଧ୍ୱଂସାବଶେଷ ଜମି ରହିଛି। ଏହି ସମୟରେ ଜଣେ ଯୁବକ ଘରର ଛାତ ଉପରେ ଫସିଥିବା ଦେଖାଯାଏ। ହେଲିକପ୍ଟରଟି ଘର ନିକଟକୁ ଯିବା ପରେ ନେପାଳୀ ସେନାର ଜଣେ ଯବାନ ନିଜ ଜୀବନକୁ ବିପଦରେ ପକାଇ ଯୁବକଙ୍କ ହାତ ଧରି ତାଙ୍କୁ ହେଲିକପ୍ଟର ଭିତରକୁ ଟାଣି ନେଉଛନ୍ତି। ଏହି ସାହସିକ ଉଦ୍ଧାର ଦୃଶ୍ୟ ଏବେ ସୋସିଆଲ୍ ମିଡିଆରେ ଚର୍ଚ୍ଚାରେ ରହିଛି। ଅନ୍ୟ ଏକ ଭିଡିଓରେ ରସୁଓ୍ୱା ଜିଲ୍ଲାରେ ବନ୍ୟା ପରେ ଅପର ତ୍ରିଶୂଳୀ ହାଇଡ୍ରୋପାଓ୍ୱାର ଟନେଲରେ ଫସିଥିବା ଲୋକଙ୍କୁ ନେପାଳୀ ସେନା କିପରି ଉଦ୍ଧାର କରିଥିଲା, ତାହା ଦେଖାଯାଇଛି। ଟନେଲ ଭିତରେ ଅନେକ ଶ୍ରମିକଙ୍କ ସହ କିଛି ପର୍ଯ୍ୟଟକ ମଧ୍ୟ ଫସିଥିଲେ। ଭିଡିଓରେ ଦେଖାଯାଉଛି, ହେଲିକପ୍ଟରରୁ ଓହ୍ଲାଇବା ପରେ ସେନା ଯବାନମାନେ କାଦୁଅ ଓ ଧ୍ୱଂସାବଶେଷ ଭିତରେ ଘୁସୁରିକି ଟନେଲ ନିକଟରେ ପହଞ୍ଚୁଛନ୍ତି। ପରେ ସେମାନେ ଟନେଲ ଭିତରେ ଫସିଥିବା ଲୋକଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣୁଛନ୍ତି।

### ସଜ୍ଜନ କୁମାରଙ୍କ ଘରକୁ ଯିବା ଘଟଣା

# ବିଜେପିର ତିନି ସାଂସଦଙ୍କୁ ତାଗିଦ୍



**ନୂଆଦିଲ୍ଲୀ,୨୯।୮:** ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିବା ବିଜେପିର ତିନି ସାଂସଦଙ୍କୁ ତାଗିଦ୍ କରିଛନ୍ତି ଦଳର ରାଷ୍ଟ୍ରୀୟ ସଭାପତି ନୀତୀନ ନବୀନ। ଦିଲ୍ଲୀର ଏହି ତିନି ଲୋକସଭା ସାଂସଦ ହେଉଛନ୍ତି- କମଲଜୀତ ସେହରାଓ୍ୱତ, ରାମବୀର ସିଂହ ବିଧୁରୀ ଏବଂ ଯୋଗେନ୍ଦ୍ର ଚାନ୍ଦୋଲିଆ। ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଜେପି ସଭାପତି ନୀତୀନ ନବୀନ ଦଳୀୟ ସାଂସଦଙ୍କ ଏହି କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରିବା ସହିତ ସେମାନଙ୍କୁ ତାଗିଦ୍ କରିଛନ୍ତି। ସେମାନେ ସେଠାକୁ ଯିବାର ନଥିଲା ବୋଲି ନବୀନ କହିବା ସହ ସେମାନଙ୍କୁ ସମନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସଜ୍ଜନ କୁମାର ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇ ଦିଲ୍ଲୀର ତିହାର ଜେଲ୍‌ରେ ଆଜୀବନ ସଜା କାଟୁଥିବା ଅବସ୍ଥାରେ ଅଗଷ୍ଟ ୨୦ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ସଜ୍ଜନ କୁମାରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକଙ୍କୁ ବିଜେପି ସାଂସଦ କମଲଜୀତ ସେହରାଓ୍ୱତ, ରାମବୀର ସିଂହ ବିଧୁରୀ ଏବଂ ଯୋଗେନ୍ଦ୍ର ଚାନ୍ଦୋଲିଆ ଭେଟି ସମବେଦନା ଜଣାଇବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ବିଶେଷ କରି ଚଳିତ ବର୍ଷ ଏପ୍ରିଲ ମାସରେ ବିଜେପିରେ ଯୋଗ ଦେଇଥିବା ଏଚ୍‌ଏସ୍ ଫୁଲକା ଏହାକୁ ତୀବ୍ର ନିନ୍ଦା କରିଥିଲେ। ଶ୍ରୀ ଫୁଲ୍‌କା ହେଉଛନ୍ତି ଜଣେ ପ୍ରସିଦ୍ଧ ଆଡଭୋକେଟ୍। ସେ ୧୯୮୪ ଦଙ୍ଗା ପୀଡ଼ିତଙ୍କ ତରଫରୁ ମାମଲା ଲଢ଼ିଥିଲେ। ସେ କହିଥିଲେ, ଗଣହତ୍ୟାକାରୀ ସଜ୍ଜନ କୁମାରଙ୍କ ମୃତ୍ୟୁ ପରେ ତାଙ୍କ ବାସଭବନକୁ ଯାଇ ତିନି ଜଣ ସାଂସଦ ସମବେଦନା ଜଣାଇବା ଘଟଣାକୁ ମୁଁ ତୀବ୍ର ନିନ୍ଦା କରୁଛି।

### ହାଇକୋର୍ଟଙ୍କ ନିୟମ ଭାଙ୍ଗିବା ହେଲା ଅଡୁଆ

# ମମତା ଓ ଟିଏମ୍‌ସି ନେତାଙ୍କ ନାଁରେ ମାମଲା



**ନୂଆଦିଲ୍ଲୀ,୨୯।୮:** ପଶ୍ଚିମବଙ୍ଗ ରାଜନୀତିରେ ପୁଣି ଥରେ ମାମଲା କୋର୍ଟରେ ପହଞ୍ଚିଛି । କୋଲକାତାରେ ତୃଣମୂଳ କଂଗ୍ରେସର ଛାତ୍ର ସଂଗଠନର କାର୍ଯ୍ୟକ୍ରମ ପରେ ମମତା ବାନାର୍ଜୀ ଏବଂ କାର୍ଯ୍ୟକ୍ରମର ଆୟୋଜକମାନଙ୍କ ବିରୋଧରେ ଏଫଆଇଆର ରୁଜୁ ହୋଇଛି । ପୁଲିସର ଅଭିଯୋଗ ମୁତାବକ , ଅଗଷ୍ଟ ୨୮ ତାରିଖରେ ଆୟୋଜିତ କାର୍ଯ୍ୟକ୍ରମରେ କୋଲକାତା ହାଇକୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇ ଥିବା ସର୍ତ୍ତ ଗୁଡ଼ିକର ପାଳନ କରାଯାଇ ନାହିଁ। ହାଇକୋର୍ଟ କ୍ୟାଥେଡ୍ରାଲ୍ ରୋଡରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅନୁମତି ଦେଇଥିଲେ, କିନ୍ତୁ ରାସ୍ତାର ଗୋଟିଏ ପାର୍ଶ୍ୱ ଗାଡ଼ି ଚଳାଚଳ ପାଇଁ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇ ଥିଲେ । ପୋଲିସର କହିବାନୁସାରେ, କାର୍ଯ୍ୟକ୍ରମ ସମୟରେ ଏହି ସର୍ତ୍ତ ଭଙ୍ଗ ହୋଇଥିଲା। ଏହା ପରେ ହେଷ୍ଟିଂସ୍ ପୋଲିସ ଷ୍ଟେସନରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରିଛି। ଉକ୍ତ ମାମଲା କେବଳ ରାସ୍ତାର ଗୋଟିଏ ପାର୍ଶ୍ୱ ବନ୍ଦ ହେବା ମଧ୍ୟରେ ସୀମିତ ନାହିଁ । ପୁଲିସ ଅଭିଯୋଗ କରିଛି ଯେ, କାର୍ଯ୍ୟକ୍ରମ ବେଳେ କିଛି ଟିଏମସି ସମର୍ଥକ ବ୍ୟାରିକେଡ୍ ହଟାଇ ଦେଇ ଥିଲେ, ପୁଲିସ କର୍ମଚାରୀଙ୍କ ସହ ଠେଲା ପେଲା ହୋଇଥିଲା ଏବଂ କ୍ୟାଥେଡ୍ରାଲ୍ ରୋଡରେ ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥିଲା। କୋର୍ଟଙ୍କ ଦ୍ୱାରା ଧାର୍ଯ୍ୟ ସମୟ ସୀମା ଶେଷ ହେବା ପରେ ମଧ୍ୟ କାର୍ଯ୍ୟକ୍ରମ ଚାଲିଥିବା ନେଇ ଏତଲାରେ ଦର୍ଶାଯାଇଛି। ଏହି ଏଫଆଇଆର ରେ ମମତା ବାନାର୍ଜୀଙ୍କ ବ୍ୟତୀତ କାର୍ଯ୍ୟକ୍ରମର ଆୟୋଜକ ଏବଂ ନିୟମ ଉଲ୍ଲଂଘନ କରିଥିବା ଅନ୍ୟ ଲୋକଙ୍କ ଭୂମିକାର ଯାଞ୍ଚ କରାଯିବ । ପୁଲିସ ଭାରତୀୟ ନ୍ୟାୟ ସଂହିତାର କେତେକ ଧାରା ଅନୁଯାୟୀ ମାମଲା ରୁଜୁ କରିଛି। କୋଲାକାତା ହାଇକୋର୍ଟ ଟିଏମସିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ପାଇଁ ଅଗଷ୍ଟ ୨୮ ରେ କ୍ୟାଥେଡ୍ରାଲ୍ ରୋଡରେ ସଭା କରିବାକୁ ଅନୁମତି ଦେଇଥିଲେ। ତେବେ ରାସ୍ତାର ଗୋଟିଏ ପାର୍ଶ୍ୱ ଖୋଲା ରଖିବାକୁ ଅଦାଲତ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ, ଯେପରି ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ନ ହୁଏ। କାର୍ଯ୍ୟକ୍ରମ ପାଇଁ କୋଲକାତା ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ପୁଲିସର କହିବା କଥା ହେଲା ଯେ,ଘଟଣାସ୍ଥଳରେ ହାଇକୋର୍ଟଙ୍କ ଧାର୍ଯ୍ୟ ସର୍ତ୍ତ ଗୁଡ଼ିକର ପାଳନ ହୋଇନାହିଁ। କାର୍ଯ୍ୟକ୍ରମ ସମୟରେ ବହୁ ସଂଖ୍ୟାରେ ଟିଏମସି ସମର୍ଥକ ଓ ଛାତ୍ର ସଂଗଠନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଭିଡ଼ ବୃଦ୍ଧି ପାଇବା ସହପୁଲିସ ଲଗାଇ ଥିବା ବ୍ୟାରିକେଡକୁ ହଟାଇ ଦିଆଯାଇ ଥିବା ଅଭିଯୋଗ ହୋଇଛି। ଏହା ପରେ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ନେଇ ଅଭିଯୋଗ ହୋଇଛି। କୋଲକାତା ପୁଲିସ ହେଷ୍ଟିଂସ୍ ପୁଲିସ ଷ୍ଟେସନରେ ରୁଜୁ କରିଥିବା ଏଫଆଇଆରରେ ବିଏନଏସ ର ଧାରା ୬୧(୨), ୨୨୩, ୧୨୫(ଏ), ୧୩୨ ଏବଂ ୨୮୫ ଲଗାଇଛି।

## ଚୁଟ୍‌କୀରେ...

### ଲଞ୍ଚପ୍ୟାଡ୍‌କୁ ଫେରିଲା ଇସ୍ରୋ

**ନୂଆଦିଲ୍ଲୀ,୨୯।୮:** ଲଗାତାର ବିଫଳତା ପରେ ପୁଣିଥରେ ବଡ଼ ମିସନ୍ ପାଇଁ ପ୍ରସ୍ତୁତ ହେଉଛି ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ । ପ୍ରାୟ ୮ ମାସ ପରେ ଲଞ୍ଚପ୍ୟାଡ୍‌କୁ ଫେରିଛି ଇସ୍ରୋ । ଆସନ୍ତା ସେପ୍ଟେମ୍ବର ୪ ତାରିଖ ଭୋର ସମୟରେ ଏକ ମହତ୍ତ୍ୱାକାଂକ୍ଷୀ ଆର୍ଥ ଅବଜର୍ଭେସନ୍ ସାଟେଲାଇଟ୍‌କୁ ମହାକାଶକୁ ପଠାଇବାକୁ ଯୋଜନା ରହିଛି। ଇସ୍ରୋ ମୁଖ୍ୟ ଡକ୍ଟର ଭି. ନାରାୟଣନଙ୍କ ସୂଚନା ଅନୁସାରେ, ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ ଭେଇକଲ୍ GSLV-F17 ରକେଟ୍ ଜରିଆରେ ସାଟେଲାଇଟ୍‌କୁ ମହାକାଶକୁ ପଠାଯିବ । ଏହି ମିସନ୍‌କୁ ନେଇ ଇସ୍ରୋ ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି । ପୃଥିବୀଠାରୁ ପ୍ରାୟ ୩୬ ହଜାର କିଲୋମିଟର ଉଚ୍ଚତାରେ ରହି ଦେଶ ଉପରେ ନିରନ୍ତର ନଜର ରଖିବା ଭଳି ଭାବେ ଏହି ସାଟେଲାଇଟ୍‌କୁ ଡିଜାଇନ୍ କରାଯାଇଛି । ଆର୍ଥ ଅବଜର୍ଭେସନ୍ କ୍ଷେତ୍ରରେ ଏହି ମିସନ୍‌କୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି । ଡକ୍ଟର ଭି. ନାରାୟଣନଙ୍କ ସୂଚନା ଅନୁସାରେ, ଏବେଠାରୁ ୨୦୨୭ ମାର୍ଚ୍ଚ ମଧ୍ୟରେ ଇସ୍ରୋ ପକ୍ଷରୁ ୭ଟି ଉତ୍କ୍ଷେପଣ କରିବାକୁ ଯୋଜନା ରହିଛି ।

### ପାଣି ପାଇଁ ପାକିସ୍ତାନରେ ହାହାକାର !

**ନୂଆଦିଲ୍ଲୀ,୨୯।୮:** ଦାରୁଣ ଜଳ ସଙ୍କଟ ଏବଂ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ସମସ୍ୟା ଦେଇ ଗତି କରୁଛି ପାକିସ୍ତାନ । ଏବେ ଭାରତ ଆଗରେ ପୁଣିଥରେ ହାତ ଯୋଡ଼ିଛି । ସିନ୍ଧୁ ଜଳ ଚୁକ୍ତି ଅଧୀନରେ ବୈଷୟିକ ଆଲୋଚନା ଏବଂ ନଦୀ ଜଳ ସମ୍ବନ୍ଧୀୟ ଡାଟା ସେୟାରିଂ ପ୍ରକ୍ରିୟାକୁ ପୁନଃଆରମ୍ଭ କରିବା ପାଇଁ ପାକିସ୍ତାନ ଭାରତକୁ ଆକୁଳ ନିବେଦନ କରିଛି। ଓ୍ୱାଶିଂଟନ୍‌ରେ ଆୟୋଜିତ ଏକ ସେମିନାରକୁ ଭର୍ଚୁଆଲି ସମ୍ବୋଧିତ କରି ପାକିସ୍ତାନର ଉପ-ପ୍ରଧାନମନ୍ତ୍ରୀ ତଥା ବିଦେଶ ମନ୍ତ୍ରୀ ଇଶାକ ଡାର୍ ଭାରତ ସହ ପୁଣିଥରେ ଜଳ ଚୁକ୍ତି ଆଲୋଚନା ପାଇଁ ଗୁହାରି କରିଛନ୍ତି । ସେମିନାରକୁ ସମ୍ବୋଧନ କରି ପାକିସ୍ତାନୀ ବିଦେଶ ମନ୍ତ୍ରୀ ଇଶାକ ଡାର୍ କହିଛନ୍ତି ଯେ, ଜଳବାୟୁ ପରିବର୍ତ୍ତନର ବୃଦ୍ଧି ପାଉଥିବା ଚାପ ଯୋଗୁଁ ଦୁଇ ଦେଶ ମଧ୍ୟରେ ସହଯୋଗ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ସେ ୧୯୬୦ ସିନ୍ଧୁ ଜଳ ଚୁକ୍ତିକୁ ପୂର୍ଣ୍ଣ କାର୍ଯ୍ୟକାରୀ କରିବା ପାଇଁ ୩-ଫର୍ମୁଲା ନିୟମ ଉପସ୍ଥାପନ କରିଛନ୍ତି । ସିନ୍ଧୁ ନଦୀର ଜଳପ୍ରବାହ ଏବଂ ବନ୍ୟା ସମ୍ପର୍କିତ ବୈଷୟିକ ଡାଟା ସେୟାରିଂ ପୁନଃଆରମ୍ଭ କରିବା, ଦ୍ୱିପାକ୍ଷିକ କମିଶନ ସ୍ତରରେ ପ୍ରାବିଧିକ ବୈଠକ ଜାରି ରଖିବା, ଚୁକ୍ତିରେ ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ମାଧ୍ୟମରେ ଦ୍ୱିପାକ୍ଷିକ ମତାନ୍ତର ଦୂର କରିବା । ଡାର୍ କହିଛନ୍ତି, 'ଏଗୁଡ଼ିକ କୌଣସି ଅନୁଚିତ ଦାବି ନୁହେଁ । ଏହା ଦୁଇ ସାର୍ବଭୌମ ଦେଶ ମଧ୍ୟରେ ୬ ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଆସୁଥିବା ଚୁକ୍ତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଯୁଦ୍ଧ, ସୈନ୍ୟ ସଙ୍କଟ ଏବଂ କୂଟନୈତିକ ତିକ୍ତତା ସତ୍ତ୍ୱେ ଏହି ଚୁକ୍ତି ତିଷ୍ଠି ରହିବା ଦର୍ଶାଉଛି ଯେ, ଜଳ ସମ୍ପଦକୁ ରାଜନୀତିରୁ ଦୂରରେ ରଖିବା କେତେ ଜରୁରୀ ।'

### ହେଙ୍ଗୁ ପାଉଡର ଉପରେ ଲାଗିଲା ରୋକ୍

**ନୂଆଦିଲ୍ଲୀ,୨୯।୮:** ଆପଣ ବଜାରରୁ ହେଙ୍ଗୁ କିଣି ଖାଉଥିଲେ, ସାବଧାନ । କାରଣ ହେଙ୍ଗୁ ପାଉଡର୍ ଅସଲି ନା ନକଲି ? FSSAI ଦୁଇଟି ବ୍ରାଣ୍ଡେଡ କଂପାନୀର ହେଙ୍ଗୁ ପାଉଡର୍ ବିକ୍ରି ଉପରେ ରୋକ୍ ଲଗାଇଛି। କାରଣ ଏହି ପ୍ରଡକ୍ଟଗୁଡିକ ନିମ୍ନମାନର ବୋଲି ଜଣାପଡିଛି । ଖାଦ୍ୟ ନିୟାମକ ସଂସ୍ଥା FSSAI କହିଛି ଯେ ମାନ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରୁନଥିବାରୁ Everest Food Products Pvt Ltd ଏବଂ Laljee Godhoo and Companyକୁ ହେଙ୍ଗୁ ପାଉଡର ବିକ୍ରି ଉପରେ ନିଷେଧାଦେଶ ଜାରି କରାଯାଇଛି। ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ (FSSAI) ଏହି ଦୁଇ କମ୍ପାନୀର ହେଙ୍ଗୁ ପାଉଡର ଉତ୍ପାଦ ନିମ୍ନମାନର ବୋଲି ଜଣାପଡ଼ିବା ପରେ ନିଷେଧାଦେଶ ଜାରି କରିଛି। ରଙ୍ଗରବ୍ବରସ୍ବସ୍ବ କ୍ଷେତ୍ରରେ FSSAI ତୁରନ୍ତ ପ୍ରଭାବରେ ହେଙ୍ଗୁ ପାଉଡରର ବିଭିନ୍ନ ପ୍ରକାର ବିକ୍ରି ଉପରେ ନିଷେଧାଦେଶ ଲଗାଇଛି। ନିୟାମକ ସଂସ୍ଥା କହିଛି, ପ୍ରାଥମିକ ଖାଦ୍ୟ ପରୀକ୍ଷାଗାରର ଫୁଡ୍ ଆନାଲିଷ୍ଟଙ୍କ ପରୀକ୍ଷଣରେ ହେଙ୍ଗୁ ପାଉଡରର ନମୁନା 'ମିସ୍‌ବ୍ରାଣ୍ଡେଡ୍' ଏବଂ 'ସବ୍-ଷ୍ଟାଣ୍ଡାର୍ଡ' ବୋଲି ଜଣାପଡ଼ିଥିଲା। ଏହି ଉତ୍ପାଦଗୁଡ଼ିକ FSS Regulations, ୨୦୧୧ର ବ୍ୟବସ୍ଥା ଉଲ୍ଲଂଘନ କରୁଥିବା ମିଳିଥିଲା। ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ଆଲକହଲ-ସଲ୍ୟୁବଲ୍ ଏକ୍ସଟ୍ରାକ୍ଟ ୫ ପ୍ରତିଶତରୁ କମ୍ ହେବା ଉଚିତ ନୁହେଁ, କିନ୍ତୁ ଏହି ନମୁନାରେ ଏହା ୦ ପ୍ରତିଶତ ଥିଲା।

# ପୁଞ୍ଚ ସୀମାରେ ଘୂରିବୁଲିଲା ପାକିସ୍ତାନୀ ଡ୍ରୋନ୍

**ଜମ୍ମୁକାଶ୍ମୀର,୨୯।୮:** ଏଲ୍‌ଓସି ନିକଟରେ ପୁଣି ପାକିସ୍ତାନର ବଡ଼ ଷଡ଼ଯନ୍ତ୍ର। ଭାରତୀୟ ସୀମାରେ ସନ୍ଦିଗ୍ଧ ଡ୍ରୋନ୍ ଘୂରି ବୁଲିବା ପରେ ସତର୍କ ହୋଇଛନ୍ତି ସୁରକ୍ଷାବଳ। ଜମ୍ମୁ-କାଶ୍ମୀରର ସୀମାନ୍ତ ପୁଞ୍ଚ ଜିଲ୍ଲାରେ ପୁଣି ଥରେ ପାକିସ୍ତାନୀ ଡ୍ରୋନ୍‌ର ସନ୍ଦିଗ୍ଧ ଗତିବିଧି ଦେଖିବାକୁ ମିଳିଛି । ଏହି ଘଟଣା ପରେ ସମଗ୍ର ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସେନା, ପୁଲିସ୍ ଏବଂ ଅର୍ଦ୍ଧସାମରିକ ବଳ ପକ୍ଷରୁ ଏକ ବ୍ୟାପକ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଛି । ସୂଚନାଯୋଗ୍ୟ ଯେ, ଶୁକ୍ରବାର ସନ୍ଧ୍ୟାରେ ପୁଞ୍ଚ ଜିଲ୍ଲା ମେଣ୍ଢର ସେକ୍ଟର ଅନ୍ତର୍ଗତ ବାଲାକୋଟ୍‌ର ବହୁଟୀ ଗାଁ ନିକଟରେ ପ୍ରଥମେ ଏହି ଡ୍ରୋନ୍‌ଟିକୁ ଦେଖାଯାଇଥିଲା । ନିୟନ୍ତ୍ରଣ ରେଖା ନିକଟସ୍ଥ ମଙ୍ଗଲନାର-ଡବରୋଟ୍ ଅଞ୍ଚଳ ଆଡ଼କୁ ଡ୍ରୋନ୍‌ଟି ଗତି କରିବା ପରେ ପୁଣି ପାକିସ୍ତାନ ସୀମାକୁ ଫେରି ଯାଇଥିଲା । ସୀମାରେ ନଜର ରଖିଥିବା ଭାରତୀୟ ସେନାର ଯବାନମାନେ ସନ୍ଦିଗ୍ଧ ଡ୍ରୋନ୍ ଦେଖିବା ମାତ୍ରେ ସତର୍କ ହୋଇପଡ଼ିଥିଲେ । ଶନିବାର ସକାଳୁ ସୂର୍ଯ୍ୟୋଦୟ ସହ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ତଲାସି ଅଭିଯାନ ଆରମ୍ଭ କରାଯାଇଛି । ଡ୍ରୋନ୍ ସାହାଯ୍ୟରେ ସୀମାପାରରୁ କୌଣସି ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ କିମ୍ବା ନିଶାଦ୍ରବ୍ୟ ଖସାଯାଇଛି କି ନାହିଁ, ସେ ନେଇ ଯାଞ୍ଚ ଚାଲିଛି ।

ଅନ୍ୟପଟେ କେବଳ ପୁଞ୍ଚ ନୁହେଁ, ବରଂ ଉଧମପୁର, କଠୁଆ ଏବଂ ରାଜୌରୀ ଜିଲ୍ଲାର ଘଞ୍ଚ ଜଙ୍ଗଲ ଅଞ୍ଚଳରେ ମଧ୍ୟ ସନ୍ଦିଗ୍ଧ ଗତିବିଧି ସୂଚନା ମିଳିବା ପରେ ସୁରକ୍ଷାବଳ ପକ୍ଷରୁ ବଡ଼ ଧରଣର କୋମ୍ବିଂ ଅପରେସନ୍ ଜାରି ରହିଛି । ଖୁବାନ୍, ନଗାଇନ୍, ଖଡ୍ରେଲ୍, ଗୋଡ଼ୁ ଫଲାଲ୍, ପଡେତର, ଚୋର ମୋଟ୍ଟୁ, କିଆ, ଖେବା, ଭେଡ୍ ଏବଂ ଯୋଫର ଭଳି ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଶୁକ୍ରବାର ସନ୍ଧ୍ୟାରୁ ମିଳିତ ସର୍ଚ୍ଚ ଅପରେସନ୍ ଚାଲିଛି। ରାଜୌରୀର ଗୈବାସ, ମିଠିୟାନୀ, ମୋଗଲା ଏବଂ ନରଲା ଅଞ୍ଚଳରେ ୨ ଜଣ ସନ୍ଦିଗ୍ଧ ସଶସ୍ତ୍ର ବ୍ୟକ୍ତି ବୁଲୁଥିବା ନେଇ ଗ୍ରାମବାସୀ ସୂଚନା ଦେଇଥିଲେ । ଏହାପରେ ସ୍ଥାନୀୟ ପୁଲିସ ଓ ସେନା ପକ୍ଷରୁ ପୂରା ଅଞ୍ଚଳକୁ ସିଲ୍ କରି ଛାନଭିନ୍ କରାଯାଉଛି । 'ସୀମାପାରରୁ ଅସ୍ତ୍ରଶସ୍ତ୍ର ଚାଲାଣ ଏବଂ ଆତଙ୍କବାଦୀ ପ୍ରବେଶ କରାଇବା ପାଇଁ ପାକିସ୍ତାନର ଏହା ଏକ ନୂଆ ଚକ୍ରାନ୍ତ ହୋଇପାରେ । ତେବେ ଭାରତୀୟ ସୁରକ୍ଷାବଳ ହାଇଆଲର୍ଟରେ ରହିବା ସହ ସୀମାର ପ୍ରତ୍ୟେକ କୋଣ ଅନୁକୋଣ ଉପରେ କଡ଼ା ନଜର ରଖିଛନ୍ତି ।'

# ୟୁକ୍ରେନ୍ ଉପରେ ରୁଷ୍‌ର ଆକ୍ରମଣ, ୨୭ ମୃତ



**କିବ୍,୨୯।୮:** ରୁଷ୍-ୟୁକ୍ରେନ୍ ଯୁଦ୍ଧ ପୁଣି ଭୀଷଣ ରୂପ ନେଇଛି। ରୁଷ୍ ଗତ ତିନି ଦିନ ହେଲା ୟୁକ୍ରେନ୍ ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛି। ଆକାଶ ମାର୍ଗରୁ ରୁଷ୍‌ରୁ ଆକ୍ରମଣ ଜାରି ରହିଥିବାବେଳେ କିବ୍ ନିକଟସ୍ଥ ୟୁକ୍ରେନର ବୁଚା ଜିଲ୍ଲାରେ ୨୭ ଜଣଙ୍କର ମୃତ୍ୟୁ ହୋଇଛି, ଡଜନ ଡଜନ ଘର କ୍ଷତିଗ୍ରସ୍ତ ହୋଇଛି ଓ ଏହି ଅଞ୍ଚଳରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି ବୋଲି ୟୁକ୍ରେନୀୟ ଅଧିକାରୀମାନେ ଶନିବାର କହିଛନ୍ତି। ରୁଷ୍‌ର ଘନ ଘନ ଆକ୍ରମଣ ଯୋଗୁ କିବ୍‌ରେ ଦୈନନ୍ଦିନ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଆର୍ଥିକ କାର୍ଯ୍ୟକଳାପ ବନ୍ଦ ରହିଛି। ଆଞ୍ଚଳିକ ସାମରିକ ପ୍ରଶାସନର ମୁଖ୍ୟ ଟାଇମୁର ତକାଚେଙ୍କୋ କହିଛନ୍ତି ଯେ, ଆକ୍ରମଣରେ ଅତି କମରେ ୫୦ଟି ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି। ନିଆଁ ଅନେକ ଘର ଓ ଏକ ରେଷ୍ଟୁରାଣ୍ଟକୁ ବ୍ୟାପିଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି ଯେ, ମାଇଲା ଗ୍ରାମର ଏକ ଗୋଦାମ ଉପରେ ଆକ୍ରମଣ ପରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ଗୋଦାମ ଘରେ କ'ଣ ଗଚ୍ଛିତ ଥିଲା ତାହା ଜେଲେନସ୍କି ସ୍ପଷ୍ଟ କରିନଥିଲେ; କିନ୍ତୁ କହିଛନ୍ତି ଯେ ଅଧିକାରୀମାନେ ସରକାରୀ ଅବହେଳା ପାଇଁ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଘର କିମ୍ବା ଅନ୍ୟ ଆବାସିକ ଅଞ୍ଚଳ ନିକଟରେ ଗୁଳିଗୋଳା ସଂରକ୍ଷଣ କରାଯାଇପାରିବ ନାହିଁ ବୋଲି ନିୟମ ରହିଛି ବୋଲି ଜେଲେନସ୍କି କହିଛନ୍ତି। କିବ୍‌ରେ ଲଗାତାର ତୃତୀୟ ଦିନ ପାଇଁ ବିମାନ ଆକ୍ରମଣ ହୋଇଛି।

### ଟ୍ରମ୍ପଙ୍କ ବଡ଼ ଦାବି

# ଭେନେଜୁଏଲା ସହିତ ବିଶ୍ୱ ଇତିହାସର ସବୁଠାରୁ ବଡ଼ ତୈଳଚୁକ୍ତି

**ନୂଆଦିଲ୍ଲୀ,୨୯।୮:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଦାବି କରିଛନ୍ତି । ଭେନେଜୁଏଲା ସହିତ ବିଶ୍ୱ ଇତିହାସର ସବୁଠାରୁ ବଡ ତୈଳ ଚୁକ୍ତି ହୋଇଥିବା ଘୋଷଣା କରିଛନ୍ତି ଟ୍ରମ୍ପ । ଏହି ଚୁକ୍ତିରେ ଆମେରିକା ଭେନେଜୁଏଲାର ପ୍ରାୟ ୬୫ ଅରବ ଡଲାର ବ୍ୟାରେଲ୍ ତେଲ ଭଣ୍ଡାର ଉପରେ କଣ୍ଟ୍ରୋଲ୍ କରିବ । ସୋସିଆଲ ମିଡିଆ ପୋଷ୍ଟରେ ଏମିତି ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି । ସେ କହିଛନ୍ତି ଯେ, ଏହି ଚୁକ୍ତିନାମା ଅଶୋଧିତ ତୈଳ ପାଇଁ ଆମେରିକାର ଉପଲବ୍ଧତା, ଯୋଗାଣ ବୃଦ୍ଧି କରିବ ଏବଂ ଶେଷରେ ପେଟ୍ରୋଲ୍ ମୂଲ୍ୟ ହ୍ରାସ କରିବ। ଟ୍ରମ୍ପ୍ ଆହୁରି କହିଛନ୍ତି ଯେ, ସରକାର ଏବଂ ବେସରକାରୀ କମ୍ପାନୀ ମଧ୍ୟରେ ସହଭାଗୀତା ମାଧ୍ୟମରେ ଆମେରିକା ଭେନେଜୁଏଲାର ୬୫ ବିଲିୟନ ବ୍ୟାରେଲରୁ ଅଧିକ ତୈଳ ଭଣ୍ଡାର ଉପରେ ଅଧିକାଂଶ ନିୟନ୍ତ୍ରଣ ହାସଲ କରିଛି । ମୋ ନିର୍ଦ୍ଦେଶରେ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ, ପ୍ରତିରକ୍ଷା ସଚିବ ହେଗସେଥ୍ ଏବଂ ଭେନେଜୁଏଲା ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କ ମଧ୍ୟରେ ଆଲୋଚନା ପରେ ଏହି ଚୁକ୍ତି ହୋଇଛି । ଏହା ବିଶ୍ୱର ସବୁଠାରୁ ବଡ଼ ତୈଳ ଚୁକ୍ତି । ଆମେରିକା ଭେନେଜୁଏଲା ଦେଶ ସହିତ ଏକ ଚୁକ୍ତିରେ ପହଞ୍ଚିଛି । ଯାହା ବିଶ୍ୱ ଇତିହାସରେ ସବୁଠାରୁ ବଡି ତୈଳ ଡିଲ୍ । ଘରୋଇ କମ୍ପାନୀ ସହିତ ସହଭାଗୀତା କରି ଭେନେଜୁଏଲାରେ ୬୫ ବିଲିୟନ ବ୍ୟାରେଲରୁ ଅଧିକ ତୈଳ ଭଣ୍ଡାର ଉପରେ ଆମେରିକାର ଅଧିକାଂଶ ନିୟନ୍ତ୍ରଣ ହାସଲ କରିଛନ୍ତି । ଏଥିପାଇଁ ଆମେରିକାର ଟିକସଦାତାଙ୍କ ପକେଟରୁ ଗୋଟିଏ ପଇସା ମଧ୍ୟ ଖର୍ଚ୍ଚ ହୋଇନାହିଁ । ଲାଭ କ'ଣ ହେବ ? ଟ୍ରମ୍ପ କହିଛନ୍ତି ଯେ, ଏହି ଚୁକ୍ତି ଆମେରିକାର ଶକ୍ତି ଯୋଗାଣ ପାଇଁ ଏକ ପ୍ରମୁଖ ଉତ୍ସ ଏବଂ ଏହା ଆମେରିକାର ତୈଳ ଭଣ୍ଡାରକୁ ଦୁଇଗୁଣରୁ ଅଧିକ କରିବ ଏବଂ ପେଟ୍ରୋଲ ମୂଲ୍ୟ ହ୍ରାସ କରିବାରେ ସାହାଯ୍ୟ କରିବ ବୋଲି ଦାବି କରିଛନ୍ତି । ଭେନେଜୁଏଲା ଏହି ଚୁକ୍ତିକୁ ସ୍ୱାଗତ କରିଛି । ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ୍ ଏହି ଚୁକ୍ତିକୁ ସ୍ୱାଗତ କରି କହିଛନ୍ତି ଯେ,



ଏହା ଦେଶର ରାଜକୋଷକୁ ବିପୁଳ ଅର୍ଥ ଆଣିବ। ଏହି ଚୁକ୍ତି ଭେନେଜୁଏଲାକୁ ବିପୁଳ ପୁଞ୍ଜି ବିନିଯୋଗ ଆଣିବ, ବିଶେଷକରି ତୈଳ ଶିଳ୍ପର ଅଭିବୃଦ୍ଧି ପାଇଁ ଆବଶ୍ୟକ ଭିତ୍ତିଭୂମିର ପୁନଃନିର୍ମାଣ ଏବଂ ନବୀକରଣ ପାଇଁ ।

ଅମୃତ ଦୁନିଆ
୩୦ ଅଗଷ୍ଟ ୨୦୨୬





# ନୂତନ ସଂଖ୍ୟାଲଘୁ ସେଲ୍ କର୍ମକର୍ତ୍ତାଙ୍କୁ ସ୍ୱାଗତ

## ବିଜେଡିର ସମ୍ବର୍ଦ୍ଧନା, ସଂଗଠନ ମଜଭୁତ୍ କରିବାକୁ ଆହ୍ୱାନ



**ପିପିଲି(ଅମୃତ ମିଡିଆ):** ବିଜୁ ଜନତା ଦଳର ସଂଗଠନକୁ ରାଜ୍ୟ ଓ ଜିଲ୍ଲାସ୍ତରରେ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ନୂତନ ଭାବେ ମନୋନୀତ ସଂଖ୍ୟାଲଘୁ ସେଲ୍‌ର କାର୍ଯ୍ୟକର୍ତ୍ତାଙ୍କୁ ପିପିଲି ନିର୍ବାଚନମଣ୍ଡଳୀ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଦଳର ସଂଗଠନକୁ ମଜଭୁତ କରିବା ଉଦ୍ଦେଶ୍ୟରେ ସଂଖ୍ୟାଲଘୁ ସେଲ୍‌ର ବିଭିନ୍ନ ପଦପଦବୀରେ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ମନୋନୀତ କରିଛନ୍ତି। ଏହି କ୍ରମରେ ପିପିଲି ଏନ୍‌ଏସି ଅଧକ୍ଷ ଶେଖ୍ ବାବୁଙ୍କୁ ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ଉପସଭାପତି ଏବଂ ଏନ୍‌ଏସି ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣାଙ୍କୁ ରାଜ୍ୟ ସାଧାରଣ ସମ୍ପାଦିକା ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ପିପିଲିର ଯୁବ ସଂଗଠକ ଅମିନ ଉଦିନ ଖାଁଙ୍କୁ ପୁରୀ ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ଭାବେ ମନୋନୀତ କରାଯାଇଛି। ନୂତନ ଭାବେ ମନୋନୀତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ୨୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ତେଇଶିପୁର ଠାରେ ପିପିଲି ନିର୍ବାଚନମଣ୍ଡଳୀ ପକ୍ଷରୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ନୂତନ ଦାୟିତ୍ୱ ପାଇଥିବା କାର୍ଯ୍ୟକର୍ତ୍ତାମାନେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ପିପିଲି ଏନ୍‌ଏସି ବିଜେଡି ସଭାପତି ଶରତ ବେହେରା, ଜୟନ୍ତ କୁମାର ଦାସ, ମୀର ଆଜାଦଙ୍କ ସମେତ ବହୁ ବିଜେଡି କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।

# ଜମିଜମା ବିବାଦକୁ କେନ୍ଦ୍ର କରି ଆକ୍ରମଣ

## ଦୁଇ ଅଭିଯୁକ୍ତ ଗିରଫ



**କୋଣାର୍କ(ଅମୃତ ମିଡିଆ):** ଜମିଜମା ବିବାଦକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କୋଣାର୍କ ପୋଲିସ। ଏହି ଘଟଣା କୋଣାର୍କ ଥାନା ଅଧୀନ ବନାଖଣ୍ଡି ଗ୍ରାମପଞ୍ଚାୟତର ସାମିଲ ବଗଲାଇ ଗ୍ରାମରେ ଘଟିଥିଲା। ସୂଚନା ଅନୁଯାୟୀ, ଗତ ୨୫ ତାରିଖ ମଙ୍ଗଳବାର ଦିନ ପ୍ରାୟ ୧୨ଟା ସମୟରେ ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ ଓ ଆକ୍ରମଣ ହୋଇଥିଲା। ଏଥିରେ ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ଜଣେ ଦିନମଜୁରିଆ ସାମାନ୍ୟ ଆହତ ହୋଇଥିଲେ। ଘଟଣାକୁ ନେଇ ସଞ୍ଜୁଲତା ନାମକ ଜଣେ ମହିଳା କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୋଣାର୍କ ପୋଲିସ ତଦନ୍ତ ଆରମ୍ଭ କରି ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଗଲାଇ ଗ୍ରାମର ସ୍ୱର୍ଗତ ଜାମ୍ବେଶ୍ୱର ପାତ୍ରଙ୍କ ପୁଅ ଅକ୍ଷୟ ପାତ୍ର ଏବଂ ଜଟଣୀ ଥାନା ଅଧୀନ ଛଣଘରା, କୁସୁମାଟି ଗ୍ରାମର ସ୍ୱର୍ଗତ ଉମାକାନ୍ତ ରାଉତରାୟଙ୍କ ପୁଅ ଶ୍ରୀକାନ୍ତ ରାଉତରାୟ । ଏନେଇ କୋଣାର୍କ ଥାନାରେ କେସ୍ ନଂ-୨୪୩, ତାରିଖ ୨୫.୦୮.୨୦୨୬ରେ ଭାରତୀୟ ନ୍ୟାୟ ସଂହିତା (BNS)ର ଧାରା ୨୯୬/୩୨୯(୩)/୧୧୫(୨)/୧୧୮(୧)/୧୦୯(୧)/୩୨୪(୪)/୩୫୧(୩)/୩(୫) ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ପରେ ଉଭୟ ଅଭିଯୁକ୍ତଙ୍କୁ ଆଜି ଅଦାଲତରେ ହାଜର କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଆକ୍ରମଣ ଓ ଲୁଟ୍ ମାମଲାରେ ଅଭିଯୁକ୍ତ ଗିରଫ

**ସାକ୍ଷୀଗୋପାଳ(ଅମୃତ ମିଡିଆ):** ଆକ୍ରମଣ ଓ ସୁନାଚେନ୍ ଲୁଟ୍ ଅଭିଯୋଗ ମାମଲାରେ ସତ୍ୟବାଦୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପିପିଲି ଥାନା ଅନ୍ତର୍ଗତ ମାଡ଼ୀପୋତାଳି ଗ୍ରାମର ଲୋକନାଥ ଭଟ୍ଟ ଓରଫ୍ କାଳିଆ ପୋଲିସ ସୂଚନା ଅନୁଯାୟୀ, ୨୨ ଏପ୍ରିଲ ୨୦୨୫ରେ ସାତଶଙ୍ଖ ଯାତ୍ରା ଦେଖି ଫେରୁଥିବା ମନୋଜ ସାହାଣୀଙ୍କୁ ରାସ୍ତାରେ ଅଟକାଇ ଅଭିଯୁକ୍ତ ୧ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଏକ ଲୁହାରଡ଼ରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିବା ସହ ବେକରୁ ପ୍ରାୟ ୨ ତୋଳା ସୁନାଚେନ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତଙ୍କ ଏକ ସ୍କୁଟିକୁ ପୋଲିସ ଜବତ କରିଥିଲା। ଏନେଇ ସତ୍ୟବାଦୀ ଥାନାରେ କେସ୍ ନମ୍ବର ୧୨୩/୨୫ରେ ଏକ ମାମଲା ରୁଜୁ ହୋଇଥିଲା । ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ମଧ୍ୟ ପିପିଲି ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

## ■ପିପିଲିରେ ଜାତୀୟ କ୍ରୀଡ଼ା ଦିବସ

# ଟେବୁଲ ଟେନିସ ହଲ୍ ଓ ସିନ୍ଥେଟିକ୍ ମ୍ୟାଟ୍ ଲୋକାର୍ପିତ




**ପିପିଲି(ଅମୃତ ମିଡିଆ):** ପୁରୀଜିଲ୍ଲା ପିପିଲି ସ୍ଥିତ ଜବାହର ବିଦ୍ୟାପୀଠ ପରିସରରେ ଥିବା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସେମିନାରର ଉଦ୍‌ଘାଟନ କରିଛନ୍ତି ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ । ପିପିଲି ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ଙ୍କ ସହିତ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଏସ୍‌ପି ପ୍ରତୀକ ସିଂ, ଅବସରପ୍ରାପ୍ତ ଲେଫ୍ଟନାଣ୍ଟ କର୍ଣ୍ଣେଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ,ଭାରତ ଖୋ ଖୋ ଫେଡେରେସନ ଉପସଭାପତି ତଥା ଓଡିଶା ଖୋ ଖୋ ଆସୋସିଏସନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପିପିଲି ବିଡିଓ, ତହସିଲଦାର ଓ ସମାଜସେବୀ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ପୂର୍ବକ ଶୁଭାରମ୍ଭ କରି ଖେଳାଳୀମାନଙ୍କ ଖେଳ ପ୍ରଦର୍ଶନ ଓ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ହକି ଯାଦୁକର କିମ୍ବଦନ୍ତୀ କ୍ରିଡାବିତ ଧ୍ୟାନଚାନ୍ଦଙ୍କ କ୍ରୀଡା ବିଶ୍ୱକୁ ଚମତ୍କୃତ କରିଥିଲା ଓ ପୃଥିବୀରେ କ୍ରୀଡ଼ା ଥିବା ପର୍ଯ୍ୟନ୍ତ ଜନମାନସରେ ସେ ରହିଥିବେ। ତାଙ୍କ କ୍ରୀଡା ପ୍ରତିଭା ଅତୁଳନୀୟ। ସମଗ୍ର ବିଶ୍ୱ ତାଙ୍କ ଚମତ୍କାର କ୍ରୀଡା ନୈପୁଣ୍ୟ ରେ ଅଭିଭୂତ ହୋଇଥିଲା। ଆଜିର ଯୁବପିଢ଼ି ଓ କ୍ରୀଡା ପ୍ରତି ମନୋନିବେଶ କରୁଥିବା ପ୍ରତିଟି କ୍ରୀଡାବିତ୍‌ଙ୍କ ପାଇଁ ଧ୍ୟାନଚାନ୍ଦ ଆଦର୍ଶ ହୋଇ ରହିଥିବେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରଯାଇଥିଲା । କ୍ରୀଡ଼ାବିତ ଏବଂ ସ୍ଥାନୀୟ ମହିଳା ମହାବିଦ୍ୟାଳୟ, ପିପିଲି ମହାବିଦ୍ୟାଳୟ ଓ ଜବାହର ବିଦ୍ୟାପୀଠ ର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ଆଞ୍ଚଳିକ କବାଡ଼ି ଖେଳାଳୀ ମାନଙ୍କ ପାଇଁ ଏକ ସିନ୍ଥେଟିକ ମ୍ୟାଟ ଓ କୋର୍ଟରେ ଶୁଭ ଉଦଘାଟନ କରିଛନ୍ତି ବାଚସ୍ପତି । ଅତିଥି ମାନଙ୍କ ଉପସ୍ଥିତିରେ ଏକ ମହିଳା କବାଡ଼ି ମ୍ୟାଚ ଅନୁଷ୍ଠିତ ହୋଇଥିଲା ବେଳେ ଗୋଟିଏ ଦଳ ପିପିଲି ବିଡିଓ ଓ ଅନ୍ୟ ଦଳଟି ପିପିଲି ତହସିଲଦାରଙ୍କ ଦ୍ୱାରା ଚୟନ ହୋଇଥିଲା ବେଳେ ଅତିଥି ମାନେ ବସି ଦେଖିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ କମ୍ପ୍ଲେକ୍ସର ଇଣ୍ଡୋର ଷ୍ଟାଡିଅମରେ ଜାତୀୟ ସେମିନାର ଉଦ୍‌ଘାଟନ କରିବା ସହ ଗ୍ରାମାଞ୍ଚଳ ରେ କିପରି କ୍ରୀଡ଼ାର ବିକାଶ ହେବ ସେନେଇ ଅତିଥି ମାନେ ବକ୍ତବ୍ୟ କରିଥିଲେ ।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ସପ୍ତାହ ଓ ଗଙ୍ଗାଧର ମେହେର ଜୟନ୍ତୀ



**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶୁକ୍ରବାର ଅପରାହ୍ଣରେ ବିଶ୍ୱ ସଂସ୍କୃତ ସପ୍ତାହ ପାଳନ ଓ ସ୍ୱଭାବକବି ଗଙ୍ଗାଧର ମେହେର ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସଂଗେ ସଂଗେ ସଂସ୍କୃତ ଭାଷାର ମହତ୍ତ୍ୱ ଓ ମାହାତ୍ମ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଜନ୍ମତିଥି ଅବକାଶରେ ଗଙ୍ଗାଧର ମେହେରଙ୍କ ସାରସ୍ୱତ କୃତି ଓ କବି-ପ୍ରସିଦ୍ଧି ପ୍ରସଙ୍ଗ ଉଲ୍ଲେଖ ପୂର୍ବକ କୁଳପତି ପ୍ର. ଆଚାର୍ଯ୍ୟ ସ୍ୱଭାବକବିଙ୍କ ଉଦ୍ଦେଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷା ଡ. ଲିପିକା ନାୟକ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗରେ ଅବସ୍ଥାପିତ ଅବସରପ୍ରାପ୍ତ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା ଓ ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା ନିଜ ନିଜ ବକ୍ତବ୍ୟରେ ସଂସ୍କୃତ ସପ୍ତାହ ପାଳନର ତାତ୍ପର୍ଯ୍ୟ, ସଂସ୍କୃତ ଭାଷାର ମହନୀୟତା ଓ ପ୍ରାଚୀନତା ପ୍ରସଙ୍ଗ ଉଲ୍ଲେଖ ପୂର୍ବକ ପୃଥିବୀର ସକଳ ଜ୍ଞାନଉତ୍ସର ଆଦି ଅଭିବ୍ୟକ୍ତି ମାଧ୍ୟମ ହେଉଛି ସଂସ୍କୃତ ଭାଷା ବୋଲି କହିଥିଲେ । ଅନୁରୂପ ଭାବରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କବିତ୍ୱ, ମାନବବାଦୀ ଦୃଷ୍ଟି ଓ ଦର୍ଶନ, ମେହେର ସାହିତ୍ୟର ଅନବଦ୍ୟ ଆବେଦନ ସଂପର୍କରେ ଉଭୟ ଆଲୋଚକ ଚର୍ଚ୍ଚା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ନିବେଦିତା ମହାନ୍ତି, ଡ. ସଂଗୀତା ଜେନା, ଡ. ଶୁଭସ୍ମିତା ନାୟକ, ଡ. ସସ୍ମିତା ଜେନା ଓ ଡ. ମୋନାଲି ଚ୍ୟାଙ୍ଗ୍ ପ୍ରମୁଖ ସ୍ୱଭାବକବିଙ୍କ ଉଦ୍ଦେଶ୍ୟରେ କୃତାଞ୍ଜଳି ପୁଟରେ ଶ୍ରଦ୍ଧା ନିବେଦନ କରିଥିଲେ। ଏହି ମିଳିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଡ କୁଇଲା ଧନ୍ୟବାଦ ଦେଇଥିଲେ ।

## ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର




**ପୁରୀ (ବ୍ୟୁରୋ):** ସାରା ରାଜ୍ୟରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରାଜ୍ୟରେ ରକ୍ତର ସଙ୍କଟ ଦେଖାଦେଉଛି ।ଯେତିକି ପରିମାଣରେ ରକ୍ତର ଆବଶ୍ୟକତା ରହୁଛି ସେତିକି ପରିମାଣର ରକ୍ତ ଯୋଗାଇଦିଆଯାଇ ପାରୁନାହିଁ। ଏହାକୁ ନଜରରେ ରଖି ରକ୍ତର ସଂକଟକୁ ଦୂର କରିବା ନିମନ୍ତେ ପୁରୀ ଡିଏଭି ପବ୍ଲିକ ସ୍କୁଲ ଏକ ଛୋଟିଆ ପ୍ରୟାସ କରିଛି। ସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତ୍ସ୍ନା ମଙ୍ଗରାଜ ଏବଂ ବିଦ୍ୟାଳୟର ଉପସଭାପତି ଆହ୍ଲାଦିନୀ ପଟ୍ଟନାୟକ ଯୋଗଦାନ କରି ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ଏହିପରି ଏକ ମହତ କାର୍ଯ୍ୟରେ ଅଗ୍ରସର ହେବା ପାଇଁ ସମସ୍ତଙ୍କୁ ଉପଦେଶ ପ୍ରଦାନ କରିଥିଲେ ।ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଗଣ ଏହି ଶିବିରରେ ଯୋଗଦେବା ସହ ରକ୍ତଦାନ କରିଥିଲେ । ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏକ ଚାରା ଗଛ ସହ ମାନପତ୍ର ପ୍ରଦାନ କରାଯାଇଥିଲା ।ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ସଦାଶିବ ସାହୁ,ମନୋରମା ଷଡ଼ଙ୍ଗୀ, ଏସ ଆର ଶ୍ରଦ୍ଧାଞ୍ଜଳି ପରିଚାଳନା କରିଥିଲେ।

## ନାବାଳିକାଙ୍କୁ ଅଜାଙ୍କ ଅସଦାଚରଣ ଅଭିଯୋଗ

**ଗୋପ(ଅମୃତ ମିଡିଆ):** ଗୋପ ଥାନା ଅନ୍ତର୍ଗତ ନୟାହାଟ ଫାଣ୍ଡି ଅଧୀନ ବରିମୁଣ୍ଡ ଗ୍ରାମରେ ଜଣେ ନାବାଳିକାଙ୍କୁ ସମ୍ପର୍କୀୟ ଅଜା ଅସଦାଚରଣ କରିଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଏହି ଅଭିଯୋଗ ହେବାପରେ ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ, ଗୋପ ଥାନା ଏଏସ୍‌ଆଇ ଶିବରାମ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ବେଳେ ଅଭିଯୁକ୍ତ ଅଜା ଫେରାର ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁରୁବାର ଗୋପ ଥାନା ଅନ୍ତର୍ଗତ ଏରବଙ୍ଗ ପଦିନିପଦା ଗ୍ରାମର ଜଣେ ବୃଦ୍ଧ ବରିମୁଣ୍ଡ ଗ୍ରାମକୁ ଯାଇଥିଲେ। ସନ୍ଧ୍ୟାରେ ସେହି ଗ୍ରାମର ଜଣେ ନାବାଳିକା ଖେଳୁଥିବା ବେଳେ ଏହି ସମ୍ପର୍କୀୟ ଅଜା ନାବାଳିକାଙ୍କୁ ଡାକିଥିଲେ। ନାବାଳିକା ଜଣକ ଯିବାପରେ ଚକୋଲେଟ୍ ଦେଇ ନିକଟ ଏକ ନିଜାଞ୍ଜନ ସ୍ଥାନରେ ଅସଦାଚରଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ନିକଟରେ ଏପରି ଏକ ଅଭିଯୋଗ ପହଞ୍ଚିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖୁବା ଜଣାପଡ଼ିଛି । ଖବର ଲେଖାହେବା ସୁଦ୍ଧା ଥାନାରେ ହୋଇଥିବା ଅଭିଯୋଗକୁ ନେଇ ମକଦ୍ଦମା ରୁଜୁ ହୋଇ ନ ଥିବା ଏସ୍‌ଆଇ ବୁଦ୍ଧରାୟ ମାଝୀ କହିଛନ୍ତି।

# ସ୍ୱପ୍ନକୁ ସଫଳ କଲେ ବ୍ଲକ୍ ପ୍ରଶାସନ

- ■ ୧୪୯ ଭିନ୍ନକ୍ଷମଙ୍କ ମୁହଁରେ ଫୁଟିଲା ହସ
- ■ ଭୀମଭୋଇ ଶିବିରରେ ଅଭୂତପୂର୍ବ ସଫଳତା



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** କିଏ ଦେଖି ପାରୁନି, କିଏ ଶୁଣି ପାରୁନି, କିଏ ଚାଲି ପାରୁନି। କିନ୍ତୁ ସମସ୍ତଙ୍କ ଆଖିରେ ଗୋଟିଏ ସ୍ୱପ୍ନ - ସମାଜରେ ମୁଣ୍ଡ ଟେକି ବଞ୍ଚିବାକୁ। ସେହି ସ୍ୱପ୍ନକୁ ସାକାର କରିଛି କାକଟପୁର ବ୍ଲକ ପ୍ରଶାସନ। ଶନିବାର ପୁରୀ ଜିଲ୍ଲା କାକଟପୁର ବ୍ଲକ ନିକଟସ୍ଥ କନ୍ଦଳପୁର ସ୍ଥିତ କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର-୨୦୨୬ କେବଳ ଏକ ଶିବିର ନଥିଲା, ଏହା ଥିଲା ମାନବିକତାର ମହାପର୍ବ। ପଞ୍ଚାୟତ ସମିତି କାକଟପୁର ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଉଦ୍ୟମରେ ସକାଳ ୧୦ଟାରୁ ଦିନ ୨ଟା ଯାଏଁ ଚାଲିଥିଲା ଏହି ସେବା ଯଜ୍ଞ। କାକଟପୁର ବ୍ଲକ ଅଧୀନ ୧୬ ଟି ପଞ୍ଚାୟତ ସମେତ ନିକଟସ୍ଥ ବ୍ଲକରୁ ମୋଟ ୧୪୯ ଜଣ ଭିନ୍ନକ୍ଷମ ଯୋଗ ଦେଇଥିଲେ। ଅଭିଜ୍ଞ ଡାକ୍ତରୀ ଟିମ୍ ସମସ୍ତଙ୍କୁ ପରୀକ୍ଷା କରି ତୁରନ୍ତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଶିବିର ରେ ଭେଷଜ ବିଭାଗ ୦୯ଜଣ , ଶିଶୁବିଭାଗ ୦୭ଜଣ , ନାସା-କର୍ଣ୍ଣ-ଗଳା ବିଭାଗ ୨୧ଜଣ , ମାନସିକବିଭାଗ ୩୬ଜଣ , ଚକ୍ଷୁ ବିଭାଗ ୧୮ଜଣ , ଅସ୍ଥିଶଲ୍ୟ ୫୮ ଜଣ। ଆଉ କିଛି ଦିନ ଭିତରେ ସମସ୍ତଙ୍କୁ ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର, ଚଷମା, କୃତ୍ରିମ ଅଙ୍ଗ ମିଳିବ ବୋଲି ବ୍ଲକ ତରଫରୁ ସୂଚନା ମିଳିଛି। ଶିବିର କୁ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ବିଡ଼ିଓ ନାରାୟଣ ଦୀକ୍ଷିତ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରୋଜାଲିନ ବେହେରା ଉଦ୍‌ଘାଟନ କରିଥିଲେ। କିନ୍ତୁ ମଞ୍ଚ ତଳେ ପ୍ରତିଟି ଲୋକ ନିକଟରେ ପହଂଚି - ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରୋଜାଲିନ ବେହେରା। ସକାଳୁ ଶିବିର ଶେଷ ଯାଏଁ ଗୋଟିଏ ଗୋଟିଏ ଭିନ୍ନକ୍ଷମଙ୍କ ପାଖକୁ ଯାଇ ନାମ ଧରି ଡାକିବା, ବୃଦ୍ଧ ଲୋକଙ୍କୁ ହାତ ଧରି ଡାକ୍ତରଙ୍କ ପାଖକୁ ନେବା, ଛୋଟ ପିଲାଙ୍କୁ ଖୁସି କରିବା - ଏ ଦୃଶ୍ୟ ସମସ୍ତଙ୍କ ଆଖିରେ ଲୁହ ଆଣି ଦେଇଥିଲା। କନିଷ୍ଠ ସହାୟକ ସୌଭାଗ୍ୟ ସ୍ୱାଇଁ ମଧ୍ୟ କାନ୍ଧକୁ କାନ୍ଧ ମିଳାଇ କାମ କରିଥିଲେ ।ସମସ୍ତେ ସୁବିଧା କେମିତି ପାଇବେ। ସ୍ଥାନୀୟ ଲୋକଙ୍କ ମୁହଁରୁ ଗୋଟିଏ କଥା - 'ଏମିତି ଅଧିକାରିଣୀ ପ୍ରତି ବ୍ଲକରେ ଥିଲେ ସରକାରୀ ଯୋଜନା ବାସ୍ତବରେ ଗରିବ ପାଖରେ ପହଞ୍ଚିବ।' ପ୍ରକୃତରେ, ଏ ଶିବିର ପ୍ରମାଣ କରିଦେଲା - ଇଚ୍ଛାଶକ୍ତି ଥିଲେ ପ୍ରଶାସନ ବି ଭଗବାନ ହୋଇପାରେ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ



**ପୁରୀ (ବ୍ୟୁରୋ):** ସଡକକୁ ସୁରକ୍ଷିତ ରଖାଯାଇପାରିଲେ ସଡ଼କ ସୁରକ୍ଷା ସହଜ ହୋଇ ପାରିବ। ସଡକର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ। ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ଭୋଇ ସଡକ ସୁରକ୍ଷା ପାଇଁ ଥିବା ନିୟମ, ମାର୍ଗଦର୍ଶିକାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବ ବୋଲି କହିଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ଅମିତ ରଣା ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ୨୦୨୬ ଜୁଲାଇ ମାସ ସୁଦ୍ଧା ୨୭୭ ଟି ରାସ୍ତା ଦୁର୍ଘଟଣା ହୋଇଥିବା ବେଳେ ୮୯ ଜଣଙ୍କର ମୃତ୍ୟୁ ଘଟିଛି।୨୦୨୫ ରେ ଜୁଲାଇ ସୁଦ୍ଧା ୩୭୪ ଟି ଦୁର୍ଘଟଣା ଘଟିଥିବା ବେଳେ ୧୩୩ ଜଣଙ୍କ ର ମୃତ୍ୟୁ ଘଟିଥିଲା।୨୦୨୬ ଜୁଲାଇ ସୁଦ୍ଧା ୭୫୪୨ ବିନା ହେଲମେଟ କ୍ଷେତ୍ରରେ ,ଦ୍ରୁତ ଗତିରେ ଗାଡି ଚାଳନା କ୍ଷେତ୍ରରେ ୨୪୫୬ ମାମଲା, ସିଟବେଲ୍ଟ ଉଲ୍ଲଙ୍ଘନ କ୍ଷେତ୍ରରେ ୧୬୫ ଜଣ,ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୧୦୩୧ ଜଣ, ମାଦକ ଦ୍ରବ୍ୟ ସେବନ କରି ଗାଡି ଚାଳନା କ୍ଷେତ୍ରରେ ୧୨୯୬ ଜଣ,ଭୁଲ ସାଇଡରେ ଗାଡି ଚାଳନା ପାଇଁ ୮୦ ଜଣ, ଅନ୍ୟାନ୍ୟ ମୋଟର ଯାନ ସମ୍ପର୍କିତ ଉଲ୍ଲଙ୍ଘନ କ୍ଷେତ୍ରରେ ୩୭୪୦୫ ଚିହ୍ନଟ କରାଯାଇଥିଲା। ଏହି ସମସ୍ତ ଘଟଣାରେ ମୋଟ ୫୦୧୦୬ ଇ ଚାଲାଣ କରାଯାଇଛି ଓ ୧୩୫୧ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ସଚିନ ପଟେଲ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଏନ୍‌ଆଇସିର ଡିଆଇଓ ଦୁର୍ଗା ପ୍ରସାଦ ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୋବିନ୍ଦ ହେମ୍ବ୍ରମ, ବସ ମାଲିକ ସଂଘର ସଭାପତି ଲୋକନାଥ ପାଣି, ସମ୍ପାଦକ, ଟୁରିଷ୍ଟ ବସ ମାଲିକ ସଂଘ ସଭାପତି, ସମ୍ପାଦକ ପୁରୀ ବେସରକାରୀ ବସ ମାଲିକ ସଂଘର ପ୍ରତିନିଧି, ଟାଉନ ବସ ମାଲିକ ସଂଘର ପ୍ରତିନିଧି, ଜାତୀୟ ରାଜପଥ ପ୍ରତିନିଧି, ଏଆରଟିଓ ଦେବାଶିଷ ପଣ୍ଡା, ଅନ୍ୟାନ୍ୟ ବିଭାଗର ଅଧିକାରୀ, ବସ ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଏମ୍‌ଭିଆଇ ବାମଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାର୍ବଣ ପୂର୍ବରୁ ବଜାରରେ ଭେଜାଲକାରୀଙ୍କ ରାଜ୍

## ବଜାରସାରା ନକଲି ଘିଅ, ତେଲ, ଧୂପ, ଭୋଗ, ପ୍ରଶାସନ ନିରବ






**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ସାମ୍ନାରେ ପାର୍ବଣ। ଘରେ ଘରେ ଆଜି ଠାରୁ ମା' ଖୁଦୁରୁକୁଣୀ ଓଷା, ଗଣେଶ ପୂଜା, ଜନ୍ମାଷ୍ଟମୀ ପାଇଁ ଉତ୍ସାହ। ଝିଅ ବୋହୂମାନେ ଖୁଦୁରୁକୁଣୀ ବ୍ରତ ପାଇଁ ସାମଗ୍ରୀ କିଣିବାରେ ବ୍ୟସ୍ତ, ଯୁବକ ମାନେ ଗଣେଶ ମୂର୍ତ୍ତି ସହ ପୂଜା ବଜାରରେ ଭିଡ ଜମାଉଛନ୍ତି। କିନ୍ତୁ ଏହି ଭକ୍ତି ଆଡର ପଛରେ ଚାଲିଛି ବଡ ଖେଳ। ଭକ୍ତି ନାଁରେ ବିକ୍ରି ହେଉଛି ବିଷ, ଆଉ ଏଥିରେ ମାଲାମାଲ ହେଉଛନ୍ତି ଅସାଧୁ ବ୍ୟବସାୟୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ମୁଖ୍ୟ ବଜାର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଦେବାଦେବୀ ମନ୍ଦିର ଭିତର ଓ ବାହାରେ ଥିବା ଶହ ଶହ ପୂଜା ସାମଗ୍ରୀ ଦୋକାନରେ ଏବେ ଖୁଲମ ଖୁଲ୍ଲା ଭେଜାଲ ବିକ୍ରି ଚାଲିଛି ବୋଲି ସାଙ୍ଘାତିକ ଅଭିଯୋଗ ଉଠିଛି। ସ୍ଥାନୀୟ ମହିଳା, ପୂଜକ ଓ ବୁଦ୍ଧିଜୀବୀଙ୍କ ଅଭିଯୋଗ ଅନୁସାରେ, ପୂଜାରେ ସବୁଠୁ ପବିତ୍ର ବୋଲି ବିବେଚିତ ଶୁଦ୍ଧ ଦେଶୀ ଘିଅ ନାଁରେ ଡାଲଡା ଓ ପାମ ଅଏଲ ମିଶା ନକଲି ଘିଅ ଦିଆଯାଉଛି। ଦୀପ ପାଇଁ ବ୍ୟବହୃତ ସୋରିଷ ତେଲରେ ରିଫାଇନ, ପିଆଜିଆ ତେଲ ଓ ମୋବିଲ ଭଳି ରାସାୟନିକ ମିଶ୍ରଣ କରାଯାଉଛି। ସବୁଠୁ ବଡ ଭେଜାଲ ଧୂପକାଠିରେ। ସୁଗନ୍ଧିତ ଧୂପ ନାଁରେ ଅତ୍ୟନ୍ତ ନିମ୍ନମାନର ବାଉଁଶ କାଠିରେ ରାସାୟନିକ ବାସ୍ନା ମିଶା ଧୂପ ବିକ୍ରି ହେଉଛି। ଏହା ଜାଳିଲେ ଆଖି ଜଳିବା, ଗଳା ଖରାପ ଓ ଶ୍ୱାସ ସମସ୍ୟା ହେଉଛି। ଏହା ଛଡା କର୍ପୁରରେ ପ୍ଲାଷ୍ଟିକ ମିଶ୍ରଣ, ସିନ୍ଦୂର, ଚନ୍ଦନ, ଅବିର, ହଳଦୀରେ ରାସାୟନିକ ରଙ୍ଗ ମିଶାଯାଉଛି। ମନ୍ଦିର ବାହାରେ ହେଉ ମନ୍ଦିର ଭିତରେ ବିକ୍ରି ହେଉଥିବା ଲଡୁ, ଖଜା, ପେଡା ଭଳି ଭୋଗ ନିମ୍ନମାନର ମଇଦା ଓ ନକଲି ଘିଅରେ ତିଆରି ହେଉଛି। ଏହି ଭେଜାଲ ସାମଗ୍ରୀ ଅଧିକ ଦାମରେ କିଣିବାକୁ ଭକ୍ତମାନେ ବାଧ୍ୟ ହେଉଛନ୍ତି। ପ୍ରତି ପାର୍ବଣରେ ଏହି ଲୁଟ୍ ଚାଲିଥିବା ବେଳେ ଖାଦ୍ୟ ସୁରକ୍ଷା, ଯୋଗାଣ ଓ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଗଣେଶ ପୂଜା ପୂର୍ବରୁ ସମସ୍ତ ଦୋକାନରେ ଚଢ଼ାଉ କରି ନମୁନା ପରୀକ୍ଷା ଓ ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବୀ ହୋଇଛି।

# ଯୁବକଙ୍କ ମୃତଦେହ ଉଦ୍ଧାର

**ଡେଲାଙ୍ଗ(ଅମୃତ ମିଡିଆ):** ଡେଲାଙ୍ଗ ଥାନା ଅଧୀନ ଜେନାପୁର ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଡେଲାଙ୍ଗ ପୋଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜବତ କରିଛି। ମୃତକ ପ୍ରକାଶ ଚନ୍ଦ୍ର ସ୍ୱାଇଁ (୩୬)। ଏନେଇ ୧୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗୁରୁବାର ରାତିରେ ପ୍ରକାଶ ଘର ବାରଣ୍ଡାରେ ଶୋଇଥିଲେ। ହେଲେ ସକାଳୁ ନ ଉଠିବାରୁ ପରିବାର ଲୋକେ ତାଙ୍କ ସ୍ୱାସ୍ଥ୍ୟ ଖରାପ ଭାବି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ପୁରୀ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି। ଅନ୍ୟପଟେ ତାଙ୍କ ପତ୍ନୀ ବାପଘରେ ରହୁଥିବା ବେଳେ ଏଭଳି ଦୁଃଖଦ ଖବରପାଇ ମର୍ମାହତ ହେବା ସହ ସ୍ୱାମୀଙ୍କ ମୃତ୍ୟୁକୁ ନେଇ ଠିକ୍ ତଦନ୍ତ କରିବାକୁ ନିବେଦନ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଡେଲାଙ୍ଗ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।




# ୨୦୨୫ ବର୍ଷ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର'

- ସୌମ୍ୟରଞ୍ଜନ ବେହେରାଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର
- ସ୍ୱର୍ଗତ ନୀଳମାଧବ ପଣ୍ଡା ଏବଂ ସୁନୀଲ କୁମାର ରାୟଙ୍କୁ ମରଣୋତ୍ତର ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର
- ପ୍ରଣତି ମିଶ୍ରଙ୍କୁ 'ଜୀବନବ୍ୟାପୀ ସାଧନା' ପୁରସ୍କାର
- 'ସର୍ବୋତ୍ତମ କ୍ରୀଡ଼ା ପ୍ରୋତ୍ସାହନ ସଂସ୍ଥା' ଭାବେ ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ ପୁରସ୍କୃତ




**ଭୁବନେଶ୍ୱର(ବ୍ୟୁରୋ):** ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରଠାରେ ରାଜ୍ୟ ସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର କୃତୀ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ ସାହସୀ ବ୍ୟକ୍ତିବିଶେଷଙ୍କୁ ମର୍ଯ୍ୟାଦାଜନକ 'ବିଜୁ ପଟ୍ଟନାୟକ କ୍ରୀଡ଼ା ଏବଂ ସାହସିକତା ପୁରସ୍କାର' ପ୍ରଦାନ କରିଛନ୍ତି । ହକି'ର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ପବିତ୍ର ଜୟନ୍ତୀରେ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀଙ୍କୁ ଜାତୀୟ କ୍ରୀଡ଼ା ଦିବସର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ମେଜର ଧ୍ୟାନଚାନ୍ଦଙ୍କ ଉକ୍ତି 'ଦେଶ ମୋ ପାଇଁ କଣ କରିଛି, ତାହା ବଡ଼ କଥା ନୁହେଁ, ମୁଁ ଦେଶ ପାଇଁ କଣ କରିଛି, ତାହା ମହତ୍ୱପୂର୍ଣ୍ଣ'ର ମହାମନ୍ତ୍ରକୁ ରାଜ୍ୟର ପ୍ରତ୍ୟେକ ଯୁବକ ଯୁବତୀ ନିଜ ଦୈନନ୍ଦିନ ଜୀବନରେ ଆପଣେଇବା ପାଇଁ ଆହ୍ୱାନ କରିଥିଲେ । ଏଥିସହିତ ଚଳିତ ବର୍ଷର ଜାତୀୟ ଥିମ୍ 'ଖେଳିବ ଭାରତ, ଜିତିବ ଭାରତ' ଆଧାରରେ 'ଖେଳିବ ଓଡ଼ିଶା, ଜିତିବ ଓଡ଼ିଶା' ସଂକଳ୍ପ ନେଇ ଓଡ଼ିଶାକୁ ବିଶ୍ୱର କ୍ରୀଡ଼ା ରାଜଧାନୀ ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଖେଳ ପଡ଼ିଆରୁ ବିଶ୍ୱ ଦରବାର ପର୍ଯ୍ୟନ୍ତ ଓଡ଼ିଶାର ଏହି କାୟାକଳ୍ପକୁ 'ପଡ଼ିଆରୁ ପୋଡ଼ିୟମ୍' ଅଭିମୁଖ୍ୟ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଆଜି ଭାରତର ଏକ ପ୍ରମୁଖ କ୍ରୀଡ଼ା ଶକ୍ତିକେନ୍ଦ୍ର ଭାବେ ଉଭା ହୋଇଛି । ରାଜ୍ୟର ପିଲାମାନଙ୍କ ପାଇଁ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିବା ଏବଂ ଆମ ପିଲାମାନଙ୍କ ପାଇଁ ସର୍ବୋତ୍ତମ ତାଲିମ ସୁବିଧା ପ୍ରଦାନ ନିମନ୍ତେ ଆମେ ପ୍ରତିବଦ୍ଧତାର ସହ କାର୍ଯ୍ୟରତ ଅଛୁ ବୋଲି ଦର୍ଶାଇ ସେ କହିଥିଲେ, ତୃଣମୂଳ ସ୍ତରରୁ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟର ୩୧୪ଟି ବ୍ଲକରେ ୪,୧୨୪ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ, ଭୁବନେଶ୍ୱରର ଗୋଠପାଟଣାଠାରେ ବିଶ୍ୱସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଢେଙ୍କାନାଳରେ 'ବାଜି ରାଉତ ରିଜିଓନାଲ ସ୍ପୋର୍ଟ୍ସ ହବ୍' ସମେତ ଅନ୍ୟ ୫ଟି ଆଞ୍ଚଳିକ ହବ୍ ସ୍ଥାପନ କରାଯାଉଛି । ସେ ଆହୁରି କହିଥିଲେ ଗ୍ରାମାଞ୍ଚଳ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ 'ସିଏମ୍ ଟ୍ରଫି' ଏବଂ ଖେଳକୁ ପ୍ରତିଯୋଗିତା ଦୃଷ୍ଟିରେ ନୁହେଁ ବରଂ ଏକ ସାମାଜିକ ପରିବର୍ତ୍ତନର ମାଧ୍ୟମ ଭାବେ ଗ୍ରହଣ କରି ମାଓ ପ୍ରଭାବିତ ୧୦ଟି ଜିଲ୍ଲାର ୪୮୫ଟି ଗ୍ରାମରେ ଯୁବବର୍ଗଙ୍କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଉଛି । ଓଡ଼ିଶା ଭାରତବର୍ଷରେ ପ୍ରଥମ ଥର ପାଇଁ ଆଗାମୀ '୨୦୨୮ ଏସିଆନ୍ ଏବଂ ବିଶ୍ୱ ଆଥଲେଟିକ୍ସ ଇଣ୍ଡୋର ଚାମ୍ପିଅନସିପ୍' ଆୟୋଜନ କରିବାର ଐତିହାସିକ ଗୌରବ ହାସଲ କରିଛି ବୋଲି ସେ ପ୍ରକାଶ କରିଛନ୍ତି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ନୟାଗଡ଼ ଜିଲ୍ଲାର ଶ୍ରୀ ସୌମ୍ୟରଞ୍ଜନ ବେହେରାଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ସହିତ ଯାଜପୁର ଜିଲ୍ଲାର ସ୍ୱର୍ଗତ ନୀଳମାଧବ ପଣ୍ଡା ଏବଂ ସୁନିଲ କୁମାର ରାୟଙ୍କୁ ମରଣୋତ୍ତର ବିଜୁପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିଥିଲେ । କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରୋତ୍ସାହନ ନିମନ୍ତେ 'ଜୀବନବ୍ୟାପୀ ସାଧନା' ପାଇଁ ଶ୍ରୀମତୀ ପ୍ରଣତି ମିଶ୍ର, କ୍ରୀଡ଼ା ସାମ୍ବାଦିକତାରେ ଉତ୍କର୍ଷତା ପାଇଁ ଶକ୍ତି ପ୍ରସାଦ ନନ୍ଦ, 'କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ' ପାଇଁ ସୁଶ୍ରୀ ଲୋମା ସ୍ୱାଇଁ, 'ଶ୍ରେଷ୍ଠ ପ୍ରଶିକ୍ଷକ' ଭାବେ ଶ୍ରୀ ଗୋପାଳ କୃଷ୍ଣ ଦାଶ, 'ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍' ଭାବେ ସୁଶ୍ରୀ ସୁଚିତ୍ରା ପରିଡ଼ା, 'ଶ୍ରେଷ୍ଠ ଉଦୀୟମାନ କ୍ରୀଡ଼ାବିତ୍' ଭାବେ ଶ୍ରୀ ପ୍ରତୀକ ମହାରଣା ଓ ସୁଶ୍ରୀ ପାୟଲ ନାଗ ଏବଂ 'ଶ୍ରେଷ୍ଠ ବୈଷୟିକ ଅଧିକାରୀ' ଭାବେ ଶ୍ରୀ ପ୍ରବୋଧ କୁମାର ମହାନ୍ତି ଏବଂ 'ସର୍ବୋତ୍ତମ କ୍ରୀଡ଼ା ପ୍ରୋତ୍ସାହନ ସଂସ୍ଥା' ଭାବେ ସମ୍ବଲପୁରର ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବକୁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥିଲେ । ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ କ୍ଲବର ଅଧ୍ୟକ୍ଷ ସମ୍ବଲପୁର ବିଧାୟକ ଶ୍ରୀ ଜୟନାରାୟଣ ମିଶ୍ର ପୁରସ୍କାର ଗ୍ରହଣ କରିଥିଲେ । ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ହକି'ର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, କେବଳ ଦକ୍ଷତା ନୁହେଁ, ବରଂ ନିଷ୍ଠା ଓ ଶୃଙ୍ଖଳା ହିଁ ଜଣେ ସାଧାରଣ ଖେଳାଳିକୁ ମହାନ ଖେଳାଳିରେ ପରିଣତ କରେ, ଏହାର ପ୍ରମାଣ ହେଉଛନ୍ତି, ମେଜର ଧ୍ୟାନଚାନ୍ଦ । ତେଣୁ ଏହି ମହାନ୍ କ୍ରୀଡ଼ାବିତ୍‌ଙ୍କ ଖେଳ ପ୍ରତି ନିଷ୍ଠା ଓ ସମର୍ପଣକୁ ପ୍ରତ୍ୟେକ ଖେଳାଳୀ ନିଜ ଜୀବନର ମାର୍ଗଦର୍ଶକ ଭାବେ ଗ୍ରହଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ସେ ପିଲାମାନଙ୍କୁ କ୍ରୀଡ଼ାକୁ ନିଜର ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ସହିତ ସ୍କ୍ରିନିଙ୍ଗ ଟାଇମିଙ୍ଗକୁ କମ୍ କରି ସ୍ପୋର୍ଟିଙ୍ଗ ଟାଇମ୍ ବୃଦ୍ଧି କରିବାକୁ ଉପଦେଶ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବଲାଙ୍ଗୀର ଜିଲ୍ଲାର ପାରା ତୀରନ୍ଦାଜ୍ କ୍ରୀଡ଼ାବିତ ସୁଶ୍ରୀ ପାୟଲ ନାଗ୍‌ଙ୍କୁ ପ୍ରଶଂସା କରି କହିଥିଲେ ଯେ, ହାତ ନ ଥାଇ ମଧ୍ୟ ସେ ଆଜି କ୍ରୀଡ଼ା କ୍ଷେତ୍ରରେ ଗୋଲ୍ଡ ମେଡାଲ ପାଇ ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଫିଜିକାଲ ଫିଟନେସ୍‌ର ମଧ୍ୟ ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରି ସେ କହିଥିଲେ ଏଥିପାଇଁ ରାଜ୍ୟ ସରକାର ଫିଟ ଓଡ଼ିଶା ମିଶନର ପରିକଳ୍ପନା କରିଛନ୍ତି ଏବଂ ଗ୍ରାମପଞ୍ଚାୟତ ଠାରୁ ମ୍ୟୁନିସପାଲିଟି ପର୍ଯ୍ୟନ୍ତ ସବୁଠି ଏହାକୁ ଗୁରୁତ୍ୱ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଭୂପେନ୍ଦ୍ର ସିଂହ ପୁନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଡକ୍ଟର ୟେଦୁଲା ବିଜୟ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଏସିଆନ୍ ଗେମ୍ସରୁ ବାଦ୍‌ପଡ଼ିଲେ ନୀରଜ ଚୋପ୍ରା




**ନୂଆଦିଲ୍ଲୀ :** ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ତଥା ଦୁଇଥର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କ ୨୦୨୬ ସିଜନ୍ ଆହତ କାରଣରୁ ଅଚାନକ ଶେଷ ହୋଇଛି । ଟ୍ରେନିଂ ସମୟରେ ତାଙ୍କ ଗୋଇଠିରେ ଲିଗାମେଣ୍ଟ ଛିଣ୍ଡିଯାଇଥିବାରୁ ସେ ଚଳିତ ବର୍ଷର ବାକି ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି । ଏହି ଆଘାତ ଯୋଗୁଁ ନୀରଜ ଆଗାମୀ ଏସିଆନ୍ ଗେମ୍ସ ଏବଂ ଡାଏମଣ୍ଡ ଲିଗ୍ ଫାଇନାଲ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ । ଫଳରେ ଏସିଆନ୍ ଗେମ୍ସରେ ଭାରତ ପାଇଁ ପଦକର ମୁଖ୍ୟ ଆଶା ଥିବା ନୀରଜଙ୍କ ଅଭିଯାନ ଆରମ୍ଭ ହେବା ପୂର୍ବରୁ ହିଁ ଶେଷ ହୋଇଯାଇଛି । ନୀରଜ ନିଜେ ସୋସିଆଲ୍ ମିଡିଆରେ ପୋଷ୍ଟ କରି ଆହତ ହେବା ଏବଂ ଚଳିତ ସିଜନ୍‌ର ବାକି ପ୍ରତିଯୋଗିତାରୁ ଓହରିବା ନେଇ ସୂଚନା ଦେଇଛନ୍ତି । ଡାକ୍ତର ଏବଂ ନିଜ ଟିମ୍ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି । ନୀରଜ କହିଛନ୍ତି ଯେ, ନିଜର ପ୍ରତିଯୋଗିତାମୂଳକ ଇଭେଣ୍ଟ ପରେ ଟ୍ରେନିଂ ସମୟରେ ତାଙ୍କ ଗୋଇଠିରେ ଲିଗାମେଣ୍ଟ ଛିଣ୍ଡିଯାଇଥିଲା । ଡାକ୍ତର ଏବଂ ଟିମ୍ ସହ ଆଲୋଚନା କରିବା ପରେ ଚଳିତ ସିଜନ୍‌ର ବାକି ଇଭେଣ୍ଟଗୁଡ଼ିକରେ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାର ଅର୍ଥ ହେଉଛି, ଏବେ ନୀରଜଙ୍କୁ ରିକଭରି ଉପରେ ଧ୍ୟାନ ଦେବାକୁ ପଡ଼ିବ । ୨୦୨୬ରେ ତାଙ୍କର ଫର୍ମ ଧୀରେ ଧୀରେ ଫେରୁଥିବା ଦେଖାଯାଉଥିବା ବେଳେ ଏହି ଆଘାତ ତାଙ୍କ ଅଭିଯାନକୁ ବଡ଼ ଝଟକା ଦେଇଛି । ୨୮ ବର୍ଷୀୟ ନୀରଜ ଆଘାତ କାରଣରୁ ଦୀର୍ଘ ସମୟ ପ୍ରତିଯୋଗିତାରୁ ଦୂରେଇ ରହିବା ପରେ ଜୁନ୍‌ରେ ଦୋହା ଡାଏମଣ୍ଡ ଲିଗ୍ ମାଧ୍ୟମରେ ପ୍ରତ୍ୟାବର୍ତ୍ତନ କରିଥିଲେ । ସେଠାରେ ୮୫.୬୯ ମିଟରର ଥ୍ରୋ କରି ଚତୁର୍ଥ ସ୍ଥାନରେ ରହିଥିଲେ । ଏହା ପରେ ଗ୍ଲାସଗୋରେ ନୀରଜ ୮୫.୮୩ ମିଟରର ଥ୍ରୋ କରି ରୌପ୍ୟ ପଦକ ଜିତିଥିଲେ । ତାଙ୍କ ଫର୍ମରେ ଉନ୍ନତି ଦେଖାଯାଉଥିବାରୁ ଏସିଆନ୍ ଗେମ୍ସ ପୂର୍ବରୁ ନୀରଜ ନିଜର ଶ୍ରେଷ୍ଠ ଲୟକୁ ଫେରିବେ ବୋଲି ଆଶା କରାଯାଉଥିଲା ।

# ଭାରତ ଖୋ ଖୋ ଫେଡେରେସନର ସଭାପତି ସୁଧାଂଶୁ ମିତଲଙ୍କ ସହ ଏକ ସାକ୍ଷାତକାର



**ପୁରୀ(ବ୍ୟୁରୋ):** ଜାତୀୟ କ୍ରୀଡା ଦିବସ ଅବସରରେ ବଳିଆପଣ୍ଡା ଷ୍ଟର୍ଲିଙ୍ଗ ନିକଟସ୍ଥ ତାଜ ହୋଟେଲ ପରିସରରେ ଭାରତ ଖୋ ଖୋ ଫେଡେରେସନର ସଭାପତି ସୁଧାଂଶୁ ମିତଲଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ପ୍ରୟାସ ଟେଲିଭିଜନକୁ କହିଛନ୍ତି ଓଡିଶା ଖୋ ଖୋ ଆସୋସିଏସନ ଆଜି ଓଡିଶାର ଖୋ ଖୋ ଖେଳାଳୀମାନଙ୍କୁ ଭାରତର ଏକ ନମ୍ବର ସ୍ଥାନ ଅଧିକାର କରି ସେମାନଙ୍କ କ୍ୟାରିୟର ଉଜ୍ଜ୍ୱଳ ଓ ରୋଜଗାର ସୁଯୋଗ ଦେଇ ଆଗକୁ ନେଇଛି । ସେମାନଙ୍କ ପରିବାର ପାଇଁ ଖୋ ଖୋ କ୍ରୀଡାବିତ ମାନେ ଏକ ମେରୁଦଣ୍ଡ ହୋଇ ଠିଆ ହୋଇଛନ୍ତି । ଓଡିଶା ଖୋ ଖୋ ଆସୋସିଏସନ ର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କ ଅକ୍ଲାନ୍ତ ପରିଶ୍ରମ ଆଜି ଓଡିଶାର ଖୋ ଖୋ ଖେଳକୁ ଭାରତରେ ପରିଚିତ କରିବା ସହ ଶ୍ରୀମିଶ୍ରଙ୍କୁ ପ୍ରଶଂସା କରିବା ସହ ତାଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଥିଲେ । ଏହି ଅବସରରରେ ଭାରତ ଖୋ ଫେଡେରେସନର ଉପସଭାପତି ତଥା ଓଡିଶା ଖୋ ଖୋ ଆସୋସିଏସନ ର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ଖୋ ଖୋ ଏଚପିସି ସେଣ୍ଟରର ମୁଖ୍ୟ କୋଚ ସଞ୍ଜୀବ ଶର୍ମା,ଓଡିଶା ଖୋ ଖୋ ସଂଘର କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ଏଏମ ଓ ଏନଏସ ଇଣ୍ଡିଆ ଖୋଖୋ ଚମ୍ପିୟାନସିପ୍ ଉଦ୍‌ଘାଟିତ



**ପୁରୀ(ବ୍ୟୁରୋ):** ପୁରୀ ତାଳବଣିଆ ସ୍ଥିତ ଖୋ ଖୋ ଇଣ୍ଡୋର ଷ୍ଟାଡିୟମ ହଲ ପରିସରର ଓଡିଶା ଏଏମ ଓ ଏନଏସ ଇଣ୍ଡିଆ ଖୋ ଖୋ ଚମ୍ପିୟନସିପ - ୨୦୨୬ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥ ଭାବେ ଭାରତ ଖୋ ଖୋ ଫେଡେରେସନର ସଭାପତି ସୁଧାଂଶୁ ମିତଲ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ପୂର୍ବକ ଶୁଭ ଉଦଘାଟନ କରି କହିଲେ । ଓଡ଼ିଶା ଆଜି ଖୋ ଖୋ ଖେଳରେ ଏକ ନମ୍ବର ସ୍ଥାନ ଅଧିକାର କରି ଖୋ ଖୋ ପାଇଁ ଗୌରବ ଆଣିଦେଇଛି । ଖୋ ଖୋ କ୍ରୀଡାବିତ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ହେବା ସହ ସେମାନଙ୍କ ରୋଜଗାର ଆଜି ପରିବାରକୁ ଉନ୍ନତ ପଥରେ ଆଗକୁ ନେଇଛି । ଓଡ଼ିଶା ଖୋ ଖୋ ଖେଳାଳୀମାନଙ୍କୁ ଜାତୀୟ କ୍ରୀଡା ଦିବସରେ ଅନେକ ଅନେକ ଅଭିନନ୍ଦନ ଓ ଶୁଭକାମନା ଜଣାଇବା ସହ ଖୋ ଖୋ ଫେଡେରେସନ ଭାରତର ଉପସଭାପତି ତଥା ଓଡିଶା ଖୋ ଖୋ ଆସୋସିଏସନ ର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ପ୍ରଶଂସା କରିବା ସହ ତାଙ୍କ ଅକ୍ଲାନ୍ତ ଉଦ୍‌ଯମରେ ଆଜି ଖୋ ଖୋ ଖେଳାଳୀମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଓ ରୋଜଗାର ସୁଯୋଗ ପାଇପାରିଛନ୍ତି । ସମ୍ମାନିତ ଅତିଥି ଭାବେ ଆନ୍ଧ୍ରପ୍ରଦେଶ ଖୋ ଖୋ ସଂଘର ସଭାପତି ଏମ.ଭି ଏସ ସାଇ ପ୍ରସାଦ, ଭାରତ ଖୋ ଖୋ ଫେଡେରେସନ ର ଉପସଭାପତି ତଥା ଓଡିଶାର ଖୋ ଖୋ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ,ଏଏମ ଓ ଏନଏସ ଓଡିଶା ଶାଖା ମୁଖ୍ୟ ଅଧିକାରୀ ବିକାଶ ଯାଦେବେନ୍ଦୁ, ଏସ ଏଫଏ ମୁଖ୍ୟ ବିଶ୍ୱାସ ଚକସି ଓ ଖୋ ଖୋ ଏଚପିସି ସେଣ୍ଟରର ମୁଖ୍ୟ କୋଚ ସଞ୍ଜୀବ ଶର୍ମା ପ୍ରମୁଖ ଯୋଗଦେଇ କହିଲେ ଗ୍ରାମାଞ୍ଚଳରୁ ଖୋ ଖୋ କ୍ରୀଡାବିତ ବାଳକ ଓ ବାଳିକା ମାନେ ନିଜ ଖେଳ ପ୍ରଦର୍ଶନ କରି ଜିଲ୍ଲା,ରାଜ୍ୟ ଓ ଭାରତରେ ନାମ ରଖିବା ସହ ୱାର୍ଲ୍ଡ ଚମ୍ପିୟାନ ହୋଇପାରିଥିବାରୁ ଅତିଥିମାନେ ଖୁସିବ୍ୟକ୍ତ କରିବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଗାଁର ମାଟି ଦାଣ୍ଡରେ ଖେଳୁ ଥିବା ଖୋ ଖୋ ଖେଳ ଏବେ ମ୍ୟାଟ ଉପରେ ଖେଳୁଛନ୍ତି ଖୋ ଖୋ ଖେଳାଳି ମାନେ । ଭାରତ ସରକାର ଓ ରାଜ୍ୟ ସରକାରଙ୍କ ପିଲାମାନଙ୍କ ପ୍ରତିଭା ସହ ଆଗକୁ ବଢ଼ିବା ପାଇଁ ସମସ୍ତ ସୁଯୋଗ କରିଛନ୍ତି ଓ ସମସ୍ତ ସାହାଯ୍ୟ ଯୋଗାଉଛନ୍ତି ବୋଲି ଅତିଥିମାନେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡ଼ିଶା ଖୋ ଖୋ ସଂଘର ମୁଖ୍ୟ କୋଚ ଅନିଲ ଲକ୍ଷ୍ମଣ ଗଞ୍ଜାବେ, ଓଡ଼ିଶା ଖୋ ଖୋ ସଂଘର କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର, ପ୍ରୋଗ୍ରାମ ମ୍ୟାନେଜର ବାପି ରାୟ , ସୂର୍ଯ୍ୟନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ । ବିଭିନ୍ନ ରାଜ୍ୟର କୋଚ ଓ ପ୍ରତିଭାବାନ ଖେଳାଳି ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଓଡିଶା, ତାମିଲନାଡୁର, ମହାରାଷ୍ଟ୍ର, କର୍ଣ୍ଣାଟକ , କୋହ୍ଲାପୁର, ମଧ୍ୟ ଭାରତ ଆନ୍ଧ୍ରପ୍ରଦେଶ ,ପଞ୍ଜାବ ରାଜ୍ୟର ପୁଅ ଓ ଝିଅ ଏଭଳି ଉଭୟଙ୍କ ୬ଟି ଲେଖାଏଁ ଗ୍ରୁପର କ୍ରୀଡାବିତ ମାନେ ଅଂଶଗ୍ରହଣ କରିଛନ୍ତି । ପ୍ରଥମେ ଲିଗ ମ୍ୟାଚ, ସେମିଫାଇନାଲ ପରେ ଥାର୍ଡ ପ୍ଲେସ ମ୍ୟାଚ ଓ ଶେଷରେ ଫାଇନାଲ ମ୍ୟାଚ ଖେଳାଯିବ । ୨୯ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଖୋ ଖୋ ଏକାଡେମୀ ହଲ ଠାରେ ଖେଳ ପ୍ରଦର୍ଶନ ଚାଲିବ । ଏଥିରେ ୧୨ ଟିମ ୧୮୦ କ୍ରୀଡାବିତ ଯୋଗ ଦେଇଥିବା ବେଳେ ଜଣେ ଚମ୍ପିୟନସିପ ହେବ । ସମସ୍ତ ଗ୍ରୁପର ଦୁଇ ଜଣ ଲେଖାଏଁ କୋଚ ଓ ମ୍ୟାନେଜର ଉପସ୍ଥିତ ରହି ଖେଳାଳୀମାନଙ୍କୁ ସହଯୋଗ କରୁଛନ୍ତି । ମଧ୍ୟ ଭାରତ ଓ କର୍ଣ୍ଣାଟକ ବାଳକ ଦଳର ଖେଳାଳୀମାନଙ୍କ ଖେଳ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ହୋଇଥିଲା । ଖୋ ଖୋ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ଇଣ୍ଡୋର ଷ୍ଟାଡିୟମ ଖୋ ଖୋ ଏକାଡେମୀ ପରିସର । ଖେଳାଳି ମାନଙ୍କ ପ୍ରବଳ ଇଚ୍ଛା ଶକ୍ତି ସହ ଲିଗ ମ୍ୟାଚ ଖେଳ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ହୋଇଥିଲା । ଖେଳାଳି ମାନଙ୍କ କରତାଳିରେ ଉତ୍ସାହିତ ହୋଇଥିଲେ ଖେଳାଳି । ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଖୋ ଖୋ ଏକାଡେମୀ ହଲ ଠାରେ ଖେଳ ପ୍ରଦର୍ଶନ ଚାଲିବ । ଏଥିରେ ୧୨ ଟିମ ୧୮୦ କ୍ରୀଡାବିତ ଯୋଗ ଦେଇଥିବା ବେଳେ ଜଣେ ଚମ୍ପିୟନସିପ ହେବ । ଶ୍ରୀକ୍ଷେତ୍ର ମାଟିରେ ପାଦସ୍ପର୍ଶ କରି ଖୋ ଖୋ ଟେକ୍ନିକାଲ ଅଫିସର, କୋଚ, ମ୍ୟାନେଜର ଓ ଖେଳାଳୀମାନେ ନିଜକୁ ଧନ୍ୟ ମନ୍ୟ କରିଛନ୍ତି । ପୁରୀରୁ କ୍ୟାମେରା ପର୍ସନ ଦିବ୍ୟରଞ୍ଜନ ଦିବ୍ୟରଞ୍ଜନ ବିଶୋଇଙ୍କ ସହ ସୁଧାଂଶୁ କରଙ୍କ ରିପୋର୍ଟ ।

# ୧୮ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କଲା ନାମିବିୟା



**ନୂଆଦିଲ୍ଲୀ :** ନାମିବିୟା କଲା ଚମତ୍କାର । ଟି-ଟ୍ୱେଣ୍ଟି କ୍ରିକେଟରେ ପୁଣି ଥରେ ସାଉଥ୍ ଆଫ୍ରିକାର ଲଜ୍ଜାଜନକ ହାର । ୨୧ ବର୍ଷରେ ପ୍ରଥମ ଥର ଏପରି ହୋଇଛି । ନାମିବିୟାରେ ଆରମ୍ଭ ହୋଇଛି ତ୍ରି-ରାଷ୍ଟ୍ରୀୟ ଟି-ଟ୍ୱେଣ୍ଟି ସିରିଜ । ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଦଳ ୧୮ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ଜାନ ଫ୍ରାଏଲିଙ୍କଙ୍କ ଅର୍ଦ୍ଧଶତକ ସାଙ୍ଗକୁ ଜେଜେ ସ୍ମିଟ୍ ଓ ରୁବେନ ଟ୍ରମ୍ପେଲମାନଙ୍କ ଘାତକ ବୋଲିଂ ବଳରେ ଦଳର ବିଜୟ ସହଜ ହୋଇଥିଲା । ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହା ନାମିବିୟାର ଦ୍ୱିତୀୟ ଟି-ଟ୍ୱେଣ୍ଟି ବିଜୟ ରହିଥିଲା । ପୂର୍ବରୁ ୨୦୨୫ରେ ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଦଳ ୪ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା । ନାମିବିୟା ଝଡ଼, ଦ.ଆଫ୍ରିକା ବିଫଳ- ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ନାମିବିୟା ଦଳର ବ୍ୟାଟର ଚମତ୍କାର ପ୍ରଦର୍ଶନ କରିଥିଲେ । ଲୌରେନ୍ ଷ୍ଟିନକ୍ୟାମ୍ପ ( ୪୧ ) ଓ ଜାନ୍ ଫ୍ରିଲିଙ୍କ୍ (୬୦ )ଙ୍କ ଓପନିଂ ଯୋଡି ପ୍ରଥମ ୱିକେଟରେ ୮୪ ରନର ଭାଗୀଦାର କରି ବଡ଼ ସ୍କୋର କରିଥିଲେ । ବ୍ୟାଟିଂ ଆମନ୍ତ୍ରଣ ପାଇ ନାମିବିୟା ୯ ୱିକେଟ୍ ହରାଇ ୧୬୩ରନ୍ କରିଥିଲା । ଦଳ ପକ୍ଷରୁ ଲୌରେନ ଷ୍ଟିନକାମ୍ପ ୪୧, ଫ୍ରାଏଲିଙ୍କ ୬୦, ଏରାସମସ୍ ୧୯ରନ୍ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରେନେଲାନ ସୁବ୍ରାଏନ ୩ଟି ୱିକେଟ୍ ନେଇଥିଲେ । ଜବାବରେ ଦକ୍ଷିଣ ଆଫ୍ରିକା ୯/୧୪୫ରନ୍ କରିବାକୁ ସକ୍ଷମ ହୋଇଥିଲା । ଡିୱାଲ୍ଡ ବ୍ରେଭିସ୍ ଦ୍ରୁତ ୭୫ (୪ଚୌକା, ୫ଛକା) ରନ୍ ସଂଗ୍ରହ କରିଥିଲେ ମଧ୍ୟ ଦଳକୁ ଜିତାଇ ପାରିନଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରେନେଲାନ ସୁବ୍ରାଏନ ସର୍ବାଧିକ ୱିକେଟ୍ ନେଇଥିଲେ । ୧୬୪ ରନର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ୧୪୫ ରନ କରିବାକୁ ସକ୍ଷମ ହୋଇଥିଲା । ୧୮ ରନରେ ଜିତିଥିଲା ସାଉଥ୍ ଆଫ୍ରିକା । ଜେଜେ ସ୍ମିଟ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏହି ଟ୍ରାଇ ସିରିଜର୍ ଦ୍ୱିତୀୟ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେ ମଧ୍ୟରେ ଖେଳାଯିବ । ଟି-ଟ୍ୱେଣ୍ଟିରେ ସାଉଥ୍ ଆଫ୍ରିକାର ଦବଦବା ରହିଛି । କିନ୍ତୁ ନାମିବିୟ ପରି ଛୋଟ ଦଳଠାରୁ ହାରିଛି ଦଳ । ବଡ଼ ଟୁର୍ଣ୍ଣାମେଣ୍ଟ ଜିତି ନପାରିଲେ ବି ନାମିବିୟା ଦ.ଆଫ୍ରିକା ପରାଜୟ ସ୍ୱାଦ ଚଖାଇଛି । ସାଉଥ୍ ଆଫ୍ରିକାର ଏହା ଦ୍ୱିତୀୟ ପରାଜୟ । ଟି-ଟ୍ୱେଣ୍ଟିରେ ଏ ପର୍ଯ୍ୟନ୍ତ ଦଳ ନାମିବିୟାକୁ ହରାଇ ପାରିନାହିଁ । ଦଳ ୧୮ ଟିମ୍ ବିପକ୍ଷରେ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିଛି । ନାମିବିୟା ଏମିତି ଏକ ଦଳ ଯିଏକି ୨ ଥର ସାଉଥ୍ ଆଫ୍ରିକାକୁ ହରାଇଛି । ୨୦୧୯ରେ ନାମିବିୟା ପ୍ରଥମ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିଥିଲା । ସାଉଥ୍ ଆଫ୍ରିକା ୨୦୦୫, ଫେବୃଆରୀରେ ପ୍ରଥମ ଟି-ଟ୍ୱେଣ୍ଟି ଖେଳିଥିଲା । ୨୧ ବର୍ଷରେ ୨ଟି ମ୍ୟାଚ୍ ସାଉଥ୍ ଆଫ୍ରିକା ବିପକ୍ଷରେ ଖେଳିଛି ଆଉ ୨ଥର ଯାକ ପରାସ୍ତ ହୋଇଛି ।

## ୩୧ତମ ସବ୍‌ଜୁନିଅର ବଲ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା

# ବାଳକରେ ଢେଙ୍କାନାଳ, ବାଳିକାରେ କଟକ ଚାମ୍ପିୟନ



**ଭୁବନେଶ୍ୱର (ବ୍ୟୁରୋ):** ରାଜ୍ୟ ବଲ୍ ବ୍ୟାଡମିଣ୍ଟନ ଆସୋସିଏନ ପକ୍ଷରୁ ୩୧ତମ ସବ୍‌ଜୁନିଅର ଓ ୩୪ତମ ସିନିଅର ରାଜ୍ୟସ୍ତରୀୟ ବଲ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଯାଗମରା ଖେଳପଡିଆଠାରେ ଅନୁଷ୍ଠିତ ହେଉଛି । ଶନିବାର ଦ୍ୱିତୀୟ ଦିନରେ ସବ୍‌ଜୁନିଅର ବିଭାଗରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଳିକା ବିଭାଗରେ କଟକ ଜିଲ୍ଲା ଚାମ୍ପିୟନ ହୋଇଥିବା ବେଳେ ରନର୍ସ ଅପ୍ ହୋଇଛନ୍ତି ଭୁବନେଶ୍ୱର । ୩ୟ ସ୍ଥାନ ଅଧିକାର କରିଛନ୍ତି ଢେଙ୍କାନାଳ ଦଳ । ସେହିପରି ବାଳକ ବିଭାଗରେ ଢେଙ୍କାନାଳ ଦଳ ଚାମ୍ପିୟନ ହୋଇଥିବା ବେଳେ କଟକ ରନର୍ସ ଅପ୍ ହୋଇଛି । ୩ୟ ସ୍ଥାନରେ ଅନୁଗୋଳ ରହିଥିବା ବେଳେ ୪ର୍ଥ ସ୍ଥାନରେ ଖୋର୍ଦ୍ଧା ଦଳ ରହିଛି । ବେଷ୍ଟ ବାଳିକା ଖେଳାଳୀ ଭାବେ ରହିଥିବା ଖେଳାଳୀମାନେ ହେଲେ କଟକର ଐଶ୍ୱର୍ଯ୍ୟା ସାହାଣୀ, ସୋନାଲି ତ୍ରିପାଠୀ, ଭୁବନେଶ୍ୱରର ଶୁଭଶ୍ରୀ ରାଉତ, ଲିପ୍‌ସା ପ୍ରିୟଦର୍ଶିନୀ ଏବଂ ଢେଙ୍କାନାଳର ଶୁଭଶ୍ରୀ ବେହେରା । ସେହିଭଳି ବାଳକ ବିଭଗରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିମାନେ ହେଲେ କଟକର ଓମ୍‌ପ୍ରକାଶ ବେହେରା, ଶେକ୍ ଟଫିକ୍ ବକ୍ସ, ଢେଙ୍କାନାଳର ବିଶ୍ୱାତ୍ମା ବିଶ୍ୱପ୍ରିୟ ଓ ସତ୍ୟଜିତ୍ ସାହୁ । ଅନୁଗୋଳର ଦିବ୍ୟରଞ୍ଜନ ବେହେରା । ଯେଉଁ ଖେଳାଳିମାନେ ଉନ୍ନତ ଖେଳ ପ୍ରଦର୍ଶନ କରି ଆଗାମୀ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି ସେମାନେ ହେଲେ କଟକର ଆରାଧ୍ୟ ସାହୁ, ସ୍ୱାତୀ ମହାରଣା, ଶ୍ୱେତା ଦାସ, ବର୍ଷା ପ୍ରିୟଦର୍ଶିନୀ, ଅଫସାନା ପ୍ରିୟଦର୍ଶିନୀ । ସେହିପରି ବାଳକଙ୍କ ମଧ୍ୟରେ ରହିଛନ୍ତି ଅଭିଶେକ ମହାନ୍ତ, ଶିବରାମ ସାସମଲ, ଆଦିତ୍ୟ ମଲ୍ଲିକ୍, ଜିଡି ଲଗ୍ନଜିତ୍ ସାମଲ ଏବଂ ଜି. ମହେଶ । ଆଜିର ଏହି ସବ୍‌ଜୁନିଅର ବିଭାଗର ଉଦ୍‌ଯାପନୀ ମ୍ୟାଚରେ ଆସୋସିଏସନର କର୍ମକର୍ତ୍ତା, ଯାଗମରା କ୍ଲବର ସଦସ୍ୟଗଣ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ । ସୂଚନାଯୋଗ୍ୟ ଆଗାମୀ ୩୧ ତାରିଖରେ ସିନିଅର ବିଭାଗର ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିରେ ଆସୋସିଏସନର ସଭାପତି ଡ. ନାରାୟଣ ପାତ୍ର, ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ରଙ୍କ ସହ ସମ୍ପାଦକ ପ୍ରଣୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିବେ ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra




# ଟ୍ରାଫିକ ନିୟନ୍ତ୍ରଣ କମିଟିରେ ଏଡିଏମ୍ ନିଯୁକ୍ତି ବିଳମ୍ବ ନେଇ ହାଇକୋର୍ଟଙ୍କ ଅସନ୍ତୋଷ

## ୨୯ରେ ଜିଲ୍ଲାପାଳଙ୍କ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ

**କଟକ (ବ୍ୟୁରୋ) :** କଟକ ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ୍‌କୁ ନେଇ ଡିସିପିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି କମିଟିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସଦସ୍ୟ ଭାବେ ପ୍ରତିନିଧିତ୍ୱ ପାଇଁ ଜିଲ୍ଲାପାଳଙ୍କୁ କୁହାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି କମିଟିରେ ଜିଲ୍ଲାପାଳଙ୍କ ପକ୍ଷରୁ କୌଣସି ଜଣେ ବି ଅତିରିକ୍ତ ଜିଲ୍ଲାପାଳଙ୍କୁ ମନୋନିତ କରାଯାଇ ନଥିଲାବେଳେ ହାଇକୋର୍ଟ ଏନେଇ ଭୀଷଣ କ୍ଷୁବ୍ଧ ହୋଇଛନ୍ତି। ଜିଲ୍ଲାପାଳଙ୍କ ଏଭଳି ଆଭିମୁଖ୍ୟକୁ ନେଇ ହାଇକୋର୍ଟ ଆଶ୍ଚର୍ଯ୍ୟ ମଧ୍ୟ ପ୍ରକଟ କରିଛନ୍ତି। କ'ଣ ପାଇଁ ଏ ପର୍ଯ୍ୟନ୍ତ ଜଣେ ଏଡିଏମ୍‌କୁ ସଦସ୍ୟ ଭାବେ ରଖାଯାଇ ନାହିଁ ତାହା ଉପରେ ଜବାବ ରଖିବାକୁ ହାଇକୋର୍ଟ କଟକ ଜିଲ୍ଲାପାଳଙ୍କୁ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୯ ତାରିଖ ଶନିବାର ସକାଳ ସାଢ଼େ ୧୦ଟାରେ ଜିଲ୍ଲାପାଳ ଅଦାଲତରେ ହାଜର ହେବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ର ଏବଂ ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ସହର ସମସ୍ୟା ସଂକ୍ରାନ୍ତ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ସହର ସମସ୍ୟା ମାମଲାରେ ହାଇକୋର୍ଟ କଟକ ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ଏବଂ ଜମା ହୋଇ ରହୁଥିବା ପାଣି ସମସ୍ୟା ସମ୍ପର୍କରେ ପୂର୍ତ୍ତ ଡିଭିଜନ୍ ୧ର ଅଧୀକ୍ଷଣ ଯନ୍ତ୍ରୀ ସେହେନ୍‌ଓ୍ୱାଜ୍ ଏବଂ କଟକ ମହାନଗର ନିଗମର ସିଟି ଇଞ୍ଜିନିୟର ଅତନୁ କୁମାର ସାମନ୍ତଙ୍କଠୁ ଜାଣିବାକୁ ଚାହିଁଥିଲେ। କିନ୍ତୁ ଉଭୟ ଏ ସଂକ୍ରାନ୍ତରେ କିଛି ବି ଜାଣିନାହାନ୍ତି ବୋଲି ଅଦାଲତଙ୍କୁ କହିଥିଲେ। ହାଇକୋର୍ଟ ଏହି ଜବାବରେ ଅସନ୍ତୋଷ ପ୍ରକାଶ କରି ନଗର ଉନ୍ନୟନ ବିଭାଗ ସଚିବ, ପୂର୍ତ୍ତ ବିଭାଗ ସଚିବ, ପୂର୍ତ୍ତ ବିଭାଗ ଇଞ୍ଜିନିୟର-ଇନ୍ ଚିଫ୍, କେଏମ୍‌ସି କମିସନର, ପୌର ନଗମ ନିର୍ଦ୍ଦେଶକଙ୍କୁ ବ୍ୟକ୍ତିଗତ ଅବା ଭର୍ଚୁଆଲ୍ ଜରିଆରେ ଅଦାଲତରେ ଉପସ୍ଥିତ ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଏବଂ ପାଣି ଜମା ହୋଇ ରହୁଥିବା ସମସ୍ୟାର ସ୍ୱତନ୍ତ୍ର ଭାବେ ଶୁଣାଣି ପାଇଁ ହାଇକୋର୍ଟ ଆସନ୍ତା ୨୯ ତାରିଖକୁ ଧାର୍ଯ୍ୟ କରିଛନ୍ତି। ମା' ଭୁଆଶୁଣୀ ମନ୍ଦିରକୁ ରାସ୍ତା ନିର୍ମାଣ କରିବାକୁ ହେଲେ ନଦୀ ଭିତରେ ଏହାକୁ ନିର୍ମାଣ କରିବାକୁ ପଡ଼ିବ। ଏଥିପାଇଁ ମହାନଦୀ ଦକ୍ଷିଣ ଡିଭିଜନ୍, ପୂର୍ତ୍ତ ଡିଭିଜନ୍-୧, କେଏମ୍ସି ଅଧୀକ୍ଷଣ ଯନ୍ତ୍ରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ବସି ଏହି ପୀଠକୁ କିପରି ଆପ୍ରୋଚ ରୋଡ୍ ନିର୍ମାଣ ହୋଇପାରିବ ତାହା ଉପରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ କହିଛନ୍ତି। ଶିଶୁଭବନ ପରିସରେ ଡିପିଆର ଅନୁଯାୟୀ ଡ୍ରେନେଜ୍ ଏବଂ ବିଦ୍ୟୁତ୍ ଯୋଗାଣ ଲାଗି କେଏମ୍‌ସି ପକ୍ଷରୁ ୧କୋଟି ୨୬ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହା ମଧ୍ୟରେ ଟିପିସିଓଡିଏଲ୍ ପକ୍ଷରୁ ଦୁଇ ମାସ ମଧ୍ୟରେ ଆବଶ୍ୟକ କାର୍ଯ୍ୟ ଶେଷ ହେବ ବୋଲି ଟିପିସିଓଡିଏଲ୍‌ର ରାଣୀହାଟ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ମହାନ୍ତି ସୂଚନା ଦେଇଥିଲେ। ପେଟାନାଳର ସଫେଇକୁ ନେଇ ଆଜି ଡ୍ରେନେଜ୍ ଡିଭିଜନ୍ ପକ୍ଷରୁ ହାଇକୋର୍ଟରେ ଜବାବ ରଖାଯାଇଥିଲା। ଇତିମଧ୍ୟରେ ପେଟାନାଳରେ ସଫେଇ କାର୍ଯ୍ୟ ଶେଷ ହୋଇଛି। ଏ ସଂକ୍ରାନ୍ତ ଫଟୋକପି ମଧ୍ୟ ଅଦାଲତରେ ଦାଖଲ ହୋଇଥିଲା। ପେଟାନାଳରେ ଖୁବ୍‌ଶୀଘ୍ର ଗାର୍ଡୱାଲ୍ କାମ ଆରମ୍ଭ ହେବ ବୋଲି କୁହାଯାଇଥିଲା। ତେବେ ଏହି କାମ କେବେ ସୁଦ୍ଧା ଶେଷ ହେବ ତାହା ଜଣାଇବାକୁ ହାଇକୋର୍ଟ ସରକାରୀ ଆଇନଜୀବୀଙ୍କୁ ପରବର୍ତ୍ତୀ ଶୁଣାଣିରେ ଜଣାଇବାକୁ କହିଥିଲେ। ସେପ୍ଟେମ୍ବର ୨୪ରେ ପରବର୍ତ୍ତୀ ଶୁଣାଣି ହେବ। ବକ୍ସଡ୍ରେନ୍ ସଫେଇ ସଂକ୍ରାନ୍ତରେ କେଏମ୍‌ସି ପକ୍ଷରୁ ଦୁଇଟି ଏସ୍‌ଓପି ଅଦାଲତରେ ଦାଖଲ କରାଯାଇଥିଲା। ଗୋଟିଏ ପଟ୍ଟାପୋଲ ନିକଟରୁ ଛତ୍ରବଜାର ପର୍ଯ୍ୟନ୍ତ ବକ୍ସଡ୍ରେନ୍ ସଫେଇ ପାଇଁ ଏକ ଏସ୍‌ଓପି କରାଯାଇଥିଲାବେଳେ ବିଏସ୍‌ଡବ୍ଲୁସି ସଫେଇ ପାଇଁ ଆଉ ଏକ ଏସ୍‌ଓପି କରାଯାଇଛି।

# ଟାଟାଷ୍ଟିଲ୍ ପକ୍ଷରୁ ଗୁରୁ କୋଲ୍ ଲାକୋ ବୋଦ୍ରାଙ୍କ ୧୦୭ତମ ଜୟନ୍ତୀ ପାଳିତ



**ଯାଜପୁର (ଅମୃତ ମିଡିଆ) :** ଟାଟା ଷ୍ଟିଲ୍ ଫାଉଣ୍ଡେସନ ଏବଂ 'ହୋ ଆନସିଏଣ୍ଟ କଲଚର ଆଣ୍ଡ ସାଇନ୍ସ ଓ୍ୱେଲଫେୟାର ଫାଉଣ୍ଡେସନ'ର ମିଳିତ ସହଯୋଗରେ ଶାଳିଜଙ୍ଗା ସ୍ଥିତ ବାଲିଆପାଳ ଫୁଟବଲ ପଡ଼ିଆରେ ପଣ୍ଡିତ ଗୁରୁ କୋଲ୍ ଲାକୋ ବୋଦ୍ରାଙ୍କ ୧୦୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ପଣ୍ଡିତ ଲାକୋ ବୋଦ୍ରା ଥିଲେ 'ୱାରାଙ୍ଗ ଚିତି' ଲିପିର ସ୍ରଷ୍ଟା ଏବଂ ଓଡ଼ିଶା ତଥା ଝାଡ଼ଖଣ୍ଡର ଆଦିବାସୀ ଭାଷା ଓ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ହୋ ସମ୍ପ୍ରଦାୟର ସ୍ୱତନ୍ତ୍ର ପରିଚୟ ଓ ଐତିହ୍ୟକୁ ବଜାୟ ରଖିବା ସହ ହୋ ଭାଷାର ସରକାରୀ ଲିପି 'ୱାରାଙ୍ଗ ଚିତି'ର ସଂରକ୍ଷଣ ତଥା ପ୍ରଚାର-ପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଆଦିବାସୀ ଭାଷା ଓ ସଂସ୍କୃତିର ସୁରକ୍ଷା ସଂକଳ୍ପ ସହ ପାଖାପାଖି ୬୦୦ ସ୍ଥାନୀୟ ଲୋକ ଏକତ୍ରିତ ହୋଇଥିଲେ। ଏହି ସମାରୋହରେ ମୟୂରଭଞ୍ଜର ବିଶିଷ୍ଟ ସମାଜସେବୀ ଶିଳାଇ ପୂର୍ତ୍ତି, ଟାଟା ଷ୍ଟିଲ୍ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ଚିଫ, ରବି ମାରିକ, ଶାଳିଜଙ୍ଗା ପଞ୍ଚାୟତର ସରପଞ୍ଚ ବିଜୟଲକ୍ଷ୍ମୀ ଦାସ, ଟିଏସଏଫର କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ବ୍ୟକ୍ତିବିଶେଷ ପଣ୍ଡିତ ଗୁରୁ କୋଲ୍ ଲାକୋ ବୋଦ୍ରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଆଦିବାସୀ ଭାଷା ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ମନମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥି ସହିତ ଉଲ୍ଲେଖନୀୟ ଅବଦାନ ପାଇଁ ତିନି ଜଣ ଆଦର୍ଶ ଶିକ୍ଷକ ଏବଂ ତିନି ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଟିଏସଏଫ୍ ବର୍ତ୍ତମାନ କଳିଙ୍ଗନଗର ଅଞ୍ଚଳରେ ୭୭ଟି ଆଦିବାସୀ ଭାଷା କେନ୍ଦ୍ର ପରିଚାଳନା କରୁଛି। ଏଠାରେ ୩,୦୦୦ରୁ ଅଧିକ ଛାତ୍ରଛାତ୍ରୀ 'ଓଲଚିକି' ଏବଂ 'ୱାରାଙ୍ଗ ଚିତି' ଭାଷାରେ ଶିକ୍ଷା ଗ୍ରହଣ କରୁଛନ୍ତି, ଯାହା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ଓ ଭାଷାଗତ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

# ସାମ୍ବାଦିକ ଏନ.ଏମ ବୈଶାଖ କିଡ୍‌ନୀ କର୍କଟ ରୋଗରେ ପୀଡିତ

## ସରକାରୀ ସହଯୋଗ ପାଇଁ ଅନୁରୋଧ



**ପାରାଦୀପ (ଅମୃତ ମିଡିଆ) :** ଜଣାଶୁଣା ସାମ୍ବାଦିକ ଏନ.ଏମ.ବୈଶାଖ କିଡ୍‌ନୀ କର୍କଟ ରୋଗରେ ପୀଡିତ ହୋଇ ଗୁରୁତର ଅବସ୍ଥାରେ ଅଛନ୍ତି। ୨୦୨୫ ମସିହା ସେପ୍ଟେମ୍ବର ୧୧ତାରିଖରେ ଏହି ରୋଗ ଚିହ୍ନଟ ହେବା ପରେ ପ୍ରଥମେ ଆପୋଲୋ, ପରେ ଏସସିବି ତାପରେ, ଭୁବନେଶ୍ୱର ଏମ୍ସ ଏବଂ ପରେ ଉତ୍କଳ ହସ୍ପିଟାଲରେ ଡା.ସତ୍ୟବ୍ରତ ମହାପାତ୍ର ଓ ଡା. ଭୂପେନ ପ୍ରସାଦଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର କରି ଗୋଟିଏ କିଡନୀ କାଢ଼ି ନିଆଯାଇଥିଲା। ଏହାପରେ ଭୁବନେଶ୍ୱର ଏମ୍ସରେ ଡା.ସୌରଭ ମିଶ୍ରଙ୍କ ନେତୃତ୍ୱରେ ଚାଲିଥିଲା କର୍କଟ ରୋଗ ଚିକିତ୍ସା। କିନ୍ତୁ ଦୁଇ ଥର ବଡ଼ ଧରଣର ସଂକ୍ରମଣ ଚିକିତ୍ସା ପରେ ପରେ ତୁରନ୍ତ ବାଗଚି କ୍ୟାନ୍ସର କେୟାରକୁ ବୈଶାଖଙ୍କୁ ଯିବାକୁ ପଡ଼ିଥିଲା। କିନ୍ତୁ ସେଠାରେ ସଫଳ ନ ହେବାରୁ ବର୍ତମାନ ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲ ରେ ଚିକିତ୍ସା ଚାଲିଛି। ଏଥିପାଇଁ ଅଜସ୍ର ଅର୍ଥ ଖର୍ଚ୍ଚ ହୋଇ ସାରିଛି। ବର୍ତ୍ତମାନ ଆଉ ଦୁଇ ମାସରେ ବର୍ଷ ଟିଏ ପୁରିବ ଏବଂ ଦ୍ୱିତୀୟ ବର୍ଷ ଆରମ୍ଭ ହେବ। ଏଥିପାଇଁ ଚିକିତ୍ସାଧୀନ ଏନ୍‌ଏମ୍ ବୈଶାଖ ତାଙ୍କର ସାମ୍ବାଦିକତା କାର୍ଡ ରେ ଥିବା ସମସ୍ତ ଅର୍ଥ କେବଳ ଅସ୍ତ୍ରୋପଚାର ସମୟରେ ଖର୍ଚ୍ଚ କରିଥିବା ବେଳେ କର୍କଟ ଚିକିତ୍ସା ପାଇଁ ଦୁଇଟି ଦାମୀ ଇଞ୍ଜେକ୍ସନ ନେବାକୁ ପଡୁଛି ଏବଂ ଏହି ଦୁଇଟି ଇଞ୍ଜେକ୍ସନ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି ଯେଉଁଥିପାଇଁ ପାରାଦୀପର ବହୁତ ବଦାନ୍ୟ ବ୍ୟକ୍ତି ବିଶେଷ ସାହାଯ୍ୟ ସହଯୋଗର ହାତ ବଢ଼େଇ ଥିଲେ। ତେବେ ଏହା ପର୍ଯ୍ୟାପ୍ତ ପରିମାଣର ନ ହେବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ୍ ଓ ପିଏମ ରିଲିଫ ଫଣ୍ଡର ଦ୍ୱାରସ୍ଥ ହେବା ସହ ଜର୍ଣ୍ଣାଲିଷ୍ଟ ଓ୍ୱେଲଫେୟାର ଫଣ୍ଡକୁ ମଧ୍ୟ ନିବେଦନ କରିବାର ଆବଶ୍ୟକତା ଦେଖାଦେଇଛି। ଦୂରଦର୍ଶନରେ ପ୍ରସାରିତ ହେଉଥିବା ଆଜିର ଓଡ଼ିଶାରୁ କ୍ୟାରିୟର ଆରମ୍ଭ କରି ପରେ ଓଡ଼ିଶା ଡାଏରୀ ଏବଂ ୧୯୯୯ମସିହା ଠାରୁ ଓଟିଭିରେ ଦୀର୍ଘ ୨୦ବର୍ଷ ଲମ୍ବା ଯାତ୍ରା ଓ ବର୍ତ୍ତମାନ ପାରାଦୀପ ଜଗତସିଂହପୁର ଜିଲ୍ଲା ପ୍ରତିନିଧି ଭାବରେ ଏଏନ ଆଇରେ କାର୍ଯ୍ୟରତ। ତେବେ ବରିଷ୍ଠ ସାମ୍ବାଦିକ ଏନ୍ ଏମ୍ ବୈଶାଖ ଏହି କ୍ୟାନସର ଲଢେଇରେ ସାମାନ୍ୟ ସାହାଯ୍ୟ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି। ସେହିପରି ପ୍ରମେୟ ଖବରକାଗଜର ଜଣାଶୁଣା ସାମ୍ବାଦିକ ସ୍ୱାଧୀନଚେତା ଦାଶମହାପାତ୍ର ଦୀର୍ଘଦିନ ହେବ ମସ୍ତିକ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏଣୁ ଉଭୟ ସାମ୍ବାଦିକଙ୍କୁ ସରକାର ସହାୟତା ଓ ସହଯୋଗ ପାଇଁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମାନେ ଅନୁରୋଧ କରିଛନ୍ତି।

# ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନର ସିଧା ପ୍ରସାରଣ କାର୍ଯ୍ୟକ୍ରମ



**ରାଇଘର (ଅମୃତ ମିଡିଆ) :** ଆଜି ନବରଂଗପୁର ସହରସ୍ଥିତ ସରୋଜିନୀ କଲ୍ୟାଣ ମଣ୍ଡପ ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ୫ମ କିସ୍ତି ପ୍ରଦାନର ସିଧା ପ୍ରସାରଣ ଓ ସମାବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଲାଠିପଡା ଠାରେ ରାଜ୍ୟ ସ୍ତରୀୟ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣକୁ ଏହି ଜିଲ୍ଲା ସ୍ତରୀୟ ଉତ୍ସବରେ ଅତିଥିଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ କରକମଳରେ ରାଜ୍ୟରେ ଆଜି ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ତାଙ୍କ ଜମାଖାତାରେ ସୁଭଦ୍ରା ଯୋଜନାର ୫ମକିସ୍ତି ମୋଟ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଗଲା। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଏହି ଅଭିନବ ଯୋଜନା ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ଥିତିକୁ ସୁଦୃଢ଼ କରିବାରେ ସହାୟକ ହେଉଛି ଏବଂ ଏହା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ପ୍ରୋତ୍ସାହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ନିଜ ବକ୍ତବ୍ୟରେ ମହିଳା ସଶକ୍ତିକରଣ ଦିଗରେ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପ୍ରଚଳନ ପୂର୍ବକ ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି ଏବଂ ଏହି ସୁଭଦ୍ରା ଯୋଜନା ଦ୍ୱାରା ମହିଳାମାନେ ନିଜକୁ ଆର୍ଥିକ ଦିଗରେ ସୁରକ୍ଷିତ କରିଛନ୍ତି ବୋଲି କହିଥିଲେ। ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ସାଂସଦ ଲୋକସଭା ବଳଭଦ୍ର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର,ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ୩୦୫୬୯୬ ଜଣ ମହିଳା ହିତାଧିକାରୀଙ୍କୁ ପ୍ରତ୍ୟେକ ବ୍ୟାଙ୍କ୍ ଜମାଖାତା ରେ ୫ମ କିସ୍ତି ୫୦୦୦ ଟଙ୍କା ଜମା ହୋଇ ମୋଟ ୧୫୨ କୋଟି ୮୪ ଲକ୍ଷ ୮୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ ଯେ ସୁଭଦ୍ରା ଯୋଜନାର ପ୍ରତ୍ୟେକ ମହିଳା ହିତାଧିକାରୀଙ୍କ ଜମାଖାତାକୁ ଏ ପର୍ଯ୍ୟନ୍ତ ୪ଟି କିସ୍ତିରେ ମୋଟ ୨୦,୦୦୦ ଟଙ୍କା ଜମା ହୋଇ ଯାଇଛି। କାର୍ଯ୍ୟକ୍ରମରେ ଅତିଥିଗଣ ଜିଲ୍ଲାରେ ସୁଭଦ୍ରା ଯୋଜନା ଦ୍ୱାରା ଆର୍ଥିକ ଅଭିବୃଦ୍ଧି କରିଥିବା ୩ଜଣ ହିତାଧିକାରୀ ହେମଲତା ମଲ୍ଲିକ, ବାଲି ହରିଜନ ଏବଂ ମାଣିକ ଖୋରାଙ୍କୁ ସମ୍ମାନିତ କରିଥିଲେ। ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଆଇନଜିବି କିଶୋରୀ ପଟ୍ଟନାୟକ, 'ଶୋଭା' ଅନୁଷ୍ଠାନ କର୍ମକର୍ତ୍ତା,ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ଅଧିକାରୀ ଏବଂ କର୍ମଚାରୀ, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା, ସୁପରଭାଇଜର, ସିଡିପିଓ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ରମା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ସଭା ପରିଚାଳନା କରିଥିଲେ ଏବଂ ଚନ୍ଦନା ମଲ୍ଲିକ ମଞ୍ଚ ସଂଯୋଜନା କରିଥିଲେ।

# ରାଜ୍ୟରେ ୨ ଉପମୁଖ୍ୟମନ୍ତ୍ରୀ ପଦ ମାମଲାକୁ ନେଇ ହାଇକୋର୍ଟଙ୍କ ରାୟ ସଂରକ୍ଷିତ

**କଟକ (ବ୍ୟୁରୋ) :** ସରକାର ଗଠନରେ 'ଉପମୁଖ୍ୟମନ୍ତ୍ରୀ' ପଦ ନେଇ କୌଣସି ସାମ୍ବିଧାନିକ ବ୍ୟବସ୍ଥା ନାହିଁ। ଜଣେ ମନ୍ତ୍ରୀ ଯେଉଁଭଳି ଭାବେ ଶପଥ ଗ୍ରହଣ କରନ୍ତି ଉପମୁଖ୍ୟମନ୍ତ୍ରୀଙ୍କ ପାଇଁ ସେହି ସମାନ ଢଙ୍ଗରେ ଶପଥ ପାଠ କରାଯାଇଥାଏ। ଏହା ସତ୍ତ୍ୱେ ଓଡ଼ିଶାରେ ଦୁଇଟି 'ଉପମୁଖ୍ୟମନ୍ତ୍ରୀ' ପଦ ସୃଷ୍ଟି କରାଯାଇଛି। ଏହା ଅସାମ୍ବିଧାନିକ ବ୍ୟବସ୍ଥା ବୋଲି ଅଭିଯୋଗ କରି ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ଏଲିନା ଦାଶଙ୍କ ପକ୍ଷରୁ ରୁଜୁ ଏହି ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟ ଶେଷ କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ସବୁ ପକ୍ଷଙ୍କୁ ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। ଆବେଦନକାରିଣୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, 'ଉପମୁଖ୍ୟମନ୍ତ୍ରୀ' ପଦ ଲାଗି ସମ୍ବିଧାନରେ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା ସତ୍ତ୍ୱେ ୨୦୨୪ରେ ନୂତନ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ଦୁଇଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ରଖାଯାଇଛି । ପ୍ରୋଟୋକଲ୍ ଦୃଷ୍ଟିରୁ ଦେଖିଲେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କଠାରୁ ଉପମୁଖ୍ୟମନ୍ତ୍ରୀଙ୍କ କିଛି ଅଧିକ କ୍ଷମତା ନାହିଁ। କିନ୍ତୁ ସେମାନଙ୍କୁ ଅଧିକ ସୁବିଧା ପ୍ରଦାନ କରାଯାଉଛି। ବିଭିନ୍ନ ଉତ୍ସବରେ ସେମାନଙ୍କ ସ୍ୱତନ୍ତ୍ରତା ବଜାୟ ରହୁଛି। ସେମାନଙ୍କ ପାଇଁ ଅଧିକ କର୍ମଚାରୀ ଓ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅଫିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ମଧ୍ୟ ଅଧିକ ରହିଛି। ଏଥିପାଇଁ ରାଜ୍ୟ ରାଜକୋଷରୁ ଅଧିକରୁ ଅଧିକ ଅର୍ଥ ଖର୍ଚ୍ଚ କରାଯାଉଛି। ଏଭଳି ଅସାମ୍ବିଧାନିକ ବ୍ୟବସ୍ଥାକୁ ବନ୍ଦ କରିବା ଲାଗି ଆବେଦନକାରିଣୀ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ। ଦୁଇ ଉପମୁଖ୍ୟମନ୍ତ୍ରୀଙ୍କୁ ଜଣେ ମନ୍ତ୍ରୀଙ୍କଠାରୁ ଅଧିକ ସୁବିଧା ନଦେବା ଓ ସରକାରଙ୍କ ପକ୍ଷରୁ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଉଥିବା ବିଭିନ୍ନ ସୁବିଧାକୁ ପ୍ରତ୍ୟାହାର ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ପିଟିସନ୍‌ରେ ପ୍ରାର୍ଥନା କରାଯାଇଥିଲା। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନସଚିବ, ରାଜ୍ୟପାଳଙ୍କ ସଚିବ, ଆକାଉଣ୍ଟାଣ୍ଟ ଜେନେରାଲ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏହି ମାମଲାରେ ଆଡ୍‌ଭୋକେଟ୍ ଜେନରାଲ୍ ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖି ଅଧିକ ତଥ୍ୟ ନଥିବାରୁ ମାମଲାକୁ ଖାରଜ କରାଯିବା ଲାଗି ପ୍ରାର୍ଥନା କରିଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି। ଆବେଦନକାରିଣୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ସମୀର ଟିଭିଏସ ପକ୍ଷରୁ ଦୃଷ୍ଟିବାଧିତ ବିଦ୍ୟାଳୟରେ ରକ୍ଷାବନ୍ଧନ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ସମୀର ଟିଭିଏସ ପରିବାର ପକ୍ଷରୁ କେନ୍ଦ୍ରାପଡା ସହରର ଅଯୋଦ୍ଧା ନଗରସ୍ଥିତ ଦୃଷ୍ଟିବାଧିତ ବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ନେତୃତ୍ୱରେ ତାଙ୍କ ସମୀର ଟିଭିଏସ ପରିବାରର ସଦସ୍ୟ/ସଦସ୍ୟାମାନେ ଦୃଷ୍ଟିବାଧିତ ବିଦ୍ୟାଳୟରେ ପହଞ୍ଚି ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକମାନଙ୍କ ହାତରେ ରାକ୍ଷୀ ବାନ୍ଧିଦେଇ ସେମାନଙ୍କୁ ମିଠା ଖୁଆଇ ଦେଇଥିଲେ। ସମୀର ଟିଭିଏସ ପରିବାର ପକ୍ଷରୁ ଏଭଳି ଏକ ସୁନ୍ଦର କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ମନରେ ଖୁସି ଓ ଆନନ୍ଦର ବାତାବରଣ ଖେଳାଇଦେଇଥିଲା।

# ନିଆରା ଢଙ୍ଗରେ ରାକ୍ଷୀ ପୂର୍ଣ୍ଣିମା ପାଳନ କଲେ ଆହ୍ୱାନ ଫାଉଣ୍ଡେସନ



**ପାରାଦୀପ (ଅମୃତ ମିଡିଆ) :** ପବିତ୍ର ରାକ୍ଷୀପୂର୍ଣ୍ଣିମା ଅବସରରେ ଭାଇ-ଭଉଣୀର ପବିତ୍ର ସମ୍ପର୍କକୁ ଏକ ନିଆରା ଢଙ୍ଗରେ ପାଳନ କରିଛି ଆହ୍ୱାନ ଫାଉଣ୍ଡେସନ। ପରିବେଶ ସୁରକ୍ଷାର ବାର୍ତ୍ତା ସହିତ ବିଭିନ୍ନ ପ୍ରକାରର ଶସ୍ୟ ଓ ମଞ୍ଜି ବ୍ୟବହାର କରି ସୁନ୍ଦର 'ସବୁଜ ରାକ୍ଷୀ' ପ୍ରସ୍ତୁତ କରି ଦୋଛକି ସ୍ଥିତ ସାଇ ସେବା ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ହାତରେ ଆହ୍ୱାନ ଫାଉଣ୍ଡେସନର ବାଳିକା ସଦସ୍ୟାମାନେ ରାକ୍ଷୀ ବାନ୍ଧି ଏହି ପବିତ୍ର ଦିନଟିକୁ ପାଳନ କରି ଆହ୍ୱାନ ଫାଉଣ୍ଡେସନର ସଦସ୍ୟମାନେ ସେମାନଙ୍କ ମୁହଁରେ ହସ ଫୁଟାଇବା ସହ ଆତ୍ମୀୟତା ଓ ଭାଇ-ଭଉଣୀର ସମ୍ପର୍କର ଏକ ନିଆରା ଅନୁଭବ ସୃଷ୍ଟି କରିଥିଲେ। ଏହି ଅବସରରେ ବୃଦ୍ଧାଶ୍ରମର ପରିବେଶ ଭାବବିହ୍ୱଳ ଓ ଆନନ୍ଦମୟ ହୋଇଉଠିଥିଲା। ଆହ୍ୱାନ ଫାଉଣ୍ଡେସନର ସଭାପତି ସାଗର କୁମାର ବିଶ୍ୱାଳ ଓ ସମ୍ପାଦକ ପରିବେଷବିତ ଇଂ.ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ କରିଥିଲେ। ସାଧାରଣତଃ ରାକ୍ଷୀ ଭାଇ-ଭଉଣୀଙ୍କ ସ୍ନେହ ଓ ସୁରକ୍ଷାର ପ୍ରତୀକ ହୋଇଥିବା ବେଳେ, ଏହି ନିଆରା ପ୍ରୟାସ ମାଧ୍ୟମରେ ରାକ୍ଷୀକୁ ପରିବେଶ ସୁରକ୍ଷା ସହ ଯୋଡ଼ିବାର ବାର୍ତ୍ତା ଦିଆଯାଇଥିଲା। ଶସ୍ୟ ଓ ମଞ୍ଜିରେ ପ୍ରସ୍ତୁତ ଏହି ସବୁଜ ରାକ୍ଷୀ କେବଳ ସ୍ନେହର ପ୍ରତୀକ ନୁହେଁ, ବରଂ ପ୍ରକୃତି ସୁରକ୍ଷା ଓ ଗଛ ଲଗାଇବା ପାଇଁ ଏକ ସୁନ୍ଦର ସଚେତନତାର ବାର୍ତ୍ତା ବହନ କରୁଥିଲା। ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କ ସହ ରାକ୍ଷୀପୂର୍ଣ୍ଣିମା ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୁଲି ସାହୁ, ଯକ୍ଷଶିନୀ କୁଣ୍ଡୁ, ତୃପ୍ତି ପ୍ରଧାନ, ମାନସ ନାୟକ, ନୀଳକଣ୍ଠ ସେଠୀ, ସୌମ୍ୟ ରଞ୍ଜନ ରାଉତ, ସତ୍ୟ ନାରାୟଣ ସ୍ୱାଇଁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଆହ୍ୱାନ ଫାଉଣ୍ଡେସନର ଏହି ନିଆରା ପ୍ରୟାସ ସମାଜରେ ମାନବିକତା, ଆତ୍ମୀୟତା ସହିତ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇବାରେ ସାଧାରଣରେ ଉଦାହରଣ ସୃଷ୍ଟି କରିଛି।

# ଜଗତସିଂହପୁର ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚିତ



**ଜଗତସିଂହପୁର (ଅମୃତ ମିଡ଼ିଆ) :** ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ କମିଟି ନିର୍ବାଚନ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ. ସୋନାଲଙ୍କ ପରାମର୍ଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ୍ ନିର୍ବାଚନ ଅଧିକାରୀ ଓ ଜଗତସିଂହପୁର ତହସିଲଦାର୍ ଅଜୟ କୁମାର ମହାନ୍ତି ସହ ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ସାଧାରଣ ପରିଷଦ ବୈଠକ ପରେ ପ୍ରଥମେ କାର୍ଯ୍ୟକାରିଣୀ କମିଟି ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। କାର୍ଯ୍ୟକାରିଣୀ କମିଟିକୁ ବିପ୍ଳବ ଚୌଧୁରୀ, ଶାରଦା ପ୍ରସାଦ ଦାସ, ପ୍ରଶାନ୍ତ କୁମାର ମହାପାତ୍ର, ଗଣେଶ୍ୱର ମାଣିଆ,ବିଜୟ କୁମାର ରାଉତ, ମାନସ କୁମାର ରଥ,ଡଃ ସୁଧିର କୁମାର ମହାନ୍ତି, ନରେଶ ଦାସ, ମନୋଜ ଦାଶ, ଦୁର୍ଯ୍ୟୋଧନ ମହାରଣା, ମାନସ କୁମାର କାନୁନଗୋ, ଡଃ ଜ୍ୟୋତିର୍ମୟୀ ମହାନ୍ତି, ଅବନୀକାନ୍ତ ମହାରଣା, ମନୋଜ କୁମାର ମହାପାତ୍ର, ପ୍ରଭାତ କୁମାର ଦାଶ, ସତ୍ୟବ୍ରତ ବିଶ୍ୱାଳ, ସୁବାସ ଚନ୍ଦ୍ର ରାଉତ, ସୁଷମା ପ୍ରଧାନ, ନିବେଦିତା ମହାନ୍ତି, ପ୍ରଜ୍ଞା ପାରମିତା ଚୌଧୁରୀ, କୃଷ୍ଣଚନ୍ଦ୍ର ପ୍ରଧାନ, ସନ୍ଦିପ ପାତ୍ର ପ୍ରମୁଖ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିଲେ। ଏହାପରେ କାର୍ଯ୍ୟକାରୀ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସଂପାଦକ, ଯୁଗ୍ମ ସଂପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ନାମାଙ୍କନ ଦାଖଲ ହୋଇଥିଲା। ଏହାପରେ ସର୍ବସମ୍ମତି କ୍ରମେ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ ବିପ୍ଳବ ଚୌଧୁରୀ,ଉପାଧ୍ୟକ୍ଷ ଭାବରେ ବିଜୟ କୁମାର ରାଉତ ଓ ଗଣେଶ୍ୱର ମାଣିଆ, ସାଧାରଣ ସମ୍ପାଦକ ଭାବରେ ସାରଦା ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଭାବେ ମାନସ କୁମାର କାନୁନଗୋ ଓ ମନୋଜ କୁମାର ମହାପାତ୍ର ଏବଂ କୋଷାଧ୍ୟକ୍ଷ ଭାବରେ ଅବନୀକାନ୍ତ ମହାରଣା ମନୋନୀତ ହୋଇଥିଲେ। କର୍ମକର୍ତ୍ତା ନିର୍ବାଚନ ପରେ ସମସ୍ତ ନୂତନ କର୍ମକର୍ତ୍ତା ମାନ୍ୟବର ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଓ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଙ୍କୁ ସୈଜନ୍ୟ ମୂଳକ ସାକ୍ଷାତ କରିବା ସହ ସେମାନଙ୍କର ସହଯୋଗ କାମନା କରିଥିଲେ। ପରିଷଦର ବରିଷ୍ଠ ସଦସ୍ୟ ନଟବର ବାରିକ, ଅମ୍ବିକା ପ୍ରସନ୍ନ ମହାନ୍ତି, ହେମନ୍ତ କୁମାର ରଥ, ଦେବୀ ପ୍ରସାଦ ଚୌଧୁରୀ, ଡ଼ କୈଳାସ ମଲ୍ଲିକ, ପ୍ରଦୀପ୍ତ ଚୌଧୁରୀ, ତିଲୋତ୍ତମା ଦାଶ, ମଧୁସୁଦନ ସାହୁ, ପରିକ୍ଷିତ ପାଢ଼ୀ, ରମାକାନ୍ତ ସାହୁ, ବିବୁଧ କୁମାର ମହାନ୍ତି, ପ୍ରତିଭାରାଣୀ ରାୟ, ପୂର୍ଣ୍ଣଚନ୍ଦ୍ର ମଲ୍ଲ, ଦୁର୍ଯ୍ୟୋଧନ ରଣା, ଉମାକାନ୍ତ ଦାଶ, ଜ୍ୟୋତି ରଞ୍ଜନ ଜେନା, ଦିଲ୍ଲିପ କୁମାର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।




# କାନ୍ଦବୋବାଳି କରି ଶିକ୍ଷକଙ୍କ ବଦଳିକୁ ବିରୋଧ କଲେ ଛାତ୍ରଛାତ୍ରୀ



ବାରିପଦା (ଅମୃତ ମିଡିଆ) : ନିଜର ଅତି ପ୍ରିୟ ଶିକ୍ଷକଙ୍କ ପାଇଁ କାନ୍ଦ ବୋବାଳିରେ ଫାଟି ପଡିଲା ବିଦ୍ୟାଳୟ ପରିସର। ମୟୂରଭଞ୍ଜ ଜିଲ୍ଲା, ରାସଗୋବିନ୍ଦପୁର ବ୍ଲକ, ଚିଞ୍ଚଳ ଗଡିଆସ୍ଥିତ ରଘୁନାଥ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଏମିତି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ପାଞ୍ଚ ଜଣ ଶିକ୍ଷୟତ୍ରୀ,ଶିକ୍ଷକ ଥିବାରୁ ମୃତ୍ୟୁଞ୍ଜୟ ରାଉତ ଏବଂ ଚିନ୍ମୟ କୁମାର ସାମଲ, ଏଲଟିଆର ଶିକ୍ଷୟତ୍ରୀ ହେମାଙ୍ଗିନୀ ମହାନ୍ତ, ମୈତ୍ରୀ ଜେନା ଓ଼ ଦେବାଶିଷ ମହାନ୍ତଙ୍କୁ ଅନ୍ୟ ବିଦ୍ୟାଳୟରେ ପାଠ ପଢାଇବାକୁ ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏନେଇ ପୂର୍ବରୁ ଅଗଷ୍ଟ ୨୫ ତାରିଖ ଦିନ ଛାତ୍ରୀଛାତ୍ର ମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ନିର୍ଦ୍ଦେଶନାମା ଅନୁଯାୟୀ ଗତକାଲି ଦୁଇ ଜଣ ଶିକ୍ଷକ ଅନ୍ୟ ବିଦ୍ୟାଳୟରେ ଯୋଗ ଦେଇଥିବା ବେଳେ ଆଜି ଶିକ୍ଷକ ମୃତ୍ୟୁଞ୍ଜୟ ରାଉତ, ଚିନ୍ମୟ କୁମାର ସାମଲ ଏବଂ ଶିକ୍ଷୟତ୍ରୀ ହେମାଙ୍ଗିନୀ ମହାନ୍ତଙ୍କୁ ବିଦ୍ୟାଳୟରୁ ପିଲା ମାନେ ଛାଡିବାକୁ ନାରାଜ ଥିଲେ। ପ୍ରଥମେ ପିଲାମାନେ ଚାଲି ଚାଲି ରାସଗୋବିନ୍ଦପୁରସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯିବାକୁ ବାହାରୁଥିବା ସମୟରେ ଖବର ପାଇ ବିଡ଼ିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଉପେନ୍ଦ୍ର ଦାସ ଓ଼ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ବିଦ୍ୟାଳୟରେ ପହଞ୍ଚି ଉତ୍ତେଜନା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ନିର୍ଦ୍ଦେଶନାମା ମୁତାବକ, ଶିକ୍ଷକ ମୃତ୍ୟୁଞ୍ଜୟ ରାଉତ ବିଦ୍ୟାଳୟ ଛାଡି ଯାଉଥିବା ସମୟରେ ଛାତ୍ରୀଛାତ୍ର ମାନେ କାନ୍ଦି କାନ୍ଦି ଶିକ୍ଷକଙ୍କୁ ବିଦ୍ୟାଳୟରୁ ନଯିବାକୁ ଅନୁରୋଧ କରିଥିଲେ। ଶିକ୍ଷକ ଶ୍ରୀ ରାଉତ ଏଠାରେ ପାଠ ନପଢ଼ାଇଲେ ପିଲାମାନେ ଉତ୍ତମ ଶିକ୍ଷାରୁ ବଞ୍ଚିତ ହେବେ ବୋଲି ପିଲାମାନେ କହିଥିଲେ। ସେହିପରି ଶିକ୍ଷକ ଚିନ୍ମୟ କୁମାର ସାମଲ ଓ଼ ଶିକ୍ଷୟତ୍ରୀ ହେମାଙ୍ଗିନୀ ମହାନ୍ତଙ୍କୁ ମଧ ନଯିବାକୁ ପିଲା ମାନେ ଜିଦ ଧରିଥିଲେ। ପ୍ରଧାନ ଶିକ୍ଷକ ତୁଷାରକାନ୍ତ ପାତ୍ର ବିଦ୍ୟାଳୟରେ ପହଞ୍ଚିବା ପରେ ପିଲାମାନେ ପ୍ରଧାନ ଶିକ୍ଷକଙ୍କ ଗୋଡ଼ ଧରି ଉକ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ନପଠାଇବାକୁ କାନ୍ଦି କାନ୍ଦି ଅନୁରୋଧ କରିଥିଲେ। ଏପରି ପରିସ୍ଥିତିରେ ଜଣେ ଛାତ୍ରୀ କାନ୍ଦି କାନ୍ଦି ଅସୁସ୍ଥ ହୋଇ ଚେତା ଶୂନ୍ୟ ହୋଇ ପଡ଼ିଥିଲେ। ଉକ୍ତ ଛାତ୍ରୀଙ୍କୁ ତହସିଲଦାରଙ୍କ ଗାଡ଼ିରେ ଡାକ୍ତରଖାନାକୁ ନିଆଯାଇଥିଲା। ସେହିପରି ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇ ନଥିବାର ଦେଖିବାକୁ ମିଳିଛି। ବିଇଓ ଯତୀନ୍ଦ୍ର ଦତ୍ତ ମଧ ଘଟଣାସ୍ଥଳରେ ପହଁଞ୍ଚିଥିଲେ। ଯେଉଁ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହିଛି ସେହି ବିଦ୍ୟାଳୟରେ ଉକ୍ତ ଶିକ୍ଷକ ମାନେ ଯୋଗ ଦେଇ ଶିକ୍ଷା ଦାନ କରିବେ ବୋଲି କହିଥିଲେ।

# ରିକୁ ମେମୋରିଆଲ ଟ୍ରଷ୍ଟ ଓ ବହି ଘରର ବାର୍ଷିକୋତ୍ସବ



ବଡ଼ଚଣା (ଅମୃତ ମିଡ଼ିଆ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ହାଡ଼ି ଦାସ ମହାବିଦ୍ୟାଳୟ ରେ ରୀକୁ ମେମୋରିଆଲ ଟ୍ରଷ୍ଟ ଓ ବହିଘରର ୧୦ମ ବାର୍ଷିକ ସ୍ମୃତି ଉତ୍ସବ ମହାବିଦ୍ୟାଳୟର ଅଧକ୍ଷ ବିମଳ ଚନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରିକୁର ପିତା ପୂର୍ବତନ ଅଧକ୍ଷ ରବୀନ୍ଦ୍ର ନାଥ ସାମଲଙ୍କ ଦ୍ୱାରା ୮ଟି ସ୍ଥାନରେ ରିକୁ ସ୍ମାରକୀ ବହି ଘର ଓ ରୀକୁ କକ୍ଷ ଖୋଲାଯାଇଛି। ଆଜି ମହାବିଦ୍ୟାଳୟ ପରିସରରେ ବହୁ ନିମନ୍ତ୍ରିତ ଅତିଥି ଯୋଗ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗ ଦେଇ ଭଲ ମଣିଷ ଓ ମଣିଷ ପଣିଆ ଉପରେ ଆଲୋକ ପାତ କରିଥିଲେ। ସବୁ ଠାରେ ମୁଁ ମୁଁ । ନିଜକୁ ଚିହ୍ନ। ପରମ ପିତା, ପରମ ଶକ୍ତି କୁ ପ୍ରଣାମ କର। ଆମେ ସମସ୍ତେ ଭଲ ମଣିଷ ହେବା। ସମସ୍ତଙ୍କୁ ଭଲ ପାଇବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ତମ୍ଭକାର ଅବସର ପ୍ରାପ୍ତ ପ୍ରଫେସର ମନୋରଞ୍ଜନ ମହାନ୍ତି, କବୟତ୍ରି ଅପର୍ଣ୍ଣା ମହାନ୍ତି, ରିଙ୍କୁ ମେମୋରିଆଲ ଟ୍ରଷ୍ଟ ଅଧକ୍ଷ ରବୀନ୍ଦ୍ର ନାଥ ସାମଲ, ଅଧାପକ ଘନ ବିହାରୀ ମହାରଣା, ଅଧାପକ ରୁଦ୍ର ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଡଃ ଖିତିଶ ଚନ୍ଦ୍ର ସାମନ୍ତ ରାୟ, ଅଧାପକ ତୁଷାର କାନ୍ତି, ଅଧାପକ ଚିତ୍ତରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ, ଡଃ ନିରଞ୍ଜନ ପାତ୍ର ସ୍ୱାଗତ ଭାଷଣ, ଅଧାପିକା କବିତା ସାହୁ କୃତି ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡଃ ଚନ୍ଦ୍ରକଳା ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ରବୀନ୍ଦ୍ର ସାମଲଙ୍କ ଦ୍ୱାରା ଲିଖିତ କବି ଓ କବିତାର କଥା ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସମସ୍ତଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ୱାସିଂ ମେସିନ ସର୍ଭିସିଂ ନାମରେ ସାଇବର ଲୁଟ୍

## ଚିକିତ୍ସା ପାଇଁ ଥିବା ୧ଲକ୍ଷ ଟଙ୍କା ଆକାଉଣ୍ଟରୁ ଗାଏବ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ୱାଶିଂ ମେସିନ୍ ସର୍ଭିସିଂ କରାଇବା ପାଇଁ ଅନଲାଇନରେ କଷ୍ଟମର ସର୍ଭିସ୍ ସହ ଯୋଗାଯୋଗ କରିବା ଜଣେ ମହିଳାଙ୍କ ପାଇଁ ମହଙ୍ଗା ପଡ଼ିଛି। ସର୍ଭିସିଂ ନାମରେ ସାଇବର ଠକଙ୍କ ଜାଲରେ ଫସି ପ୍ରାୟ ୧ ଲକ୍ଷ ଟଙ୍କା ହରାଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ବ୍ରହ୍ମପୁର ଗ୍ରାମର ତପସ୍ୱିନୀ ଦାଶଙ୍କ ସହ ଘଟିଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ୱାଶିଂ ମେସିନ୍‌ରେ ସମସ୍ୟା ଦେଖାଦେବା ପରେ ତପସ୍ୱିନୀ ଅନଲାଇନ୍ ମାଧ୍ୟମରେ ସର୍ଭିସିଂ ପାଇଁ କଷ୍ଟମର ସର୍ଭିସ୍ ସହ ଯୋଗାଯୋଗ କରିଥିଲେ। ଏହାପରେ ଅଜଣା ବ୍ୟକ୍ତିଙ୍କ ସହ ତାଙ୍କର ଯୋଗାଯୋଗ ହୋଇଥିବା ଏବଂ ସେହି ସମୟରେ ତାଙ୍କୁ ବିଭିନ୍ନ ଭାବେ ପ୍ରଭାବିତ କରି ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଦୁର୍ବୃତ୍ତମାନେ କୌଶଳକ୍ରମେ ତାଙ୍କ ୟୁକୋ ବ୍ୟାଙ୍କ, ଗରଦପୁର ଶାଖାର ଆକାଉଣ୍ଟରୁ ପ୍ରାୟ ୧ ଲକ୍ଷ ଟଙ୍କା ଟ୍ରାନ୍ସଫର କରି ନେଇଯାଇଛନ୍ତି। ତାଙ୍କ ଆକାଉଣ୍ଟରୁ ଟଙ୍କା କଟିଯିବା ପରେ ଏସମ୍ପର୍କରେ ଜାଣିବାକୁ ପାଇଥିଲେ ତପସ୍ୱିନୀ। ତେବେ ଏହି ଘଟଣାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି ତପସ୍ୱିନୀଙ୍କ ସ୍ୱାମୀଙ୍କ ଗୋଡ଼ର ଅପରେସନ୍ ପରବର୍ତ୍ତୀ ଚିକିତ୍ସା ଓ ଔଷଧ ଖର୍ଚ୍ଚ ପାଇଁ ଟଙ୍କା ସଞ୍ଚୟ କରି ରଖାଯାଇଥିବା ବେଳେ ସେହି ଅର୍ଥ ହିଁ ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପରିବାର ଚିନ୍ତାରେ ପଡ଼ିଯାଇଛି। ଏସମ୍ପର୍କରେ ସାଇବର ସେଲ୍‌ରେ ଅଭିଯୋଗ କରାଯାଇଛି। ଟଙ୍କା କେଉଁ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଛି, ଏହା ପଛରେ କେଉଁମାନେ ଅଛନ୍ତି ଏବଂ ଠକେଇରେ ବ୍ୟବହୃତ ଆକାଉଣ୍ଟ କିମ୍ବା ନମ୍ବର ସମ୍ପର୍କରେ କୌଣସି ସୁରାକ ମିଳୁଛି କି ନାହିଁ ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଲୁଟ୍ ହୋଇଥିବା ଅର୍ଥ ଫେରିବ କି ନାହିଁ, ସେନେଇ ମଧ ପୀଡ଼ିତ ପରିବାର ଚିନ୍ତାରେ ରହିଛନ୍ତି।

### ସର୍ଭିସିଂ ନାମରେ ସାଇବର ଠକେଇର ନୂଆ ଫନ୍ଦି

ବର୍ତ୍ତମାନ ସମୟରେ ଅନଲାଇନ୍‌ରେ ବିଭିନ୍ନ ସେବା ଖୋଜୁଥିବା ଲୋକଙ୍କୁ ଟାର୍ଗେଟ୍ କରୁଛନ୍ତି ସାଇବର ଠକ। ଅନେକ ସମୟରେ ନକଲି କଷ୍ଟମର କେୟାର ନମ୍ବର, ନକଲି ୱେବସାଇଟ୍ କିମ୍ବା ଅଜଣା ଆପ୍ ଜରିଆରେ ଗ୍ରାହକଙ୍କ ସହ ଯୋଗାଯୋଗ କରି ଠକେଇ କରାଯାଉଥିବା ଅଭିଯୋଗ ହୋଇଆସୁଛି। ତେଣୁ କୌଣସି ସର୍ଭିସ୍ ପାଇଁ ଅନଲାଇନ୍‌ରେ ମିଳୁଥିବା ଅଜଣା ନମ୍ବର ଉପରେ ଭରସା ନକରି ଅଧିକୃତ କମ୍ପାନୀର ୱେବସାଇଟ୍ କିମ୍ବା ଅଧିକୃତ ଆପ୍ ମାଧ୍ୟମରେ ଯୋଗାଯୋଗ କରିବା ଜରୁରୀ। ଅଜଣା ବ୍ୟକ୍ତିଙ୍କୁ ଓଟିପି, ଏଟିଏମ ପିନ, ସିଭିଭି, ୟୁପିଆଇ ପିନ, ପାସୱାର୍ଡ କିମ୍ବା ବ୍ୟାଙ୍କ ତଥ୍ୟ ଦେବା ଉଚିତ ନୁହେଁ। ସେହିପରି କାହାରି କହିବାରେ ଅଜଣା ଆପ୍ ଡାଉନଲୋଡ୍ କରିବା କିମ୍ବା ଅଜଣା ଲିଙ୍କରେ କ୍ଲିକ୍ କରିବାରୁ ମଧ ଦୂରେଇ ରହିବା ଆବଶ୍ୟକ। ସାଇବର ଅପରାଧୀଙ୍କ ଚାଲ୍ ବଦଳୁଥିବା ବେଳେ ସାଧାରଣ ଲୋକଙ୍କ ସଚେତନତା ହିଁ ଏହାକୁ ରୋକିବାର ପ୍ରମୁଖ ଅସ୍ତ୍ର। ଆଜି ଅନ୍ୟ କେହି ଠକେଇର ଶିକାର ହୋଇଛନ୍ତି, କାଲି ଆମେ ମଧ ହୋଇପାରୁ ତେଣୁ ସତର୍କତା ଓ ସଚେତନତା ହିଁ ସାଇବର ଠକେଇରୁ ସୁରକ୍ଷାର ପ୍ରଥମ ପଦକ୍ଷେପ।

# ଟଙ୍କା ହେରଫେର୍ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ୍ କଲା ପୋଲିସ୍

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ପେଟ୍ରୋଲ ପମ୍ପରେ ତେଲ ପକାଇବା ପାଇଁ ଅନଲାଇନ୍‌ରେ ଆଗୁଆ ପେମେଣ୍ଟ କରିବା ଓ ପରବର୍ତ୍ତୀ ସମୟରେ କୌଣସି ଗାଡ଼ିରେ ତେଲ ନ ପକାଇ ଉକ୍ତ ଟଙ୍କାକୁ ଫେରସ୍ତ ନେବା ପରେ ପେଟ୍ରୋଲ ପମ୍ପର ବ୍ୟାଙ୍କ୍ ଆକାଉଣ୍ଟ୍ ଫ୍ରିଜ୍ ହେବା ଘଟଣାକୁ ନେଇ ୨୭.୮.୨୦୨୬ ତାରିଖ ରାତି ପ୍ରାୟ ୧୦ଟା ସମୟରେ ମଙ୍ଗୁଳି ସ୍ଥିତ ବାଲାଜୀ ପେଟ୍ରୋଲ ପମ୍ପର ସେଲ୍ସମ୍ୟାନ୍ ଆନନ୍ଦ ନାୟକ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପ୍ରଶାନ୍ତ କୁମାର ବେହେରା ଘଟଣାର ତଦନ୍ତ କରି ଏହି ହେରଫେର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ସାଲେପଡ଼ା ଗ୍ରାମର ତନ୍ତିପା ଦୀପ (୨୩)କୁ ଗିରଫ୍ କରିଥିଲେ। ସୂଚନାଥାଉକି, ଅଗଷ୍ଟ ୧୪ ଏବଂ ୧୬ ତାରିଖରେ ଧାନବାଗ୍‌ରୁ ସେମାନେ ଚଳାଇଥିବା ସିଣ୍ଡିକେଟ୍‌ରୁ ମାଷ୍ଟରମାଇଣ୍ଡ୍ ଥିବା ବ୍ୟକ୍ତିଜଣକ ଟାଙ୍ଗୀ ସ୍ଥିତ ବାଲାଜୀ ପେଟ୍ରୋଲ ପମ୍ପକୁ ୨୫ହଜାର ଟଙ୍କାର ତେଲ ଭରିବା ପାଇଁ ଅଗ୍ରୀମ ଟଙ୍କା ପଠେଇଥିଲେ। ମାତ୍ର ଟ୍ରକ୍ ଗୁଡ଼ିକ



ପେଟ୍ରୋଲ ପମ୍ପକୁ ନଆସିଥିବାରୁ ତନ୍ତିପା ପେଟ୍ରୋଲ ପମ୍ପ୍ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ଟଙ୍କା ଫେରସ୍ତ ମାଗିବାରୁ ତାଙ୍କୁ ଟଙ୍କା ଫେରସ୍ତ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅଗଷ୍ଟ ୨୨ରେ ବ୍ୟାଙ୍କ୍ ପକ୍ଷରୁ ବାଲାଜୀ ପେଟ୍ରୋଲ ପମ୍ପର ବ୍ୟାଙ୍କ୍ ଖାତାରେ ୧,୫୦,୦୦୦ଟଙ୍କା ଫ୍ରିଜ୍ ହୋଇଥିବା ନେଇ ସୂଚନା ମିଳିଥିଲା। ଏହାପରେ ପୂର୍ବରୁ ହୋଇଥିବା ପେମେଣ୍ଟଗୁଡ଼ିକ ଉପରେ ମଧ ସନ୍ଦେହ ଉପୁଜିଥିଲା। ପୁର୍ନବାର ଅଗଷ୍ଟ ୨୭ରେ ଉକ୍ତ ବ୍ୟକ୍ତି ପେଟ୍ରୋଲ୍ ପମ୍ପକୁ ଆସି ୫୦ହଜାର ଟଙ୍କା ପେମେଣ୍ଟ କରି ତେଲ ଭରିବା ପାଇଁ କହିଥିଲେ କିନ୍ତୁ ସେଦିନ ମଧ ତାଙ୍କର କୌଣସି ଗାଡ଼ି ପେଟ୍ରୋଲ ପମ୍ପକୁ ନ ଆସିବାରୁ ସେ ନିଜର ଟଙ୍କା ଫେରସ୍ତ ମାଗିଥିଲେ। ଖାତାରେ ଟଙ୍କା ଫ୍ରିଜ୍ ହୋଇଥିବା କାରଣରୁ ପେଟ୍ରୋଲ ପମ୍ପ୍ କର୍ମଚାରୀମାନଙ୍କର ତନ୍ତିପା ଉପରେ ସନ୍ଦେହ ହେବା ସହ ତାକୁ ଧରି ଟାଙ୍ଗୀ ଥାନାକୁ ହସ୍ତାନ୍ତର କରିଥିଲେ। ପୁଲିସ୍ ଏହି ଘଟଣାର ଛାନ୍‌ଭିନ୍ କରିବା ସହ ଅଭିଯୁକ୍ତ ତନ୍ତିପା ଠାରୁ ଆଧାର କାର୍ଡ଼, ପ୍ୟାନ୍ କାର୍ଡ଼, ଭୋଟର ଆଇଡି କାର୍ଡ଼ ଓ ଗୋଟିଏ ସାମସଙ୍ଗ୍ ମୋବାଇଲ ଫୋନ୍ ଜବତ କରିବା ସହ ବ୍ୟାଙ୍କ୍ କାରବାର ରେକର୍ଡ଼, ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ୍‌ର ଇମେଲ, ଜବତ ଦଲିଲ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ସେ ସମ୍ପୃକ୍ତ ଥିବା ନେଇ ପୁଲିସ୍ ପ୍ରାଥମିକ ସୂତ୍ରରୁ ଜାଣିବାକୁ ପାଇଛି। ଏ ନେଇ ଟାଙ୍ଗୀ ଥାନରେ କେସ୍ ନମ୍ବର ୪୫୬ରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବେଳେ ଏହି ସିଣ୍ଡିକେଟ୍‌ରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍ ଜଲଦି ଗିରଫ୍ କରାଯିବ ବୋଲି ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

# କୋରେଇରେ ପୋଲିସର ଚଢ଼ଉ

## ୨ଟି ବନ୍ଧୁକ, ୫ଟି ଗୁଳି ଓ ବାଇକ ସହ ଅପରାଧୀ ମାଇକେଲ ସନ୍ତୋଷ ଗିରଫ



କୋରେଇ (ଅମୃତ ମିଡିଆ) : କୋରେଇ ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ପୂର୍ବକୋଟ ଅଞ୍ଚଳରେ ଚଢ଼ାଉ କରି ପୋଲିସ ୨ଟି ବନ୍ଧୁକ, ୫ଟି ଜୀବନ୍ତ ଗୁଳି ଓ ଏକ ବାଇକ ଜବତ କରିବା ସହ ଅଭିଯୁକ୍ତ ମାଇକେଲ ସନ୍ତୋଷକୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗତକାଲି ଜଣେ ଯୁବକ ବନ୍ଧୁକ ଧରି ପୂର୍ବକୋଟ ଅଞ୍ଚଳରେ ବୁଲୁଥିବା ନେଇ କୋରେଇ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଖବର ପାଇବା କ୍ଷଣି କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲା। ପୋଲିସ ସେହି ଅଞ୍ଚଳର ଯୁବକ ମାଇକେଲ ସନ୍ତୋଷକୁ କାବୁ କରିବା ସହ ତା' ନିକଟରୁ ଏକ ବନ୍ଧୁକ, ୩ଟି ଜୀବନ୍ତ ଗୁଳି ଓ ବାଇକ ଜବତ କରିଥିଲା। ପରବର୍ତ୍ତୀ ସମୟରେ ଅଧିକ ତଦନ୍ତ ପାଇଁ ପୋଲିସ ମାଇକେଲର ଘରେ ଚଢ଼ାଉ କରି ଆଉ ଗୋଟିଏ ବନ୍ଧୁକ, ୨ଟି ଜୀବନ୍ତ ଗୁଳି ଏବଂ ଏକ ମୋବାଇଲ ଫୋନ ଜବତ କରିଥିଲା। ମାଇକେଲ ପୂର୍ବରୁ ବ୍ୟାସନଗର ଅଞ୍ଚଳରେ ଘଟିଥିବା ଏକ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଶନିବାର ସକାଳ ପ୍ରାୟ ୧୦:୩୦ ମିନିଟରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ସୂଚନା ଦେଇଛନ୍ତି।

# ତଦନ୍ତ ପୂର୍ବରୁ ଅଭିଯୁକ୍ତ ରକ୍ତମୁଖା, ଅଭିଯୋଗକାରୀଙ୍କୁ ହତ୍ୟାଧମକ

ଜୟପୁର (ଅମୃତ ମିଡିଆ) : କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଦିଗାପୁର ଖରିଫ୍ ଧାନ ମଣ୍ଡି ପଞ୍ଜିକରଣ ରେ ଦୁର୍ନୀତିର ସୁଚନା ପାଇ ଶଶୀଭୂଷଣ ଦାଶ ନାମକ ପୁଜାରୀପୁଟ ର ଜଣେ ଚାଷୀ ଉପ ନିବନ୍ଧକ ସମବାୟ ସମିତି ସମୂହ ଓ ଉପ ଜିଲ୍ଲାପାଳ ଜୟପୁର ଙ୍କ ନିକଟରେ ଆବେଦନ କରି ଏହାର ତଦନ୍ତ କରିବା ନିମନ୍ତେ ଅନୁରୋଧ କରିଥିଲେ। ଶ୍ରୀ ଦାଶ ଅଭିଯୋଗ କରିଥିଲେ ଯେ ୨୮ ବର୍ଷ ପୁର୍ବେ ମୃତବରଣ କରିଥିବା ଲୋକ ନିଜେ ଦିଗାପୁର ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଖଜଣା ପୈଠ କରିଛନ୍ତି ଏପରିକି ଅନ୍ୟ ପକ୍ଷରେ ଖଜଣା ପୈଠ କରିଥିବା ବ୍ୟକ୍ତି ଜଣେ ମଧ ସେହି ଅଞ୍ଚଳରେ ନାହାଁନ୍ତି। ଉପ ନିବନ୍ଧକ ସମବାୟ ସମିତି ସମୂହ ଜୟପୁର ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୫୦୦ ତା ୧୯.୦୮.୨୦୨୬ ରିଖରେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଜୟପୁରଙ୍କୁ ଏହାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ମଧ ହୋଇଥିଲା ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇ ନଥିବା ବେଳେ କୈଣସି ସୁତ୍ରରୁ ସୂଚନା ପାଇ ଅଭିଯୁକ୍ତ ନିରଞ୍ଜନ ଦାଶ ଓ ତାଙ୍କ ପୁତ୍ର ଗୁପ୍ତ ପ୍ରସାଦ ଦାଶ୍ ଗ୍ରାମ ପୁଜାରୀପୁଟ ଅଭିଯୋଗକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ ରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ଧମକ ଦେଇ କାମ ବନ୍ଦ କରାଇ ଘୈଡାଇବା ସହିତ ଘର ଭାଙ୍ଗିଦେବା ପାଇଁ ଚେତାବନୀ ଦେଇଛନ୍ତି। ଓ ଅଭିଯୋଗକାରୀ ଯଦି ଅଭିଯୋଗ ପ୍ରତ୍ୟାହାର ନ କରେ ତାହେଲେ ତାକୁ ଜିବନରୁ ମାରିଦେବାକୁ ଧମକ ଦେଇଥିବା ଶ୍ରୀ ଦାଶ ତାଙ୍କ ଅଭିଯୋଗ ରେ ଦର୍ଶାଇଛନ୍ତି। ପୁଣି ଶ୍ରୀ ଦାଶ ଉଲ୍ଲେଖ କରିଛନ୍ତି ଯେ ଅଭିଯୁକ୍ତ ଶ୍ରୀ ନିରଞ୍ଜନ ଦାଶ୍ ତାଙ୍କ ସାନଭାଇ ଦ୍ୱୟଙ୍କ ଘର ବାରି ଯାଗା କୁ ନିଜ ଅକ୍ତିଆରରେ ରଖିଛନ୍ତି। ଭାଇ ମାନେ ଯାଗା ଚିହ୍ନଟ କରିବା ନିମନ୍ତେ ତହସିଲଦାର କୁନ୍ଦୁରାଙ୍କ ନିକଟରେ ଆବେଦନ କରିଥିଲେ। ତହସିଲଦାର କୁନ୍ଦୁରା ରାଜସ୍ୱ ନିରୀକ୍ଷକ ଦିଗାପୁରଙ୍କୁ ଏ ନେଇ ଯାଗା ଚିହ୍ନଟ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ମଧ ଦିର୍ଘ ୫ ମାସ ହେବ ରାଜସ୍ୱ ନିରୀକ୍ଷକ ଯାଗା ଚିହ୍ନଟ କରିବାରୁ ନିବୃତ୍ତ ରହୁଛନ୍ତି। କାରଣ ବାପା ପୁଅଙ୍କ ଗୁଣ୍ଡା ଗିରିକୁ ଭୟ କରୁଛନ୍ତି କି ରାଜସ୍ୱ ନିରୀକ୍ଷକ କେବଳ ଗୁଣ୍ଡା ଗର୍ଦି ଭୟରେ ଅଭିଯୁକ୍ତଙ୍କ ବିରୋଧ ରେ ପାଟି ବି ଖୋଲୁ ନାହାଁନ୍ତି ସେହି ଅଞ୍ଚଳର ଲୋକେ ହେଲେ ଅନ୍ୟାୟ ଅତ୍ୟାଚାର ସହୁଛନ୍ତି ଦୀର୍ଘ ବର୍ଷ ଧରି ଧାନ ମଣ୍ଡି ରେ ଏହିପରି ଚାଲୁଥିବା ଅନୁମାନ କରାଯାଉଛିକ୍ଷ ଅଭିଯୁକ୍ତ ନିରଞ୍ଜନ ଦାଶଙ୍କ ପୁତ୍ର ଗୁପ୍ତ ପ୍ରସାଦ ଦାଶଙ୍କୁ ବିଭିନ୍ନ ମାମଲା ରେ ବୈପାରିଗୁଡା ଥାନାରେ ବହୁବାର ଅଟକ ରଖିଥିବା ଓ ପରେ ଆପୋଷ ବୁଝାମଣା କରି ତାଙ୍କୁ ଛାଡିବା ଅଭିଯୋଗରେ ଦର୍ଶାଯାଇଛି, ଏହିପରି ଗୁଡ଼ାଏ ଘଟଣା ର ଖବର ମିଳୁଛି ତଦନ୍ତ କଲେ ସବୁ ଜଣା ପଡିବ ବୋଲି ଶ୍ରୀ ଦାଶ କହିଛନ୍ତି। ପରିଶେଷରେ ସୁନ୍ଦର ମଣି ଦାଶ, ରମ୍ଭା ଦାଶ୍ ଓ ଗଣେଶ୍ୱର ଦାଶଙ୍କ ନାମରେ ଥିବା ଜମି ଉପରେ ୧୪୪ ଧାରା ଲଗାଇବା ସହିତ ମୋତେ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଖଣ୍ଡୀୟ ପୋଲିସ ଅଧିକ୍ଷକ ଓ ଖଣ୍ଡୀୟ ଦଣ୍ଡାଧିକାରୀ ତଥା ଉପ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

# ତ୍ରିଦିବସୀୟ ଜାତୀୟ କ୍ରୀଡା ଦିବସ -୨୦୨୬ ପାଳିତ

## ହକି ତାରକା ମେଜର ଧ୍ୟାନଚାନ୍ଦଙ୍କୁ ପୁଷ୍ପାର୍ଘ୍ୟ ଶ୍ରଦ୍ଧାଞ୍ଜଳି

ଖୋର୍ଦ୍ଧା (ଅମୃତ ମିଡିଆ) : ବିଶିଷ୍ଟ କ୍ରୀଡ଼ା ନାୟକ, କ୍ରୀଡ଼ା ଜଗତର ଉଜ୍ଜ୍ୱଳ ତାରକା ତଥା ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପକ୍ଷରୁ ପାଳନ କରାଯାଉଥିବା ଆଜିଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜାତୀୟ କ୍ରୀଡା ଦିବସ ପାଳନରେ ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଡେପୁଟୀ କଲେକ୍ଟର ଆର୍ତ୍ତତ୍ରାଣ ମଲ୍ଲିକ, ଡେପୁଟି କଲେକ୍ଟର ସୁଶ୍ରୀ ଅନନ୍ୟା ସୃଷ୍ଟି ଶତପଥୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ମଞ୍ଚାସିନ ଥିଲେ। ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା କହିଲେ ଯେ ସ୍ୱର୍ଗତ ଧ୍ୟାନଚାନ୍ଦ ସୈନ୍ୟ ବାହିନୀରେ ଚାକିରି କରି ଥିଲେ ମଧ ରାତିରେ ଚନ୍ଦ୍ର ଆଲୋକରେ ନିଜର ହକି କ୍ରୀଡ଼ା ଅଭ୍ୟାସ କରି ଜଣେ ଉଦୀୟମାନ ହକି ଖେଳାଳି ଯାହା ତାଙ୍କୁ ଧ୍ୟାନ ସିଂରୁ ଧ୍ୟାନଚାନ୍ଦ ନାମ ପରିବର୍ତ୍ତନ ଓ ହକି ଯାଦୁଗର ରେ ସମ୍ମାନିତ କରିଥିଲା। ଆଜି ଭାରତର ଜାତୀୟ କ୍ରୀଡା ହକି ଥିବା ବେଳେ ସମସ୍ତେ ଧ୍ୟାନଚାନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜ ଶରୀର ସୁସ୍ଥ ଓ ନିରାମୟ ରଖିବା ପାଇଁ କ୍ରୀଡ଼ା ଅଭ୍ୟାସ କରି ଅନ୍ୟକୁ ପ୍ରେରଣା ଦେବାକୁ ଶ୍ରୀ ବେଉରା ଆହ୍ୱାନ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସଫଳ କ୍ରୀଡ଼ା ବିତ୍ ବ୍ୟକ୍ତିତ୍ୱର ଆଲୋକ ପାତ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଦିବସ ପାଳନ ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର ଆର୍ତ୍ତ ତ୍ରାଣ ମଲ୍ଲିକ କ୍ରୀଡ଼ା ମୂଲ୍ୟବୋଧର ଶପଥ ପାଠ କରାଇଥିଲେ ଏବଂ ଡେପୁଟି କଲେକ୍ଟର ସୁଶ୍ରୀ ଅନନ୍ୟା ସୃଷ୍ଟି ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ୍, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇପ୍ସିତା ସାହୁ, ନିଜାରତ ଅଧିକାରୀ ରିଶବ ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଡି ଇଜିଏମ ମାନସ କୁମାର ବ୍ରହ୍ମା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ।

# ବିଦ୍ୟୁତ ବିଲ୍ ବାକି ପାଇଁ ୬ ଦିନ ଅନ୍ଧାରରେ ସାହାରପଡା ବ୍ଲକ

## ୧୮ ହଜାର ଟଙ୍କା ବକେୟା ଯୋଗୁଁ ବିଦ୍ୟୁତ ବିଚ୍ଛିନ୍ନ

ସାହାରପଡା (ଅମୃତ ମିଡ଼ିଆ) : ସରକାରୀ କାର୍ଯ୍ୟାଳୟରେ ବିଦ୍ୟୁତ ବିଲ୍ ବକେୟା ରହିବା ଏବଂ ଏହାକୁ ନେଇ ପ୍ରାୟ ଏକ ସପ୍ତାହ ଧରି ବିଦ୍ୟୁତ ସରବରାହ ବନ୍ଦ ରହିବା ଘଟଣାକୁ ନେଇ ସାହାରପଡା ବ୍ଲକରେ ଏବେ ଚର୍ଚ୍ଚା ଜୋର ଧରିଛି। ଗତ ଶନିବାରଠାରୁ ବ୍ଲକ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ବିଦ୍ୟୁତ ବିଚ୍ଛିନ୍ନ ରହିଥିବା ବେଳେ ଶୁକ୍ରବାର ଅପରାହ୍ନରେ ପୁନର୍ବାର ବିଦ୍ୟୁତ ସଂଯୋଗ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ବ୍ଲକ କାର୍ଯ୍ୟାଳୟରେ ସ୍ମାର୍ଟ ମିଟର ଲାଗିବା ପରେ ପ୍ରାୟ ୧୮ ହଜାର ଟଙ୍କା ବିଦ୍ୟୁତ ବିଲ୍ ବକେୟା ରହିଥିଲା। ବକେୟା ରାଶି ପୈଠ ନହେବାରୁ ବିଦ୍ୟୁତ ବିଭାଗର ମୁଖ୍ୟ କାର୍ଯ୍ୟାଳୟ, ବାଲେଶ୍ୱର ପକ୍ଷରୁ ବିଦ୍ୟୁତ ସରବରାହ ବନ୍ଦ କରାଯାଇଥିବା ଜଣାପଡିଛି। ବିଦ୍ୟୁତ ବିଚ୍ଛିନ୍ନ ପରେ ବ୍ଲକର ଦୈନନ୍ଦିନ ସରକାରୀ କାର୍ଯ୍ୟ କେତେ ଦୂର ପ୍ରଭାବିତ ହୋଇଥିଲା, ତାହା



ନେଇ ମଧ ପ୍ରଶ୍ନ ଉଠିଛି। ଅନଲାଇନ୍ କାର୍ଯ୍ୟ, ଦସ୍ତାବିଜ ପ୍ରସ୍ତୁତି, ବିଭିନ୍ନ ଜନସେବା ମୂଳକ କାର୍ଯ୍ୟ ସହିତ ବ୍ଲକକୁ ଆସୁଥିବା ସାଧାରଣ ଲୋକଙ୍କ କାମ ମଧ ବ୍ୟାହତ ହୋଇଥିବା ଚର୍ଚ୍ଚା ହେଉଛି। ଏହି ଘଟଣା ସମ୍ପର୍କରେ ବିଡିଓ ରଣଜିତ କୁମାର ମହାନ୍ତ ବିଦ୍ୟୁତ ବିଭାଗର ସେକ୍ସନ ଅଫିସରଙ୍କୁ ଫୋନ୍ ଯୋଗେ ଅବଗତ କରିଥିବା ଜଣାପଡିଛି। ବିଦ୍ୟୁତ ବିଚ୍ଛିନ୍ନ ବାଲେଶ୍ୱର ମୁଖ୍ୟ କାର୍ଯ୍ୟାଳୟରୁ ହୋଇଥିବା ସେକ୍ସନ ଅଫିସର ସୂଚନା ଦେଇଥିବା ବେଳେ ଶୁକ୍ରବାର ଅପରାହ୍ନରେ ପୁନର୍ବାର ବିଦ୍ୟୁତ ସଂଯୋଗ କରାଯାଇଥିବା ଜଣାପଡିଛି। 'ତେବେ ପ୍ରଶ୍ନ ଉଠୁଛି' ଏକ ସରକାରୀ ବ୍ଲକ କାର୍ଯ୍ୟାଳୟରେ ବିଦ୍ୟୁତ ବିଲ୍ ବକେୟା ରହିବା ଯଦି ପ୍ରଶାସନର ଜଣାଶୁଣା ବିଷୟ ଥିଲା, ତେବେ ୬ ଦିନ ଧରି ବିଦ୍ୟୁତ ବନ୍ଦ ରହିବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ କାହିଁକି ହେଲା ନାହିଁ? ସାଧାରଣ ଲୋକଙ୍କ ସେବା ପାଇଁ ଥିବା ଏକ ବ୍ୟସ୍ତ ବହୁଳ ସରକାରୀ କାର୍ଯ୍ୟାଳୟର ବିଦ୍ୟୁତ ଭଳି ମୌଳିକ ଆବଶ୍ୟକତା ପ୍ରତି ଏଭଳି ଅବହେଳା କାହିଁକି ? ବକେୟା ଟଙ୍କା ପୈଠ କରିବାରେ ବିଳମ୍ବ ପାଇଁ ଦାୟୀ କିଏ ? ଏବଂ ସବୁଠାରୁ ବଡ଼ କଥା ଏକ ସପ୍ତାହ ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ କିପରି ବିଦ୍ୟୁତ ବିନା ଚାଲିଲା ? ବିଦ୍ୟୁତ ସଂଯୋଗ ପୁନର୍ବାର ହୋଇଥିଲେ ମଧ ଏହି ଘଟଣା ସାହାରପଡା ବ୍ଲକର ପ୍ରଶାସନିକ ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଛିଡ଼ା କରିଛି। ଜନସାଧାରଣଙ୍କ କାର୍ଯ୍ୟ ସହ ସିଧାସଳଖ ଜଡିତ ଏହି ମୁଖ୍ୟ କାର୍ଯ୍ୟାଳୟରେ ଏଭଳି ଘଟଣା ପୁନରାବୃତ୍ତି ନହେବା ପାଇଁ ପ୍ରଶାସନ କେବେ ଗୁରୁତ୍ୱ ଦେବ ଏହାକୁ ନେଇ ଏବେ ସାହାରପଡା ବାସୀଙ୍କ ମନରେ ଅନେକ ପ୍ରଶ୍ନ। ବ୍ଲକ କାର୍ଯ୍ୟାଳୟ ଅନ୍ଧାରରେ ରହିବା ଘଟଣା କେବଳ ବିଦ୍ୟୁତ ବିଚ୍ଛିନ୍ନତା ନୁହେଁ, ବରଂ ପ୍ରଶାସନିକ ତତ୍ପରତା ଓ ଦାୟିତ୍ୱବୋଧ ଉପରେ ମଧ ଏକ ପରୀକ୍ଷା ଏବେ ଦେଖିବାକୁ ବାକି, ଏହି ଘଟଣାରୁ ପ୍ରଶାସନ କଣ ଶିଖୁଛି।





# ଉଦ୍ୟାନ ସାଥୀଙ୍କ ସମସ୍ୟା ସମାଧାନ ଦାବିରେ ସେପ୍ଟେମ୍ବର ୨୩ ବିଧାନସଭା ସମ୍ମୁଖରେ ବିକ୍ଷୋଭ




**ଭୁବନେଶ୍ୱର (ବ୍ୟୁରୋ) :** ବିଭିଜି ରାମ୍‌ଜି ଯୋଜନାରେ ଉଦ୍ୟାନ ବିଭାଗରେ ବିଭିନ୍ନ ପ୍ରକଳ୍ପ ପାଇଁ ଅନୁଦାନ ପ୍ରଦାନ କରି ସମସ୍ତ ଉଦ୍ୟାନ ସାଥୀଙ୍କୁ କର୍ମସଂସ୍ଥାନ ଯୋଗାଣ ଏବଂ ଆରମ୍ଭ କରାଯାଇଥିବା ପ୍ରକଳ୍ପ ଗୁଡ଼ିକରେ ଉଦ୍ୟାନ ସାଥୀଙ୍କୁ ନିୟୋଜନ କରିବା ପାଇଁ ନିର୍ଦ୍ଦେଶନାମା ପ୍ରଦାନ ଏବଂ ବିଭିନ୍ନ କାର୍ଯ୍ୟରେ ଉଦ୍ୟାନ ସାଥୀଙ୍କୁ ନିଯୁକ୍ତି ଦେଇ ବର୍ଷସାରା କାର୍ଯ୍ୟ ଯୋଗାଣ ଦାବିରେ ଆସନ୍ତା ସେପ୍ଟେମ୍ବର ୨୩ ବିଧାନସଭା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଦିବାରାତ୍ର ଧାରଣା ପାଇଁ ଆଜି ଏଆଇଟିୟୁସି କାର୍ଯ୍ୟାଳୟରେ ଅନୁଷ୍ଠିତ ନିଖିଳ ଓଡ଼ିଶା ଉଦ୍ୟାନ ସାଥୀ ସଂଘ ବୈଠକରେ ଆହ୍ୱାନ ଦିଆଯାଇଛି । ସଂଘର ସଭାପତି ଜ୍ଞାନଚାନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ ଜେନା ତାଙ୍କ ବକ୍ତବ୍ୟରେ ଚଳିତବର୍ଷ ଅର୍ଥାତ୍ ୨୦୨୫-୨୦୨୬ ଆର୍ଥିକ ବର୍ଷରେ ଉକ୍ତ କାର୍ଯ୍ୟ ପାଇଁ ଅନୁଦାନ ବନ୍ଦ ଫଳରେ ବିଭିନ୍ନ ପ୍ରକଳ୍ପରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଫଳରେ ଏଥିରେ କାର୍ଯ୍ୟରତ ଉଦ୍ୟାନ ସାଥୀ ଓ ଦୈନିକ କାର୍ଯ୍ୟ କରୁଥିବା ଶ୍ରମିକମାନେ କାମ ହରାଇଛନ୍ତି । ବିଭିନ୍ନ ସମୟରେ ସଂଘ ତରଫରୁ ବିଭାଗୀୟ ନିର୍ଦ୍ଦେଶକ ଓ କୃଷି ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଉଦ୍ୟାନ ସାଥୀଙ୍କ ସମସ୍ୟାର ସମାଧାନ କରିବାରେ ସରକାର ବିଫଳ ହୋଇଛନ୍ତି । ଉଦ୍ୟାନ ସାଥୀଙ୍କ ବିଭିନ୍ନ ଦାବି ଯଥା ୨୦୧୨ ମସିହାରୁ ରାଜ୍ୟ ସରକାରଙ୍କ ଉଦ୍ୟାନ ବିଭାଗରେ ଚାଲୁଥିବା ପ୍ରାୟ ସମସ୍ତ ଯୋଜନା ପାଇଁ କାର୍ଯ୍ୟ କରି ଆସୁଥିଲେ । ଏହି ବିଭାଗରେ କୃଷକର ସ୍ୱାର୍ଥ ପାଇଁ ଚାଷୀଙ୍କ କ୍ଷେତ୍ର ପରିଦର୍ଶନ କରିବା, ଚାଷୀଙ୍କ ବିଭିନ୍ନ ପ୍ରମାଣ ପତ୍ର ସଂଗ୍ରହ କରିବା, ଫର୍ମ ପୂରଣ କରିବା ଏପରିକି ଅନ୍‌ଲାଇନ୍ କାମ ସହ ସମସ୍ତ କାର୍ଯ୍ୟ କରିଆସୁଥିଲେ । ଉକ୍ତ ପ୍ରକଳ୍ପ ଗୁଡ଼ିକ ବିଶେଷକରି ଦାଦନ ପ୍ରବଣ ଅଞ୍ଚଳରେ କାର୍ଯ୍ୟକ୍ଷମ ଥିଲାବେଳେ ବହୁଲୋକ ଏଥିରେ କାମ କରି ପରିବାର ଚଳାଉଛନ୍ତି । ସରକାର ଦାଦନ ହ୍ରାସ କରିବା ପାଇଁ ଉଦ୍ୟମ ଜାରି ରଖିଥିବାବେଳେ ଉକ୍ତ କାର୍ଯ୍ୟ ଗୁଡ଼ିକ ପାଇଁ ଅନୁଦାନ ବନ୍ଦ କରିବା ନିଶ୍ଚିତ ଭାବେ କର୍ମସଂସ୍ଥାନ ହରାଉଥିବା ଶ୍ରମିକମାନେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବେ । ତେଣୁ ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଆରମ୍ଭ ହୋଇଥିବା ପ୍ରକଳ୍ପରେ ଉଦ୍ୟାନ ସାଥୀଙ୍କୁ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେବା, ଗଞ୍ଜାମ ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରେ ଉଦ୍ୟାନ ସାଥୀଙ୍କୁ ଅନ୍ୟାୟ ଭାବରେ କାର୍ଯ୍ୟବନ୍ଦ ନିର୍ଦ୍ଦେଶନାମା ପ୍ରତ୍ୟାହାର କରିବା, ବକେୟା ମଜୁରୀ ପ୍ରଦାନ, ଦାବି ଉପରେ ବିଧାନସଭା ସମ୍ମୁଖରେ ହେବାକୁ ଥିବା ଦିବାରାତ୍ର ଧାରଣାକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି । ଏହି ସଭାରେ ସଂଘର ସାଧାରଣ ସମ୍ପାଦକ ବିରଜା ମହାକୁଡ଼, ବିଷ୍ଣୁଚରଣ ଦାସ, ଦିବାକର ମୁଦୁଲି, ସୁଧାକର ପ୍ରଧାନ, ଗଗନ ଖଣ୍ଡା, ପ୍ରଫୁଲ୍ଲ କୁମାର ନାଥ, କେନ୍ଦ୍ରାପଡ଼ାର ପ୍ରସନ୍ନ କୁମାର ସ୍ୱାଇଁ, ଯୁବରାଜ ପ୍ରଧାନ, ସୁରେଶ ଶବର, ପ୍ରଶାନ୍ତ କୁମାର ବେହେରା, ଅଭିରାମ ରଣା, ନିଶାକାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ଦେଇ ଉଦ୍ୟାନ ସାଥୀଙ୍କ ନ୍ୟାୟୋଚିତ ଦାବି ମାନିନେବାକୁ ଦାବି କରିଥିଲେ ।

# ଓଡ଼ିଶାରେ ପ୍ରଥମଥର ପାଇଁ ଶ୍ରୀ ନୀଳମାଧବଙ୍କ ୧୪ ବେଶ ପ୍ରଦର୍ଶନ



**ଭୁବନେଶ୍ୱର (ବ୍ୟୁରୋ) :** ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ଇଣ୍ଡିଆ, ଶ୍ରୀ ଜଗନ୍ନାଥ ଭକ୍ତ ସମାଜ, ପୁରୀ, ବିଶ୍ୱ ସନାତନ ସେବା ଟ୍ରଷ୍ଟ ଓ ପ୍ୟାସନ୍ କ୍ଲବ୍, ଭୁବନେଶ୍ୱରର ମିଳିତ ସହଯୋଗରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଶ୍ରୀ ନୀଳମାଧବଙ୍କ ପ୍ରମୁଖ ୧୦ ବେଶ ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତିର ସୁନା ବେଶ ଓ ପଦ୍ମ ବେଶର ଦିବ୍ୟ ପ୍ରଦର୍ଶନ ଅନୁଷ୍ଠିତ ହେବ । ଏହି ପ୍ରଦର୍ଶନ ଆସନ୍ତା ସେପ୍ଟେମ୍ବର ୧୪ ରୁ ୨୦ ତାରିଖ ୨୦୨୬ ପର୍ଯ୍ୟନ୍ତ, ପ୍ୟାସନ୍ କ୍ଲବ୍, ୟୁନିଟ୍-୪, ଏମ୍.ଏଲ୍.ଏ କଲୋନୀ ପାର୍କ, ଭୁବନେଶ୍ୱରରେ ଗଣେଶ ପୂଜା ଅବସରରେ ପ୍ରଦର୍ଶିତ ହେବ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରଥମ ନିମନ୍ତ୍ରଣ କରାଯାଇଥିଲା । ଏ ନେଇ ପୁରୀ ଭକ୍ତ ସାଲବେଗ ପୀଠରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପ୍ରାଧ୍ୟାପକ ତଥା ଦେଉଳ ପୁରୋହିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଅତିଥି ଭାବେ ଦୁର୍ଗା ପ୍ରସାଦ ଦାସ ମହାପାତ୍ର (ବରିଷ୍ଠ ଦଇତାପତି), ଡଃ ଶରତ ମହାନ୍ତି (ସଭାପତି, ଛୁନରା ସେବକ), ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ (ରାଧାବଲ୍ଲଭ ମଠ), ରାମ ନାରାୟଣ ପୂଜା ପଣ୍ଡା ସାମନ୍ତ, ଶ୍ରୀ ଚକ୍ରଧର ମହାପାତ୍ର (ସମ୍ପାଦକ, ସାଲବେଗ ପୀଠ), ଡଃ ବଳରାମ ଦାଶ, ପ୍ରମୁଖ ଉପସ୍ଥିତ ରହି ଘୋଷଣା କରିଥିଲେ । ଆଜିର ସାମ୍ବାଦିକ ସମ୍ମିଳନୀ ରେ ସୁରେଶ ମିଶ୍ର ତ୍ରିଲୋଚନ ନାୟକ ବିଜୟ ମୋହନ ପଣ୍ଡା ଅକ୍ଷୟ ସାହୁ ତନ୍ମୟ ଜେନା ଶ୍ରୀନିବାସ ରାଓ ଚକ୍ରଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ୧୪ ବେଶ ସମ୍ଭାର ଗଜାନନ/ହାତୀ ବେଶ, ନବଯୌବନ ବେଶ, ସୁନା ବେଶ/ରାଜ ବେଶ, ବନ ଭୋଜି ବେଶ, କାଳୀୟ ଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ-ବଳରାମ ବେଶ, ବଳି ବାମନ ବେଶ, ରାଧା-ଦାମୋଦର ବେଶ, ଲକ୍ଷ୍ମୀ-ନାରାୟଣ ବେଶ, ବଙ୍କଚୂଡ଼ା ବେଶ, ତ୍ରିବିକ୍ରମ/ଅଡ଼କିଆ ବେଶ, ଲକ୍ଷ୍ମୀ-ନୃସିଂହ/ଡାଳିକିଆ ବେଶ ଓ ପଦ୍ମ ବେଶ ।

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ



**କଟକ (ବ୍ୟୁରୋ) :** କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ଖାନନଗରସ୍ଥ ସମିତି ସଭାଗୃହରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୪ ତମ ଜୟନ୍ତୀ ପାଳିତ ହୋଇଯାଇଅଛି । ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଗଠନ ସଂପାଦକ ନରସିଂହ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଡ଼ଃ ଭାଗବତ ଶୁକ୍ଳ, ମୁଖ୍ୟବକ୍ତା ଅଧାପିକା ତ୍ରିବେଣୀ ଭୋଳ, ବରେଣ୍ୟ ଅତିଥି ଭାବେ ପ୍ରଫେସର ନିମାଇଁ ଚରଣ ପରିଜା ଯୋଗ ଦେଇଥିଲେ । କବି ଗଙ୍ଗାଧର ମେହେରଙ୍କ ପ୍ରତିଭାର ତୁଳନା ନାହିଁ । ସେ ନିଜ ସୃଷ୍ଟି ମାଧ୍ୟମରେ ସାରସ୍ୱତ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ତାଙ୍କ ସାହିତ୍ୟରେ ନୂଆ ନୂଆ ଭାବଗୁଡ଼ିକ ସର୍ବଦା ପ୍ରକଟିତ ହୋଇଥାଏ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ସର୍ବଶ୍ରୀ ରବୀନ୍ଦ୍ରନାଥ ପଣ୍ଡା, ସଚ୍ଚିଦାନନ୍ଦ ଭୋଳ, ମାଧବ ମିଶ୍ର, ସନ୍ଧ୍ୟା ଶତପଥୀ, ସମରେନ୍ଦ୍ର ଘୋଷ, ବୀରେଶ କୁମାର ମହାପାତ୍ର, ରାଜକୁମାର ପୃଷ୍ଟି, ଜ୍ୟୋତି ପ୍ରକାଶ କର, ଅର୍ଚ୍ଚନା ରାଣୀ ଭୂୟାଁ, ଡ଼ଃ କ୍ଷୀରୋଦ କୁମାର ସାହୁ, ଅଶୋକ କୁମାର ପଣ୍ଡା, ଆଦିତ୍ୟ ପ୍ରତାପ ଧଳ, ସୁରଜିତ ସିଂହ, ଦୀପ୍ତି ରଞ୍ଜନ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଅଶ୍ୱିନୀ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏନର୍ଜୀ ପକ୍ଷରୁ ନୂଆ ଇଲେକ୍ଟ୍ରିକ୍ ସ୍କୁଟର 'କୋନାର୍କ' ବଜାର ପ୍ରବେଶ

**ଭୁବନେଶ୍ୱର (ବ୍ୟୁରୋ) :** ଭାରତର ଅଗ୍ରଣୀ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ନିର୍ମାତା ଏଥର ଏନର୍ଜି, ଆଜି ବେଙ୍ଗାଲୁରୁରେ ଏହାର ଚତୁର୍ଥ 'ଏଥର କମ୍ୟୁନିଟି ଡେ' ୨୦୨୬ ଅବସରରେ ନୂଆ ଇଲେକ୍ଟ୍ରିକ୍ ସ୍କୁଟର କୋନାର୍କ ଉନ୍ମୋଚନ କରିଛି । କୋନାର୍କ ମୋଟ ୬ଟି ଭାରିଆଂଟ ସହ ଏସ୍ ଏବଂ ଜେଡ୍ ପ୍ରଡକ୍ଟ ଲାଇନ୍‌ରେ ଉପଲବ୍ଧ ହେବ । ଏସ୍ ଲାଇନ୍‌ରେ ୧୦୦ କିମି, ୧୨୫ କିମି, ୧୬୧ କିମି ଏବଂ ୨୦୦ କିମିର ଆଇଡିସି ରେଞ୍ଜ୍ ଥିବା ଚାରୋଟି ଭାରିଆଣ୍ଟ ରହିଛି, ଯେତେବେଳେ କି ଜେଡ୍ ଲାଇନ୍‌ରେ ୧୨୫ କିମି ଏବଂ ୧୬୧ କିମିର ଆଇଡିସି ରେଞ୍ଜ୍ ଥିବା ଦୁଇଟି ଭାରିଆଣ୍ଟ ରହିଛି । ଚଳିତ ବର୍ଷ ଏଥର କମ୍ୟୁନିଟୀ ଡେ ଅବସରରେ ୪ଟି ମୁଖ୍ୟ ଘୋଷଣା କରାଯାଇଛି, ଯେଉଁଥିରେ ରହିଛି, କୋନାର୍କ, ଏଥର ଟ୍ରୁ ହେଲ୍ଥ, ଏଥର ବେଡ ରକ ଏବଂ ଏଥର ନୋଡ । କୋନାର୍କରେ ଅନେକ ନୂଆ ଫିଚର୍ କମ୍ପାନୀ ପକ୍ଷରୁ ଉପଲବ୍ଧ ହୋଇଛି, ଯେପରିକି ମ୍ୟାଜିକ୍ କି, ଅଟୋପପ୍, ଏୟାରଓ୍ୱାକ ଏବଂ ଏଥରର ଆଡଭାନ୍ସଡ୍ ଇଲେକ୍ଟ୍ରୋନିକ୍ ବ୍ରେକିଂ ସିଷ୍ଟମ । ଏହା ବାଦ ଏଥର୍ ଟ୍ରୁ ହେଲ୍ଥ – ଗାଡ଼ିର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଯେପରି କମ୍ପୋନେଂଟର ସ୍ଥିତି, ବ୍ୟାଟେରୀ ସ୍ଥିତି ଏବଂ ସେବା ଇତିହାସ, ବ୍ୟାଟେରୀ, ମୋଟର,




ଡ୍ୟାଶବୋର୍ଡ, ଚାର୍ଜିଙ୍ଗ ସିଷ୍ଟମ, ବେଲ୍ଟ ଓ ବ୍ରେକ ଆଦିର ସ୍ୱାସ୍ଥ୍ୟର ତଥ୍ୟ ଭଳି ସୂଚିତ କରିଥାଏ । ଏହାକୁ ଭିତିକରି ଗାଡିର ରିସେଲ ମୂଲ୍ୟ ଆକଳନ ପ୍ରଦାନ କରିଥାଏ । ଏଥର ଏନର୍ଜିର ସହ-ପ୍ରତିଷ୍ଠାତା ତଥା ସିଇଓ ତରୁଣ ମେହତା କହିଛନ୍ତି, ଭାରତରେ ଇଭିକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ କୋନାର୍କର ଡିଜାଇନ୍ କରାଯାଇଛି । ଆମେ ଇଲେକ୍ଟ୍ରିକ୍ ଗାଡ଼ି କିଣିବାକୁ ଆଗ୍ରହୀ ମାନଙ୍କ ଆବଶ୍ୟକତାକୁ ବୁଝି କୋନାର୍କ ତିଆରି କରିଛୁ । ଏଥର ଏନର୍ଜିର ସହ-ପ୍ରତିଷ୍ଠାତା ତଥା ସିଟିଓ ସ୍ୱପ୍ନିଲ୍ ଜୈନ୍ କହିଛନ୍ତି, "ଆମେ ଚାଳକଙ୍କ ସୁବିଧା ଅନୁଯାୟୀ ପ୍ରଯୁକ୍ତିର ବିକାଶ କରୁଛୁ । ଏଇବିଏସ, ମ୍ୟାଜିକ୍ କି, ଅଟୋପପ ଏବଂ ଏୟାରଓ୍ୱାକ, ସେହି ପ୍ରୟାସ ଯୋଗୁଁ ସମ୍ଭବ । କୋଣାର୍କର ସମସ୍ତ ଭାରିଆଂଟ ଏଥରର ପଞ୍ଚମ ପିଢ଼ିର ବେଡରକ୍ ବ୍ୟାଟେରୀ ସହିତ ଆସୁଛି, ଯାହା ଏକ ନୂଆ ୱାରେଂଟି ଦ୍ୱାରା ସୁରକ୍ଷିତ ଏବଂ ଏଥିରେ ବ୍ୟାଟେରୀ ଉପରେ ୧୦ ବର୍ଷ କିମ୍ବା ୧,୦୦,୦୦୦ କିଲୋମିଟର (ଯାହା ଆଗ ପୂରିବ) ପର୍ଯ୍ୟନ୍ତ କଭରେଜ୍ ମିଳିଥାଏ । ପ୍ରଥମେ କୋଣାର୍କ ଏସ୍ ୧୨୫ କିମି ଏବଂ କୋଣାର୍କ ଏସ୍ ୧୬୧ କିମି ଭାରିଆଣ୍ଟ ଉପଲବ୍ଧ ହେବ, ଯାହାର ବୁକିଂ ଏବଂ ଡେଲିଭରି ସେପ୍ଟେମ୍ବର ମଧ୍ୟଭାଗରୁ ପର୍ଯ୍ୟାୟକ୍ରମେ ଆରମ୍ଭ ହେବ । କୋଣାର୍କ ଏସ୍ ୧୦୦ କିମିର ମୂଲ୍ୟ ୯୯,୯୯୯, କୋଣାର୍କ ଏସ୍ ୧୨୫ କିମିର ମୂଲ୍ୟ ୧,୨୧,୯୯୯ ଏବଂ କୋଣାର୍କ ଏସ୍ ୧୬୧ କିମିର ମୂଲ୍ୟ ୧,୪୪,୯୯୯ ରଖାଯାଇଛି ।

# ସୁରକ୍ଷା ପ୍ରଦାନକାରୀଙ୍କ ହାତରେ ରାକ୍ଷୀ ବାନ୍ଧିଲା ଏଲ୍‌ପି ଟିମ୍



**ଭୁବନେଶ୍ୱର (ବ୍ୟୁରୋ) :** ପବିତ୍ର ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଅବସରରେ ଲେଡି ପ୍ରୋଟେକ୍ଟ ଟିମ୍ ପକ୍ଷରୁ ନିଆରା ଢଙ୍ଗରେ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି । ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ପୁଲିସ ଓ ଅଗ୍ନିଶମ ଅଧିକାରୀଙ୍କ ହାତରେ ରାକ୍ଷୀ ବାନ୍ଧି ଶୁଭକାମନା ଜଣାଇଛନ୍ତି ଟିମର ସଦସ୍ୟ । ଆଜି ଟିମର ସଦସ୍ୟମାନେ ଏକତ୍ରିତ ହୋଇ ପ୍ରଥମେ ଚନ୍ଦ୍ରଶେଖରପୁର ଥାନାରେ ପହଞ୍ଚି ଥିଲେ । ସେଠାରେ ଥାନା ଭାରାପ୍ରାପ୍ତ ଅଧିକାରୀଙ୍କ ସମେତ ସମସ୍ତ ପୁଲିସ ଅଧିକାରୀ, ଏମିତିକି ମହିଳା ଅଧିକାରୀଙ୍କୁ ଓଡିଆ ଘରର ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ଓ ବନ୍ଦାପନା କରି ମିଠା ଖୁଆଇ ରାକ୍ଷୀ ବାନ୍ଧି ଥିଲେ । ଏହା ପରେ ଇନଫୋସିଟି ଥାନା ଓ ଚନ୍ଦ୍ରଶେଖରପୁର ଦମକଳ କେନ୍ଦ୍ରେରେ ପହଞ୍ଚି ସମସ୍ତ ଅଧିକାରୀ ମାନଙ୍କୁ ରାକ୍ଷୀ ବାନ୍ଧି ଶୁଭକାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଟିମର ସଭାପତି ରମାକାନ୍ତ ସ୍ୱାଇଁ, ସମ୍ପାଦକ ଅନିରୁଦ୍ଧ ଲେଙ୍କା, ପ୍ରଭାସିନୀ ସାହୁ, ପ୍ରୀତିନନ୍ଦା ଖିଲାର, ତିଳୋତ୍ତମା ପାତ୍ର, ପ୍ରମିଳା ପ୍ରଧାନ, ବବିତା ମଲ୍ଲିକ, ଅମିତ୍ କୁମାର ଚୌଧୁରୀଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ୨୦୨୬

## ଡିଭାଇନ୍ ସଲିଟେୟାର୍ସ ପକ୍ଷରୁ ଆକର୍ଷଣୀୟ ପାର୍ବଣ ଅଫର୍

**ମୁମ୍ବାଇ :** ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ଡିଭାଇନ୍ ସଲିଟେୟାର୍ସର ପ୍ରମୁଖ ବାର୍ଷିକ ଗ୍ରାହକ ଅଭିଯାନ, ଯାହା ୧ ଅଗଷ୍ଟ ୨୦୨୬ରୁ ଦେଶବ୍ୟାପୀ ଏହାର ବିସ୍ତୃତ ପାର୍ଟନର୍ ଜୁଏଲର୍ ନେଟୱର୍କ ମାଧ୍ୟମରେ ଆରମ୍ଭ ହୋଇଥିଲା, ବର୍ତ୍ତମାନ ଏହାର ଅନ୍ତିମ ସପ୍ତାହରେ ପହଞ୍ଚିଛି । ଫେଷ୍ଟିଭାଲ୍ ଶେଷ ପର୍ଯ୍ୟାୟକୁ ଆସୁଥିବା ବେଳେ, ଡିଭାଇନ୍ ସଲିଟେୟାର୍ସ ଆକର୍ଷଣୀୟ ପାର୍ବଣ ଅଫର୍ ଘୋଷଣା କରିଛି । ଏହା ଗ୍ରାହକମାନଙ୍କୁ ପାର୍ବଣ ଋତୁରେ ବିଶେଷ ଲାଭ ଓ ପୁରସ୍କାର ଉପଭୋଗ କରିବା ପାଇଁ ଏକ ଅତିରିକ୍ତ ସୁଯୋଗ ପ୍ରଦାନ କରୁଛି । TSFI ୨୦୨୬ର ଏକ ଅବ୍ୟାହତ ଅଂଶ ଭାବରେ, ଡିଭାଇନ୍ ସଲିଟେୟାର୍ସ ନୂତନ ଏବଂ ଆକର୍ଷଣୀୟ ଅଫର୍ ଆଣିଛି, ଯାହା ଗ୍ରାହକମାନଙ୍କ ପାଇଁ ପାର୍ବଣ ଋତୁରେ ଏକ ବିଶେଷ ସୁବିଧା ପ୍ରଦାନ କରିବ । କ୍ରୟ କରୁଥିବା ଗ୍ରାହକମାନଙ୍କୁ ସେମାନଙ୍କର ନିଶ୍ଚିତ ଉପହାରରେ ଅପଗ୍ରେଡ୍ ପ୍ରଦାନ କରାଯିବ । ଏହା ସହିତ, ଯେଉଁ ଗ୍ରାହକମାନେ ନିଜ ଗହଣାକୁ ବ୍ୟକ୍ତିଗତ ରୂପ ଦେବାକୁ ଚାହାଁନ୍ତି, ସେମାନେ ଏହି ଦୁଇ ଦିନ ମଧ୍ୟରେ କୌଣସି ଅତିରିକ୍ତ ଶୁଳ୍କ ବିନା ନିଜର ନାମର ପ୍ରାରମ୍ଭିକ ଅକ୍ଷର ଖୋଦେଇ ପାରିବେ । ସାଧାରଣତଃ ଏହି ଖୋଦେଇ ସେବା ପାଇଁ ୨,୫୦୦ ଟଙ୍କାରୁ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ଲାଗୁଥିବା ବେଳେ, ଏହି ବିଶେଷ ପାର୍ବଣ ଅଫର୍ ଅନ୍ତର୍ଗତ ଏହି ସେବା ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ । ଏହି ଅଫରଗୁଡ଼ିକ ଆପଣଙ୍କ ସହରର ନିମ୍ନଲିଖିତ ଶୋରୁମ୍ ?ଗୁଡ଼ିକରେ ଉପଲବ୍ଧ ଖିମଜି ଜୁଏଲର୍ସ – ଚନ୍ଦ୍ରଶେଖରପୁର, ଜନପଥ, ସାମନ୍ତରାପୁର, ସୌଭାଗ୍ୟ ନଗର ଏବଂ ଏପାରି ସଦାଶିବ ପ୍ରାଇଭେଟ୍ ଲିମିଟେଡ୍ – ଭୁବନେଶ୍ୱର. ନୂତନ ଅଫର୍ ଏବଂ ଫେଷ୍ଟିଭାଲ୍ ବିଷୟରେ କହି ଡିଭାଇନ୍ ସଲିଟେୟାର୍ସର ମ୍ୟାନେଜିଂ ଡାଇରେକ୍ଟର ଜିଗ୍ନେଶ ମେହତା କହିଛନ୍ତି: ଦି ସଲିଟେୟାର ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ ଆମ ଗ୍ରାହକ ଏବଂ ରିଟେଲ୍ ପାର୍ଟନରମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ ଉତ୍ସବରେ ପରିଣତ ହୋଇଛି । ପ୍ରତିବର୍ଷ ଆମେ ଗ୍ରାହକମାନଙ୍କ ମଧ୍ୟରେ ବଢୁଥିବା ଉତ୍ସାହ ଦେଖିବାକୁ ପାଉଛୁ । ଅନେକ ଗ୍ରାହକ ପ୍ରାକୃତିକ ହୀରା ସଲିଟେୟାର୍ ସହିତ ନିଜ ଜୀବନର ଅର୍ଥପୂର୍ଣ୍ଣ ମାଇଲ୍‌ଷ୍ଟୋନ୍‌କୁ ଉତ୍ସବମୁଖର କରିବା ପାଇଁ ଏହି ଅବସରକୁ ବାଛିଥାନ୍ତି । ଏଥି ସହିତ, ଏହି ଫେଷ୍ଟିଭାଲ୍ ଆମ ପାର୍ଟନର୍ ଜୁଏଲରମାନଙ୍କ ପାଇଁ ମଧ୍ୟ ଅପାର ମୂଲ୍ୟ ସୃଷ୍ଟି କରୁଛି । ଏହା ଗ୍ରାହକଙ୍କ ସହ ଯୋଗାଯୋଗ ବଢାଇବା ସହିତ ଷ୍ଟୋରରେ ସପିଂ ଅନୁଭୂତିକୁ ଆହୁରି ଉନ୍ନତ କରୁଛି । ଚଳିତ ବର୍ଷର ଫେଷ୍ଟିଭାଲ୍‌ର ଅନ୍ତିମ ସପ୍ତାହରେ ପ୍ରବେଶ କରୁଥିବା ବେଳେ, ଆମେ ଗ୍ରାହକମାନଙ୍କୁ ଆମ ପାର୍ଟନର୍ ଷ୍ଟୋରଗୁଡ଼ିକୁ ଆସି ସଲିଟେୟାର୍ କିଣିବା ପାଇଁ ଆହୁରି ଅଧିକ କାରଣ ଦେଇପାରି ଆନନ୍ଦିତ । ଏହା ସହିତ ଆମେ ରୋମାଞ୍ଚକର ପାର୍ବଣ ସୁବିଧା ଏବଂ ପୁରସ୍କାର ମଧ୍ୟ ପ୍ରଦାନ କରୁଛୁ ।

# ତୃଣମୂଳସ୍ତରର ପ୍ରତିଭାକୁ ଜାତୀୟ ଚାମ୍ପିୟନ୍ କରୁଛି ବେଦାନ୍ତ ଆଇରନ୍

**ଭୁବନେଶ୍ୱର (ବ୍ୟୁରୋ) :** କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ସମ୍ମାନରେ ପ୍ରତିବର୍ଷ ୨୯ ଅଗଷ୍ଟରେ ପାଳିତ ହେଉଥିବା ଜାତୀୟ କ୍ରୀଡ଼ା ଦିବସରେ, ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ ସରକାରଙ୍କ "ଖେଳିବ ଭାରତ, ଜିତିବ ଭାରତ" ଦୂରଦୃଷ୍ଟି ପ୍ରତି ଆପଣାର ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରିଛି । ଗୋଆର ସେସା ଫୁଟବଲ୍ ଏକାଡେମୀ ଓ ଝାଡ଼ଖଣ୍ଡର ବେଦାନ୍ତ ଇଏସ୍‌ଏଲ୍ ତିରନ୍ଦାଜୀ ଏକାଡେମୀ ନାମକ ଏହାର ଦୁଇଟି ସବୁଠାରୁ ଦୀର୍ଘଦିନରୁ ଚାଲିଆସୁଥିବା ତୃଣମୂଳ କ୍ରୀଡ଼ା ଉଦ୍ୟୋଗ ଉପରେ ଆଲୋକପାତ କରିଛି ଯାହା ମିଳିତ ଭାବେ ଗ୍ରାମୀଣ ଏବଂ ଖଣି-ଅଚଂଳ ସମ୍ପ୍ରଦାୟର ଶହ ଶହ ଯୁବ ଆଥଲେଟ୍‌ଙ୍କୁ ତୃଣମୂଳ ସ୍ତରର ଭାଗୀଦାରୀରୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ପର୍ଯ୍ୟନ୍ତ ଏକ ପ୍ରକୃତ ପଥ ପ୍ରଦାନ କରିଛନ୍ତି । ସେସା ସ୍ପୋର୍ଟସ କ୍ଲବର ଐତିହ୍ୟକୁ ଆଧାର କରି ୧୯୯୯ ମସିହାରେ ସାଂଖାଲିଠାରେ ପୁନରୁଦ୍ଧାର କରାଯାଇଥିବା ଖଣି ଜମିରେ ଯାହା ଆରମ୍ଭ ହୋଇଥିଲା । ତାହା ଭାରତର ସ୍ୱୀକୃତିପ୍ରାପ୍ତ ଫୁଟବଲ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରୁ ଗୋଟିଏ ଭାବରେ ବିକଶିତ ହୋଇଛି । ଗୁଣବାନ୍ ଯୁବକମାନଙ୍କୁ ବିଶେଷ କରି ଗ୍ରାମୀଣ ଏବଂ ଖଣି-ଅଂଚଳ ସମ୍ପ୍ରଦାୟର ଫୁଟବଲକୁ ଗାମ୍ଭୀର୍ଯ୍ୟର ସହିତ ଆପଣେଇବାର ସୁଯୋଗ ଦେବା ପାଇଁ ପ୍ରତିଷ୍ଠିତ ସେସା ଫୁଟବଲ ଏକାଡେମୀ (ଏସ୍‌ଏଫ୍‌ଏ)ର ଆବାସିକ କାର୍ଯ୍ୟକ୍ରମରୁ ଏପର୍ଯ୍ୟନ୍ତ ୨୩୦ ରୁ ଅଧିକ ଖେଳାଳି ସ୍ନାତକ ହୋଇସାରିଛନ୍ତି, ଯେଉଁଥିରୁ ୧୪ ଜଣ ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି । ଏକାଡମୀ ବାହାରେ ଲିଗ୍, କ୍ୟାମ୍ପ, ଟୁର୍ଣ୍ଣାମେଂଟ ଏବଂ ତୃଣମୂଳ ଉଦ୍ୟୋଗଗୁଡ଼ିକ ୮,୦୦୦ ରୁ ଅଧିକ ଯୁବ ଫୁଟବଲରଙ୍କୁ ଜଡ଼ିତ କରିଛନ୍ତି, ଏବଂ ଏକାଡେମୀ ଲଗାତାର ଦ୍ୱିତୀୟ ଚକ୍ର ପାଇଁ ଏହାର ଏଆଇଏଫ୍‌ଏଫ୍ ଥ୍ରୀ-ଷ୍ଟାର ସ୍ୱୀକୃତି ବଜାୟ ରଖିଛି । ଏସ୍‌ଏଫ୍‌ଏର ପ୍ରଭାବ ହୁଏତ ମହିଳା ଫୁଟବଲରେ ସବୁଠାରୁ ବେଶି ଦୃଶ୍ୟମାନ । ୨୦୧୭ ମସିହାରେ ଏହା ବେଦାନ୍ତ ମହିଳା ଲିଗ୍ ଆରମ୍ଭ କରିଥିଲା, ଯାହା ଆଠଟି ସଂସ୍କରଣରେ ୧,୪୦୦ ରୁ ଅଧିକ ମହିଳା ଫୁଟବଲରଙ୍କୁ ପ୍ରତିଯୋଗିତାମୂଳକ ସୁଯୋଗ ପ୍ରଦାନ କରିଛି । ଏହି ଗତିପଥକୁ ଆଧାର କରି, ଏସ୍‌ଇଏଲ୍ ୨୦୨୩ ମସିହାରେ ଏହାର ସିନିୟର ମହିଳା ଟିମ୍ ପ୍ରତିଷ୍ଠା କରିଥିଲା; ଦୁଇ ବର୍ଷ ମଧ୍ୟରେ, ଟିମ୍ ବେଦାନ୍ତ ମହିଳା ଲିଗ୍ ଚାମ୍ପିୟନ୍ ହୋଇଥିଲା, ଆଇଡବ୍ଲ୍ୟୁଏଲ୍-୨ ରେ ପୋଡିୟମ୍ ଫିନିସ୍ ସୁନିଶ୍ଚିତ କରିଥିଲା, ଏବଂ ଇଣ୍ଡିଆନ୍ ୱିମେନ୍ସ ଲିଗ୍ ପାଇଁ ଯୋଗ୍ୟତା ହାସଲ କରିଥିଲା, ଯାହା ତିନି ବର୍ଷର ବ୍ୟବଧାନ ପରେ ଗୋଟିଏ ଗୋଆନ୍ କ୍ଲବକୁ ଦେଶର ପ୍ରମୁଖ ମହିଳା ଫୁଟବଲ ପ୍ରତିଯୋଗିତାକୁ ଫେରାଇ ଆଣିଛି । ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍‌ର ଫୁଟବଲ ସହିତ ଗଭୀର ହେଉଥିବା ସମ୍ପର୍କ ଏପରି ଏକ ସମୟରେ ବିଶେଷ ମହତ୍ୱପୂର୍ଣ୍ଣ ଯେତେବେଳେ କେତେକ ଜଣାଶୁଣା କର୍ପୋରେଟ୍ ଭାରତରେ ଫୁଟବଲ ପରିଦୃଶ୍ୟରୁ ଧୀରେ ଧୀରେ ବାହାରି ଯାଉଛନ୍ତି । ଏହି ଅବସରରେ ବକ୍ତବ୍ୟ ରଖି ଭିଆଇଏସ୍‌ଏଲ୍‌ର ସିଇଓ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଶ୍ରୀ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, "ସେସା ଫୁଟବଲ ଏକାଡେମୀ ଏବଂ ବେଦାନ୍ତ ଇଏସ୍‌ଏଲ୍ ତିରନ୍ଦାଜୀ ଏକାଡେମୀ



ମାଧ୍ୟମରେ ବେଦାନ୍ତ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ଲିମିଟେଡ୍ କ୍ରୀଡ଼ାର ପରିବର୍ତ୍ତନକାରୀ ଶକ୍ତିକୁ ପ୍ରତ୍ୟକ୍ଷ କରିଛି । ସ୍କୋର କରାଯାଇଥିବା ଗୋଲ୍ ଏବଂ ଜିତିଥିବା ପଦକ ବ୍ୟତୀତ, ଏହାର ଚିରସ୍ଥାୟୀ ପ୍ରଭାବ ଯୁବକମାନଙ୍କୁ ଏପରି ଆକାଂକ୍ଷା ପୂରଣ କରିବାର ଆତ୍ମବିଶ୍ୱାସ ଦେବାରେ ନିହିତ ଅଛି ଯାହାକୁ ସେମାନେ ଦିନେ ସେମାନଙ୍କ ପହଞ୍ଚ ବାହାରେ ବୋଲି ଭାବୁଥିଲେ । ପର୍ଲ ଫର୍ଣ୍ଣାଣ୍ଡିଜ୍‌ଙ୍କ ପାଇଁ ଏସଏଫଏର ସହଯୋଗ ତୃଣମୂଳ ଫୁଟବଲରୁ ଅନ୍ତର୍ଜାତୀୟ ମଂଚ ପର୍ଯ୍ୟନ୍ତ ଅଗ୍ରଗତି କରିବା ପାଇଁ ଏକ ଭିତିଭୂମି ଯୋଗାଇ ଦେଇଛି । ଏସଏଫଏ ସିନିୟର ମହିଳା ଟିମ୍‌ର ଖେଳାଳି ପର୍ଲ ଫର୍ଣ୍ଣାଣ୍ଡିଜ୍ କହିଛନ୍ତି, "ଏସଏଏଫଏଫର ଟି-୧୭ ମହିଳା ଚାମ୍ପିୟନସିପ୍‌ରେ ଭାରତର ପ୍ରତିନିଧିତ୍ୱ କରିବା ଏବଂ ଏଏଫ୍‌ସି ଏସୀୟ କପ୍ ୨୦୨୬ ପାଇଁ ଯୋଗ୍ୟତା ହାସଲ କରିବାରେ ଦଳକୁ ସାହାଯ୍ୟ କରିବା ମୋ କ୍ୟାରିୟରର ସବୁଠାରୁ ଗୌରବପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ ମଧ୍ୟରୁ ଗୋଟିଏ । କିର୍ଗିଜସ୍ତାନ ବିପକ୍ଷରେ ପ୍ରଥମ ଗୋଲ୍ ସ୍କୋର କରିବା ଏକ ସ୍ୱପ୍ନ ସତ ହେବା ପରି ଥିଲା । ମୁଁ ବିଶ୍ୱାସ କରେ ଯେ ସେସା ଫୁଟବଲ ଏକାଡେମୀରେ ମୁଁ ପାଇଥିବା ଭିତିଭୂମି ସେହି ମୁହୂର୍ତ୍ତକୁ ଗଢ଼ିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏସଏଫଏରେ ମୋତେ କେବଳ ଫୁଟବଲରେ ନୁହେଁ ବରଂ ଶୃଙ୍ଖଳା, ସହନଶୀଳତା ଏବଂ ନେତୃତ୍ୱରେ ତାଲିମ ଦିଆଯାଇଛି । ଏକାଡେମୀ ମୋତେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା କରିବାର ଆତ୍ମବିଶ୍ୱାସ ଦେଇଛି । ମୁଁ ପ୍ରତ୍ୟେକ ଥର ପଡ଼ିଆକୁ ଓହ୍ଲାଇବା ସମୟରେ ଏଠାରେ ଶିଖିଥିବା ସମସ୍ତ ଜିନିଷକୁ ସାଙ୍ଗରେ ନେଇଯାଏ, ଏବଂ ଗୋଆ ଏବଂ ଭାରତରେ ମହିଳା ଫୁଟବଲର ଉନ୍ନତି ପାଇଁ ପ୍ରତିବଦ୍ଧ ଏକ ଅନୁଷ୍ଠାନର ଅଂଶ ହୋଇଥିବାରୁ ମୁଁ କୃତଜ୍ଞ । ୨୦୧୮ ମସିହାରୁ, ବେଦାନ୍ତ ଇଏସ୍‌ଏଲ୍ ତିରନ୍ଦାଜୀ ଏକାଡେମୀ (ଭିଇଏଏ) ଏହାର ଝାଡ଼ଖଣ୍ଡ କାର୍ଯ୍ୟକଳାପର ଆଖପାଖ ସମ୍ପ୍ରଦାୟରୁ ଯୁବ ତିରନ୍ଦାଜୀ ପ୍ରତିଭାକୁ ପୋଷଣ କରିଆସୁଛି । ଆଜି ପର୍ଯ୍ୟନ୍ତ, ୧୭୫ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମ ନେଇଛନ୍ତି କିମ୍ବା ସ୍ନାତକ ହୋଇଛନ୍ତି, ୧୨୦ରୁ ଅଧିକ ଜିଲ୍ଲା ପଦକ, ୬୦ ଟି ରାଜ୍ୟ ପଦକ ଏବଂ ୧୫ ଟି ଜାତୀୟ ପଦକ ଜିତିଛନ୍ତି । ୨୦୨୫ ମସିହାରେ, ଏକାଡେମୀର ପ୍ରଭାବ ରେଖାଙ୍କିତ ହୋଇଥିଲା ଯେତେବେଳେ କୁଲଦୀପ ମାହାତୋ ଏକ ଜାତୀୟ ସ୍ୱର୍ଣ୍ଣ ପଦକ ଜିତିଥିଲେ, ଏବଂ ଡୋଲି କୁମାରୀ ଏକ ଜାତୀୟ ରୌପ୍ୟ ପଦକ ହାସଲ କରିଥିଲେ ଯାହା ଦର୍ଶାଉଛି ଯେ ନିରନ୍ତର ତାଲିମ ଏବଂ ସହଯୋଗ କିପରି ଗ୍ରାମୀଣ ପ୍ରତିଭାକୁ ଜାତୀୟ ମଞ୍ଚରେ ପ୍ରତିଯୋଗିତା କରିବାରେ ସାହାଯ୍ୟ କରିପାରିବ । ପ୍ରତିଭା ଯେକୌଣସି ସ୍ଥାନରୁ ଆସିପାରେ, କିନ୍ତୁ ଏହାକୁ ବିକଶିତ ହେବା ପାଇଁ ସୁଯୋଗ ଆବଶ୍ୟକ । ବେଦାନ୍ତ ରଙ୍ଗଖ ତିରନ୍ଦାଜୀ ଏକାଡେମୀରେ, ଆମେ ଯୁବକମାନଙ୍କୁ ଉଚ୍ଚ ଲକ୍ଷ୍ୟ ରଖିବାର ଆତ୍ମବିଶ୍ୱାସ ଏବଂ ଶୃଙ୍ଖଳା ବିକଶିତ କରୁଥିବାର ଦେଖି ଗର୍ବିତ । ପ୍ରତ୍ୟେକ ପଦକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଆକାଂକ୍ଷା ଯାହା ପରବର୍ତ୍ତୀ ଶିଶୁକୁ ପ୍ରେରଣା ଦିଏ ଯିଏ ବିଶ୍ୱାସ କରେ, 'ମୁଁ ମଧ୍ୟ ଏହା କରିପାରିବି', ଇଏସ୍‌ଏଲ୍ ଷ୍ଟିଲ୍ ଲିମିଟେଡ୍‌ର ସିଇଓ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ରବୀଶ ଶର୍ମା କହିଛନ୍ତି ।




## ରାକ୍ଷୀ ବାନ୍ଧିବାକୁ ଆସିଥିଲା ଭଉଣୀ ଉପରେ ଭୁଶୁଡ଼ି ପଡ଼ିଲା ମାଟିକାନ୍ଥ



**ବାଲେଶ୍ୱର(ଅମୃତ ମିଡିଆ):** ଭାଇ ହାତରେ ରାଖି ବାନ୍ଧି ରକ୍ଷାବନ୍ଧନର ଖୁସି ପାଳିବାକୁ ଆସିଥିଲେ ଭଉଣୀ। ହେଲେ ଖୁସିର ମୁହୂର୍ତ୍ତ କିଛିକ୍ଷଣରେ ଦୁଃଖରେ ହୋଇଗଲା ପରିଣତ। ଲଗାଣ ବର୍ଷାରେ ଦୁର୍ବଳ ହୋଇପଡ଼ିଥିବା ମାଟି କାନ୍ଥ ଅଧାରାତିରେ ଭୁଶୁଡ଼ି ପଡ଼ିବାରୁ କାନ୍ଥ ତଳେ ଚାପି ହୋଇଗଲେ ଭଉଣୀ। ଏହି ଘଟଣାରେ ଗୁରୁତର ତିନିଜଣଙ୍କୁ ଉଦ୍ଧାର କରି ବାରିପଦା ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ରାଧାକେଶରପୁର ଗ୍ରାମର ସୁଜାତା ସିଂ ରକ୍ଷାବନ୍ଧନ ଅବସରରେ ନିଜ ବଡ଼ଭାଇ ଶଙ୍କର ସିଂଙ୍କ ହାତରେ ରାକ୍ଷୀ ବାନ୍ଧିବା ପାଇଁ ନିଜ ଦୁଇ ବର୍ଷର ଶିଶୁକନ୍ୟା ଏଲସିବାଙ୍କ ସହ ବଡ଼ସାହି ବ୍ଲକ ଅଧୀନ ପାଟିସାରି ଗ୍ରାମକୁ ଆସିଥିଲେ। ରାତିରେ ଖାଇପିଇ ସୁଜାତା ନିଜ ମାଆ ମିନତୀ ସିଂ ଓ ଦୁଇ ବର୍ଷର ଝିଅ ଏଲସିବାଙ୍କ ସହ ଅନ୍ୟ ଏକ ଘରେ ଶୋଇଥିଲେ। ଦୀର୍ଘଦିନ ଧରି ଲାଗିରହିଥିବା ଲଗାଣ ବର୍ଷା ଯୋଗୁଁ ଘରର ମାଟି କାନ୍ଥ ଦୁର୍ବଳ ହୋଇପଡ଼ିଥିଲା। ରାତିରେ ହଠାତ୍ କାନ୍ଥଟି ଭୁଶୁଡ଼ି ପଡ଼ି ସୁଜାତା, ତାଙ୍କ ମାଆ ମିନତୀ ଓ ଦୁଇ ବର୍ଷର ଶିଶୁ ଏଲସିବାଙ୍କ ଉପରେ ପଡ଼ିଥିଲା। କାନ୍ଥ ଭୁଶୁଡ଼ିବାର ଶବ୍ଦ ଶୁଣି ପରିବାର ଲୋକେ ତୁରନ୍ତ ଘଟଣାସ୍ଥଳକୁ ଧାଇଁ ଯାଇଥିଲେ। ପରିବାର ଲୋକେ ତିନିଜଣଙ୍କୁ ଉଦ୍ଧାର କରି ତୁରନ୍ତ ବାରିପଦା ମେଡିକାଲ କଲେଜକୁ ନେଇଯାଇଥିଲେ। ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି।

### ସୁନ୍ଦରଗଡ଼ ମେଡିକାଲରୁ ବିଚାରାଧୀନ କଏଦୀ ଚମ୍ପଟ ଘଟଣା

# ଜଣେ ଜେଲ୍ କର୍ମଚାରୀ ସସ୍‌ପେଣ୍ଡ୍

**ସୁନ୍ଦରଗଡ଼(ଅମୃତ ମିଡିଆ) :** ସୁନ୍ଦରଗଡ ମେଡିକାଲରୁ ବିଚାରାଧୀନ କଏଦୀ ଚମ୍ପଟ ଘଟଣା । ୫ ଦିନ ପରେ ବି ଫେରାର ବିଚାରଧୀନ କଏଦୀଙ୍କ ମିଳୁନି ପତ୍ତା । କୁଆଡେ ଗଲା ଫେରାର କଏଦୀ ଟେକଚାନ୍ଦ ବେହେରା, ତାର ଟେର ପାଉନି ପୁଲିସ । ଏହାରି ଭିତରେ ବଡ ସୁରାକ୍ ସାମ୍ନାକୁ ଆସିଛି । ୨୫ ତାରିଖ ରାତିରେ ମେଡିକାଲରୁ କଏଦୀ ଫେରାର ହୋଇଥିଲା । ଆଉ ସେହି ଦିନ ରାତିରେ ନିଜ ଘରେ ପହଞ୍ଚି ସ୍ତ୍ରୀକୁ ଧରି ଫେରାର ହୋଇଯାଇଥିଲା । ଏହା ପୂର୍ବରୁ ସ୍ତ୍ରୀ ସହ ଫୋନ ଯୋଗେ କଥା ହୋଇଥିଲା ଫେରାର ସ୍ୱାମୀ । କେହି ଜଣେ ତାଙ୍କୁ ଫେରାର ସ୍ୱାମୀଙ୍କ ସମ୍ପର୍କରେ



ପଚାରୁଥିବା ବେଳେ ଭିଡିଓ କରିଛନ୍ତି । ସେପଟେ ଫେରାର କଏଦୀ ଟେକଚାନ୍ଦ ବେହେରାକୁ ଧରିବାକୁ ପୁଲିସର ୪ଟି ଟିମ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ତେବେ ଗତ ୨୫ ତାରିଖରେ ଚିକିତ୍ସା ପାଇଁ ଆସିଥିବା ବେଳେ ଶୌଚ ଯିବା ବାହାନା କରି ଚମ୍ପଟ ମାରିଥିଲା କଏଦୀ । କଏଦୀ ଜଣକ ସୁନ୍ଦରଗଡ ସଦର ଥାନା ରୁପାବାହାଲ ଗାଁ ର ଟେକଚାନ୍ଦ ବେହେରା । ସେ ହତ୍ୟା ଅଭିଯୋଗରେ ଗତ ଏପ୍ରିଲ ମାସରୁ ଜେଲରେ ଥିଲା । ବିରାରାଧିନ କଏଦୀ ଫେରାର ଘଟଣାରେ କଏଦୀକୁ ଜଗିଥିବା ଜଣେ ଜେଲ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି । ତେବେ ଏହା ନୂଆ ଖବର ନୁହେଁ ବିଭିନ୍ନ ଜେଲରୁ କଏଦୀ ଚମ୍ପଟ ଘଟଣା ଜେଲ୍ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଦୁର୍ଦ୍ଦାନ୍ତ ଅପରାଧୀଙ୍କଠାରୁ ଆରମ୍ଭ କରି ଛୋଟ ଅପରାଧୀ ଫେରାର ହୋଇଯାଉଛନ୍ତି । । ଯାହା ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି । ଏନେଇ ପୁଲିସର ଆଗାମୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ।

## ଛିଣ୍ଡିପଡ଼ିଛି ବିଦ୍ୟୁତ୍ ତାର, ଅନ୍ଧାରରେ ଗାଁ



**ନବରଙ୍ଗପୁର(ଅମୃତ ମିଡିଆ):** ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ବିରିଗୁଡ଼ା ଗାଁ ଗତ ୫ ଦିନ ହେଲା ଅନ୍ଧକାରରେ ରହିଛି। ଲଗାଣ ବର୍ଷା ଓ ପବନ ଯୋଗୁ ଟ୍ରାନ୍ସଫର୍ମରରୁ ଆସିଥିବା ଥ୍ରି-ଫେଜ୍ ତାରରେ ଶର୍ଟ ସର୍କିଟ ହୋଇ ତାହା ପୋଡ଼ି ଛିଣ୍ଡି ପଡ଼ିଛି। ଫଳରେ ଗାଁରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବିଦ୍ୟୁତ୍ ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ କରିଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନାହିଁ। ବିଭାଗୀୟ ଅଧିକାରୀ ଗାଁକୁ ଆସି ହିତାଧିକାରୀମାନେ ବକେୟା ବିଦ୍ୟୁତ୍ ବିଲ୍ ଜମାକଲେ ତାର ସଜଡ଼ାଯିବ ବୋଲି କହିଥିବା ଅଭିଯୋଗ ହୋଇଛି। ଏନେଇ ହିତାଧିକାରୀମାନେ ନିଜ ସାମର୍ଥ୍ୟ ଅନୁଯାୟୀ କିଛି କିଛି ଟଙ୍କା ଜମା କରିବାକୁ ରାଜି ହୋଇଛନ୍ତି। ତେବେ ବିଦ୍ୟୁତ୍ ବିଲ୍ ବକେୟା ରଖି ନ ଥିବା ପରିବାରଗୁଡ଼ିକ ମଧ୍ୟ ବିଦ୍ୟୁତ୍ ବିଚ୍ଛିନ୍ନ ଯୋଗୁ ନାନା ଅସୁବିଧା ଭୋଗୁଛନ୍ତି। ତୁରନ୍ତ ତାର ମରାମତିକରି ବିଦ୍ୟୁତ୍ ସେବା ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କାମରେ ଆସୁନି ଆଧାର କାର୍ଡ

# ନିୟମଗିରିରେ ବଢୁଛି ଡଙ୍ଗରିଆଙ୍କ ଅସନ୍ତୋଷ

**କଲ୍ୟାଣସିଂହପୁର(ଅମୃତ ମିଡିଆ):** ସରକାରୀ ସୁବିଧା ସୁଯୋଗ ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ କରାଯାଇଥିବା ଆଧାର ଶିବିର ଏବେ ନିୟମଗିରିର ଡଙ୍ଗରିଆ କନ୍ଧମାନଙ୍କ ପାଇଁ ନୂଆ ସମସ୍ୟା ଛିଡ଼ା କରିଛି। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ପାର୍ସାଲୀ ପଞ୍ଚାୟତ ସଦରରେ ଅନୁଷ୍ଠିତ ମାଗଣା ଆଧାର କ୍ୟାମ୍ପରେ ବ୍ୟାପକ ତ୍ରୁଟି ଦେଖିବାକୁ ମିଳିଛି। ପାହାଡ଼ିଆ ଅଞ୍ଚଳର ଶିଶୁମାନଙ୍କୁ ଆଭା ଆଇଡି, ଅଙ୍ଗନୱାଡ଼ି ପୋଷଣ ଯୋଜନା ଓ ବିଦ୍ୟାଳୟରେ ନାମଲେଖାର ସୁବିଧା ପାଇଁ ଏହି କ୍ୟାମ୍ପ ଆୟୋଜନ ହୋଇଥିଲା। ତେବେ ନୂତନ ଭାବେ ତିଆରି ହୋଇଥିବା ଅଧିକାଂଶ ଆଧାର କାର୍ଡରେ ପୂର୍ଣ୍ଣ ଜନ୍ମ ତାରିଖ ବଦଳରେ କେବଳ ବର୍ଷ କିମ୍ବା ମାସ ଉଲ୍ଲେଖ ରହିଛି। ଫଳରେ ସମ୍ପୂର୍ଣ୍ଣ ତାରିଖ ନ ଥିବାରୁ ଏହି କାର୍ଡ କୌଣସି ସରକାରୀ ଯୋଜନାରେ ବ୍ୟବହାର ହୋଇପାରୁନାହିଁ। ଏହି ସମସ୍ୟା ବାବଦରେ ଆଧାର ଅପରେଟରଙ୍କୁ ପଚାରିବାରୁ ସେ କହିଛନ୍ତି, ଚିକିତ୍ସାଳୟ ପକ୍ଷରୁ ହିତାଧିକାରୀଙ୍କୁ



ଡିଜିଟାଲ ଜନ୍ମ ପ୍ରମାଣପତ୍ର ବଦଳରେ ହାତଲେଖା କାଗଜ ଦିଆଯାଉଛି। ଅନ୍ୟପଟେ ଏ ସମ୍ପର୍କରେ ମେଡିକାଲ ଅଫିସର ଡାକ୍ତର ସୌମ୍ୟରଞ୍ଜନ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅରିଜିନାଲ ଜନ୍ମ ପ୍ରମାଣପତ୍ର ପାଇଁ ଲୋକଙ୍କୁ ଜନସେବା କେନ୍ଦ୍ରକୁ ଯାଇ ଆବେଦନ କରିବାକୁ ପଡ଼ିବ, ତା'ପରେ ହିଁ ସେମାନେ ମୂଳ ପ୍ରମାଣପତ୍ର ପାଇପାରିବେ। ତେବେ ଡାକ୍ତରଖାନା ଓ ପ୍ରଶାସନର ଏଭଳି ନିୟମ ଭିତରେ ନିରୀହ ଡଙ୍ଗରିଆ ପରିବାରଗୁଡ଼ିକ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହି ଭୁଲ୍ ସଂଶୋଧନ କରିବା ପାଇଁ ସେମାନଙ୍କୁ ଦୁର୍ଗମ ପାହାଡ଼ ଅତିକ୍ରମ କରି କଲ୍ୟାଣସିଂହପୁର ବ୍ଲକ ସଦରମହକୁମାକୁ ଯିବା ସହ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ଶିବିର ଜରିଆରେ ଉଭୟ ଡିଜିଟାଲ ଜନ୍ମ ପ୍ରମାଣପତ୍ର ଓ ଆଧାର ସଂଶୋଧନ ସୁବିଧା ଯୋଗାଇଦେବାକୁ ସ୍ଥାନୀୟ ବାସିନ୍ଦା ଦୃଢ଼ ଦାବି କରିଛନ୍ତି।

## ୨ କିନ୍ନର ଗୋଷ୍ଠୀ ମୁହାଁମୁହିଁ ୭ ଆହତ, ୩ ଗୁରୁତର

**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକ ଚରମ୍ପା ରେଳ ଓଭର ବ୍ରିଜ ନିକଟରେ ଦୁଇ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ଶୁକ୍ରବାର ରାତିରେ ମୁହାଁମୁହିଁ ହୋଇଛନ୍ତି। ଗୋଟିଏ କିନ୍ନର ଗୋଷ୍ଠୀ ଆକ୍ରମଣରେ ଅନ୍ୟ ଏକ କିନ୍ନର ଗୋଷ୍ଠୀର ୭ ଜଣ କିନ୍ନର ଆହତ ହୋଇଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତେବେ କିଛି ବର୍ଷ ହେବ ଭଦ୍ରକ ଚରମ୍ପା ଅଞ୍ଚଳରେ ଦୁଇ କିନ୍ନର ଗୋଷ୍ଠୀଙ୍କ ମଧ୍ୟରେ ତିକ୍ତତା ଲାଗି ରହିଛି । ଶୁକ୍ରବାର ବିଳମ୍ବିତ ରାତିରେ ଏହି ରେଳ ଓଭର ବ୍ରିଜ ନିକଟରେ ଗୋଟିଏ କିନ୍ନର ଗୋଷ୍ଠୀର ସଦସ୍ୟ ମାନେ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ବେଳେ ଅନ୍ୟ ଏକ କିନ୍ନର ଗୋଷ୍ଠୀର ସଦସ୍ୟ ମାନେ ସେହି ରାସ୍ତାରେ ଯାଉଥିଲେ। ସେମାନଙ୍କୁ ଦେଖି ଅନୈତିକ କାର୍ଯ୍ୟରେ ଲିପ୍ତଥିବା କିନ୍ନର ଗୋଷ୍ଠୀ ବିଭିନ୍ନ ମରଣାସ୍ତ୍ରରେ ଆକ୍ରମଣ କରିଥିବା ନେଇ ଗୋଟିଏ କିନ୍ନର ଗୋଷ୍ଠୀ ଅଭିଯୋଗ କରିଛି । ପୂର୍ବରୁ କିନ୍ନର ମାନଙ୍କ ଅନୈତିକ କାର୍ଯ୍ୟକୁ ନେଇ ଗୋଟିଏ ଗୋଷ୍ଠୀ ବିରୋଧ କରି ଆସୁଥିଲେ। ଗ୍ରାମାଞ୍ଚଳ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି କିନ୍ନରମାନଙ୍କୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି କ୍ଷ ତେବେ କିନ୍ନରମାନଙ୍କ ଭିତରେ ଗୋଷ୍ଠୀ ବିବାଦକୁ ନେଇ ପୂର୍ବରୁ ଭଦ୍ରକ ଏସପିଙ୍କ ପାଖରେ ଅଭିଯୋଗ ହୋଇଛି । ପୂର୍ବରୁ ମଧ୍ୟ ଏକାଧିକଥର ଉଭୟ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ପ୍ରତି ଆକ୍ରମଣ ହୋଇଛି । ତେବେ ଏହି ଆକ୍ରମଣ ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କୁ ନ୍ୟାୟ ଦିଆଯାଉ ବୋଲି ସୌମ୍ୟା ଓ ଶ୍ରାବଣୀ କିନ୍ନର ଦାବି କରିଛନ୍ତି।



## ୬ ମାସ ଧରି ନାଗସାପ ସହ ବିତାଉଛନ୍ତି ରାତି



**ଗଜପତି(ଅମୃତ ମିଡିଆ):** ୬ ମାସ ଧରି ନାଗ ସାପ ମଣିଷ ଏକାଠି ଶୋଇବା ଘଟଣା ଏବେ ଚର୍ଚ୍ଚାରେ । ଗଜପତି ଜିଲ୍ଲା ମୋହନା ବ୍ଲକ ଲୁହାଗୁଡିରେ ଦେଖିବାକୁ ମିଳିଛି ଏଭଳି ଘଟଣା । ଲୁହାଗୁଡି ଛକରେ ଥିବା ଏକ ହୋଟେଲରେ ଅଜୟ ପାତ୍ର କାମ କରନ୍ତି। ଡ୍ୟୁଟି ସାରି ହେଟେଲ ପଛପଟେ ଥିବା ଏକ ଗୃହରେ ଅଜୟ ବିଶ୍ରାମ ନିଅନ୍ତି । ହେଲେ ରାତିରେ ଗୋଟିଏ କୋଠରୀରେ ନାଗସାପ ସହ ସେ ଏକାଠି ରହୁଛନ୍ତି । ଦିନ କି ଦୁଇ ଦିନ ନୁହଁ ୬ମାସ ଧରି ନାଗସାପ ସହ ରାତି ବିତାଉଛନ୍ତି । ସାପଟି ରାତିରେ ବାହାରୁ ଆସି ବିଛଣାରେ ଅଜୟଙ୍କ ସହ ଶୋଉଛି। ସକାଳ ହେଲେ ଚାଲି ଯାଉଛି । ଆଜି ଯାଏଁ କେବେ ଅଜୟଙ୍କ ଅନିଷ୍ଟ କରି ନାହିଁ । ସାପ ଟି ବିଛଣାରେ ଶୋଇଥିବା ବହୁବାର ଦେଖିବା ପରେ ବି ଅଜୟ କେବେ ଭୟଭୀତ ହୋଇନାହାନ୍ତି କ୍ଷ ଅଜୟ କହିଛନ୍ତି ଆମର ନାଗ ଗୋତ୍ର । ତେଣୁ ମୁଁ ଭୟ କରୁନାହିଁ । ସେ ମୋର କିଛି ଅନିଷ୍ଟ କରିବ ନାହିଁ । ଏହି ଘଟଣା ଶୁଣିବା ପରେ ଲୁହାଗଉଡ଼ି ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି ।

## ଭିତ୍ତିଭୂମିର ଦୁରବସ୍ଥା ଯୋଗୁଁ ବିପଦରେ ୧୬୨ ଛାତ୍ରଛାତ୍ରୀ



**ଜମନକିରା(ଅମୃତ ମିଡିଆ):** ଜମନକିରା ବ୍ଲକ ଡିମିରୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଭାତପୁରା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭିତ୍ତିଭୂମିର ଦୁରବସ୍ଥା ଯୋଗୁଁ ୧୬୨ ଛାତ୍ରଛାତ୍ରୀ ବିପଦସଙ୍କୁଳ ପରିବେଶରେ ପାଠ ପଢୁଛନ୍ତି। ୧୯୬୧ ମସିହାରେ ପ୍ରତିଷ୍ଠିତ ବିଦ୍ୟାଳୟର ପୁରୁଣା କୋଠାଗୁଡ଼ିକ ଭାଙ୍ଗିରୁଜି ଯାଇଥିବା ସହ କାନ୍ଥରେ ବଡ଼ ବଡ଼ ଫାଟ ଦେଖାଦେଇଛି। କାଠ ଛାତ ମଧ୍ୟ ଭାଙ୍ଗି ଝୁଲୁଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି। ଅନ୍ୟପଟେ ଶୌଚାଳୟ ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିଥିବା ବେଳେ ପୁରୁଣା ଶୌଚାଳୟ ବ୍ୟବହାର ଅନୁପଯୋଗୀ। ବର୍ଷା ସମୟରେ ଏହା ସମ୍ମୁଖରେ ପାଣି ଜମି ରହୁଛି। ଏଥିସହ ବିଦ୍ୟାଳୟର ନଳକୂପ ପାଣି କିଛି ସମୟ ପରେ ହଳଦିଆ ହୋଇଯାଉଥିବାରୁ ପାନୀୟ ଜଳର ମାନକୁ ନେଇ ଚିନ୍ତା ବଢ଼ିଛି। ସମସ୍ୟା ସମ୍ପର୍କରେ ବିଇଓ ଓ ବିଡିଓଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ଏନେଇ ସମ୍ବଲପୁର ଡିଇଓ ଲକ୍ଷ୍ମଣ ଭୋଇଙ୍କୁ ପଚାରିବାରୁ ସେ ସମସ୍ୟାକୁ ଗମ୍ଭୀରତାର ସହ ନେଇ ଶୀଘ୍ର ସ୍ଥାୟୀ ସମାଧାନ କରାଯିବ ବୋଲି କହିଛନ୍ତି।

# ରାସ୍ତାକଡ଼ ଦୋକାନକୁ ଧକ୍କାଦେଲା କାର୍, ଯୁବକ ଗୁରୁତର

**ସୋର(ଅମୃତ ମିଡିଆ):** ଜାତୀୟ ରାଜପଥକଡ଼ରେ ହୋଇଥିବା ଦୋକାନଗୁଡିକ ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ମାତ୍ର ପ୍ରଶାସନର କୌଣସି ପଦକ୍ଷେପ ନଥିବାରୁ ଅମାନିଆ ଦୋକନୀମାନେ ଦିନକୁ ଦିନ ରାସ୍ତା ଉପରକୁ ମାଡିବସୁଥିବା ଦେଖିବାକୁ ମିଳିଛି। ଗତକାଲି ଅପରାହ୍ଣରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟ ହୋଟେଲ ଶ୍ରୀ କ୍ରିଷ୍ଣା ସମ୍ମୁଖରେ ଜଣେ ଯୁବକ ବିଲରୁ ଘାସ ନେଇ ଫେରୁଥିବା ବେଳେ ଏକ କାର ଧକ୍କା ଦେବାରୁ ଯୁବକ ଜଣଙ୍କ ଗୁରୁତର ହୋଇଥିବା ଜଣାପଡିଛି। ଯୁବକ ଜଣଙ୍କ ଘର ତଳନଗର ଗ୍ରାମରେ ହୋଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ମିଳିଥିବା



ସୂଚନା ମୁତାବକ; ଅପରାହ୍ଣରେ କେଏ ୦୧ଏମଟି ୦୦୮୪ ନମ୍ବର ବିଶିଷ୍ଟ ଏକ କାରରେ ବିଦେଇପୁର ଅଞ୍ଚଳର ଗୋଟିଏ ପରିବାରର ପାଞ୍ଚଜଣ ସଦସ୍ୟ ବାରିପଦାରୁ ଧାମରା ଅଭିମୁଖେ ଫେରୁଥିଲେ। ଏହି ମସୟରେ କାରଟି ଭାରସାମ୍ୟ ହରାଇ ରାସ୍ତାରେ ଘାସ ନେଇ ଚାଲିଚାଲି ଯାଉଥିବା ତଳନଗର ଗ୍ରାମର ଜଣେ ଯୁବକଙ୍କୁ ଧକ୍କା ଦେଇ ରାସ୍ତା କଡରେ ଥିବା ଏକ ଚାହା ଦୋକାନ ଓ ଏକ ପମ୍ପଚର ଦେକାନ ଭିତରକୁ ମାଡିଯାଇଥିଲା। ସୌଭାଗ୍ୟବଶତଃ ଦୋକାନ ଦୁଇଟି ବନ୍ଦ ଥିବାରୁ କୌଣସି ଦେକାନୀଙ୍କର କ୍ଷତି ହୋଇନାହିଁ। ମାତ୍ର ଉକ୍ତ ଯୁବକ ଜଣଙ୍କ ଗୁରୁତର ଆହତ ହେବା ସହିତ କାରରେ ଥିବା ୫ଜଣଙ୍କ ମଧ୍ୟରୁ ତିନିଜଣ ସାମାନ୍ୟ ଆହତ ହୋଇଥିଲେ। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଁଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଟ୍ରକ୍, ଜେସିବି ଲଗାଇ ନେଇଗଲେ ଟନ୍ ଟନ୍ କୋଇଲା



**ଅନୁଗୋଳ(ଅମୃତ ମିଡିଆ):** ଅନୁଗୋଳ ହଣ୍ଡପା ରେଳ ଷ୍ଟେସନ ନିକଟରେ ବେଆଇନ ଭାବେ ଘରୋଇ ଜମିରେ ନିର୍ମାଣ ହୋଇଥିଲା କୋଇଲା ଷ୍ଟକ୍‌ୟାର୍ଡ । ତାଳଚେର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଘଟଣାର ତଦନ୍ତ କରାଯିବା ପରେ ଖଣି ବିଭାଗ ପକ୍ଷରୁ ଉକ୍ତ କୋଇଲା ଷ୍ଟକ୍‌ୟାର୍ଡକୁ ତତ୍କାଳ ଜବତ କରାଯାଇଥିଲା। ହେଲେ, ଜବତ କୋଇଲାର କଷ୍ଟଡିଆନ୍ ବା ଜିମାଦାର ଦାୟିତ୍ୱ ଉକ୍ତ ଷ୍ଟକ୍‌ୟାର୍ଡର ଠିକାଦାରଙ୍କୁ ଦେବା ପରେ ଏବେ 'ବିଲେଇକୁ ମାଛ ଜଗିବା ପାଇଁ ଦେବା' ଭଳି ହୋଇଥିବା ଅଭିଯୋଗ ହୋଇଛି। ଏହି ସମଗ୍ର ପ୍ରକରଣରେ ଖଣି ବିଭାଗର ଭୂମିକା ସନ୍ଦେହ ଘେରରେ ରହିଛି। ହଣ୍ଡପାରେ ବେଆଇନ କୋଇଲା ଷ୍ଟକ୍‌ୟାର୍ଡ ଚାଲିଥିବା ଖବର ପ୍ରକାଶ ପାଇବା ପରେ ତତ୍ପରତା ଦେଖାଇଥିଲା ଖଣି ବିଭାଗ। ଗତ ୨୪ ତାରିଖରେ ଖଣି ବିଭାଗର ସ୍କ୍ୱାଡ୍ ବିନା ଲାଇସେନ୍ସରେ ହଣ୍ଡପା ରେଳ ସାଇଡିଂ ବାହାରେ ପ୍ରାୟ ୧,୭୦୦ ଟନ୍ କୋଇଲା ମହଜୁଦ ହୋଇଥିବା ଦେଖିବାକୁ ପାଇଥିଲେ। ତତ୍କାଳ ସେମାନେ ମହଜୁଦ କୋଇଲାକୁ ଜବତ କରିଥିଲେ। ଏହି ଜବତ କୋଇଲାର ମୂଲ୍ୟ ୪୨ ଲକ୍ଷ ୫୦ ହଜାର ଟଙ୍କା ହୋଇଥିବା ସରକାରୀ କାଗଜପତ୍ରରୁ ଜଣାପଡ଼ିଛି। ତେବେ ଆଶ୍ଚର୍ଯ୍ୟର କଥା, ଜବତ କୋଇଲାକୁ ଉକ୍ତ ବେଆଇନ ଷ୍ଟକ୍‌ୟାର୍ଡର ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟର ବା ପରିଚାଳନା ଠିକାଦାର ଗୋଦାବରୀ କମୋଡିଟିଜ୍ ଲିମିଟେଡ୍‌ର ହେପାଜତରେ ଛାଡ଼ି ଦିଆଯାଇଥିଲା। ଏସବୁ ଭିତରେ ଅଗଷ୍ଟ ୨୭ ତାରିଖ ରାତିରୁ ୨୮ ତାରିଖ ପୂର୍ବାହ୍ଣ ମଧ୍ୟରେ ଜବତ ହୋଇଥିବା ବିପୁଳ ପରିମାଣର କୋଇଲା ଗାଏବ ହୋଇଥିବା ଦେଖିବାକୁ ମିଳିଛି। ଜେସିବି ଓ ଟ୍ରକ୍ ଲଗାଇ ବେଆଇନ ଷ୍ଟକ୍‌ୟାର୍ଡରୁ ଏହାର କର୍ତ୍ତୃପକ୍ଷ ଟନ୍ ଟନ୍ କୋଇଲା ନେଇଯାଇଥିବା ଅଭିଯୋଗ ହୋଇଛି। ଷ୍ଟକ୍‌ୟାର୍ଡରୁ କୋଇଲା ପରିବହନ ସମୟର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ଅପରପକ୍ଷରେ ବେଆଇନ ଷ୍ଟକ୍‌ୟାର୍ଡ କାରଣରୁ ହଣ୍ଡପା ରେଳ ସାଇଡିଂକୁ ଏହି ସଂସ୍ଥାର କୋଇଲା ପରିବହନ ଅନୁମତିକୁ ବାତିଲ କରିଥିଲା ଖଣି ବିଭାଗ। ଏହା ବଦଳରେ ଉକ୍ତ ସଂସ୍ଥାକୁ ହିନ୍ଦୋଳ ରେଳ ସାଇଡିଂକୁ କୋଇଲା ପରିବହନ ପାଇଁ ଅନୁମତି ଦିଆଯାଇଥିଲା। ତେବେ ଏହାର ଦିନକ ପରେ ଉକ୍ତ ସଂସ୍ଥାକୁ କେଉଁ ସ୍ୱାର୍ଥରେ ପୁଣି ହଣ୍ଡପା ରେଳ ସାଇଡିଂକୁ କୋଇଲା ପରିବହନ ପାଇଁ ଅନୁମତି ମିଳିଲା ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସଂପର୍କରେ ପଚାରିବାରୁ ତାଳଚେର ଖଣି ଉପନିର୍ଦ୍ଦେଶକ ଦେବେନ୍ଦ୍ରନାଥ ଦଳାଇ କହିଛନ୍ତି ଯେ ରେଳ ସାଇଡିଂ ବାହାରେ କୋଇଲା ମହଜୁଦ ରଖାଯାଇଥିବା କାରଣରୁ ଉକ୍ତ ଷ୍ଟକ୍‌ୟାର୍ଡକୁ ଜବତ କରାଯାଇଛି।

# ଗ୍ୟାରେଜ୍‌ରେ ଖଟୁଛନ୍ତି ସ୍ୱର୍ଣ୍ଣ ବିଜେତା

**ଅନୁଗୋଳ(ଅମୃତ ମିଡିଆ):** ଆଖିରେ ଆଖିଏ ସ୍ୱପ୍ନ । ସୀମାହୀନ ଆକାଶ ପରି ମନରେ ଅସୀମ ଇଚ୍ଛାଶକ୍ତି । ଲକ୍ଷ୍ୟ-କ୍ଷୀପ୍ର ଗତିରେ ଚାଲିବେ, ଜାତୀୟ ଆଥଲେଟିକ୍ସରେ ପଦକ ଜିଣିବେ । ହେଲେ ଏଥିପାଇଁ ପ୍ରସ୍ତୁତିର ଗୋଟିଏ ପାଦ ଆଗକୁ ବଢ଼ାଇଲା ବେଳକୁ ଦୁଇ ପାଦ ପଛକୁ ଭିଡ଼ି ଆଣୁଛି ଅଭାବ, ଅନଟନ । ମୁଣ୍ଡ ଉପରେ ପରିବାର ବୋଝ । ରାତି ପାହିଲେ ପେଟ ପାଇଁ ଦାନା ଯୋଗାଡ଼ ଚିନ୍ତା । ଏଥିପାଇଁ ନିଜର ପ୍ରଶିକ୍ଷଣ ଓ ପ୍ରସ୍ତୁତିକୁ କାଣ୍ଟଛାଣ୍ଟ କରି ଗ୍ୟାରେଜ୍‌ରେ ଖଟୁଛନ୍ତି ଜଣେ ରାଜ୍ୟ ଆଥଲେଟିକ୍ସ ସ୍ୱର୍ଣ୍ଣ ବିଜେତା । ଏ ସଂଘର୍ଷପୂର୍ଣ୍ଣ କାହାଣୀ ହେଉଛି ଅନୁଗୋଳର ଉଦୀୟମାନ କ୍ରୀଡ଼ାବିତ୍ ଦୁଷ୍ମନ୍ତ ପ୍ରଧାନ(୨୧)ଙ୍କର । ରାଜ୍ୟ ପ୍ରତିଯୋଗିତାରେ ଚମକ ଦେଖାଇ ସାରିବା ପରେ ଏବେ ତାଙ୍କର ଲକ୍ଷ୍ୟ ଜାତୀୟ ପ୍ରତିଯୋଗିତ ଉପରେ । ହେଲେ ତାଙ୍କ ପ୍ରଶିକ୍ଷଣ ଓ ପ୍ରସ୍ତୁତିରେ ବାଧକ ସାଜିଛି ଅର୍ଥ । ଏପରିକି କ୍ରୀଡ଼ାଭ୍ୟାସ ପାଇଁ ପାଖରେ ଭଲ ଜୋତା ହଳେ ନାହିଁ । ପୁଷ୍ଟିକର ଖାଦ୍ୟ ସାତ ସପନ । ଶାଗ ପଖାଳ ଖାଇ, ଦିନକୁ ଦୁଇ ଓଳି ଗ୍ୟାରେଜ୍‌ରେ ଖଟୁଥିବା



ଦୁଷ୍ମନ୍ତ ସକାଳେ କେଉଁଦିନ ଘଣ୍ଟାଏ ତ ଆଉ କେଉଁଦିନ ଦୁଇ ଘଣ୍ଟା ସମୟ କାଢ଼ି କ୍ରୀଡ଼ା ପ୍ରଶିକ୍ଷକ ନୀଳମଣି ଦାସଙ୍କ ସହ ଅନୁଗୋଳ ସହରର ବିଭିନ୍ନ ପଡ଼ିଆରେ ନିର୍ଘାତ ପରିଶ୍ରମ କରୁଛନ୍ତି । ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାର ଚାଲି ଇଭେଣ୍ଟରେ ଅନୁଗୋଳର ଦବଦବା ରହିଆସିଛି । ଚାଲି ଇଭେଣ୍ଟରେ ଉଦୀୟମାନ ଖେଳାଳି ଭାବେ ଉଭା ହୋଇଥିବା ଦୁଷ୍ମନ୍ତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ସାରିଲେଣି । ୨୦୨୫ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାର ୧୦ କିଲୋମିଟର ଚାଲି ଇଭେଣ୍ଟରେ ସ୍ୱର୍ଣ୍ଣ ଓ ୨୦୨୬ରେ ରୌପ୍ୟ ପଦକ ହାସଲ କରିଛନ୍ତି । ୧୦ କିଲୋମିଟର ଚାଲିକୁ ସେ ଏକ ଘଣ୍ଟା ୫ରୁ ୭ ମିନିଟ୍ ସମୟ ନେଉଥିବା ବେଳେ ଜାତୀୟ ପ୍ରତିଯୋଗିତା ପାଇଁ ଘଣ୍ଟାଏ ଭିତରେ ସାରିବାକୁ ହେବ । ଏହି ଟାଇମିଂ ହାସଲ ପାଇଁ ଅଧିକ ଅଭ୍ୟାସ ଲୋଡ଼ା । ହେଲେ ଅଭ୍ୟାସ ପାଇଁ ଦୁଷ୍ମନ୍ତ ସମୟ ପାଉନାହାନ୍ତି । କାରଣ ପ୍ରତିଦିନ ଗ୍ୟାରେଜ୍‌କୁ ନଗଲେ ନଚଳେ, ଘରେ ଚୁଲି ଜଳିବନି । ଦୁଷ୍ମନ୍ତଙ୍କ ଘର ଅନୁଗୋଳ ସହର ଉପକଣ୍ଠ ତୁରଙ୍ଗ ଗ୍ରାମରେ । ମାତ୍ର ୪ ବର୍ଷ ବୟସର ହୋଇଥିବା ବେଳେ ତାଙ୍କ ବାପା ଆରପାରିକୁ ଚାଲିଗଲେ । ମା' ମାମି ପ୍ରଧାନ ମୂଲମଜୁରୀ କରି ତାଙ୍କୁ ମଣିଷ କରିଛନ୍ତି । ଘର କହିଲେ ପଲସ୍ତରା ହୋଇନଥିବା ଏକ ଆଜବେଷ୍ଟ ଘର । ମାମିଙ୍କୁ ବିଧବା ଭତ୍ତା ଓ ମାସକୁ ୧୦ କିଲୋ ଚାଉଳ ବ୍ୟତୀତ ଆଉ କିଛି ସରକାରୀ ସହାୟତା ମିଳୁନି । ଏତିକିରେ ପରିବାର ପ୍ରତିପୋଷଣ କଷ୍ଟକର । ତେଣୁ ଦୁଷ୍ମନ୍ତଙ୍କୁ ଗ୍ୟାରେଜ୍‌ରେ ଖଟିବାକୁ ପଡୁଛି । ଚଳିତ ବର୍ଷ ଯୁକ୍ତ ୨ କଳାରେ ଉତ୍ତୀର୍ଣ୍ଣ ହୋଇଥିଲେ ହେଁ ଆର୍ଥିକ ଅଭାବ ଦୁଷ୍ମନ୍ତଙ୍କ ପାଠପଢ଼ାରେ ଡୋରି ଲଗାଇଛି । ଦୁଇ ବର୍ଷ ତଳେ ଦୁଷ୍ମନ୍ତଙ୍କ ଦେଖାହୁଏ ହୁଏ କ୍ରୀଡ଼ାଗୁରୁ ନୀଳମଣି ଦାସଙ୍କ ସହିତ । ଅନେକ ସଫଳ ଖେଳାଳି ସୃଷ୍ଟି କରିଥିବା ନୀଳମଣି ତାଙ୍କୁ ଆଥଲେଟ୍ ହେବାର ସ୍ୱପ୍ନ ଦେଖାନ୍ତି । ପରିଶ୍ରମୀ ପିଲା ଜାଣି ତାଙ୍କୁ ପ୍ରଶିକ୍ଷଣ ଦେଇ ଜଣେ ଉଦୀୟମାନ କ୍ରୀଡ଼ାବିତ୍ ଭାବେ ତିଆରି କରିଛନ୍ତି । ରାଜ୍ୟ ପ୍ରତିଯୋଗିତାରେ ଲଗାତାର ଦୁଇ ବର୍ଷ ପଦକ ଜିଣି ଦୁଷ୍ମନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ୩୧ତମ ସବ୍‌ଜୁନିଅର ବଲ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା






















# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.131, Sunday, 30 August 2026, Puri, Pages - 24, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୧, ରବିବାର, ୩୦ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



